# ଓଡ଼ିଆ - ହୋ ଶବ୍ଦକୋଷ

(ହୋ ଭାଷାଭାଷୀ ପିଲା ଓ ଶିକ୍ଷକଙ୍କ ନିମନ୍ତେ ସହାୟକ ପୁସ୍ତିକା)

**ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ**

# ଓଡ଼ିଆ - ହୋ ଶବ୍ଦକୋଷ

(ହୋ ଭାଷାଭାଷୀ ପିଲା ଓ ଶିକ୍ଷକଙ୍କ ନିମନ୍ତେ ସହାୟକ ପୁସ୍ତିକା)


ସଂପାଦନା:

**ଡଃ ପରମାନନ୍ଦ ପଟେଲ**

ଗବେଷଣା ଅଧିକାରୀ, ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ



ପ୍ରସ୍ତୁତି :

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ**

ଆଦିବାସୀ ପ୍ରଦର୍ଶନୀ ପଡ଼ିଆ

ୟୁନିଟ୍ - ୧ , ଭୁବନେଶ୍ୱର-୭୫୦୦୧୦୯

ସହାୟତା - ୟୁନିସେଫ୍

# ଓଡ଼ିଆ - ହୋ ଶବ୍ଦକୋଷ

(ହୋ ଭାଷାଭାଷୀ ପିଲା ଓ ଶିକ୍ଷକଙ୍କ ନିମନ୍ତେ ସହାୟକ ପୁସ୍ତିକା)


**ଉପଦେଷ୍ଟା :**

**ଶ୍ରୀ ସଂଜୀବ କୁମାର ମିଶ୍ର**

କମିଶନର ତଥା ଶାସନ ସଚିବ

ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ

ଓଡ଼ିଶା ସରକାର

**ପରିକଳ୍ପନା :**

**ଡଃ ଅଖିଳ ବିହାରୀ ଓତା**

ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ

ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ

ଓଡ଼ିଶା ସରକାର



ସାଧାରଣତନ୍ତ୍ର ଦିବସ - ୨୦୧୪



**ସଂପାଦନା:**

**ଡଃ ପରମାନନ୍ଦ ପଟେଲ**

ଗବେଷଣା ଅଧିକାରୀ, ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ



**ପ୍ରସ୍ତୁତି :**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ**

ଆଦିବାସୀ ପ୍ରଦର୍ଶନୀ ପଡ଼ିଆ

ୟୁନିଟ୍ - ୧ , ଭୁବନେଶ୍ୱର-୭୫୦୧୦୯

**ମୁଦ୍ରଣ :**

ଭୋଲାନାଥ ପ୍ରେସ୍

୧୨୦୧/୧୬୦୧, ବମିଖାଲ, ଭୁବନେଶ୍ୱର-୧୦

ସହାୟତା: ୟୁନିସେଫ୍

# ପ୍ରାକ୍ ଭାଷ

ଓଡ଼ିଶା ଏକ ବିଚିତ୍ର ଭାଷାକ୍ଷେତ୍ର । ନଈଁକେ ବାଙ୍କ, ଦେଶକେ ଫାଙ୍କ୍ ପରି ଗୋଟିଏ ଗାଁରୁ ଆଉ ଗୋଟିଏ ଗାଁକୁ ଗଲେ ଭାଷାରେ ଅନ୍ତର ହେବା ଓଡ଼ିଶା ରାଜ୍ୟରେ ସାଧାରଣ କଥା । ଏପରିକି ଅଛି ଏକ ଏକ ଗ୍ରାମରେ ଏକାଧିକ ଭାଷାଭାଷି ଲୋକ ବସବାସ କରି ପ୍ରତ୍ୟେକ ଅପରଠାରୁ ଅପରିଚିତ ମନେ ହୁଅନ୍ତି । କେବଳ ଭାଷା ବିଭେଦ କଥା ନୁହଁ ସଂସ୍କୃତିରେ ମଧ୍ୟ ବୈବିଧତା ପରିକ୍ଷଲିତ ହେବା ଏକ ସାଧାରଣ ଘଟଣା । ଏହିପରି ବହୁ ଭାଷା ଓ ବହୁ ସଂସ୍କୃତି ସମ୍ବଳିତ ଓଡ଼ିଶାର ମାନଚିତ୍ର ଏକ ଚିତ୍ରିତ ଚାଦର ଭଳିଆ ମନେ ହୁଏ । ସମତଳ ଅଞ୍ଚଳକୁ ଛାଡ଼ିଦେଲେ ଆଦିବାସୀ ଅଞ୍ଚଳରେ ଭାଷା ବିବିଧତା ଅତି ଗମ୍ଭୀର । ଭିନ୍ନ ଭିନ୍ନ ଭାଷା ଗୋଷ୍ଠୀ ଏକତ୍ର ସହବାସ୍ଥନ କରିଥାନ୍ତି ଏବଂ ନିଜ ନିଜ ସଂସ୍କୃତି ଭିତରେ ଆତଯାତ ହୁଅନ୍ତି । ପରସ୍ପର ପରସ୍ପରଠାରୁ ଅଲଗା ଓ ଅବୁଝା ମନେ ହେଉଥିଲେ ସୁଦ୍ଧା ଏମାନଙ୍କର ବାହାର ଦୁନିଆ ଏକ ପେନ୍ଥାରେ ଗୁନ୍ଥା ବୋଲି ମନେ ହୁଏ । ସହଜରେ ଓ ସରଳଭାବରେ ସେମାନେ ଏକ ତୃତୀୟ ଭାଷାକୁ ନିଜର ଭାବଗତ ଆଦାନ ପ୍ରଦାନର ମାଧମ ହିସାବରେ ଗ୍ରହଣ କରିନିଅନ୍ତି । କିନ୍ତୁ ଏହି ଗ୍ରହଣ କରିବାର କ୍ଷେତ୍ର ଆପାତତଃ ବୟସ୍କଙ୍କ କ୍ଷେତ୍ରରେ ସମ୍ଭବ ହୋଇଥାଏ । ପିଲାମାନେ ଯେଉଁମାନେ ସ୍କୁଲ ମାଡ଼ି ନଥାନ୍ତି ବା ନୂଆ ନୂଆ ସ୍କୁଲ ଯିବା ଆରମ୍ଭ କରୁଥାନ୍ତି ସେମାନେ ତାଙ୍କ ମାତୃଭାଷା ଛଡ଼ା ଅନ୍ୟ ଭାଷାରେ କୌଣସି ଦକ୍ଷତା ହାସଲ କରିନଥାନ୍ତି । ସ୍କୁଲ ଆସିଲା ବେଳକୁ ସେମାନେ ଏକ ଅଜଣା ଜଗତ ସଂପର୍କରେ ଆସନ୍ତି । ଏଠି ଶିକ୍ଷକ ବା ତା ନୂଆ ସାଥୀ ସମସ୍ତେ ଅଜଣା ଏବଂ ଅନ୍ୟ ଭାଷା ଓ ସଂସ୍କୃତିର ଅଧିକାରୀ । ତେଣୁ ପିଲା ମନରେ ଅହେତୁକ ଆଶଙ୍କାଟିଏ ପଶିଯାଏ ଏବଂ ସେ ଏହି ପରସଂସ୍କୃତିର ଭାବକୁ ବୁଝିବାରେ ଅକ୍ଷମ ହୁଏ । ଏହି ବୁଝାମଣାର ଅଭାବରୁ ସେ ହୁଏ ପଛୁଆ । ସେ ଖୋଜେ ସାଥୀଟିଏ ଯିଏ ତା କଥା ବୁଝୁଥିବ ତା ଭାଷାରେ ଦୁଇପଦ ବୁଝାଉଥିବ । ଏପରି ବାତାବରଣ ସୃଷ୍ଟି ହେଲେ ସେ ଖୁସି ହୁଏ ଏବଂ ସମସ୍ତ ବାଧାବିଘ୍ନ ହଟାଇ ସେ ଆଗକୁ ମାଡ଼ିବାରେ ସକ୍ଷମ ହୁଏ । ବୁଝାବୁଝିର ଏହି ଭାବକୁ ଯୋଡ଼ିବାକୁ ପିଲାର ପ୍ରଥମ ସଂପର୍କ ଶିକ୍ଷକ ସହିତ ହୁଏ । ଯଦି ଶିକ୍ଷକ ତା ଭାଷାରେ ଦୁଇପଦ କହିଲା ବା ବୁଝାଇଲା ତେବେ ସେ ଖୁସି ହୁଏ । ତେଣୁ ପାଠ ପଢ଼ାଇବାର ଯେଉଁ ଅକଲ ମାନ ଆବଶ୍ୟକ ପ୍ରଥମେ ତାହା ହେଲା ତାହା ସହିତ ତା ଭାଷାରେ ଭାବଗତ ଆଦାନପ୍ରଦାନ ଏବଂ ସେ ବୁଝିପାରୁଥିବା ଢ଼ଙ୍ଗରେ ବୁଝାଇପାରିବାର ଅକଲ । ଏହା ସମ୍ଭବ ହୁଏ ଶିକ୍ଷକ ପାଖରେ ଯଦି କିଛି ଶିଖିଲା ଭଳି ବା ଅର୍ଥାନ୍ତର କଲା ଭଳି ଶବ୍ଦ, ବାକ୍ୟ ଓ କଥୋପକଥନ ତାଲିକାଟିଏ ହାତ ପାହାନ୍ତାରେ ଥିବ । ଏହାକୁ ଚିନ୍ତାକରି ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ପଢୁଥିବା ପିଲାମାନଙ୍କୁ ବୁଝିଲା ଓ ବୁଝାଇଲା ପରି ପୁସ୍ତକଟିଏ ହାତପାହାନ୍ତରେ ଥିଲେ ପିଲାକୁ ନିଜର କରିହେବ ଏବଂ ପାଠପଢ଼ା ସୁଗମ ହେବ । ଏହାକୁ ଆଖି ଆଗରେ ରଖି ୟୁନିସେଫ୍ ସହଯୋଗରେ ହୋ ଭାଷାର ଏକ ପ୍ରାଥମିକ ଶବ୍ଦକୋଷ ତଥା ବ୍ୟବହାରିକ ବାକ୍ୟ ସଂକଳିତ ଏକ ପୁସ୍ତକର ପରିକଳ୍ପନା କରାଯାଇଛି । ପୂର୍ବରୁ ମଧ୍ୟ କୁଇ, କୋୟା, କୁଭି ଓ ଦେଶିଆ ଭାଷାରେ ଶବ୍ଦକୋଷ ସଂକଳିତ ଓ ପ୍ରକାଶିତ ହୋଇ ଉପଯୋଗୀ ହୋଇଥିବାରୁ ପରବର୍ତ୍ତୀ ପର୍ଯ୍ୟାୟରେ ହୋ ଏବଂ ସଉରା ଭାଷାରେ ଶବ୍ଦକୋଷ ପ୍ରସ୍ତୁତି ପାଇଁ ପଦକ୍ଷେପ ନିଆଯାଇ ପ୍ରକାଶ ଉପଯୋଗୀ କରାଯାଇଛି । ଶିକ୍ଷକ ଓ ଛାତ୍ରଛାତ୍ରୀମାନଙ୍କ କାମରେ ଆସିଲେ ଶ୍ରମ ସାର୍ଥକ ହେବ ବୋଲି ଆଶା ଓ ବିଶ୍ୱାସ ।

ସଂଜୀବ କୁମାର ମିଶ୍ର

# ଉପକ୍ରମ

ଭାରତ ବର୍ଷରେ ପ୍ରାୟ ପାଞ୍ଚଶହରୁ ଅଧିକ ଜନଜାତି ସମାଜ ବାସ କରୁଥିବା ବେଳେ ଓଡ଼ିଶାରେ ଏଥି ମଧ୍ୟରୁ ୬୨ଟି ଜନଜାତି ସମାଜ ଦେଖାଯାଆନ୍ତି । ୨୦୦୧ ଜନଗଣନା ଅନୁଯାୟୀ ଭାରତର ମୋଟ ଜନଜାତି ସଂଖ୍ୟା ଥିଲା ୮,୪୩,୨୬,୨୪୦ ଏହା ହେଉଛି ଭାରତୀୟ ଜନସଂଖ୍ୟାର ୭.୭୬ ଶତାଂଶ । ଓଡ଼ିଶାର ସମୁଦାୟ ଜନଜାତି ସଂଖ୍ୟା ୮୧,୪୫,୦୮୧ ଅଟେ ଯାହାକି ରାଜ୍ୟର ମୋଟ ଜନସଂଖ୍ୟାର ୨୨.୧୩ ଶତାଂଶ । ଏଣୁ ସର୍ବଭାରତୀୟ ସ୍ଥିତି ସାଙ୍ଗରେ ତୁଳନା କଲେ ଓଡ଼ିଶାରେ ଆଦିବାସୀ ସମାଜ ଓ ସଂସ୍କୃତିର ଭୂମିକା ଅଧିକ ଗୁରୁତ୍ୱପୂର୍ଣ୍ଣ ମନେ ହୁଏ ।

ଭାରତର ଇତିହାସ ଗଭୀର ପ୍ରନ୍ତାତ୍ତ୍ୱିକ ଗବେଷଣା ଉପରେ ପର୍ଯ୍ୟବେସିତ । ଅତୀତ ସମାଜର ପ୍ରତ୍ୟେକଟି ଦିଗ ଏ ଦିଗରେ ସଠିକ୍ ଉନ୍ମୋଚିତ ହୋଇ ପାରିନଥିଲେ ହେଁ ପ୍ରନ୍ତତତ୍ତ୍ୱବିତ୍‌ମାନଙ୍କର ଚେଷ୍ଟା ଏ ଦିଗରେ ଅବ୍ୟାହତ ରହିଛି । ଭାରତର ପ୍ରାଗୈତିହାସ ସମ୍ପର୍କରେ ଏଯାବତ୍ କୌଣସି ଭିତ୍ତିଭୂମି ସଂପୂର୍ଣ୍ଣ ସଠିକ୍ ଭାବରେ ପ୍ରଦାନ କରିବା ସମ୍ଭବ ହୋଇ ନଥିଲେ ହେଁ, ସୁଲଭ ପ୍ରନ୍ତାତ୍ତ୍ୱିକ ତଥ୍ୟ ଓ ଭାଷାଗତ ସାମଞ୍ଜସ୍ୟକୁ ଭିତ୍ତି କରି ଭାରତରେ ଆଦିବାସୀ ପରମ୍ପରାର ସୃଷ୍ଟି ସମ୍ପର୍କରେ ଏକ ଅସ୍ପଷ୍ଟ ତଥ୍ୟ ଦିଆଯାଇପାରେ । ଆର୍ଯ୍ୟମାନଙ୍କର ଏଦେଶକୁ ଆଗମନ ପୂର୍ବରୁ ଏଇମାଟିର ମୂଳ ବାସିନ୍ଦା ବା ଜନସମୂହ ବିଶେଷତଃ ବାସୋପଯୋଗୀ ସମତଳଭୂମି  ନଦୀ ଉପତ୍ୟକାମାନଙ୍କରେ ବାସ କରୁଥିଲେ । ପରିବେଶ ଓ ସାମାଜିକ ଜୀବନ ଧାରାର ଭିନ୍ନତା ଅନୁସାରେ ଭିନ୍ନ ଭିନ୍ନ ଗୋଷ୍ଠୀ ଭିନ୍ନ ଭିନ୍ନ ଜୀବନ ଧାରଣ ପ୍ରଣାଳୀ ଅବଲମ୍ବନ କରୁଥିଲେ । କେହି ଫଳମୂଳ ସଂଗ୍ରହ ଓ ଶୀକାରକୁ ଭିତ୍ତିକରି, କେହି ବା ପୋଡୁଚଷ ଅବଲମ୍ବନ କରି ଜୀବିକା ନିର୍ବାହ କରୁଥିଲେ । କେତେକ ଗୋଷ୍ଠୀ ଧାତୁର ବ୍ୟବହାର କରି ନିଜର କର୍ମ ପନ୍ଥାକୁ ସହଜ ଓ ସରଳ କରିବାକୁ ସକ୍ଷମ ଥିଲେ । କ୍ରମୋନ୍ନତି ପର୍ଯ୍ୟାୟରେ ବିଭିନ୍ନ ଗୋଷ୍ଠୀ ନିଜର ଜୀବିକା ନିର୍ବାହ ପ୍ରଣାଳୀକୁ ଉନ୍ନତ କରିବାକୁ ସକ୍ଷମ ହେଲେ । ଏହି କ୍ରମରେ କେତେକ ଗୋଷ୍ଠୀ ଖାଦ୍ୟ ସଂଗ୍ରହ ବ୍ୟବସ୍ଥାରୁ ଖାଦ୍ୟ ଉତ୍ପାଦନ ଜନପଦଠାରୁ ଦୂରରେ ରହୁଥିଲେ । ଐତିହାସିକ ତଥ୍ୟାନୁଯାୟୀ ଏହି ମୂଳ ବାସିନ୍ଦା ବା ଜନଜାତି ଗଣ ଏକ ସମୁଦାୟ ଅର୍ଥନୀତି ବା ସମାଜ ବିଶିଷ୍ଟ ଆର୍ଯ୍ୟଜାତିର ଆଗମନ ତଥା ଆକ୍ରମଣ ହେତୁ ଅଗମ୍ୟ ବଣ ଜଙ୍ଗଲରେ ଆଶ୍ରୟ ନେବାକୁ ବାଧ୍ୟ ହୋଇଥିଲେ । ଏଭଳି ଅଞ୍ଚଳ ସେତେବେଳେ ଆଣବିକ ରାଜ୍ୟ, ମହାକାନ୍ତାର ଓ ପ୍ରତ୍ୟନ୍ତ ଦେଶ ନାମରେ ପରିଚିତ ଥିଲା । ତେବେ ଏତିକି ତଥ୍ୟ ଭାରତର ଅତୀତ ଇତିହାସ ଉନ୍ମୋଚନ କରିବାକୁ ଯଥେଷ୍ଟ ଓ ବିଶେଷ ସକ୍ଷମ ନୁହେଁ । ଏହା ଅଧିକ ନୃତାତ୍ତ୍ୱିକ ଓ ଐତିହାସିକ ଗବେଷଣା ସାପେକ୍ଷ ।

ଭାଷାଗତ ତଥ୍ୟକୁ ନେଇ ଭାରତୀୟ ଇତିହାସରେ ଆଦିବାସୀ ସଂସ୍କୃତିର ବିଭିନ୍ନ ପର୍ଯ୍ୟାୟ ଆଲୋଚନା କରାଯାଇପାରେ । ଭାରତରେ ଜନଜାତି ସମୂହକୁ ଭାଷାଗତ ବର୍ଗୀକରଣ ଦୃଷ୍ଟିରୁ ୪ ଭାଗରେ ବିଭକ୍ତ କରାଯାଇଥାଏ ।

ଯଥା(୧) ଭାରତୀୟ - ଆର୍ଯ୍ୟ ଭାଷାଗୋଷ୍ଠୀ, (୨) ଦ୍ରାବିଡ଼ୀୟ ଭାଷାଗୋଷ୍ଠୀ, (୩) ତିବ୍‌ତୋ-ବର୍ମିଜ ଭାଷାଗୋଷ୍ଠୀ ଓ (୪) ଅଷ୍ଟ୍ରିକ୍ ଭାଷା ଗୋଷ୍ଠୀ । ଭାରତରେ ଅନ୍ୟୁନ ୪୦୦ ପ୍ରକାର ଆଦିବାସୀ ଭାଷାର ପ୍ରଚଳନ ଦେଖାଯାଏ । ଏଣୁ ପ୍ରାୟତଃ ଅଧିକାଂଶ ଆଦିବାସୀ ଗୋଷ୍ଠୀର ନିଜସ୍ୱ ଭାଷା ରହିଥିବାର ଜଣାଯାଏ । ତେବେ ଅଧିକାଂଶ ଭାଷା କେବଳ କଥିତ ଭାଷା । ଏ ସବୁର ଲିଖିତ ଲିପି ନାହିଁ । ଆମ ଓଡ଼ିଶାରେ ତିବତୋ-ବର୍ମିଜ ଭାଷା ଗୋଷ୍ଠୀର କୌଣସି ଆଦିବାସୀ ନଥିବାରୁ ଓଡ଼ିଶାର ଆଦିବାସୀମାନଙ୍କୁ ଅବଶିଷ୍ଟ ତିନି ପ୍ରକାର ଭାଷା ଗୋଷ୍ଠୀରେ ବିଭକ୍ତ କରାଯାଇଥାଏ ।

ଓଡ଼ିଶାର ଆଦିବାସୀମାନଙ୍କ ମଧ୍ୟରେ ଦକ୍ଷିଣୀ ଓଡ଼ିଆ କହୁଥିବା ଦେଶିଆ, ଭୂୟାଁ, ଭତ୍ରୀ, ଝରିଆ ଓ ମାଟିଆ, ପଶ୍ଚିମାଞ୍ଚଳୀୟ ଓଡ଼ିଆ ବା ସମ୍ବଲପୁରୀ କହୁଥିବା କନ୍ଧନ୍, ଲରିଆ, ଅଘରିଆ ଓ ଭୂଲିଆ; ଉତ୍ତରାଞ୍ଚଳୀୟ-ଓଡ଼ିଆ ବା ବଙ୍ଗଳା ମିଶ୍ରିତ ଓଡ଼ିଆ କହୁଥିବା କୁର୍ମୀ ସାଦ୍ରି; ଛତିଶଗଡ଼ି ହିନ୍ଦୀ କହୁଥିବା ବିନ୍‌ଝିଆ, ଔପଭାଷିକ ହିନ୍ଦୀ କହୁଥିବା ବନ୍‌ଜାରା; ଛତିଶଗଡ଼ି କହୁଥିବା ବଇଗା, ମିଶ୍ରିତ ମରାଠୀ କହୁଥିବା ଭୁଞ୍ଜିଆ, ଓଡ଼ିଆ, ମରାଠୀ ଓ ଛତିଶଗଡ଼ି ମିଶ୍ରିତ ଭାଷା କହୁଥିବା ହାଲବି ଇତ୍ୟାଦି ଭାରତୀୟ- ଆର୍ଯ୍ୟ ଭାଷା ଗୋଷ୍ଠୀର ଅନ୍ତର୍ଗତ । ପରଜି (ଧାରୁଆ), **କୋୟା**, କୁଇ (କୁଟିଆ) କୁଭି (ଡଙ୍ଗରିଆ), କନ୍ଧା/କୁଇ (କନ୍ଧଡୋରା), ଓଲାରି (ଗଦବା), କୁରୁଖ (ଓରାଓଁ), ଗଣ୍ଡି (ଗଣ୍ଡ), ମାଡ଼ିଆ, କୁଭି (ଜାତାପୁ କନ୍ଧ, ପେଙ୍ଗକନ୍ଧ) ଓ କିସାନ ଇତ୍ୟାଦି ଭାଷା ଗୋଷ୍ଠୀ ଦ୍ରାବିଡ଼ୀୟ ଭାଷା ପରିବାରର ଅନ୍ତର୍ଗତ । ଶେଷରେ ଅଷ୍ଟ୍ରିକ ଭାଷା ଗୋଷ୍ଠୀରେ ଗତା (ଡିଡାୟୀ), ଗୁତବ୍ (ଗଦ୍‌ବା), ଜୁଆଙ୍ଗ, କୋଡ଼ା, ବିରହର୍ (ମାଙ୍କଡ଼ିଆ), ମୁଣ୍ଡାରୀ(ମୁଣ୍ଡା), ସାନ୍ତାଳୀ, ସୋରା (ସଉରା-ଲାଞ୍ଜିଆ, ଜୁରେ, ଆରସି ଇତ୍ୟାଦି) ଗୋରୁମ୍ (ପ୍ୟାରେଙ୍ଗା), ରେମୋ (ବଣ୍ଡା), ଖରିଆ, କୋରଓ୍ୱା, ଭୂମିଜ, **ହୋ (ହୋ ଏବଂ କୋହ୍ଲ)** ଓ ମାହିଲି (ମାହାଲି) ଅନ୍ତର୍ଗତ ହୋଇଥିବାର ଦେଖାଯାଏ ।

ଅଧିକାଂଶ ଆଦିବାସୀ ଭାଷା କଥିତ ଭାଷା ହୋଇଥିଲେ ହେଁ ଲିପିଥିବା ଭାଷାଗୁଡ଼ିକଠାରୁ ଏସବୁ କୌଣସି ଗୁଣରେ ନ୍ୟୁନ୍ ନୁହେଁ । ଭାଷାତତ୍ତ୍ୱବିଦ୍‌ମାନଙ୍କ ମତରେ ଏସବୁ ଭାଷାରେ ଧ୍ୱନିତତ୍ତ୍ୱ ଓ ଶବ୍ଦ ଭେଦରେ ଦ୍ୱୈତ ସଂରଚନା ବା ଗଢ଼ଣ ସାଙ୍ଗକୁ ସୃଜନ ସାମର୍ଥ୍ୟ (ସୃଜନ ଓ ନୂତନତ୍ୱ) ରହିଛି । ତଥାପି ସାଧାରଣ ଦୃଷ୍ଟିରୁ ଏହା, ଲିଖିତ ସାହିତ୍ୟିକ ପରମ୍ପରା ଯେଭଳି ସୁରକ୍ଷିତ ପରମ୍ପରା ଅନୁବର୍ତ୍ତୀ ରହିଛି, ତାହା ଦେଖିଲେ, ଅତ୍ୟନ୍ତ ପ୍ରଶଂସନୀୟ ମନେ ହୁଏ । ଇତି ମଧ୍ୟରେ କେତେକ ଆଦିବାସୀ ଭାଷା ସ୍ଥାନୀୟ ମୁଖ୍ୟ ଭାଷା ଓଡ଼ିଆକୁ ବ୍ୟବହାର କରି ଏକ ଲିଖିତ ସାହିତ୍ୟିକ ପରମ୍ପରାରେ ମନୋନିବେଶ କଲେଣି । ଆଉ କେତେକ ଭାଷା ନିଜସ୍ୱ ଲିପି ବ୍ୟବହାର କରି ଏ ଦିଗରେ ଅନେକ ଆଗେଇ ଗଲେଣି । ସାଁନ୍ତାଳମାନଙ୍କ 'ଅଲ୍‌ଚିକି. ହୋ ମାନଙ୍କର ଓ୍ୱାରଙ୍ଗ୍‌ଚିତି ଓ ସଉରାମାନଙ୍କର 'ସୋରାଙ ସୋମ୍ପେଙ' ଏହାର ପ୍ରକୃଷ୍ଟ ଉଦାହରଣ । ଏ ପ୍ରକାର ଲିପିର ବ୍ୟବହାର ଫଳରେ ସେମାନେ ଉଚ୍ଚ ସାହିତ୍ୟିକ ପରମ୍ପରା

ସୃଷ୍ଟି ଦିଗରେ ସମର୍ଥ ହୋଇପାରିଛନ୍ତି । ସଂପ୍ରତି ବାର୍ଷିକ କ୍ୟାଲେଣ୍ଡର ବା ପାଞ୍ଜି ଓ ସମ୍ବାଦ ପରିକ୍ରମା ପ୍ରକାଶନ ସାଙ୍ଗକୁ ପରମ୍ପରା ଗତ ସଂଗୀତ, ପ୍ରବାଦ, ପ୍ରହେଳିକା, ସାଙ୍କେତିକ ପ୍ରଶ୍ନ, ଢଗ ଢମାଳି, କାହାଣୀ ଇତ୍ୟାଦିକୁ ନେଇ ପାଠ୍ୟ ପୁସ୍ତକ ରଚନା କ୍ଷେତ୍ରରେ ନିଜର ପାରଦର୍ଶୀତା ପ୍ରମାଣ କରିପାରିଛନ୍ତି ।

ଭାରତ କାହିଁକି ସାରା ବିଶ୍ୱରେ ଓଡ଼ିଶାର ପ୍ରସିଦ୍ଧି ଦୁଇଟି କ୍ଷେତ୍ର ପାଇଁ ବିଶେଷ ଭାବରେ ପରିଚିତ । ଗୋଟିଏ ହେଲା ଜଗନ୍ନାଥ କ୍ଷେତ୍ର ଓ ଦ୍ୱିତୀୟଟି ହେଲା ଜନଜାତି କ୍ଷେତ୍ର । ଜଗତର ନାଥ ଜଗନ୍ନାଥଙ୍କୁ ସମସ୍ତେ ଜାଣନ୍ତି । ସେ ହେତୁରୁ ଜଗନ୍ନାଥ ପୁରୀ ଓଡ଼ିଶାକୁ ଜାଣନ୍ତି । ଦ୍ୱିତୀୟରେ ଏଠାରେ ସମ୍ବିଧାନ ଦ୍ୱାରା ସ୍ୱୀକୃତି ଲାଭ କରିଥିବା ୬୨ ପ୍ରକାର ଜନଜାତି (ଆଦିବାସୀ) ଏଠାରେ ବସବାସ କରନ୍ତି । ଏମାନଙ୍କର ଭାଷା, ସଂସ୍କୃତି, ଚଳଣିରେ ପ୍ରତ୍ୟେକ ପ୍ରତ୍ୟେକଠାରୁ ଅଲଗା ଭାବରେ ବାରି ହୁଅନ୍ତି । ବହୁ ପୁରାତନ ଆଦିମ ଜନଜାତିଙ୍କଠାରୁ ଆରମ୍ଭ କରି ଆଧୁନିକ ସଭ୍ୟତା ସହ ସମାନ୍ତରାଳ ଭାବରେ ପାଦ ଥାପି ଅଗ୍ରସର ହେଉଥିବା ଗୋଷ୍ଠୀ ଭେଦରେ ଓଡ଼ିଶାରେ ବସବାସ କରୁଥିବା ଜନଜାତି ସମୂହ ବହୁଚର୍ଚ୍ଚିତ । ଏମାନଙ୍କ ବିଷୟରେ ପୁରାଣ ଇତିହାସରୁ ଅନେକ କଥା ଶୁଣିବାକୁ ମିଳେ । ରାମାୟଣ, ମହାଭାରତରେ ଏମାନଙ୍କ ସମୟରୁ ଏମାନେ ଆର୍ଯ୍ୟମାନଙ୍କ ସହ ମିତ୍ରତା ସୂତ୍ରରେ ଆବଦ୍ଧ ହୋଇ ନିଜକୁ ଶିକ୍ଷିତ କରି ଆସିଛନ୍ତି । ତଥାପି ନିଜ ଭାଷା ସଂସ୍କୃତି ସହ ଏକାତ୍ମ ଏମାନେ ମୂଳ ଭାବକୁ ଛାଡ଼ି ନାହାନ୍ତି । ନିଜ ସଂସ୍କୃତି, ଚଳଣି, ଭାଷା ପରମ୍ପରା ମଧ୍ୟରେ ବାନ୍ଧି ରହି ଏମାନେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି । ଫଳରେ ଯୁଗକୁ ଯୁଗ ଏମାନଙ୍କ ଉପରେ ଗବେଷକମାନେ ଅଧ୍ୟୟନ କରି ତାଙ୍କ ଅର୍ନ୍ତନିହିତ ଗୁଣ କୌଶଳକୁ ଲୋକ ଲୋଚନକୁ ଆଣି ତାଙ୍କ ମହନୀୟତା ବର୍ଣ୍ଣନା କରି ଆସୁଛନ୍ତି ।

ଓଡ଼ିଶାରେ ବସବାସ କରୁଥିବା ବିଭିନ୍ନ ଜନଜାତି ଭାଷା ଗୋଷ୍ଠୀମାନଙ୍କ ମଧ୍ୟରେ ହୋ ଭାଷାର ସ୍ୱାତନ୍ତ୍ର୍ୟ ରହିଛି । ହୋ, କ୍ଷୋହ, କୋଲ୍, କୋଲ୍ ଲୋହାର, ମୁଣ୍ଡା ଏହି ସମସ୍ତ ସଂପ୍ରଦାୟ ସାମ୍ବିଧାନିକ ସୂତ୍ରରେ ଭିନ୍ନ ପରିଗଣିତ ହେଉଥିଲେ ମଧ୍ୟ ଭାଷା ଦୃଷ୍ଟିରୁ ହୋ ଭାଷାର ଅଧିକାରୀ ଅଟନ୍ତି । ଏମାନଙ୍କ ସଂସ୍କୃତିରେ ମଧ୍ୟ ଉଣା ଅଧିକେ ସମାନତା ପରିଦୃଷ୍ଟ ହୋଇଥାଏ । ମୟୂରଭଞ୍ଜ, କେନ୍ଦୁଝର ଓ ବାଲେଶ୍ୱର ଜିଲ୍ଲାରେ ହୋ ଭାଷାଭାଷିଙ୍କ ଘନ ଜନବସତି ରହିଛି । ୨୦୦୧ ଜନଗଣନା ଆଧାରରେ ଏମାନଙ୍କ ସଂଖ୍ୟା ହୋ - ୩୯,୧୪୨, କ୍ଷୋହ - ୪,୬୯,୬୯୮, କୋଲ୍ - ୧୧,୭୭୭, ମୁଣ୍ଡା - ୪,୧୩,୮୮୫ ଥିବାର ଜନଗଣନା ସୂତ୍ରରୁ ଜଣାଯାଏ । ହୋ ମାନେ ସ୍ୱାଭିମାନୀ, ପରିଶ୍ରମୀ ଜନଜାତି ହିସାବରେ ନିଜର ସ୍ୱତନ୍ତ୍ର ପରିଚିତ ବଜାୟ ରଖିଛନ୍ତି । ଇତିହାସ ପୃଷ୍ଠାରେ ଏମାନଙ୍କୁ ଏକ ରଣରଙ୍ଗ ଜନଜାତି ହିସାବରେ ନାମିତ କରାଯାଇଥିଲା ଏବଂ ବିଭିନ୍ନ ରାଜା ରାଜୁଡ଼ା ଶାସନ କାଳରେ ସୈନ୍ୟବାହିନୀରେ ଏମାନଙ୍କର ଉପସ୍ଥିତରୁ ଏମାନଙ୍କର ସ୍ୱତନ୍ତ୍ର ପରିଚିତି ରହିଥିଲା ।





● ଚିହ୍ନିତ ଜିଲ୍ଲା ହୋ ଭାଷାଭାଷି

ପରବର୍ତ୍ତୀ ପର୍ଯ୍ୟାୟରେ ଏମାନେ ସ୍ଥାୟୀ କୃଷିଜୀବି ତଥା ଖଣିଖାଦାନ ଶ୍ରମିକ ହିସାବରେ ନିଜର ପାରଦର୍ଶିତା ପ୍ରଦର୍ଶନ କରି ଆର୍ଥିକ ସ୍ୱାବଲମ୍ବୀ ଆଡ଼କୁ ଅଗ୍ରସର ହେବାରେ ଲାଗିଛନ୍ତି । ସଂସ୍କୃତି ସହିତ ଏମାନଙ୍କର ଅର୍ନ୍ତଭୁକ୍ତି ଯୋଗୁଁ ଭାଷାକୁ ସ୍ୱତନ୍ତ୍ର ମର୍ଯ୍ୟାଦା ଦେବାରେ ଓ ଭାଷାର ବିକାଶ ନିମନ୍ତେ ଏମାନେ ଯଥାଯୁକ୍ତ ଧ୍ୟାନ ଦେବାରେ ଲାଗିଛନ୍ତି । ଫଳସ୍ୱରୂପ ପଣ୍ଡିତ୍ ଲାକୋବୋଦ୍ରା କର୍ତ୍ତୃକ ହୋ ଭାଷାର ଏକ ସ୍ୱତନ୍ତ୍ର ଲିପି ବିକଶିତ କରାଯାଇ ସେହି ଲିପିରେ ବିଭିନ୍ନ ପୁସ୍ତକ ପ୍ରକାଶ କରିବାରେ ଯଥେଷ୍ଟ ଅନୁରକ୍ତି ପ୍ରଦର୍ଶନ କରିବାରେ ଲାଗିଛନ୍ତି ।

ହୋ ଘନ ଜନବସିତି ଅଞ୍ଚଳରେ ଏମାନେ ନିଜ ଭାଷାରେ ଭାବଗତ ଆଦାନପ୍ରଦାନ କରୁଥିବାରୁ ଅନ୍ୟ ଭାଷା ବୁଝିବାରେ ଓ ବୁଝାଇବାରେ ଅନେକ ଅସୁବିଧା ସୃଷ୍ଟି ହୋଇଥାଏ । ପ୍ରାଥମିକ ଶିକ୍ଷାରେ ଏହି ଅସୁବିଧା ଯୋଗୁଁ ହୋ ଭାଷାଭାଷି ପିଲାଙ୍କୁ ରାଜ୍ୟ ଭାଷାରେ ଶିକ୍ଷାଦାନ ଦେବା କଷ୍ଟ ହୋଇଥାଏ । ଏହାକୁ ଆଖି ଆଗରେ ରଖି ସର୍ବଶିକ୍ଷା ଅଭିଯାନ ମାଧ୍ୟମରେ ମାତୃଭାଷା କେନ୍ଦ୍ରିକ ବହୁଭାଷିକ ଶିକ୍ଷାଦାନର ପରିକଳ୍ପନା କରାଯାଇଛି । ପରିକଳ୍ପିତ ଓଡ଼ିଆ - ହୋ ଶବ୍ଦକୋଷ ସେହି ପିଲା ଓ ଶିକ୍ଷକମାନଙ୍କ ଉଦ୍ଦେଶ୍ୟରେ ସମର୍ପିତ । ଏଥିରେ ନିତିଦିନିଆ ବ୍ୟବହାରରେ ଆସୁଥିବା ଶବ୍ଦ ଓ ବାକ୍ୟ ସହ କଥୋପକଥନ ଏବଂ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀର ପାଠ୍ୟ ବହିର ସରଳ ଅର୍ଥବୋଧ ସମ୍ବଳିତ ଏକ ପୁସ୍ତିକା ସଂକଳିତ ହୋଇଛି । ଏହି ପୁସ୍ତିକା ଶିକ୍ଷକମାନଙ୍କ ବ୍ୟବହାରରେ ଆସିବା ସହ ଅଭିଭାବକ ଛାତ୍ରଛାତ୍ରୀ ତଥା ଶିକ୍ଷା ସହିତ ସଂପୃକ୍ତ ସମସ୍ତ କର୍ମକର୍ତ୍ତାଙ୍କ ସଦ୍ବ୍ୟବହାରରେ ଆସିବ ବୋଲି ଆଶା ଓ ବିଶ୍ୱାସ ।

ଅଖିଳ ବିହାରୀ ଓତା

# "ଅ"

| | |
|---|---|
| ଅଣ୍ଟା - ମାୟାଁଙ୍ | (ଓଡ଼ିଆ) - ଅଣ୍ଟା ବିନ୍ଧୁଛି ।<br>**(ହୋ) - ମାୟାଁଙ୍ ହାସୁଞ୍ଜ ତାନା ।** |
| ଅଶ୍ରୁ - ମେଡ୍‌ଦାଃ | (ଓଡ଼ିଆ) - ଆଖିରୁ ଅଶ୍ରୁ ଝରାଇଲା<br>**(ହୋ) - ମେଡ଼ଦାଃ ଜରୟାନା ।** |
| ଅଂଗୁଳି - ତି ଆଙ୍ଗୁଳି /ଗାଣ୍ଡା | (ଓଡ଼ିଆ) - ହାତ ଅଙ୍ଗୁଡ଼ି<br>**(ହୋ) - ତି ଆଙ୍ଗୁଳି / ତି ଗାଣ୍ଡା ।** |
| ଅନାମିକା - ଚୁଣ୍ଡୁଲ ଆଙ୍ଗୁଳି | (ଓଡ଼ିଆ) - ମଝି ଓ କାନି ଆଙ୍ଗୁଳି ମଝିରେ ଅନାମିକା ଆଙ୍ଗୁଳି ଅଛି ।<br>**(ହୋ) - ତାଲା ଗାଣ୍ଡା ଅଣ୍ଡଃ କାନି ଗାଣ୍ଡା ତାଲାରେ ଲୁକୁ ଗାଣ୍ଡା ମେନାଃ ।** |
| ଅଂଗୁଳିର ପବ - ଗାଣ୍ଡାରେୟାଃ ଉଟି | (ଓଡ଼ିଆ) - ଗୋଟିଏ ଅଙ୍ଗୁଳିରେ ଏକାଧିକ ପବ ଅଛି ।<br>**(ହୋ) - ମିୟାଡ୍ ଗାଣ୍ଡାରେ ସାଙ୍ଗି ଉଟି ମେନାଃ ।** |
| ଅଂଗୁଳିର ଅଗ୍ର - ଗାଣ୍ଡା ଚୁଟିଃ | (ଓଡ଼ିଆ) - ଆଙ୍ଗୁଳିର ଅଗ୍ରଭାଗ ନରମ ଅଟେ ।<br>**(ହୋ) - ଗାଣ୍ଡା ଚୁଟିଦ ଲେବେଃଆ ।** |
| ଅଣ୍ଡକୋଷ - ଲୁଷେ | (ଓଡ଼ିଆ) - ଅଣ୍ଡକୋଷରେ ଯନ୍ତ୍ରଣା ହେଉଅଛି<br>**(ହୋ) - ଲୁଷେରେ ହାସୁତେନେ ।** |
| ଅନ୍ତନାଳୀ (ଲାଇବିତାର ପଟା) | (ଓଡ଼ିଆ) - ଅନ୍ତନାଳୀ ଘା' ହୋଇଛି ।<br>**(ହୋ) - ଲାଇଃ ପଟାରେ ଗାଓ୍ଵାକାନା ।** |
| ଅନ୍ଧ - କାଣା | (ଓଡ଼ିଆ) - ଅନ୍ଧ ଦେଖି ପାରେ ନାହିଁ ।<br>**(ହୋ) - କାଣା କାଏଃ ନେଲ୍‌ଲାମା ।** |
| ଅନାଥ - ଆମାରବ | (ଓଡ଼ିଆ) - ଅନାଥ ପିଲା ଦୁଃଖ ପାଏ ।<br>**(ହୋ) - ଆମାରବ୍ ହୋନ୍ ଦୁଃକୁଃନାମେଆ ।** |
| ଅବିବାହିତା - ଡ଼ାଙ୍ଗୁଏ / ଡ଼ିଣ୍ଡେ | (ଓଡ଼ିଆ) - ଝିଅଟି ଅବିବାହିତା ।<br>**(ହୋ) - ଡ଼ାଙ୍ଗୁଏ / ଡ଼ିଣ୍ଡେ କୁଇହନ ।** |
| ଅବିବାହିତ - ଡ଼ାଙ୍ଗୁଏ କଳା / ଡ଼ିଣ୍ଡେ | (ଓଡ଼ିଆ) - ପିଲାଟି ଅବିବାହିତ ।<br>**(ହୋ) - ଡ଼ାଙ୍ଗୁଏ / ଡ଼ିଣ୍ଡେ କଳା ।** |
| ଅସୁସ୍ଥ - ହାସୁ ହମଅଁ | (ଓଡ଼ିଆ) - ଲୋକଟି ଅସୁସ୍ଥ ।<br>**(ହୋ) - ମିଡ଼ଃ ହୋ ହମଅ ହାସୁରେ ମିନାଃଇଏ ।** |

ଅଣ୍ଡିରା ପିଲା - କଆହନ୍ (ଓଡ଼ିଆ) - ଅଣ୍ଡିରା ପିଲା ଖେଳୁଛି
(ହୋ) - କଆହନ୍ ଇନୁଂତାନା ।

ଅଣନାତି - ଗୁଙ୍ଗୁଂହନ (ଓଡ଼ିଆ) - ଅଣନାତି କଥା ମାନୁ ନାହିଁ ।
(ହୋ) - ଗୁଙ୍ଗୁଂ/କୁକୁ କାଜି କାଏଃ ଆୟୁମ୍‌ତାନା ।

ଅଜା - ତାତାଂ (ଓଡ଼ିଆ) - ଅଜା ଗପ କହୁଛି ।
(ହୋ) - ତାତାଂ ବାକୁଣୀଇ ତାନା ।

ଅତିଥି କୁପୁଲ / କୁଣିଆଁ (ଓଡ଼ିଆ) - ଘରକୁ ଅତିଥି ଆସିଲେ ।
(ହୋ) - ଆଓ୍ୱାତେ କୁପୁଲ୍‌କ /କୁଣିଆଁକ ହୁଜୁଃୟାନା ।

ଅଭିନେତା - ଅଭିନେତ୍ରି (ଓଡ଼ିଆ) - ଅଭିନେତା -ଅଭିନେତ୍ରୀମାନେ ନାଟକ ମଞ୍ଚସ୍ଥ କରୁଛନ୍ତି ।
(ହୋ) - ବାଲୁଇ କଲାକୁଳିକ ପିର୍‌କାଲ୍ ଇନୁଂତାନ ।

ଅପରିଚିତ - କାଉପୁରୁମ୍‌ହୋ (ଓଡ଼ିଆ) - ଅପରିଚିତ ଲୋକ ।
(ହୋ) - କାଉପୁରୁମ୍ ହୋ ।

ଅବିଭାବକ - ଗୁସିୟାଁ (ଓଡ଼ିଆ) - ପିଲାର ଅଭିବାବକ ନାଆନ୍ତି ।
(ହୋ) - ହନାଃ ଗୁସିୟାଁକ କାଂକୁଏ ।

ଅଂଶିଦାର - ଲେକାତାଲା (ଓଡ଼ିଆ) - ଲୋକଟି ବେପାର୍‌ରେ ଅଂଶିଦାର ଅଛନ୍ତି ।
(ହୋ) - ମିଡ଼ଃ ହୋ କିରିଂ, ଆକାରିଂ, ହୋ କଲଓ୍ୱଃ ଲେକାତାଲାକାନା ।

ଅତିଥିସତ୍କାର - କୁପୁଲଏଲାଦାରମ୍ (ଓଡ଼ିଆ) - ଅତିଥିସତ୍କାର କରିବା ।
(ହୋ) - କୁପୁଲ୍‌କବୁ ଏଲାଦାରମକଓ୍ୱା ।

ଅଧାପକ - କଲେଜ ମାଟାସର୍ (ଓଡ଼ିଆ) - ଅଧାପକ ପଢ଼ାଉଛନ୍ତି ।
(ହୋ) - କଲେଜ ମାଷ୍ଟରେ ପାଲାଓ୍ୱକତାନା ।

ଅବତାର - ଜାପାନ (ଓଡ଼ିଆ) - ଶ୍ରୀକୃଷ୍ଣଙ୍କ ଅବତାର ହେଇଥିଲେ ।
(ହୋ) - ଶ୍ରୀକୃଷ୍ଣ ଜାପାନ ହବା ଲିନା ।

ଅଧର୍ମ - କାଦରମ୍ (ଓଡ଼ିଆ) - ଅଧର୍ମରେ ଜୟ ହୁଏ ନାହିଁ ।
(ହୋ) - କାଦରମରେଦ କା ଦା'ଦାଇୟେ ।

ଅମୃତ - ପାସିତ୍ (ଓଡ଼ିଆ) - ଅମୃତ ନିଅ ।
(ହୋ) - ପାସିତ୍ ଇଡେମ୍ ।

ଅପବିତ୍ର - ବିଶିଃ (ଓଡ଼ିଆ) - ଅପବିତ୍ରରେ ପୂଜା ପାଠ କରାଯାଏ ନାହିଁ ।
(ହୋ) - ବିଶିଃଏ କାନ୍‌ରେ ବଙ୍ଗାବୁରୁ କାଆ ଗଲାଓ୍ୱା ।

| | |
|---|---|
| ଅଗଣା - ରାଚ୍ଚ | (ଓଡ଼ିଆ) - ଅଗଣାରେ ଫୁଲ ଗଛ ଅଛି । |
| | (ହୋ) - ରାଚ୍ଚରେ ବାଆ ଦାରୁ ମେନାଃ । |
| ଅନ୍ତପୁର - ଆଦିଂ | (ଓଡ଼ିଆ) - ଅନ୍ତପୁରରେ ମୂଲ୍ୟବାନ ଜିନିଷ ରଖାଯାଏ । |
| | (ହୋ) - ଆଦିଂରେ ଗନଂ ଜିନିଷକ ବୁ ଏମେୟା । |
| ଅଫିସ୍ - ଗାରି | (ଓଡ଼ିଆ) - ଅଫିସରେ ନଥିପତ୍ର ରଖାଯାଏ । |
| | (ହୋ) - ଗାରିରେ କାଗଜ ସାକାମ୍‌କରି କାଓ୍ୱା । |
| ଅମାର - ମୁରୁଇ | (ଓଡ଼ିଆ) - ଅମାରରେ ଧାନ ରଖାଯାଏ । |
| | (ହୋ) - ମୁରୁଇରେ ବାବା ଏମଃଓ୍ୱା । |
| ଅଳଂଧୁ - ଉଲୁନ୍ଦେ | (ଓଡ଼ିଆ) - ପିଲାଟି ଓଳଂଧୁ ସଫା କର୍ରୁଛି । |
| | (ହୋ) - ହନ୍ ଉଲୁନ୍ଦେଃ ସାପା କେଡ଼ା । |
| ଅଳିଆ - ଜବରା | (ଓଡ଼ିଆ) - ସ୍କୁଲ୍ ଘରିପଟେ ଅଳିଆ ପଡ଼ିଛି । |
| | (ହୋ) - ମଣ୍ଡ କୁଟି ମୁଲି ଜବରା ଏଲାଃଆ କାନା । |
| ଅସ୍ତ୍ରାଗାର - ହାତିଆର୍ ଅଓ୍ୱାଃ | (ଓଡ଼ିଆ) - ଅସ୍ତ୍ରଗୁଡ଼ିକ ଅସ୍ତ୍ରାଗାର ଅଛି । |
| | (ହୋ) - ହାତିଆରକ ହାତିଆର୍ ଅଓ୍ୱାଃରେ ମିନାଃ । |
| ଅଖା - ବସ୍ତା / ବରା | (ଓଡ଼ିଆ) - ଅଖାରେ ଚାଉଳ ଅଛି । |
| | (ହୋ) - ବସ୍ତାରେ ଚାଉଲି ମେନାଃ । |
| ଅଲଣା - ଲିଜାଃ ହାତାର୍ ତେୟାଃ / ଲିଜାଃ ହାନାତାର୍ | (ଓଡ଼ିଆ) - ଆଲଣାରେ ଲୁଗାପଟା ଝୁଲା ହୋଇଛି । |
| | (ହୋ) -ଲିଜାଃ ହାନା ତାର୍‌ରେ ଲିଜାଃ ହାକା'କାନା । |
| ଅଟା - ଅଟା / ଗମ୍ ଲୁପୁଃ | (ଓଡ଼ିଆ) - ଅଟାରେ ରୋଟି ତିଆରି ହୁଏ । |
| | (ହୋ) - ଗ'ମ୍ ଲୁପୁଃତେ ରୋଟି / ଗିଡ୍‌ଲାଡ୍ ବାଇ'ୟେ । |
| ଅଣ୍ଡା - ଜାରମ୍ | (ଓଡ଼ିଆ) - ମାଈ କୁକୁଡ଼ା ଅଣ୍ଡା ଦେଉଅଛି । |
| | (ହୋ) - ସିମ୍‌ଏଙ୍ଗା ଜାରମ୍ ତାନା । |
| ଅଣ୍ଡା ଖୋଳପା - ଜାରମ୍ ଚକାଃ | (ଓଡ଼ିଆ) -ଅଣ୍ଡା ଖୋଳପା ଧଳା ଦେଖାଯାଏ । |
| | (ହୋ) - ଜାରମ୍ ଚକାଃ ପୁଣ୍ଡିଗେ ନେଲଃଓ୍ୱା । |
| ଅକାଣ୍ଡିଆ ଚାଉଳ - ବାଗାଲା ଚାଉଲି | (ଓଡ଼ିଆ) - ଅକାଣ୍ଡିଆ ଚାଉଳ ଭାତ ଭାରି ମିଠା । |
| | (ହୋ) - ବାଗାଲା ଚାଉଲି ମାଣ୍ଡି ଏସୁ ନଗଡ଼ା । |
| ଅରୁଆ ଚାଉଳ - ଆଦଆ ଚାଉଲି | (ଓଡ଼ିଆ) - ଅରୁଆ ଚାଉଳ ପୂଜା କାମରେ ଲାଗେ । |
| | (ହୋ) - ଆଦଆ ଚାଉଲି ବଙ୍ଗାବୁରୁ ପାଇଟିରେ ହୁଜୁଃଏ । |

| | |
|---|---|
| ଅଦା - ଆଦା | (ଓଡ଼ିଆ) - ବାଡ଼ିରେ ଅଦା ଚଷ ହୋଇଛି । |
| | (ହୋ) - ବାକାଇରେ ଆଦା ଉ'ଆଶଆ କାନା । |
| ଅମୃତଭଣ୍ଡା - ଜମେବିନ୍ଦି | (ଓଡ଼ିଆ) - ଅମୃତଭଣ୍ଡା ପାଚିଛି । |
| | (ହୋ) - ଜମେ ବିନ୍ଦି ମାତା' କାନା । |
| ଅଶ୍ୱଥ - ହେସାଃ | (ଓଡ଼ିଆ) - ଅଶ୍ୱଥଗଛ ମୂଳେ ଗାଈ ଅଛି । |
| | (ହୋ) - ହେସାଃ ଦାରୁ ବୁଟେରେ ଗୁଣ୍ଡି ମିନାଃଇୟେ । |
| ଅରଖ - ପାଲାଟି | (ଓଡ଼ିଆ) - ଅରଖ କ୍ଷୀରରେ ଔଷଧୀୟ ଗୁଣ ଅଛି । |
| | (ହୋ) - ପାଲାଟି ସସଏଃରେ ରେଏଡ୍ ଗୁ'ନ ମିନାଃ । |
| ଅଁଳା - ମେରେଲ୍ | (ଓଡ଼ିଆ) - ଅଁଳା ଖାଇବା ଭଲ । |
| | (ହୋ) - ମେରେଲ ଜମେରେ ବୁଗିଏନ । |
| ଅଳଙ୍କାର - ସା'ଜ ସିଙ୍ଗେର୍ | (ଓଡ଼ିଆ) - ଝିଅମାନେ ଅଳଙ୍କାର ପସନ୍ଦ କରନ୍ତି । |
| | (ହୋ) - କୁଇ ହନକ ସା'ଜସିଙ୍ଗେର୍ ଏସୁକ ସୁକୁଆଃ । |
| ଅଣ୍ଟା ସୂତା - ମାୟାଂଡ଼ରା | (ଓଡ଼ିଆ) - ଅଣ୍ଟା ସୂତା ଛିଣ୍ଡି ଗଲା । |
| | (ହୋ) - ମାୟାଂ ସୂତାମ୍ ସିଡ୍ ଜାନା । |
| ଅଜଗର - ଅଜ୍‌ଗର୍ ବିଞ୍ଜ / ତୁନିଲ୍‌ବିଂ | (ଓଡ଼ିଆ) - ଅଜଗର୍ ସାପ ବଣରେ ରହେ । |
| | (ହୋ) - ଅଜଗର୍ ବିଞ୍ଜ ବିର୍‌ରେଃ ଟାଇନେ । |
| ଅନ୍ଧାର - ନିଦେ / ନୁବେଃ | (ଓଡ଼ିଆ) - ଅନ୍ଧାରକୁ ଡ଼ର ଲାଗେ । |
| | (ହୋ) - ନିଦେ ନୁବେଃ ଏସୁ ବର ଆଦାଓ୍ୱାଃ । |
| ଅମାବାସ୍ୟା - ନିର୍‌ସାନ୍ଦି | (ଓଡ଼ିଆ) - ଅମାବାସ୍ୟା ଦିନ ଘନ ଅନ୍ଧାର ହୁଏ । |
| | (ହୋ) - ନିର୍‌ସାନ୍ଦି ମୁସିଂ ଏସୁ ନୁବେଃ । |
| ଅଧିବର୍ଷ - ଲାନାଆଃ ସିର୍ମା | (ଓଡ଼ିଆ) - ଚରିବର୍ଷରେ ଥରେ ଅଧିବର୍ଷ ହୁଏ । |
| | (ହୋ) - ପୁନ୍ ସିର୍ମାରେ ମିସେ ଲାନା'ଆ ସିର୍ମା ହବନା । |
| ଅଷ୍ଟମୀ - ଅସ୍‌ଟିମ | (ଓଡ଼ିଆ) - ଅଷ୍ଟମୀ ତିଥିରେ ବଡ଼ ପୁଅଙ୍କୁ ନୂଆ ବସ୍ତ୍ର ଦିଆଯାଏ । |
| | (ହୋ) - ଅଷ୍ଟିମ୍ ମୁସିଂ ପୁଣୁଏ ହନ୍‌କ ନାମା ଲିଜାଃ କ ଏମାକଓ୍ୱା । |
| ଅତର - ସଆନ୍ ସୁନୁମ୍ | (ଓଡ଼ିଆ) - ଆଜିକାଲି ଅତରର ବ୍ୟବହାର ବେଶୀ । |
| | (ହୋ) - ନାଆବାର୍‌ସିଂ ସଆନ୍ ସନୁମ୍ ପୁରେଃକ ଅଜଃନ୍ ତାନା । |
| ଅମାନିଆ - କାମାନାଟିଂ ନିଃ | (ଓଡ଼ିଆ) - ଅମାନିଆ ପିଲା ବହୁତ ଦୁଷ୍ଟ ହୁଅନ୍ତି । |
| | (ହୋ) - କା'ମାନାଟିଂ ହନ୍‌କଏ ସୁଜଅର୍ କ କେଚଳଆ । |

ଅପରାଧ - ଦୋଷୀକାର୍ (ଓଡ଼ିଆ) - ଅପରାଧ କାର୍ଯ୍ୟ କଲେ ଦଣ୍ଡ ମିଳେ ।

(ହୋ) - ଦୋଷୀକାର୍ ୟାନ୍‌ରେ ଦାଣ୍ଡେ ନାମଓ୍ୱାଃ ।

ଅଦଳବଦଳ - ବପଦଲ (ଓଡ଼ିଆ) - ଅତୀତର ହାଟଗୁଡ଼ିକର ଜିନିଷ ଅଦଳବଦଳ କାର୍‌ବାର ହେଉଥିଲା ।

(ହୋ) - ଆୟାର୍ ଦିନେ୍ଃ (ମୁନୁ) ହା'ଟ କରେ ଗିନିଷ କ କ ବପଦଲେ ଟାଇକେନା ।

ଅନ୍ତେବାସୀ - ଟାଇଜାପାଃଆକାନ୍‌କ (ଓଡ଼ିଆ) - ମୁସଲ୍‌ମାନ୍ ସମ୍ପ୍ରଦାୟ ଅନେକ ଦିନରୁ ଭାରତର ଅନ୍ତେବାସୀ ହୋଇ ରହି ଆସୁଛନ୍ତି ।

(ହୋ) - ମୁସଲ୍‌ମାନ୍ କ ଏସୁଦିନେଏ ତେ ଭାରତ ରେ କ ଟାଇଜାପାଃ ଆକାନା ।

ଅତୀତ - ସେନଃୟାନ୍‌ଦିନ୍ (ଓଡ଼ିଆ) - ଅତୀତରେ ଗୌରବ କଥା ମନେ ପଡ଼େ ।

(ହୋ) - ସେନଃୟାନ୍ ଦିନ ରେୟାଃ ବିତିଆମ୍‌ମାନ୍ ଜାଗାର୍ କ ଉଲୁଃ ବେଟାଓ୍ୱଃ ଟାନା ।

## "ଆ"

ଆଖି - ମେଡ଼୍ (ଓଡ଼ିଆ) - ଆଖିବିନା ଜୀବମାନେ ଦେଖି ପାରନ୍ତି ନାହିଁ ।

(ହୋ) - ମେଡ଼ କା'ରେ, ଜୀଉ କ କାକ ନେଲ୍‌ନାମ ଦାଇୟେଃ ।

ଆଖିର ମଇଳା - ମେଡ଼ ସିଲିଃ (ଓଡ଼ିଆ) - ଆଖିର ମଇଳା ଲୁହ ଝରିଲେ ବାହାରି ଆସେ ।

(ହୋ) - ମେଡ଼ ସିଲିଃ ମେଡ଼ ଦାଃ ଅଲ୍ଲରେ ଏଲାଃ ନା ।

ଆଖିର କଜଳ - ମେଡ଼ କାଜଲା (ଓଡ଼ିଆ) - ଅଧିକାଂଶ ସ୍ତ୍ରୀ ଲୋକ ଆଖିରେ କାଜଳ ଲଗାନ୍ତି ।

(ହୋ) - ପୁରେଃତେ ପୁରେଃ କୁଇହନ୍‌କ ମେଡ଼ରେ କ କଜଲା ନା ।

ଆଣ୍ଠୁ - ମୁକୁଇ (ଓଡ଼ିଆ) - ଗୁରୁଜନମାନଙ୍କୁ ଆଣ୍ଠୁମାଡ଼ି ନମସ୍କାର କରନ୍ତି ।

(ହୋ) - ଗୁରୁ, ଗୁରୁମୀକ ମୁକୁଇ ଇକୁମ୍ କେଏତେବୁ ଜଓ୍ୱାରା କଓ୍ୱା ।

ଆତ୍ମୀୟ ସ୍ୱଜନ-ଆପାନାଃ ଅଲାଃ ହୋ (ଓଡ଼ିଆ) - ଆତ୍ମୀୟମାନେ, ସହଯୋଗ ବେଶୀ କରନ୍ତି ।

(ହୋ) - ଆପାନାଃ ଅଲାଃ ହୋ'କ ଏସୁ ପୁରେଃ କ ଦେ ଙ୍ଗାଃ ।

ଆଈ - ନାନା (ଓଡ଼ିଆ) - ଆଈ ବୁଢ଼ିର ଗପ ଶୁଣୁଶୁଣୁ ନିଦ ଆସିଲା ।

(ହୋ) - ନାନାଃ କାହାନୀ ଆୟୁମ୍ ଆୟୁମ୍‌ତେ ଦୁଉମ୍ ହଜୁଃଏନେ ।

ଆଈଶାଶୁ - ଜିଆଞ୍ଜହାନାର (ଓଡ଼ିଆ) - ଶାଶୁମା'ର ବହୁକୁ ଆଈଶାଶୁ କହନ୍ତି ।

(ହୋ) - ଏଙ୍ଗା ହନାରାଃଆ ଏଙ୍ଗାତେ ଦ ଜିଆଂ ହାନାରକ ମିତାଇୟା ।

| | |
|---|---|
| ଆମ୍ବା - ରଆ | (ଓଡ଼ିଆ) - ଆମ୍ବା ଅମର ଅଟେ ।<br>(ହୋ) - ରଆ କା ଗଜଃଆ । |
| ଆନନ୍ଦ - ରାଁସା / ରାସିକା | (ଓଡ଼ିଆ) - ରଜ ଦୋଳି ଖେଳ ପିଲାମାନଙ୍କୁ ଆନନ୍ଦ ଲାଗେ ।<br>(ହୋ) - ରଜ / ରାଜାସାଲା ଡ଼ିଲୁଆ ଇନୁଂ ହନ୍‌କ ଏସୁ ରାଁସାକ ଆଦାୟଃ । |
| ଆଗର - ଆଗର | (ଓଡ଼ିଆ) - ଲେମ୍ବୁ ଆଗର ଭଲ ଲାଗେ ।<br>(ହୋ) - ଲିମ୍ବୁ ଆଗର୍ ଏସୁ ବୁଗିନା । |
| ଆମିଷ - ଆଇଁସି | (ଓଡ଼ିଆ) - ଗୁରୁବାର ଦିନ ଆମିଷ ଖାଇବା ମନା ।<br>(ହୋ) - ଗୁରୁବାର୍ ମୁସିଂ ଆଇଁସି ଜମ୍ ମାନା ଗେୟା । |
| ଆଳୁ - ସାଙ୍ଗା | (ଓଡ଼ିଆ) - ଆଳୁ ମାଟିରେ ଫଳେ ।<br>(ହୋ) - ସାଙ୍ଗା ଅତେରେ ଦାକାଓ୍ୱା । |
| ଆମ୍ବ - ଉଲି | (ଓଡ଼ିଆ) - ପାଚିଲା ଆମ୍ବ ମିଠା ଲାଗେ । ବୁଳିଭଲି ଖାନ୍ତି ନାହିଁ ।<br>(ହୋ) - ମାତା ଉଲିଏସୁ ନଗଡ଼ା । ବୁଳି ଭଲି କାକ ଜମେୟା । |
| ଆତ - ମାନ୍ଦାଲ୍ | (ଓଡ଼ିଆ) - ଆତ ଫଳେ ଡାଳେ ।<br>(ହୋ) - ମାନ୍ଦାଲ୍ କତରେ ଜଃଅଃ ଆ । |
| ଆଖୁ - ଗୁଉଲୁଦାରୁ | (ଓଡ଼ିଆ) - ଆଖୁ ଗୁଡ଼ ତିଆରି ହୁଏ ।<br>(ହୋ) - ଗୁଉଲୁଦାରୁ ଦାରୁଏତେ ଗୁଉଲୁ ବାଇଓଃଆ । |
| ଆମ୍ବ ଗଛ - ଉଲିଦାରୁ | (ଓଡ଼ିଆ) - ବାଡ଼ିରେ ଆମ୍ବ ଗଛ ଲଗାଇବା ।<br>(ହୋ) - ବାକାଇରେ ଉଲିଦାରୁବୁ ରଓ୍ୱାୟା । |
| ଆକାଶ - ରିମିଲ୍ | (ଓଡ଼ିଆ) - ଆକାଶର ରଂଗ ନୀଳ ଅଟେ ।<br>(ହୋ) - ରିମିଲ୍ ରେଆଃ ରଂଇଂ ନିଲ୍‌ଗେୟା । |
| ଆଲୋକ - ମାରସାଲ୍ | (ଓଡ଼ିଆ) - ଚନ୍ଦ୍ର ସୂର୍ଯ୍ୟର ଆଲୋକରେ ଆଲୋକିତ ହୁଏ ।<br>(ହୋ) - ଚନ୍ଦୁ ସିଙ୍ଗିଏଃ ମାରସାଲ୍‌ତେ ମାରସାଲ୍‌ଲେନା । |
| ଆସନ୍ତାକାଲି - ଗାପା | (ଓଡ଼ିଆ) - ଆସନ୍ତା କାଲି କଟକ ଯିବି ।<br>(ହୋ) - ଗାପା କଟକଞ୍ଜ ସେନଃଆଁ । |
| ଆମଦାନି - ଆଗୁଇତେୟାଃ | (ଓଡ଼ିଆ) - ଆମଦାନି ଜିନିଷ ମହଙ୍ଗା ଅଟେ ।<br>(ହୋ) - ଆଗୁଇତେୟାଃ ଗିନିଷି ଗନଂଆ । |

ଆପତ୍ତି - କାଜିଇୟାବୁ (ଓଡ଼ିଆ) - ଜନ ସ୍ୱାସ୍ଥ୍ୟ ପାଇଁ ଆପତ୍ତି କରିବ ।
(ହୋ) - ହୋ କଓ୍ୱା ସୁବିଦା ଲାଗିଡ଼ବୁ ଆର୍ଦାଶୟା ।

ଆୟ - ଆର୍‌ଜାଅ / ନାମେତେୟାଃ (ଓଡ଼ିଆ) - ଆୟ ବହିଃର୍ଭୁତ ସଂପତ୍ତି ।
(ହୋ) - ଆର୍‌ଜାଓ ଲାଆଃ ବିତି ।

## 'ଇ'

ଇଟାଘର - ଇଟାଅଓ୍ୱା / ପାକାଅଓ୍ୱା (ଓଡ଼ିଆ) - ଇଟା କାନ୍ଥ ଘର ମଜଭୁତି ଲାଗେ ।
(ହୋ) - ଇଟାଅଓ୍ୱା ଏସୁ କେଜେ ଆଦାଓ୍ୱା ।

ଇଟା - ଇଟେ (ଓଡ଼ିଆ) - ଇଟା ଛାଞ୍ଚରେ ଗଢ଼ାଯାଏ ।
(ହୋ) - ଇଟେ ଚାଞ୍ଚାରେ ବାଇଓ୍ୱା ।

ଇନ୍ଦ୍ରଧନୁ - ରୁଲ୍‌ବିଞ୍ଜଅଂ (ଓଡ଼ିଆ) - ଇନ୍ଦ୍ରଧନୁର ସାତଟି ରଙ୍ଗ ।
(ହୋ) - ରୁଲ୍‌ବିଞ୍ଜଅଂରେ ଆଇଏ ରଂ ମିନାଃ ।

ଇଶ୍ୱର - ସିଂବଙ୍ଗା (ଓଡ଼ିଆ) -ସବୁଦିନ ଈଶ୍ୱରଙ୍କୁ ପୂଜା କରିବା ଭଲ୍ ।
(ହୋ) - ସବେଦିନ୍ ସିଂବଙ୍ଗାବୁ ବଙ୍ଗାଇତିୟାଃ ବୁଗିନେ ।

## 'ଉ'

ଉପି - ଚୁଟୁକ (ଓଡ଼ିଆ) - ମୁଣ୍ଡରେ ଉପି ଅଛନ୍ତି ।
(ହୋ) - ବଅଃରେ ଚୁଟୁକ ମିନା କଓ୍ୱା ।

ଉଷୁନା ଚାଉଳ - ତିକିଚାଉଲି / ତୁପୁଚାଉଲି (ଓଡ଼ିଆ) - ଉଷୁନା ଚାଉଳର ଭାତ ଭଲ ।
(ହୋ) - ତିକି ଚାଉଲି ମାଣ୍ଡିଏସୁ ବୁଗିନା ।

ଉପବାସ - କାଟାବ୍ (ଓଡ଼ିଆ) - ଶିବରାତ୍ରିରେ ଉପବାସ ରୁହନ୍ତି ।
(ହୋ) - ଶିବ ବଙ୍ଗା ନିଦେରେ କାଟାବ୍ କ ତାଇନେ ।

ଉଲକା - ବଙ୍ଗାସାର୍ (ଓଡ଼ିଆ) - ଆକାଶରୁ ଉଲକା ଖସିଥାଏ ।
(ହୋ) - ରିମିଲାଏତେ ବାଙ୍ଗାସାର୍ ହୁଜୁଃଏ ।

ଉପସ୍ଥିତି-ହାଜିରା କାନାଃ/ବେଟାଆକାନା (ଓଡ଼ିଆ) - ମିଟିଂରେ ଉପସ୍ଥିତ ଅଛନ୍ତି ।
(ହୋ) - ଦୁନୁବ୍‌ରେ ବେଟା'କାନା ।

ଉତ୍ତୀର୍ଣ୍ଣ - ରାକାବ୍ (ଓଡ଼ିଆ) - ପିଲାଟି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି ।
(ହୋ) - ସେପେଡ୍ ହନ୍ ବିଳାଓ୍ୱରେଃ ରାକାବ୍‌କାନା ।

ଉପରବେଳା - ତାରାସିଙ୍ଗି (ଓଡ଼ିଆ) - ଉପରବେଳା କାମକୁ ଗଲେ ।
(ହୋ) - ତାରାସିଙ୍ଗି ପାଇଟିତେ ସେନଃୟାନା ।

ଉପକୂଳ - ଦାଃକୁଟି (ଓଡ଼ିଆ) - ଡଙ୍ଗା ଉପକୂଳରେ ଡଙ୍ଗା ପହଞ୍ଚିଲା ।
(ହୋ) - ଦାଃ କୁଟିରେ ଡଙ୍ଗା ବେଟାୟାନା ।

ଏଣ୍ଡିପୋକ - ବାଲାମ୍‌ଚିଦୁ (ଓଡ଼ିଆ) - ଏଣ୍ଡିପୋକ ଗବପତ୍ର ଖାଏ ।
(ହୋ) - ବାଲାମଚିଦୁ ଜାଲା ବିନ୍ଦି ସାକାମ୍‌ଆଁ ଜଅମା ।

ଏକାଦଶୀ - ବଇଟାତାରା (ଓଡ଼ିଆ) - ମାସର ଏଗାର ଦିନକୁ ଏକାଦଶୀ ।
(ହୋ) - ବଇଟାତାରା ମୁଲୁଃଇତେ ଗେଲମିଡ଼୍‌ମା ଦିନ କ ମେତାଃ ।

ଏହା - ନେନା/ ନେଆଁ (ଓଡ଼ିଆ) - ଏହା ପଢ଼ିବା ଭଲ ।
(ହୋ) - ନେନାବୁ ପାଲାଓ୍ୱ ତେୟାଃ ବୁଗିନା ।

ଏହାକୁ - ନି'କେ (ଓଡ଼ିଆ) - ଏହାକୁ ଦେଖନ୍ତୁ ।
(ହୋ) - ନି'କେ ନେଲି' ପେ ।

ଏମାନେ - ନେକ (ଓଡ଼ିଆ) - ଏମାନେ ଜଙ୍ଗଲ ଯାଉଛନ୍ତି ।
(ହୋ) - ନେକ ବିର୍‌ତେକ ସେନଃ ତାନା ।

ଏସବୁ - ନେଃ ନେନାକ / ନେଃ ନେଆଁକ (ଓଡ଼ିଆ) - ଏସବୁ ଏକାଠି କର ।
(ହୋ) - ନେଃ ନେନାକ, ମିଡ଼ତାଃ ତା'ମ୍ ।

ଏଗୁଡ଼ିକ - ନେନାକ (ଓଡ଼ିଆ) - ଏଗୁଡ଼ିକ ଆଣି ଆସ ।
(ହୋ) - ନେନାକ ଆଗୁଇମ୍ ।

## 'ଐ'

ଐହାର - ନିଇଁଆଁଃ (ଓଡ଼ିଆ) - ଏହାର ଖାଦ୍ୟ ନାହିଁ ।
(ହୋ) - ନି'ଇଁଆଁଃ ଜମାଃ ବାନଃଓ୍ୱଃ ।

ଐମାନଙ୍କର - ନେକଆଃ (ଓଡ଼ିଆ) - ଏମାନଙ୍କର ସବୁ ଅଛି ।
(ହୋ) - ନେକଆଃ ସାବେନ୍ ମେନାଃ ।

ଐହିଟି - ନେନ୍‌ତାଃ / ନେନ୍‌ଡ଼େ (ଓଡ଼ିଆ) - ଏହିଟି ଜାମା ରଖ ।
(ହୋ) - ନେନ୍‌ତାଃରେ, ସୁତୁଇ ରିକେଏମେ ।

ଐ ପର୍ଯ୍ୟନ୍ତ -ନାଆସାନ୍ତେ (ଓଡ଼ିଆ) - ଏ ପର୍ଯ୍ୟନ୍ତ କେହି ଆସି ନାହାନ୍ତି ।
(ହୋ) - ନାଆଁସାନ୍ତେ ଅକୟ କାକ ହୁଜୁଃଏ କାନା ।

ଏବଂ - ଅଣ୍ଡଃ (ଏନେଏତେ)    (ଓଡ଼ିଆ) - ଗାଧୋଇବା ଏବଂ ପହଁରିବା ।
(ହୋ) - ଅଲାନାବୁ ଅଣ୍ଡଃ ଅୟାରେନାବୁ ।

ଏହିପରି - ନେକାଗେ, ନେନ୍‌ଲେକା    (ଓଡ଼ିଆ) - ଏହିପରି ହସ ନାହିଁ ।
(ହୋ) - ନେକାଗେ ଆଲମ୍ ଲାନ୍ଦାୟା ।

ଏକାଗ୍ର - ମିଏଡ୍ ଉଲୁଃ    (ଓଡ଼ିଆ) - ଏକାଗ୍ର ହୋଇ ଧ୍ୟାନ କର ।
(ହୋ) - ମିଏଡ୍ ଉଲୁଃତେ ଇୟାମେମ୍ ।

## 'କ'

କନିଷ୍ଠ - ଲିଟା ହନ, ହୁଲିଂହନ୍    (ଓଡ଼ିଆ) - କନିଷ୍ଠ ପୁଅ ପଳାଇ ଯାଇଛି ।
(ହୋ) - ଲିଟା ହନ୍ ସେନ୍ଃ ଆତମା କାନା ।

କନିଷ୍ଠା - କାନି ଗାଣ୍ଡା/ ଲିଟ ଗାଣ୍ଡା    (ଓଡ଼ିଆ) - କନିଷ୍ଠା ହାତର ଛୋଟ ଆଙ୍ଗୁଳି ।
(ହୋ) - ଲିଟାଗାଣ୍ଡା, ତିଇ'ରେୟାଃ ହୁଲିଂ ଗାଣ୍ଡା ।

କପାଳ - ମଲଂ /ସାମାଂ    (ଓଡ଼ିଆ) - କପାଳ, ଫାଟି ଯାଇଛି ।
(ହୋ) - ମଲଂ ପସାଃଆ କାନା ।

କପାଳର ଦୁଇପାର୍ଶ୍ୱ - ମଲଂବାର୍ କୁଟି    (ଓଡ଼ିଆ) - କପାଳର ଦୁଇ ପାର୍ଶ୍ୱରେ ଟାଟୁ ଚିତ୍ର ଆଙ୍କିଛି ।
(ହୋ) - ମଲଂ ବାର୍ କୁଟିରେ ବେଙ୍ଗା ବାଙ୍ଗିୟା କାନାଃ ।

କାନ - ଲୁତୁର୍    (ଓଡ଼ିଆ) - ପ୍ରତ୍ୟେକ ଜୀବର କାନ ଥାଏ ।
(ହୋ) - ସାନାମ୍ ଜୀଉ କରେ ଲୁତୁର୍ ଟାଇନେ ।

କାନମୂଳ - ଲୁତୁର୍ ବୁଟେ    (ଓଡ଼ିଆ) - କାନମୂଳରେ କୁଣ୍ଡେଇ ହେଉଛି ।
(ହୋ) - ଲୁତୁର୍‌ବୁଟେରେ, ବାବାଟା ଟାନା ।

କାନଗିରି - ଲୁତୁର୍ ଉଁୟୁଡ୍    (ଓଡ଼ିଆ) - କାନଗିରି ସମସ୍ତ ମଣିଷଙ୍କ ଠାରେ ନିହିତ ।
(ହୋ) - ଲୁତୁର୍ ଉଁୟୁଡ୍, ସାନାମ୍ ହଲକରେ ମିନାଃ ।

କାନ ମଇଳା - ଉୟୁଡ୍‌ଇଃଇଃ    (ଓଡ଼ିଆ) - କାନ ମଇଳା ବାହାରି ଆସିଲା ।
(ହୋ) - ଉଁୟୁଡ୍ ଇଇଃ, ଅଲୁ ଏଲାଃ ୟାନା ।

କାଖ - ହାତାଲାଃ    (ଓଡ଼ିଆ) - କାଖରେ ବାଡ଼ି ଜାକି ଅଛି ।
(ହୋ) - ହାତାଲାଃରେ ସଟାଃ ରେବେଡ଼ ତାଡ଼ା ।

କାନ୍ଧ - ତାରାନ୍    (ଓଡ଼ିଆ) - କାନ୍ଧରେ ଭାରି ଜିନିଷ ବୋହାଯାଏ ।
(ହୋ) - ତାହାନ୍‌ରେ ହାମାଲ୍ ତେୟାଃ କ ଗଅଃୟା ।

କହୁଣୀ - ଉକା	(ଓଡ଼ିଆ) - ପିଟିଲା ବେଳେ ତାକୁ କହୁଣୀ ମାରିଲା ।
(ହୋ) - ଟାପାମ୍ ତାନ୍‌ରେ ଆଏକେ ଉକା କିଃ ୟେ ।

କୁଜା - କୁବେ	(ଓଡ଼ିଆ) - କୁଜା ଲୋକ ଚାଲିଛନ୍ତି ।
(ହୋ) - କୁବେ ହୋ, ସେନା କାଡ଼ା ।

କଣ୍ଠସ୍ୱର - ରେଏସ୍ /ରାଏ	(ଓଡ଼ିଆ) - ତା'ର କଣ୍ଠ ସ୍ୱର ଭଲ ।
(ହୋ) - ଆୟାଃ ରେଏସ୍ ବୁଗିନା ।

କଙ୍କାଳ - ଜାଂସୁମେଲ୍ଃ	(ଓଡ଼ିଆ) - ଜ୍ୱର ହୋଇ କଙ୍କାଳ ଦିଶିଲାଣି ।
(ହୋ) - ହାସୁ ହାସୁତେ ଜାଂ ସୁମେଲ୍ଃ ନେଲଃ ତାନା ।

କଣା - ଉଣ୍ଡୁ	(ଓଡ଼ିଆ) - କଣା ଦେଇ ସାପ ପଶିଲା ।
(ହୋ) - ଉଣ୍ଡୁତେ ବିଂ ବଲଜାନା ।

କାଲ - ସଡ଼୍କା / କାଲା	(ଓଡ଼ିଆ) - କାଲ କଥା ଶୁଣି ପାରେ ନାହିଁ ।
(ହୋ) - ସଡ଼କା /କାଲା କାଜି କାଏଃ ଆୟୁମ୍ ଦାଇୟେ ।

କିଶୋର - ଚକୋଲା,
/ ବାଲେସେପୋଡ଼	(ଓଡ଼ିଆ) - କିଶୋର ବିଦ୍ୟାଳୟରେ ପାଠ ପଢ଼େ ।
(ହୋ) - ଚକୋଲା / ବାଲେସେପେଡ଼୍‌ରେ, ମଣ୍ଡରେକ - ପାଲାଓ୍ୱା ।

କିଶୋରୀ - ବୁଇ / ବାଲେ ହାପାନୁମ୍	(ଓଡ଼ିଆ) - କିଶୋରୀଟି ଖେଳୁଛି ।
(ହୋ) - ବୁଇ / ବାଲେ ହାପାନୁମ୍, ଇନୁଂତାନା ।

କୁମାର - ବୟ /ବାବୁବୟ	(ଓଡ଼ିଆ) - କୁମାର ବୟସରେ ଶରୀର ଗଠନ ଦମ୍ଭ ହୁଏ ।
(ହୋ) - ବୟ / ବାବୁବୟରେ ହଲମ ତଲେ ନା ।

କୁମାରୀ - କୁଇ	(ଓଡ଼ିଆ) - କୁମାରୀ ନାମ ହୋଇ ଅବିବାହିତା ଝିଅଙ୍କର ।
(ହୋ) - ଆଉରୀ ଆନ୍ଦିନ୍ ଜକା, କୁଇ, ଦକ ମେନଃଆ ।

କକେଇ - କାକା	(ଓଡ଼ିଆ) - କକେଇ ତାଙ୍କ ପୁତୁରାକୁ ଡ଼ାକୁଛନ୍ତି ।
(ହୋ) - କାକା, ଆୟାଃ ହମନ୍ତେଃ କେୟାଆତାନା ।

କନ୍ୟା - ହନ୍‌ଏରା	(ଓଡ଼ିଆ) - କନ୍ୟା ବୋଲି ତାଙ୍କର କେହି ନାହିଁ ।
(ହୋ) - ହନ୍‌ଏରା / ବୁଡ଼ିହନ ମେନ୍ତେ ଆଏଃଦ ଅକୟ ବାଙ୍କୁଆ ।

କାଠୁରିଆ - ସାହାନ୍ ମାଃ	(ଓଡ଼ିଆ) - କାଠୁରିଆ କାଠ କାଟେ ।
(ହୋ) - ସାହାନ ମାଃ ନିଃ, ସାହାନେଃ ମାଆ ।

କୁମ୍ଭାର - କୁଂକେଲ୍	(ଓଡ଼ିଆ) - କୁମ୍ଭାର ହାଣ୍ଡି ତିଆରି କରେ ।
(ହୋ) - କୁଂକେଲ୍ ଘଟୁଃ ବାଇୟେ ।

| | |
|---|---|
| କମାର - କମାର | (ଓଡ଼ିଆ) - କମାର ଲୁହା କାମ କରେ ।<br>(ହୋ) - କାମାର୍ ମେଣେଡ଼ ପାଇଟିଃ ପାଇଟି'ୟେ । |
| କେଉଟ - ହାକୁ ସାବ୍‌ନିଃ | (ଓଡ଼ିଆ) -କେଉଟ ମାଛ ଧରେ ।<br>(ହୋ) - ହାକୁ ସାବ୍‌ନିଃ ହାକୁଃ ସାବା । |
| କେଳା - ବିଂସାବ୍‌ନିଃ /ସାପୁଏ | (ଓଡ଼ିଆ) - କେଳା ସାପ ଧରେ ।<br>(ହୋ) - ବିଂ ସାବ୍ ନିଃ, ବିଂ କଃ ସାବା । |
| କାମ - ପାଇଟି / ଆଂଗିର୍ | (ଓଡ଼ିଆ) - ବିଲ୍‌ରେ କାମ କରିବା ।<br>(ହୋ) - ଅତେ ହାସାରେ ପାଇଟି ତେୟାଃବୁ ପାଇଟି ୟା । |
| କୋଠାଘର - ଦଲାନ୍ ଅଓ୍ୱାଃ | (ଓଡ଼ିଆ) - କୋଠା ଘର ସୁନ୍ଦର ଦିଶୁଛି ।<br>(ହୋ) - ଦଲାନ ଅଓ୍ୱାଃ ଏସୁ ବୁଗି ନେଲଃ ତାନା । |
| କାଠଘର - ସାହାନ୍ ଅଓ୍ୱାଃ | (ଓଡ଼ିଆ) - କାଠ ଘରେ କାଠ ରଖାଯାଏ ।<br>(ହୋ) - ସାହାନ୍ ଅଓ୍ୱାଃରେ ସାହାନ୍ କ ରିକେୟା । |
| କୁମ୍ଭାରଶାଳ - କୁଂକେଲ୍ ସା'ଣେ | (ଓଡ଼ିଆ) - କୁମ୍ଭାର ଶାଳରେ ହାଣ୍ଡି ପୋଡ଼ା ଯାଏ ।<br>(ହୋ) - କୁଙ୍କେଲ୍ ସାଆଣେ ରେ ଘଟୁକ ରାପାଃୟା । |
| କିଳା - ଗଜା | (ଓଡ଼ିଆ) - କାଠ ଫାଳିବା ପାଇଁ କିଳା, ଲଗାଇ କାଠ ଚିରାଯାଏ ।<br>(ହୋ) - ସାଆନ୍ ଘଟାଃ ଲାଗିଡ ଗଜା କିଲୁମ୍ କେଏ ତେ, କ ଘଟାଃୟା । |
| କାନ୍ଥ - ଗିନିଲ୍ | (ଓଡ଼ିଆ) - କାନ୍ଥରେ ଲେଖ ନାହିଁ ।<br>(ହୋ) - ଗିନିଲରେ, ଆଲମ୍ ଆଲେୟା । |
| କବାଟ - ଟାଟି / ସିଲ୍‌ପିଂ | (ଓଡ଼ିଆ) - ଘରଟିର କବାଟ ନାହିଁ ।<br>(ହୋ) -ଅଓ୍ୱାଃରେୟାଃ ଟାଟି / ସିଲ୍‌ଙ୍ ବାନଃଆ । |
| କୋଠରୀ - ଅକଆ | (ଓଡ଼ିଆ) - ବଡ଼ ଘରଟିର ଦୁଇଟି କୋଠରୀ ଅଛି ।<br>(ହୋ) - ମାରାଂ ଅଓ୍ୱାଃରେ ବାରିଆ ଅକଆ ମିନାଃ । |
| କୋଇଲି -ତଓ୍ୱାଉ | (ଓଡ଼ିଆ) - କୋଇଲି ଆମ୍ବ ଗଛରେ ବସିଛି ।<br>(ହୋ) - ତଓ୍ୱାଉ ଉଲି ଦାରୁରେଃ ଦୁବେକାନା । |
| କଜଳପାତି - ବାଆଁଚୁଡ୍ | (ଓଡ଼ିଆ) - କଜଳପାତି ଉଡ଼ି ବୁଲୁଛି ।<br>(ହୋ) - ଦାଆଁଚୁଡ୍ ଆପିର ବିଉରେନ୍ ତାନା । |

| | |
|---|---|
| କୁକୁଡ଼ା ଛୁଆ - ସିମ୍‌ହନ୍ | (ଓଡ଼ିଆ) -କୁକୁଡ଼ା ଛୁଆ ଦୌଡ଼ି ଆସୁଛି ।<br>(ହୋ) - ସିମ୍‌ହନ୍ ନିର୍ ହୁଜୁଃଏ କାଡ଼ା । |
| କୁକୁଟୀ - ଏଙ୍ଗା ସିମ୍ | (ଓଡ଼ିଆ) - କୁକୁଟୀ ଛୁଆ ଫୁଟେଇ ଅଛି ।<br>(ହୋ) - ଏଙ୍ଗା ସିମ୍ / ଗୁଟୁଇଃ ତାଡ୍‌କଆଃ । |
| କଙ୍କଡ଼ା ବିଛା - କାଟ୍‌କମ୍ ମାର୍‌ମାର୍ | (ଓଡ଼ିଆ) - କଙ୍କଡ଼ା ବିଛା ମରି ପଡ଼ିଛି ।<br>(ହୋ) - କାଟ୍‌କମ୍ / (କା-କମ୍) ମାର୍‌ମାର୍ ଗଏ ଏଲାଃଆ କାନା । |
| କଙ୍କି - ବେର୍‌ବେଣ୍ଡଂ / ଡୁଲୁଂ | (ଓଡ଼ିଆ) - କଙ୍କି ଡ଼ାଳରେ ବସିଛି ।<br>(ହୋ) - ବେର୍‌ବେଣ୍ଡଂ / ଡୁଲୁଂ କତରେଃ ଦୁବେକାନା । |
| କଳିକତରା - ଗୁର୍‌ଗୁଲିଃ | (ଓଡ଼ିଆ) - କଳିକତରା ପୋକ ମାଟିରେ ରହେ ।<br>(ହୋ) - ଗୁର୍‌ଗୁଲିଃ ଅଟେରେଃ ତାଇନେ । |
| କାଇ - ହାଉ | (ଓଡ଼ିଆ) - କାଇ ଗଛର ପତ୍ରରେ ପୁଟୁଳା ବାନ୍ଧେ ।<br>(ହୋ) - ହାଉକ ଦାରୁସାକାମ୍‌ରେ ପଲମ୍ କ ବାଇୟେ । |
| କୀଟ - ଚିଦୁ | (ଓଡ଼ିଆ) - କୀଟ ପାଚିଲା ଫଳ ଖାଇ ଯାଆନ୍ତି ।<br>(ହୋ) - ଚିଦୁକ ମାତା ଜଅଃକ ଜମା । |
| କୁମ୍ଭାର ପୋକ୍ - କୁଙ୍କାଲ୍ ଚିଦ୍ | (ଓଡ଼ିଆ) - କୁମ୍ଭାର ପୋକ, ଗଛରେ ମାଟିଘର ତିଆରି କରେ ।<br>(ହୋ) - କୁଙ୍କାଲ୍ ଚିଦୁ, ଦାରୁକରେ, ହାସାତେ ଆଓ୍ୱାଃ ବାଇୟେ । |
| କଳା ଭ୍ରମର - ହେନ୍ଦେଉରୁ | (ଓଡ଼ିଆ) - କଳାଭ୍ରମର ଉଡ଼ି ଆସିଲା ।<br>(ହୋ) - ହେନ୍ଦେଉରୁ ଆପିର୍ ହୁଜୁଃଜାନା । |
| କଇଁଛ - ହର | (ଓଡ଼ିଆ) - କଇଁଛର ଚରୋଟି ଗୋଡ଼ ଅଛି ।<br>(ହୋ) - ହରଓ୍ୱାଃ ପୁନିଆଁ କାଟା ମିନାଃ । |
| କଙ୍କଡ଼ା - କାଟକମ୍(କା-କମ୍) | (ଓଡ଼ିଆ) - କଙ୍କଡ଼ା ଗାତରେ ପଶିଲା ।<br>(ହୋ) - କାଟ୍‌କମ୍ / (କା-କମ୍) ଉଣ୍ଡୁରେଃ ବଲୟାନ । |
| କେରାଣ୍ଡି - ଦାଣ୍ଡିକେ | (ଓଡ଼ିଆ) - କେରାଣ୍ଡି ମାଛ ଖାଇବ ବହୁତ ଭଲ ।<br>(ହୋ) - ଦାଣ୍ଡିକେ ହାକୁ ଜମ୍‌ଦ ଏସୁ ବୁଗିନେ । |
| କଉ - କୁଉ | (ଓଡ଼ିଆ) - କଉ ମାଛର ବହୁତ କଣ୍ଟା ।<br>(ହୋ) - କୁଉ ହାକୁରେ ଏସୁପୁରେଃ ଜାଂ ମିନାଃ । |

କୂଅ - ସୁଉଡ଼/କୁଆଁ (ଓଡ଼ିଆ) - କୂଅରେ ପାଣି ଅଛି ।

(ହୋ) - ସୁଉଡ୍‌ରେ ଦାଆଃ ମିନାଃ ।

କୁଦ - କୁଦୁର (ଓଡ଼ିଆ) - କୁଦରେ ପାଣି ପୁରି ବୋହି ଯାଉଛି ।

(ହୋ) - କୁଦୁର୍‌ରେ ଦାଃ ପେରେଃୟାନ୍‌ତେ ପଥଲ୍ ତାନା ।

କାକର - ସିସିର୍ (ଓଡ଼ିଆ) - ଘାସରେ କାକର ପାଣି ଦେଖାଯାଉଅଛି ।

(ହୋ) - ଦୁମ୍ବୁରେ ସିସିର୍ ଦାଃ ନେଲଃ ତାନା ।

କୁହୁଡ଼ି - ପୁକେଡ୍ (ଓଡ଼ିଆ) - ଭୋର୍ ସକାଳେ କୁହୁଡ଼ି ବେଶୀ ହୁଏ ।

(ହୋ) - ଆଂତାନ୍ ଇମିତାଂ ପୁକେଡ୍ ପୁରେଃ ହବାନା ।

କୁଆପଥର - ଆଗିଲ୍ (ଓଡ଼ିଆ) - ଖରାଦିନ ବର୍ଷା ହେଲେ କୁଆପଥର ପଡ଼େ ।

(ହୋ) - ଜେଟେ ଦିନ୍ ଗାମାଏରେଃ ଆଗିଲ୍ ଇୟୁଃନେ ।

କାର୍ତ୍ତିକ - ସାର୍ଦ୍ଧି (ଓଡ଼ିଆ) - କାର୍ତ୍ତିକ ମାସ ପରେ ଶୀତ ଋତୁ ଆସେ ।

(ହୋ) - ସାର୍ଦ୍ଧି ଋଣ୍ଡୁଃ ଋନାବ୍ ରାବାଂ ଅମଲ୍ ବେଟାନା ।

କୃଷ୍ଣପକ୍ଷ - ତାରା/କିଋଃ ଋଣ୍ଡୁଃ (ଓଡ଼ିଆ) - କୃଷ୍ଣ ପକ୍ଷ, ମାସର ଦ୍ୱିତୀୟ ପକ୍ଷ ।

(ହୋ) - ମି'ଋଣ୍ଡୁଃ ତାରା ଦତେର୍ ଋନାବ୍‌ରେୟା ।

କିରୋସିନି - ହାସାସୁନୁମ୍ (ଓଡ଼ିଆ) - କିରୋସିନ୍ ତେଲରେ ଡ଼ିବି ଜଳାଉ ।

(ହୋ) - ହାସା ସୁନୁମ୍‌ତେ ଡ଼ିବିରିବୁ ଜୁଲେୟା ।

କଳାପଟା - ହେଳେପାଟା (ଓଡ଼ିଆ) -କଳାପଟାରେ ଲେଖ ।

(ହୋ) - ହେନ୍ଦେ ପାଟାରେ ଅଲେମେ ।

କାର୍‌ବାର୍ - ଆପାସି (ଓଡ଼ିଆ) - ଆଜିକାଲି କାର୍‌ବାର୍ ବଢ଼ିଛି ।

(ହୋ) -ନାଆଃବାର୍‌ସିଂ ଆପାସି ପୁରେଃଏ କେନେ ।

କ୍ରେତା - କିରିଂ ନିଃ (ଓଡ଼ିଆ) - କ୍ରେତା ଆସିଛନ୍ତି ।

(ହୋ) - କିରିଂନିଃ ହୁଜୁଃଆଃ କାନା ।

କଂସା - କାଂସା (ଓଡ଼ିଆ) - କଂସା ବାସନ ଅଛି ।

(ହୋ) - କାଂସାକ ମିନାଃ ।

କୋଇଲା - ହାସାହାଙ୍ଗାର (ଓଡ଼ିଆ) - କୋଇଲାରେ ଭାତ ରାନ୍ଧିଲା ।

(ହୋ) - ହାସା ହାଙ୍ଗାର୍ ତେ ମାଣ୍ଡିଃ ଇସିନ୍ କିଡ଼ା ।

କଷଟି - ଲେପେସେର୍‌ଦିରି/ଲେଏସେର୍‌ଦିରି (ଓଡ଼ିଆ) - କଷଟି ପଥର ରଖାଯାଇଛି ।

(ହୋ) - ଲେପେସେର / ଲେଏସେର୍‌ଦିରି ଏମାକାନା ।

କରତ - ସେଗଡ଼ (ଓଡ଼ିଆ) - କରତରେ ଗଛ ଚିରା ହୁଏ ।
(ହୋ) - ସେଗଡ଼ତେ ଦାରୁ ଚାଟାଃ ଆଃ ଓ ଆଃ ।

କରଣୀ - ଜା'ଲମ୍‌ଲୁଣ୍ଡିଃ (ଓଡ଼ିଆ) - କରଣୀ ଦ୍ୱାରା ମିସ୍ତ୍ରୀ କାନ୍ଥ ତିଆରି କରୁଛନ୍ତି ।
(ହୋ) - ଜା'ଲମ୍, ଲୁଣ୍ଡିତେ, ଗିନିଲ୍ ବାଇତାନିଃ ଗିନିଲୋଃ ବାଇତାନା ।

ଜଳପାନ - ହେନ୍ଦେପାନ (ଓଡ଼ିଆ) - ଜଳପାନ ଖାଆ ନାହିଁ ।
(ହୋ) - ହେନ୍ଦେପାନ ଆଲମ୍ ଜଅମା ।

କିଏ - ଅକଏ (ଓଡ଼ିଆ) - କାହା କିଏ ଡ଼ାକୁଛି ।
(ହୋ) - ଅକଏ କେଆତାନା ।

କେଉଁମାନେ - ଅକଏ କ (ଓଡ଼ିଆ) - କେଉଁମାନେ ଗଲେ ।
(ହୋ) - ଅକଏ କ ସେନଃ ୟାନା ।

କାହାକୁ - ଅକୟ୍‌କେ (ଓଡ଼ିଆ) - କାହାକୁ ଡ଼ାକୁଛ ।
(ହୋ) - ଅକଏ କେମ୍ କିଆଆ ତାନା ।

କେଉଁମାନଙ୍କୁ - ଅକଏତେକ (ଓଡ଼ିଆ) -କେଉଁମାନଙ୍କୁ କହୁଛ ।
(ହୋ) - ଅକଏ ତେକ ଆମ୍ କାଜିଆ ତାନା ।

କାହାର - ଅକୟାଃ (ଓଡ଼ିଆ) - ଏଇଟା କାହାର ।
(ହୋ) - ନେନା ଅକୟାଃ ।

କେଉଁଠି - ଅକନ୍‌ରେ /ଅକରେ (ଓଡ଼ିଆ) - ମୋ' ଜାମା କେଉଁଠି ।
(ହୋ) - ଆଞ୍ଜାଃ ସୁତୁଇ ଅକନ୍ ରେୟା ।

କେଉଁଗୁଡ଼ିକ - ଅକନାକ (ଓଡ଼ିଆ) - କେଉଁଗୁଡ଼ିକ ମାଗୁଛ ।
(ହୋ) - ଅକନାକମ୍ ଆସିତାନା ।

କେଉଁଟିକୁ - ଅକନା (ଓଡ଼ିଆ) - କେଉଁଟିକୁ ଯାଉଛ ।
(ହୋ) - ଅକନାମ୍ ସେନଃ ତାନା ।

କ'ଣ - ଚିକାନାଃ / ଚିନାଃ (ଓଡ଼ିଆ) - କ'ଣ କରୁଛ ।
(ହୋ) - ଚିକାନାଃ / ଚିନାଃମ୍ ଚିକେତାନା ।

କୌଣସି - ଯେତାନାଃ (ଓଡ଼ିଆ) - କୌଣସି କଥା କୁହନାହିଁ ।
(ହୋ) - ଯେତାନାଃ କାଜି ଆଲମ୍ କାଜି'ୟା ।

କେତେକ - ଚିମିନ୍ / ଚିମିନାଂ/ଚିମିୟାଂ (ଓଡ଼ିଆ) - କେତେକ ଜିନିଷ ଅଛି ।
(ହୋ) - ଚିମିନାଂ / ଚିମିୟାଂ / ଚିମିନ୍ - ଗିନିଷ ମିନାଃ ।

କୁ - କେ / ଗେ (ଓଡ଼ିଆ) - ତାକୁ କୁହ ।

(ହୋ) - ଆଏ କେ / ଗେ କାଜି ୟାଇମେ ।

ଙ୍କର - ୟାଃ / ଆଃ (ଓଡ଼ିଆ) - ଯାହାଙ୍କର ବହୁତ ଅଛି ।

(ହୋ) - ଯାଇଃଇ ୟାଃ / ଏସୁ ପୁରେଃ ମିନାଃ ।

କିନ୍ତୁ - ମେନ୍‌ଦ/ ମେନ୍‌ରେଦ୍ (ଓଡ଼ିଆ) - ଅଛି, କିନ୍ତୁ ଦେବିନାହିଁ ।

(ହୋ) - ମିନାଃ, ମେନ୍‌ଦ କାଞ୍ଚ ଏମାମା ।

କିମ୍ବା - ବାନ୍ତେରେ / ବାନ୍‌ରେଦ (ଓଡ଼ିଆ) - ମାଛ କିମ୍ବା ମାଂସ ଆଣ ।

(ହୋ) - ହାକୁ, ବାନ୍ତେରେ / ବାନ୍‌ରେଦ ଜିଲୁ ଆଗୁଇମେ ।

କାଲେ - ଇଦୁତରାଂ (ଓଡ଼ିଆ) - କାଲେ ସେ ଆସିବ କି ।

(ହୋ) - ଇଦୁତରାଂ ଆଏ ହୁଜୁଃ ଗେ ଚି ।

କାଠସିଡ଼ି - ଦାରୁସିଣି (ଓଡ଼ିଆ) - କାଠ ସିଡ଼ି ଦେଇ ଉପରକୁ ଯାଅ ।

(ହୋ) - ଦାରୁ ସିଣିତେ, ଚିତାନ୍ ତେ ସେନଃ ମେ ।

କାଠ - ସାଆନ୍ (ଓଡ଼ିଆ) - କାଠରେ ଭାତ ରାନ୍ଧ ।

(ହୋ) - ସାଆନ୍ ତେ ମାଣ୍ଡି ଇସିନେମେ ।

କଣ୍ଟା - ଜାନୁମ୍ (ଓଡ଼ିଆ) - ପାଦରେ କଣ୍ଟା ଲାଗିଲା ।

(ହୋ) - ତାଲ୍‌କାରେ ଜାନୁମ୍ ବଲୟାନା ।

କରେଇ - କାରାଇ (ଓଡ଼ିଆ) - କରେଇରେ ତରକାରୀ ରାନ୍ଧ ।

(ହୋ) - କାରାଇରେ ଉତୁ ଇସିନେମ୍ ।

କଳସ - ତୁମିଂ / କାଳାସା (ଓଡ଼ିଆ) - କଳସରେ ପାଣି ଅଛି ।

(ହୋ) - ତୁମିଂ / କାଳାସାରେ ଦାଃ ମିନାଃ ।

କବ୍‌ଜା - ଲାଙ୍ଗାବ୍ (ଓଡ଼ିଆ) - କବାଟରେ କବ୍‌ଜା ଲାଗେ ।

(ହୋ) - ସିଲ୍‌ପିଡ୍‌ରେ ଲାଙ୍ଗାବ୍ ଏମଃ ଆ ।

କଇଁଚି - ରାଘମ୍ (ଓଡ଼ିଆ) - କଇଁଚିରେ ଚୁଟି କାଟ ।

(ହୋ) - ରାଘମ୍‌ତେ ବାଲେ ରାଘମେନ୍‌ମେ ।

କଟୁରି - ବାଙ୍କିଏ (ଓଡ଼ିଆ) - କଟୁରି ଆଣିକି ଆସ ।

(ହୋ) - ବାଙ୍କିଏ ଆଗୁଇମେ ।

କୁରାଢ଼ି - ହାକେ (ଓଡ଼ିଆ) - କୁରାଢ଼ିରେ ଗଛ କାଟ ।

(ହୋ) -ହାକେ ତେ ଦାରୁ ମାଆଃଏ ପେ ।

କୋଡ଼ି - କୁଡ଼୍ଲାମ୍
(ଓଡ଼ିଆ) - କୋଡ଼ି ଆଣି, ମାଟି ହାଣ ।
**(ହୋ) - କୁଡ଼୍ଲାମ୍ ଆଗୁକାତେ, ହାସା ମାଆଃଏ ମେ ।**

କୁଲା - ହାଟାଃ
(ଓଡ଼ିଆ) - କୁଲାରେ ଚାଉଳ ପାଛୋଳିବା ।
**(ହୋ) - ହାଟାଃରେ ଚାଉଲି ଗୁମେ ୟାବୁ ।**

ଖୁଦ - କୁଦି
(ଓଡ଼ିଆ) - ଚାଉଳର କ୍ଷୁଦ୍ରଅଂଶକୁ ଖୁଦ କୁହାଯାଏ ।
**(ହୋ) - ଚାଉଲି ସେରଃକ କୁଦିକ ମେତାଃ ।**

କାକରା - ଚାବୁଃଲାଡ଼
(ଓଡ଼ିଆ) - କାକରାପିଠା ଭଲ ଲାଗେ ।
**(ହୋ) - ଚାବୁଃଲାଡ଼ ଜମ ଏସୁ ସାନାଂଆଁ ।**

କୁଣ୍ଡା - ଲୁପୁଃ
(ଓଡ଼ିଆ) - ଧାନ ପେଶି କୁଣ୍ଡା ବାହାର କରାଯାଏ ।
**(ହୋ) - ବା ବା ଗୁଂ କେ'ରେ ଲୁପୁଃ ଅ-ଲ୍ଲାଃ ।**

କୋଳଥ - କୁଲୁତି
(ଓଡ଼ିଆ) - କୋଳଥକୁ ଡ଼ାଲି କରି ଖିଆଯାଏ ।
**(ହୋ) - କୁଳତି ଡାଆଲିକାତେ କଜମେଆ ।**

କଖାରୁ - କାକାରୁ
(ଓଡ଼ିଆ) - ବାଡ଼ିରେ କଖାରୁ ଲଗାଯାଇଛି ।
**(ହୋ) - କାକାରୁ ରଓ୍ୱାକାନା ।**

କଦଳୀ - କାଦାଲ୍
(ଓଡ଼ିଆ) - କଦଳୀ ପୂଜା କାମରେ ଲାଗେ ।
**(ହୋ) - କାଦାଲ ବାଙ୍ଗା ବୁରୁ ପାଇଟିରେ ହଜୁଃଏ ।**

କନ୍ଦମୂଳ - ଆଣିସଂଗା
(ଓଡ଼ିଆ) - କନ୍ଦମୂଳ ମାଟିରେ ଫଳେ ।
**(ହୋ) - ଆଣିସଂଗା ହାସାରେ ଦାକାଓ୍ୱା ।**

କୋବି - କୁବି
(ଓଡ଼ିଆ) - ଅକ୍ଟୋବର ମାସରେ କୋବି ଲଗାଯାଏ ।
**(ହୋ) - କହରା ଚାଣ୍ଡୁଃଉ ରେ କୁବି ରଆଃଏତେୟା ବୁଗିନେ ।**

କରମଙ୍ଗା - ମରଏହାତାନାଃ
(ଓଡ଼ିଆ) - କରମଙ୍ଗା ଖଟା ଲାଗେ ।
**(ହୋ) - ମରଏଃ ହାତାନାଃ ମରୟାଃ ।**

କାକୁଡ଼ି - ତାୟାର୍
(ଓଡ଼ିଆ) - ଖରାଦିନେ କାକୁଡ଼ି ଖାଇବା ଭଲ ।
**(ହୋ) - ଜେଟେ ସିଂଙ୍ଗି ତାୟାର୍‌ଜମ୍ ବୁଗିନେ ।**

କଇଁ - ସାଲୁକେଡ଼୍ବାଆ
(ଓଡ଼ିଆ) - ପୋଖରୀରେ କଇଁଫୁଲ ଫୁଟିଛି ।
**(ହୋ) - ସାଲୁକେଡ଼୍ବାଆ ବାନ୍ଧାରେ ପୁଟା ଓ୍ୱା କାନା ।**

କୃଷ୍ଣଚୂଡ଼ା - ରାଜାବାଆ
(ଓଡ଼ିଆ) - କୃଷ୍ଣଚୂଡ଼ା ଫୁଲ ସୁନ୍ଦର ଦେଖାଯାଏ ।
**(ହୋ) - ରାଜାବାଆ ସୁଗାଳ ନେଲଃଓ୍ୱ ।**

କପା - କାଡ୍‌ସମ (ଓଡ଼ିଆ) - କପାରୁ ସୂତା ତିଆରି ହୁଏ ।

(ହୋ) - କାଡ୍‌ସମ ମାଏତେ ସୁତେମ୍ ବାଇଓ୍ୱା ।

କାମିଜ୍ - ସୁତୁଇ (ଓଡ଼ିଆ) - ଗାଧୋଇ ସାରି କାମିଜ୍ ପିନ୍ଧିବା ।

(ହୋ) - ଅଲା ସେକାୟାନ୍ତେ ସୁତୁଇବୁ ହରଃୟା ।

କାନଫୁଲ - ଲୁଲୁକି (ଓଡ଼ିଆ) - ଝିଅମାନେ କାନଫୁଲ ବ୍ୟବହାର କରନ୍ତି ।

(ହୋ) - କୁଇହନ୍‌କ ଲୁଲୁକି ଲୁତୁର୍‌ରେକ ଡୁଂଗେୟା ।

କାଚ - କାଚ (ଓଡ଼ିଆ) - ଲଣ୍ଠନରେ କାଚ ଲାଗିଛି ।

(ହୋ) - ଲାଣ୍ଟେନ୍‌ରେ କାଚ ମିନାଃ ।

କଟାସ - ବାଓଃ (ଓଡ଼ିଆ) -କଟାସ କୁକୁଡ଼ା ଖାଏ ।

(ହୋ) -ବାଓଃ ସିମକ ଜମା ।

କୁକୁର - ସେତା (ଓଡ଼ିଆ) -କୁକୁର ଭୁକେ ।

(ହୋ) -ସେତା ବୁଃଇଏ ।

କୋକିଶିଆଳି - କିଂକିଳି (ଓଡ଼ିଆ) -କୋକିଶିଆଳି ଖୁବ୍ ଜୋର୍ ଦୌଡ଼ି ପାରେ ।

(ହୋ) - କିଂ କିଳିତୁୟୁ ଏସୁ କେଲେଃ ନିର୍ ଦାୟିଏ ।

କପୋତ - ପୁତେମ୍ (ଓଡ଼ିଆ) -କପୋତ ଉଡୁଛି ।

(ହୋ) -ପୁତେମ୍ ଆପିରେ କାନା ।

କାଉ - କାଆଃ (ଓଡ଼ିଆ) -କାଉ ଭୋର୍ ସକାଳେ ରାବେ ।

(ହୋ) -କାଆଃ, ଆଂ ପାୟାଁ ତର୍‌ସାଃ ରାଃୟା ।

କଣ୍ଟିବଗ - ପିସ୍‌କା କଃଅ/ବିଲେଇ କଃଅ (ଓଡ଼ିଆ) -କଣ୍ଟିବଗ ମାଛ ଜଗିଛି ।

(ହୋ) - ପିସ୍କା କଃଅ, ହାକୁଃ ଲଲ ତାନା ।

କାଠ ହଣା - ଏ ରେଅୟେ (ଓଡ଼ିଆ) - ଶୃଙ୍ଖଳା ଗଛରେ କାଠହଣା ଚଢ଼େଇ ବସିଛି ।

(ହୋ) - ରଅ ଦାରୁରେଏ ରେ ଅୟ ଦୁବେ କେନେ ।

କୁକୁଡ଼ା - ସିମ୍ (ଓଡ଼ିଆ) -କୁକୁଡ଼ା ଅଗଣାରେ ଚରୁ ଅଛି ।

(ହୋ) -ସିମ୍ ରାଚ୍ଚରେ ଆଟିଂ ତେନେ ।

କିହୋ - ଆତେ (ଓଡ଼ିଆ) -କିହୋ..... କଥା ଶୁଣୁନ ଯେ,

(ହୋ) - ଆତେୟା..... କାଜି କାମ ଆୟୁମେ ତାନା ଦା....

କଡ଼ା କଡ଼ି /କାଲାଙ୍କାଶ (ନିୟମ) (ଓଡ଼ିଆ) - କଡ଼ାକଡ଼ି ନିୟମ ହେଉ ।

(ହୋ) - କଲାଙ୍କାଶ ନିୟମ ହବାଓଃମା ।

କପଟ (ଅଶ୍ରୁ) - ଲାବାଃ(ମେଃଦାଃ) (ଓଡ଼ିଆ) - କପଟ ଅଶ୍ରୁ ଦେଖାଉ ଅଛି ।
(ହୋ) - ଲାବାଃ ମେଡ୍‌ଦାଃ ଜରଓ୍ୱାଇ ତେନେ ।

କଞ୍ଚା (ଦୁଧ) - ବେରେଲ୍ ତଆ (ଓଡ଼ିଆ) - କଞ୍ଚା ଦୁଧରେ ପାଣି ମିଶିଛି ।
(ହୋ) - ବେରେଲ୍ ତଓ୍ୱା ରେକ ଦାଃ ତାଡ଼ା ।

କୋମଳ ହୃଦୟ -ଲେମେଂ ଜୀଇ/ଲେଏମ୍‌ଜୀଇ (ଓଡ଼ିଆ) - କୋମଳ ହୃଦୟୀ ମାଆ ।
(ହୋ) - ଲେମେଂ/ଲେଏମ୍ ଜୀଇ ଏଙ୍ଗା / ଏୟାଂ ।

କୁତ୍ସିତ (କର୍ମ) - ଏଡ଼୍‌କାନ୍ ପାଇଟି (ଓଡ଼ିଆ) - କୁତ୍ସିତ କର୍ମ କରନ୍ତୁ ନାହିଁ ।
(ହୋ) - ଏଡ଼କାନ୍ ପାଇଟି କାବୁଏଃ ।

କୁତ୍ସିତ (ବ୍ୟବହାର) (ଓଡ଼ିଆ) - ଭଦ୍ର ବ୍ୟକ୍ତିଙ୍କୁ କୁତ୍ସିତ ବ୍ୟବହାର କରିବା ନାହିଁ ।
(ହୋ) - ସେୟାଁନ ହୋଂକ ଏଡ଼କା କାବୁରିକେଏ କଆ ।

କଦର୍ଯ୍ୟ ପାଗ - ଏଡ଼୍‌କାନ୍‌ଦାଃ (ଓଡ଼ିଆ) - ଆଜି କଦର୍ଯ୍ୟ ପାଗ କରିଛି ।
(ହୋ) - ତିସିଂଙ୍ଗା ଦାଃ ଗାମା ଏଡ଼କାଃ ।

କଅଁଳ କଥା - ଲେଏମ କାଜି/ଲାଅର କାଜି (ଓଡ଼ିଆ) - ମାଆ କଅଁଳିଆ କଥା କହୁଛନ୍ତି ।
(ହୋ) - ଏୟାଂ ଲେଏମ୍ / ଲାଆର୍ କାଜିଃ କାଜିଇତାନା ।

## 'ଖ'

ଖୋସା - ରେବେଡ଼୍ (ଓଡ଼ିଆ) - କାନରେ ଫୁଲ ଖୋସି ଅଛି ।
(ହୋ) - ଲୁତୁରରେ ବାଆଏଃ ରେବେଡ଼୍ ତାଡ଼ା ।

ଖପୁରୀ - ଟାଙ୍ଗୁରୁଜାଂ (ଓଡ଼ିଆ) -ମୁଣ୍ଡରୁ ଖପୁରୀ ହାଡ଼ ବାହାରେ ।
(ହୋ) - ବହଃ ଅୟତେ ଟାଙ୍ଗୁରୁଜାଂ ଅଲୁଆଃ ।

ଖୁଡ଼ି - ଗାଉଞ୍ଜ / କାକି (ଓଡ଼ିଆ) - ଖୁଡ଼ି ଡ଼ାକୁଛନ୍ତି ।
(ହୋ) - ଗାଉଞ୍ଜ୍ / କାକି କିଆତାନା ।

ଖୁଡୁତାଶୁର - କାକାହୟାଁର (ଓଡ଼ିଆ) - ଖୁଡୁତାଶୁର ଆସିଛନ୍ତି ।
(ହୋ) - କାକା ହୟାଁର୍ ତେକିଂ ହୁଜୁଃ କାନା ।

ଖଳା - କଲମ (ଓଡ଼ିଆ) - ଖଳାରେ ଧାନ ରଖାଯାଏ ।
(ହୋ) - କଲମରେ ବାବାକ ଏମେୟା ।

ଖୁନ୍ଦ - କୁଣ୍ଟୁ (ଓଡ଼ିଆ) - ଖୁଣ୍ଟ ବିନା ଘର ହୋଇପାରେନା ।
(ହୋ) - କୁଣ୍ଟୁକାରେ ଅଓ୍ୱାଃ କା ବାଇଓ୍ୱା ।

ଖୁଣ୍ଟି - ଖୁନଟା / କୁଣ୍ଟୁ (ଓଡ଼ିଆ) - ବାଡ଼ ଛିଡ଼ା କରିବା ଖୁଣ୍ଟି ଦରକାର ହୋଇଥାଏ ।
**(ହୋ) - ବାକାଇ ଟିଙ୍ଗୁ ଲାଗିଡ଼ କୁଣ୍ଟୁ ଗରଜ ମିନାଃ ।**

ଖିଲ - କିଲେ / ବଏରା (ଓଡ଼ିଆ) - ଲଙ୍ଗଳରେ ଖିଲ ମାରିବା ।
**(ହୋ) - ନାଆଇଲ୍‌ରେ କିଲେ କିଲୁମାକାନା ।**

ଖିଡ଼ିକି - ସିଂକିଲି (ଓଡ଼ିଆ) - କବାଟରେ ଖିଡ଼ିକି ଲାଗିଚି ।
**(ହୋ) - ଟାଟିରୋ ସିଂକିଲି କିଲୁମମେ କେନେ ।**

ଖଟ - ପାରକମ୍ (ଓଡ଼ିଆ) - ଖଟରେ ଶୋଇବା ।
**(ହୋ) - ପାରକମ୍‌ରେବୁ ଗିତିଃଇଏ ।**

ଖଟପୁଆ - ପାରକମ୍‌ଟୁକୁ (ଓଡ଼ିଆ) - ଖଟପୁଆ ଭାଙ୍ଗି ଯାଇଅଛି ।
**(ହୋ) - ପାର୍‌କମ୍ ଟୁକୁ ରାପୁଡ଼େ କେନେ ।**

ଖଇଁଚି - କୁମ୍ଭାଡ଼ (ଓଡ଼ିଆ) - ଖଇଁଚିରେ ମାଛ ଧରାଯାଏ ।
**(ହୋ) - କମ୍ଭାଡ଼ତେ ହାଇକବୁ କୁମ୍ଭାଡ୍‌କଆ ।**

ଖଣତି - ଜିମ୍ଭିରି (ଓଡ଼ିଆ) - ଗଣତିରେ ମାଛ ଧରାଯାଏ ।
**(ହୋ) - ଜିମ୍ଭିରିତେ ହାକୁକକ ସାବ୍ କଓ୍ୱା ।**

ଖେଳନା - ଇନୁଂତେୟାଃ (ଓଡ଼ିଆ) - ଖେଳନାରେ ପିଲା ଖେଳୁଛି ।
**(ହୋ) - ଇନୁଂତେୟାଃ ତେହନ ଇନୁଂତାନା ।**

ଖୁର - ହଲାଡ୍ (ଓଡ଼ିଆ) - ଖୁର୍ ଖାଇଯାଇଛି ।
**(ହୋ) - ହଲାଡ୍ ହାର୍ ଋବା ଆକାନା ।**

ଖଇ - ବାବାଆତା (ଓଡ଼ିଆ) - ଖଇ ପୂଜା କାମରେ ଲାଗେ ।
**(ହୋ) - ବାବା ଆତା ବଙ୍ଗା ପାଇଟିରେ ଆଗୁଉ ଏଃ ।**

ଖଟା - ମରଃଏ (ଓଡ଼ିଆ) - ଖଟା ବହୁତ ଭଲ ହୋଇଛି ।
**(ହୋ) - ମରଏଃ ଉଟୁ ଏସୁ ବୁଗି ବାଇୟାକାନା ।**

ଖିରି - ନଗଡ଼ ଲେ'ମାଣ୍ଡି (ଓଡ଼ିଆ) - ଖିରି ଖାଇବା ।
**(ହୋ) - ନଗଡ୍ ଲେଏ ମାଣ୍ଡିବୁ ଜମେୟା ।**

ଖୁରା - ଘାଁ (ଓଡ଼ିଆ) - ଗାଈର ଖୁରାରେ ଘାଁ ହୋଇଛି ।
**(ହୋ) - ଗୁଣ୍ଡି ଘାଁ ରେଃ ଗାଓ୍ୱାଃ କାନା ।**

ଖଣ୍ଡ - ଡୁମେଂ /କେୟଃ/ପାଲାଃ/ହିତେଡ଼ (ଓଡ଼ିଆ) - ମାଟି ଖଣ୍ଡ ନେଇ ଆସ ।
**(ହୋ) - ହାସା ଡୁମେଂ ଆଗୁଇମେ ।**

ଖତିଆନ୍ - ଟିକଟ ସାକାମ

(ଓଡ଼ିଆ) - ଖତିଆନ୍ ଚିରିଯାଇଛି ।
(ହୋ) - ଟିକସ ସାକାମ୍ ଘ ଘ ଆଃଆ କାନା ।

ଖସଡ଼ା - ଜିଜିଲେଡ଼

(ଓଡ଼ିଆ) - ରାସ୍ତା ବହୁତ ଖସଡ଼ା ହୋଇଛି ।
(ହୋ) - ହରା ଏସୁ ପୁରେଃ ଜିଜିଲେଡ଼୍ ଗେୟା ।

ଖରିଦ୍ ମୂଲ୍ୟ - କିରିଂ ଗନଂ /ଦ'ର

(ଓଡ଼ିଆ) - ବହିର ଖରିଦ ମୂଲ୍ୟ ବହୁତ ବେଶୀ ।
(ହୋ) - ପୁତିରେୟାଃ କିରିଂ ଗନଂ ଏସୁ ପୁରେଃ ।

ଖରିଦ୍ - କିରିଂ

(ଓଡ଼ିଆ) - ଖରିଦ୍ କରି ଆଣ ।
(ହୋ) - କିରିଂ ଆଗୁଇମ୍ ।

ଖାଇବା ଘର - ଜଅମ୍ ଅଓ୍ୱାଃ

(ଓଡ଼ିଆ) - ଖାଇବା, ଘରକୁ ଆସ ।
(ହୋ) - ଜଅମ୍ ଅଓ୍ୱାଃତେ ହୁଜୁଃମେ ।

ଖଲାସି-ଜଃ ଇଲାଃନିଃ/ଦେଏଙ୍ଗାନିଃ

(ଓଡ଼ିଆ) - ଖଲାସି ଜିନିଷ ବାହାର କଲା ।
(ହୋ) - ଦେଏଙ୍ଗା ନିଃ ଗିନିଷ କଏଃ ଅଲ୍ଲ କେଡ଼ା ।

ଖଣି - କାଦାନ୍

(ଓଡ଼ିଆ) - ଖଣିରେ କାମ କରୁଛନ୍ତି ।
(ହୋ) - କାଦାନ୍‌ରେ ପାଇଟି ଟାନାକ ।

ଖେଳ - ଇନୁଂ / ଉନୁଂ

(ଓଡ଼ିଆ) - ଆସ ଖେଳିବା ।
(ହୋ) - ଇନୁଂନିଃ ଇନୁଂ ଟାନା ।

ଖେଳାଳୀ - ଇନୁଂନିଃ/ଇନୁଂହ

(ଓଡ଼ିଆ) - ଖେଳାଳୀ ଖେଳୁଛି ।
(ହୋ) - ଏଲବୁ ଇନୁଂଆ ।

ଖେଳ ପଡ଼ିଆ - ଇନୁଂଟାଣ୍ଡି / ଇନୁଂଗଲା

(ଓଡ଼ିଆ) - ଖେଳ ପଡ଼ିଆ ଛୋଟ ଅଛି ।
(ହୋ) - ଇନୁଂ ଟାଣ୍ଡି / ଗଲା ହୁଲିଂଙ୍ଗା ।

ଖପରା ଖେଳ - କେଚ୍ଃ ଇନୁଂ

(ଓଡ଼ିଆ) - ଖପରା ଖେଳ ଖେଳିବା ।
(ହୋ) - କେଚ୍ଃ ଇନୁଂ ବୁ ଇନୁଙ୍ଗା ।

ଖୋସା - ଟିଲ୍ମିଂ

(ଓଡ଼ିଆ) - ଖସା ବହୁତ ମହଙ୍ଗା ଅଟେ ।
(ହୋ) - ଟିଲ୍ମିଂ ଏସୁଗନଂଙ୍ଗା ।

ଖଟିବା - ଜୁଲୁଂ

(ଓଡ଼ିଆ) - କାମରେ ଖଟିବା ।
(ହୋ) - ପାଇଟିରେବୁ ଜୁଲୁଙ୍ଗା ।

ଖସିବା - ଇୟୁଃ, ନୁର୍

(ଓଡ଼ିଆ) - ଫଳ ଖସିଲା ।
(ହୋ) - ଜଅ ଇୟୁଃ / ନୁର୍ ୟାନା ।

ଖାଇବା - ଜମ୍ (ଓଡ଼ିଆ) - ଆସ ଭାତ ଖାଇବ ।
(ହୋ) - ଏଲା ହୁଜୁଃମ୍ ମାଣ୍ଡି ଜମେମେ ।

ଖୁଆଇବା - ଆଜମ୍ (ଓଡ଼ିଆ) -ମାଆ ଛୁଆକୁ ଭାତ ଖୁଆଉ ଅଛି ।
(ହୋ) - ଏଙ୍ଗା ହନ୍‌କେ ମାଣ୍ଡିଃ ଆଜମିଇ ତାନା ।

ଖୁମ୍ପିବା - ସଦା (ଓଡ଼ିଆ) - କାଉ ଖୁମ୍ପିଲା ।
(ହୋ) - କାଆଃ ସଦା କିଃୟେ ।

ଖଞ୍ଜିବା - ତୁକେମ୍ (ଓଡ଼ିଆ) - ସୂତାକୁ ଖଞ୍ଜ ।
(ହୋ) - ସିଡ୍ ସୁତେମ୍‌କେ ତୁକେମେମ୍ ।

ଖତେଇ - ଏତଲ (ଓଡ଼ିଆ) -ମୋତେ ଦେଖି ଖତେଇ ହେଉଛି ।
(ହୋ) - ଆଞ୍ଜ୍ ନେଲ୍ କାତେ, ଏତଲିଞ୍ଜ ତାନା ।

ଖୁଣିବା - ଉଲତାଃଆ/ଉକୁତା (ଓଡ଼ିଆ) - ଦେଖ କେମିତି ସେ ଖୁଣୁଛି ।
(ହୋ) - ନେଲି'ଇ ମେ, ହାନିଃ ଉକୁଇ ତେନେ ।

ଖୁଆିବା - ହଟର୍ / ତୁଣ୍ଡୁରେ / ହଲର୍/ ଗୁତୁ/ ଟୁଉଞ୍ଜ (ଓଡ଼ିଆ) - ତାକୁ ଖୋଞ୍ଚ ନାହିଁ ।
(ହୋ) - ଆଏକେ ଆଲମ୍ ହଟରି'ଇୟେ ।

ଖୋଳିବା - ଉର୍‌ନାମ୍ (ଓଡ଼ିଆ) - ଆଳୁ ଖୋଳିବା ।
(ହୋ) - ସାଙ୍ଗାକୁ ଉର୍‌ନାମେୟା ।

ଖୋଲିବା - ନିଃଇଁ (ଓଡ଼ିଆ) - କବାଟ ଖୋଲ ।
(ହୋ) - ସିଲ୍ ପିଡଂ ନିଃ ଇଁ ମେ ।

ଖୋଷିବା - ହର୍‌ସଡ୍/ରେବେଡ଼ (ଓଡ଼ିଆ) - ତାକୁ ଜଳରେ ଖୋଷି ଦିଅ ।
(ହୋ) - ଏନାକେ ବୁସୁଃରେ / ଋନ୍ଦା ଇରେ ହର୍‌ସଡ଼ ତାଆମେ ।

## 'ଗ'

ଗାଲ - ଜଓ୍ୱା (ଓଡ଼ିଆ) - ଗାଲରେ, କଳା ହୋଇଛି ।
(ହୋ) - ଜଓ୍ୱାରେ, ହେନ୍ଦେୟା କାନା ।

ଗଳା - ଉଡ୍‌ଟଓ୍ୱାଃ (ଓଡ଼ିଆ) - ଗଳା ବିନ୍ଧୁଛି ।
(ହୋ) - ଉଡ୍‌ଟୁଓ୍ୱାଃ ହାସୁତାନା ।

ଗଣ୍ଡି - ଉଟି (ଓଡ଼ିଆ) -ଗଣ୍ଡିରେ ପିଟି ହେଲା ।
(ହୋ) - ଉଟିରେ ଟା'ମ୍ ଜାନା ।

| | |
|---|---|
| ଗୋଡ଼ - କାଟା | (ଓଡ଼ିଆ) - ଗୋଡ଼ ନାହିଁ ।<br>**(ହୋ) - କାଟା ବାନଃଆ ।** |
| ଗୋଇଁଠି - ଇଣ୍ଡିକେ | (ଓଡ଼ିଆ) - ଗୋଇଁଠିରେ କଣ୍ଟା ପଶିଲା ।<br>**(ହୋ) - ଇଣ୍ଡିକେ ରେଞ୍ଜା ନୁମେୟାନା ।** |
| ଗେଡ଼ା - ବାଲାମ୍ / ଡୁମ୍ବୁରୁବ୍ | (ଓଡ଼ିଆ) - ଗେଡ଼ା ଲୋକ ।<br>**(ହୋ) - ବାଲାମ୍ / ଡୁମ୍ବୁରୁବ୍ ହୋ ।** |
| ଗଳଗଣ୍ଡି - ଜାଳି | (ଓଡ଼ିଆ) - ଗଳଗଣ୍ଡିଆ ହୋଇଛି ।<br>**(ହୋ) - ଲେ'ଏକାନିଃ ଲେକାତାନା ।** |
| ଗୁରୁ - ଗୁରୁ | (ଓଡ଼ିଆ) - ଗୁରୁ ଆସୁଛନ୍ତି ।<br>**(ହୋ) - ଗୁରୁକିଂ ହୁଜୁଃ ତେନେ ।** |
| ଗାୟକ - ଦୁରୁଓ୍ୱା, ଦୁରେଂନିଃ | (ଓଡ଼ିଆ) - ଗାୟକ ଗାଉଛନ୍ତି ।<br>**(ହୋ) - ଦୁରେଂନିଃ / ଦୁରୁଓ୍ୱା ଦୁରେଂତେନେ ।** |
| ଗଉଡ଼ - ଗାଉ | (ଓଡ଼ିଆ) - ଗଉଡ଼ୁଣି କ୍ଷୀର ଦୁହୁଁଛନ୍ତି ।<br>**(ହୋ) - ଗାଉଏରା ତଓ୍ୱାଃ ତାଡିଇଃତେନେ ।** |
| ଗଣିତଜ୍ଞ - ଗାଗାଣିଃ | (ଓଡ଼ିଆ) - ଗଣିତଜ୍ଞ ଆସୁନାହାନ୍ତି ।<br>**(ହୋ) - ଗାଗାଣିଃ ତିକିଂ ହୁଜୁଃତାନା ।** |
| ଗୁଡ଼ିଆ - ମିଟାଇବା ଇନିଃ | (ଓଡ଼ିଆ) - ଗୁଡ଼ିଆ ମିଠାଇ ଆଣିଛି ।<br>**(ହୋ) - ମିଟାଇବାଇନିଃ, ମିଟେଇ ଆଗୁତାଡ଼ା ।** |
| ଗରା - ଗାଗାରା | (ଓଡ଼ିଆ) - ଗରାରେ ପାଣି ନାହିଁ ।<br>**(ହୋ) - ଗାଗାରାରେ ଦାଆଃ ବାନଃଆ ।** |
| ଗିଲାସ - ଚଙ୍ଗା | (ଓଡ଼ିଆ) - ଗିଲାସ ନେଇ ଆସ ।<br>**(ହୋ) - ଚଙ୍ଗା ଆଗୁଇମେ ।** |
| ଗୁଆ - ମେଟଲ୍ ଜାଂ | (ଓଡ଼ିଆ) - ଗୁଆ ଆଣ ।<br>**(ହୋ) - ମେଲ୍ଲେ ଜାଂ ଆଗୁଇମେ ।** |
| ଗେଣ୍ଡୁ - ନାର୍‌ଗୁଲେ/ନାଲ୍‌ଗୁଲା | (ଓଡ଼ିଆ) - ଗେଣ୍ଡୁ ଫୁଲ ଫୁଟିଛି ।<br>**(ହୋ) - ନାର୍‌ଗୁଲେ / ନାଲ୍‌ଗୁଲେବାଆ, ବାଆକାନା ।** |
| ଗୋଲାପ - ଗୁଲାବ୍ | (ଓଡ଼ିଆ) - ଗୋଲାପ ଫୁଲ ନାହିଁ ।<br>**(ହୋ) - ଗୁଲାବ୍ ବାଆ ବାନଃଆ ।** |

| | | |
|---|---|---|
| ଗବ - ଟଟକାବିନ୍ଦି | (ଓଡ଼ିଆ) - ଗବ ମଞ୍ଜିରୁ ତେଲ ବାହାରେ । |
| | (ହୋ) - ଟଟକା ବିନ୍ଦି ଜଅୟେତେ ସୁନୁମ୍ ଅଲ୍‌ଆଃ । |
| ଗଛର ଚେର - ଦାରୁ ରେୟାଃ ରେଏଡ଼ | (ଓଡ଼ିଆ) - ଗଛର ଚେର ଅଛି । |
| | (ହୋ) - ଦାରୁରେ ୟାଃରେଏଡ୍ ମିନାଃ । |
| ଗଛର ଶାଖା - ଦାରୁରେ ୟାଃକତ | (ଓଡ଼ିଆ) - ଗଛର ଶାଖା ବହୁତ । |
| | (ହୋ) - ଦାରୁରେୟାଃ କତ ଏସୁ ପୁରେଃ । |
| ଗଛର ଛେଲୀ - ଦାରୁରେୟାଃ ଚକାଃ ଦାରୁବାକାଲାଃ / ଦାରୁହାର୍‌ତାଃ | (ଓଡ଼ିଆ) - ଗଛର ଛେଲୀ ବହୁତ ମୋଟା । |
| | (ହୋ) - ଦାରୁହାର୍‌ତାଃ / ଚକାଃ / ଏସୁ ଇବିଲା । |
| ଗଛର ଓହଳ - ଦାରୁଜର / ଜରଏ | (ଓଡ଼ିଆ) - ଗଛର ଓହଳ ଛିଣ୍ଡି ଯାଉଛି । |
| | (ହୋ) - ଦାରୁଜର /ଜରଏ ସିଡ଼ଃ ଟାନା । |
| ଗାମୁଛା - ଗାମୁଁଛା | (ଓଡ଼ିଆ) - ଗାମୁଛାରେ ପୋଛି ଦିଅ । |
| | (ହୋ) - ଗାମ୍‌ଛାତେ ଜଡ଼େନ୍ ମେ । |
| ଗେଞ୍ଜି - ଗାଞ୍ଜି | (ଓଡ଼ିଆ) - ଗେଞ୍ଜି ପିନ୍ଧ । |
| | (ହୋ) - ଗାଞ୍ଜିନ୍ ମେ । |
| ଗୋଡ଼ ଖଡୁ - କାଟା ଆନ୍ଦୁ | (ଓଡ଼ିଆ) - ଗୋଡ଼ରେ ଖଡୁ ପିନ୍ଧି ନାହିଁ । |
| | (ହୋ) - କାଟାରେ କାଏ ଆନ୍ଦୁ ଏ କାନା । |
| ଗଧ - ଗାଦା | (ଓଡ଼ିଆ) - ଗଧ ଉପରେ ବସ । |
| | (ହୋ) - ଗାଦା ଚିତାନ୍‌ରେ ଦୁବ୍‌ମେ । |
| ଗୟଳ - ସାଇଁଲ୍ | (ଓଡ଼ିଆ) - ଗୟଳ ଦୌଡ଼ିଛି । |
| | (ହୋ) - ସାଇଁଲ୍ ନିରେ କେଡ଼େ । |
| ଗଣ୍ଡା - ଦାଃ ହାତୀ | (ଓଡ଼ିଆ) - ଗଣ୍ଡା ପାଣିରେ ଅଛି । |
| | (ହୋ) - ଦାଃ ହାତୀ ଦାଃ'ରେ ମିନାଃଇଏ । |
| ଗୁଣ୍ଡୁଚି ମୂଷା - ତୁଉ | (ଓଡ଼ିଆ) - ଗୁଣ୍ଡୁଚି ମୂଷା ଖେଳୁଛି । |
| | (ହୋ) - ତୁଉ ଇନୁଂ ତେନେ । |
| ଗେଣ୍ଡାଳିଆ - କାଂକି | (ଓଡ଼ିଆ) - ଗେଣ୍ଡାଳିଆ ଉଡି ଗଲା । |
| | (ହୋ) - କାଂକି ଆପିର୍ ୟାନା । |
| ଗୁଣ୍ଡୁରୀ - ତୁଉର୍‌ଃ | (ଓଡ଼ିଆ) - ଗୁଣ୍ଡୁରୀ ଚଢ଼େଇ ଘାସରେ ଲୁଚିଲା । |
| | (ହୋ) - ତୁଉର୍‌ଃ ଅୟ ଦୁମୁରେଃ ବଲ ୟାନା । |

ଗୋଧି - ତଅର଼ଃ (ଓଡ଼ିଆ) - ଗୋଧୀ ପଳାଇଲା ।
(ହୋ) - ତଅର଼ଃ ନିର଼ଜାନା ।

ଗୋଖର - ପାଣ୍ଟୁନାଗୁ (ଓଡ଼ିଆ) - ଗୋଖର ସାପ ଅଛି ।
(ହୋ) - ପାଣ୍ଟୁନାଗୁ ବିଂ ମିନାଇଃ ୟେ ।

ଗଉଡୁଣୀ ପୋକ - ବାକୁଡ଼୍‌ଚିଦୁ (ଓଡ଼ିଆ) - ଗଉଡୁଣୀ ପୋକ ଯାଉଅଛି ।
(ହୋ) - ବାକୁଡ଼ ଚିଦୁ ବାକୁଡ଼୍ ବାକୁଡ଼୍ ଇଡ଼େନ୍‌ତାନା ।

ଗୋବର ପୋକ - ଗୁରିଃ ଚିଦୁ (ଓଡ଼ିଆ) - ଗୋବର ପୋକ ଗଡ଼ି ବୁଲୁଛି ।
(ହୋ) - ଗୁରିଃ ଚିଦୁ ବାଟି ବାଆନ୍ ତାନା ।

ଗାଳିସି - ହାରାଁଅୟାଡ଼୍ (ଓଡ଼ିଆ) - ମାଛ ଗାଳିସି ପକାଇଦିଅ ।
(ହୋ) - ହାକୁ / ହାଇ ହାରାଁୟାଡ଼ ଏଳାଃତାଆମ୍ ।

ଗେଣ୍ଡା - ଗେଣ୍ଡା (ଓଡ଼ିଆ) - ଗେଣ୍ଡା ପାଣିରେ ଅଛି ।
(ହୋ) - ଗେଣ୍ଡା ଦାଆଃରେ ମିନାଇ ୟେ ।

ଗୋଳା - ଗୁଇ (ଓଡ଼ିଆ) - ମାଟି ଗୋଳା ତିଆରି କରି ଖେଳିବା ।
(ହୋ) - ହାସା ଗୁଇ ବାଇ କୋଟେ'ବୁ ଇନୁଙ୍ଗାବୁ ।

ଗଦା - ମାର଼ତୁଲ୍ (ଓଡ଼ିଆ) - ଗଦାରେ ପିଟିବା ।
(ହୋ) - ମାର଼ତୁଲତେ ତାମ୍‌କିଃଏ ।

ଗୋଲାମ୍ - ହବରି (ଓଡ଼ିଆ) - ତାଙ୍କର କଥା ମାନି ଗୋଲାମ୍ ହୋଇ ରହିଛନ୍ତି ।
(ହୋ) - ଆକିନାଃ କାଜି ହବର୍ କାତେ ମିନାଃ କିନା ।

ଗୁମ୍ଫା - ଗଙ୍ଗରଃ (ଓଡ଼ିଆ) - ଗୁମ୍ଫାରେ ଭାଲୁ ନାହିଁ ।
(ହୋ) - ଗଙ୍ଗର଼ଃରେ (ବାଲୁ) ଦାନ୍‌ଗୀ ବାଙ୍ଗାଇଃୟେ ।

ଗ୍ରାମ - ହାତୁ / ସାଇ (ଓଡ଼ିଆ) - ଗ୍ରାମରେ ଲୋକ ଅଛନ୍ତି ।
(ହୋ) - ହାତୁରେ ହୋନ କ ମିନାଃ କଓ୍ବା ।

ଗଳି - କଗ୍ (ଓଡ଼ିଆ) - ଗଳି ରାସ୍ତାରେ ଯାଅ ।
(ହୋ) - କଗ୍ ହରାତେ ସେନଃ ମେ ।

ଗ୍ରହଣ - ଗାର଼ନା / ଗାଉଇଃ (ଓଡ଼ିଆ) - ଚନ୍ଦ୍ର ଗ୍ରହଣ ହୁଏ ।
(ହୋ) - ଚଣ୍ଡୁଃ ଗାର଼ନାଓ୍ବ ଆଃ ।

ଗ୍ରୀଷ୍ମ - ଜେଏଟ (ଓଡ଼ିଆ) - ଗ୍ରୀଷ୍ମଦିନ ବହୁତ ଗରମ ।
(ହୋ) - ଜେଟେ ସିଙ୍ଗି ଏସୁ ଲଲଓ୍ବା ।

ଗାଢ଼ ନାଲି - ଜେଂଗେଡ୍ (ଓଡ଼ିଆ) - ଗାଢ଼ନାଲି ଶୀଘ୍ର ଜଣା ପଡ଼େ ।
(ହୋ) - ଜେଂଗେଡ୍ ଆଞ୍ଜାଆ ଉରୁମଃଆ ।

ଗେରୁ - ତାରା ସାସାଂ (ଓଡ଼ିଆ) - ଗେରୁଆ ବସ୍ତ୍ର ପିନ୍ଧିବା ।
(ହୋ) - ତାରା ସାସାଂ ଡେୟାଃ ବୁ ତଲେଆ ।

ଗ୍ରୀଷ୍ମଛୁଟି - ଜେଏଟେ ହକା (ଓଡ଼ିଆ) - ଗ୍ରୀଷ୍ମ ଛୁଟି ଦୁଇ ମାସ ହୁଏ ।
(ହୋ) - ଜେଏଟେ ହକା, ବାର୍ ଘଣ୍ଟଃ ହବାନା ।

ଗିରଫ - ତଲ୍ ଇଡ଼ (ଓଡ଼ିଆ) - ତାକୁ ଗିରଫ କରାଯାଉ ।
(ହୋ) - ଆଏକେ ତଲ ଇଦି'ମେ ।

ଗ୍ରାହକ - ନାମେନିଃ / ଇଦିନିଃ (ଓଡ଼ିଆ) - ଗ୍ରାହକ ନାହିଁ ।
(ହୋ) - ନାମେନ / ଇଦିଃ ବାଙ୍ଗାଇଃୟେ ।

ଗାଡ଼ି ବଖରା - ଗାଡ଼ିଡ଼ାବା (ଓଡ଼ିଆ) - ରେଳଗାଡ଼ିରେ ବହୁତ ଗାଡ଼ି ବଖରା ଅଛି ।
(ହୋ) - ଲିଣ୍ଡୁଗାଲିରେ ଏସୁପୁରେଃ ଗାଡ଼ିଡ଼ାବା ମିନାଃ ।

ଗଇଁତି - ଗାଏଁତା (ଓଡ଼ିଆ) - ଗଇଁତିରେ ମାଟି ତାଡ଼ ।
(ହୋ) - ଗାଏଁତାତେ ହାସା ତା'ଲିମେ ।

## 'ଜ'

ଜିଭ - ଲେଃଏ (ଓଡ଼ିଆ) - ଜିଭରେ ସ୍ୱାଦୁ ବାରିପାରେ ।
(ହୋ) - ଲେଃଏ ତେ ନଗଡ଼ ଆଟାକାର୍ ଦାଇୟ ।

ଜଂଘ - ବୁଲୁ (ଓଡ଼ିଆ) - ଜଂଘ ବ୍ୟାଥା ହେଲା ।
(ହୋ) - ବୁଲୁ ହାସୁ ତାନା ।

ଜଟା - ଜାଟାଂ /ଜଟ (ଓଡ଼ିଆ) - ଜଟା ମୁଣ୍ଡରେ ପାନିଆଁ ଯାଲେ ନାହିଁ ।
(ହୋ) - ଜଟ ବଅଃ କା-ନାକିଃୟଃଅ ।

ଜାଲ - ଜାଲମ (ଓଡ଼ିଆ) - ଜାଲରେ ମାଛ ଧରାଯାଏ ।
(ହୋ) - ଜାଲମତେ ହାଇକକ ସାବ୍ କଓ୍ୱ ।

ଜାମୁ - କୁଦା (ଓଡ଼ିଆ) - ଜୁନ୍ ମାସରେ ଜାମୁ ପାଚେ ।
(ହୋ) - ଆଚାଲା ଘଣ୍ଟଃଉରେ କୁଦେମାତାଓ୍ୱ ।

ଜିଆ - ଲେଣ୍ଡାଡ଼୍ (ଓଡ଼ିଆ) - ଜିଆଖତ ଘଷ ପାଇଁ ଭଲ ।
(ହୋ) - ଲେଣ୍ଡାଡ଼୍ ଇଃଇ ଘଆସ ଲାଗିଡ଼ ଏସୁ ବୁଗିନା ।

| | |
|---|---|
| ଜୋକ - ହାପାଡ଼ | (ଓଡ଼ିଆ) - ଜୋକ ପାଣିରେ ରହେ ।<br>(ହୋ) - ହାପାଡ଼୍ଦ ଦାଃରେ ତାଇନେ । |
| ଜଳହସ୍ତୀ - ଦାଃହାତି | (ଓଡ଼ିଆ) - ଜଳହସ୍ତୀ ଦେଖିବାକୁ ଭୟଙ୍କର ।<br>(ହୋ) - ଦାଃହାତି ବରଗେଃ ନେଲଃଆ । |
| ଜାଆଁଳ-ହାଇହନ୍‌କ/ହାକୁ ହନ୍‌କୋ | (ଓଡ଼ିଆ) - ଜାଆଁଳ ମାଛଗୁଡ଼ିକ ପୋଖରୀ ପାଣିରେ ରଖାଯାଏ ।<br>(ହୋ) - ହାଇହନ୍‌କୋ ବାନ୍ଧାଦାଃ ରେକ ଆସୁଲ୍ କଓ୍ୱା । |
| ଜଳ - ଦାଃ / ପୟଂ | (ଓଡ଼ିଆ) - ଜଳ ହିଁ ଜୀବନ ।<br>(ହୋ) - ଦାଃ / ପୟଂ ଗେ ଜୀବନ । |
| ଜଳସ୍ରୋତ - ହାଲିଦାଃ | (ଓଡ଼ିଆ) - ଜଳସ୍ରୋତ ଉଚ୍ଚରୁ ନିମ୍ନକୁ ବହିଥାଏ ।<br>(ହୋ) - ହାଲିଦାଃ ଡ଼ିପେଏତେ ଲାତାରତେ ହାଲିନେ । |
| ଜଳପ୍ରପାତ - ଦୁର୍‌ଦୁର୍ / ହଦହଦି | (ଓଡ଼ିଆ) - ଜଳପ୍ରପାତ ନାହିଁ ।<br>(ହୋ) - ଦୁର୍‌ଦୁର୍ ବାନଃଆ । |
| ଜୁଆର୍ - ଚେଏଁଲ୍ | (ଓଡ଼ିଆ) ସମୁଦ୍ରରେ ଜୁଆର ଉଠେ ।<br>(ହୋ) - ଦରେଆ ଦାଃ ଚେଏଁ ଲେନ୍‌ତାନା । |
| ଜଳପତନ - ଦାଃ କମଃତେୟାଃ | (ଓଡ଼ିଆ) - ଜଳ କମିଯିବାଟାକୁ ଜଳ ପତନ କୁହାଯାଏ ।<br>(ହୋ) - ଦାଃ କମଃତେୟା ଡ଼ାମୁକେ । |
| ଜିଲ୍ଲା - ଉପେଡ଼ | (ଓଡ଼ିଆ) - ଆମ ଜିଲ୍ଲା ବଡ଼ ।<br>(ହୋ) - ଆବୁଓ୍ୱାଃ ଉପେଡ୍ ମାରାଙ୍ଗା । |
| ଜଳବାୟୁ - ଦାଃଗାମାଃ | (ଓଡ଼ିଆ) - ଚାଷ ପାଇଁ ଜଳବାୟୁ ଆବଶ୍ୟକ ଅଟେ ।<br>(ହୋ) - ଚାଆସ ପାଇଟି ଲାଗିଡ୍ ଦାଃଗାମା ଗରଜ ମିନାଃ । |
| ଜଗତ - ପି'ଇଳି | (ଓଡ଼ିଆ) - ଏ ଜଗତରେ ମାନବ ଏକ ।<br>(ହୋ) - ନେନ୍ ପି'ଇଳିରେ ମାନଓ୍ୱାକ ମିଡ଼ଓ୍ୱାଃ । |
| ଜଡ଼ା - ଜାଲା | (ଓଡ଼ିଆ) - ଜଡ଼ାତେଲ ନାହିଁ ।<br>(ହୋ) - ଜାଲା ସୁନୁମ୍ ବାନଃଆ । |
| ଓଜନ - ଉଜୁନ / ତୁଲେ | (ଓଡ଼ିଆ) - ଜିନିଷ ଓଜନ କରିବା ।<br>(ହୋ) - ତୁଲେତେବୁ ଜକାୟା । |
| ଜୋରିମାନା - ଦାଣ୍ଡେ | (ଓଡ଼ିଆ) - ଭୁଲ୍ କାର୍ଯ୍ୟରେ ଜୋରିମାନା ମିଳେ ।<br>(ହୋ) - ଲଟମ୍ ପାଇଟିରେ ଦଣ୍ଡେ ନାମଃଆ । |

ଜାମିନ୍ - ଜିମା (ଓଡ଼ିଆ) - ଜାମିନରେ ବାହାରିଛନ୍ତି ।
(ହୋ) - ଜିମାରେଃ ଅଲୁଆଃ କାନା ।

ଜେଲ୍ - ସାତାର୍ (ଓଡ଼ିଆ) - ଚୋରକୁ ଜେଲ୍ କରାଗଲା ।
(ହୋ) - କୁମୁକ ସାତାର୍ କିଃଏ ।

ଜବାବ୍ - ଢାନାଲ୍ (ଓଡ଼ିଆ) - କଥାରେ ଜବାବ୍ ଦେଲା ।
(ହୋ) - କାଜିରେ ଢାନାଲ୍ ଏମ୍କିଡ଼ା ।

ଜମା - ଦୁଣ୍ଡି (ଓଡ଼ିଆ) - ଜମା କର ।
(ହୋ) - ଦୁଣ୍ଡି ଟାଆମେ ।

## 'ଝ'

ଝାଳ - ଡାଲ୍ଡାଲ୍ଦାଃ (ଓଡ଼ିଆ) - ଖରାରେ ଜାମା ଜଳେଇ ଝାଳ ବାହାରେ ।
(ହୋ) - ରେଟେଟେରେ ପାଲଟିରେ ଡାଲ୍ଡାଲ୍ଦାଃ ଅଁଆଲା ।

ଝୁଡ଼ଙ୍ଗା - ନାଲିଁରାଲାଆ/ନାଗାଲି ରାନାଃଆ (ଓଡ଼ିଆ) - ଝୁଡ଼ଙ୍ଗକୁ ସେରେଇ କରି ଖାଆନ୍ତି ।
(ହୋ) - ନାଗାଲି ରାନାଃଆ ରେମ୍ବୁଲେରେକ ଜମେଆ ।

ଝାଲରି - ଜାର୍ଜାଲି (ଓଡ଼ିଆ) - ଝାଲରି ଦେଇ ସାଜ଼ିଡ଼ ଗଲା ।
(ହୋ) - ଜାରଜାଲି ଦଲାରେ ମୁଲାଃ ବୋନାଃଯାନା ।

ଝଡ଼ିପୋକ - ଟୁପୁ ଡଂ (ଓଡ଼ିଆ) - ଝଡ଼ିପୋକ ମଲା
(ହୋ) - ଟୁପୁଡଂ ଗଏଃ ଜାନା ।

ଝିଙ୍କାରୀ - ସେରେଂଞ / ଗେଁଗେଁ (ଓଡ଼ିଆ) - ଝିଙ୍କାରୀ ଶବ୍ଦ କରୁଛି ।
(ହୋ) - ଗେଁ ଗେଁ ଶାଜି'ଦାନା ।

ଝିଅ - କୁଇହନ (ଓଡ଼ିଆ) - ଝିଅମାନେ କୋମଳମତୀ ।
(ହୋ) - କୁଇ ହନକ ଲାବାର୍ ହମଣ ତେକଓ୍ବା ।

ଝିଙ୍କିା - ସମ୍ସର୍/ବାଟା (ଓଡ଼ିଆ) - ଝିଙ୍କିା ଡ଼େଇଁ ଡ଼େଇଁ ଖେଳୁଛି ।
(ହୋ) - ବାଟା ଉଇଃ ଉଇଃ ତେ ଇନୁଂ ତେନେ ।

ଝାଟି ମାଟି - ହାସାକାଁଡ (ଓଡ଼ିଆ) - ଝାଟିମାଟିର ଘର ।
(ହୋ) - ହାସା କାଁଡ ଅଲାଃ ।

ଝୁଡ଼ି - କାଂଚି/ପାଚିଆଃ (ଓଡ଼ିଆ) - ବାଉଁଶରୁ ଝୁଡ଼ି ତିଆରି ହୁଏ ।
(ହୋ) - ମାଡ଼ଏତେ ପାଚିଆଃ ବାଇଓ୍ବା ।

ଝିଟିପିଟି - ହରଚଏ୍ (ଓଡ଼ିଆ) - ଝିଟିପିଟି କାନ୍ଥରେ ରହେ ।
(ହୋ) - ହର ଚଚଃଏ, ଗିନିଲ୍‌ରେଃ ତାଇନେ ।

ଝରଣା - ଜରନ୍ (ଓଡ଼ିଆ) - ଝରଣା ବୋହି ଯାଉଛି ।
(ହୋ) - ଜରନ୍ ହାଲି ତାନା ।

## 'ଟ'

ଟେରା - କାଁସେଡ଼ (ଓଡ଼ିଆ) - ଟେରା ଆଖି ।
(ହୋ) - କାଁସେଡ଼ ମେଡ଼ ।

ଟେବୁଲ୍ - ଟୁଙ୍ଗିପାଟା (ଓଡ଼ିଆ) - ଟେବୁଲ୍ ନେଇ ଆସ ।
(ହୋ) - ଟୁଙ୍ଗିପାଟା ଆଗୁଇପେ ।

ଟୋକେଇ - ଟୁଂକି (ଓଡ଼ିଆ) - ଟୋକେଇ ଆଣ ।
(ହୋ) - ଟୁଂକି ଆଗୁଇମେ ।

ଟଗର - ତଆବାଆ (ଓଡ଼ିଆ) - ଟଗର ଫୁଲ ନାହିଁ ।
(ହୋ) - ତଆବାଆ ବନଃଆ ।

ଟୋପି - ଟୁପି /ଦାପାଲ୍ (ଓଡ଼ିଆ) - ଟୋପି ପିନ୍ଧ ।
(ହୋ) - ବଅଃ ଦାପାଲ୍‌ତେ ଦାପାଲେନ୍‌ମେ ।

ଟିଆ (ପାତିଶୁଆ)-ମିରୁ/ଦଃଏ ଅଏ (ଓଡ଼ିଆ) - ଟିଆ ଉଡ଼ିଯାଉଛି ।
(ହୋ) - ଦଏଃ ଅୟ୍ ଆପିରେନ୍ ତାନା ।

ଟିଙ୍କ - ତିକି (ଓଡ଼ିଆ) - ଟିଙ୍କ ଲାଗିଛି ।
(ହୋ) - ତିକି ଜୁମାଂଙ୍ଗା କାନା ।

ଟଙ୍କାକିଆ - ମିଡ଼ଟାକା (ଓଡ଼ିଆ) - ଟଙ୍କା କିଆ ଆଣ ।
(ହୋ) - ମିଡ଼ ଟାକା ଆଗୁଇମେ ।

ଟିପାଖାତା - ଅନଲ୍‌ପୁତି (ଓଡ଼ିଆ) - ଟିପାଖାତା ନାହିଁ ।
(ହୋ) - ଅନଲ୍‌ପୁତି ବାନଃଆ ।

ଟିଣ - ଟିଣେ /ରାଂ (ଓଡ଼ିଆ) - ଟିଣ ଦିଅ ।
(ହୋ) - ରାଂ ଇମାଙ୍ଗମେ ।

ଟିକା - ଟିକେ (ଓଡ଼ିଆ) - ଟିକା ନେଇଛ ।
(ହୋ) - ଟିକେ କେନେମ୍ ।

## 'ଠ'

ଠିକାଦାର - ଟିକାଦାର (ଓଡ଼ିଆ) - ଠିକାଦାର ଠିକା କାମ କରେ ।
(ହୋ) - ଟିକେଦାର୍ ଟିକେଃ ପାଇଟିୟା ।

ଠେକୁଆ - କୁଲେଏ (ଓଡ଼ିଆ) - ଠେକୁଆ ଘାସ ଖାଏ ।
(ହୋ) - କୁଲେଏ ଡାସାଡ଼ାଃ ଜମା ।

ଠିକଣା - ଡ଼ଗର୍ (ଓଡ଼ିଆ) - ଆପଣଙ୍କର ଠିକଣା କେଉଁଠି ।
(ହୋ) - ଆବେନାଃ ଡ଼ଗର ଅକନା ?

ଠେଙ୍ଗା - ଶଟା (ଓଡ଼ିଆ) - ଠେଙ୍ଗାରେ ପିଟିଲା ।
(ହୋ) - ଶଟାତେ ଡାମ୍‌କିଃଏ ।

ଠକାମି - ଝକାଡ଼ / ଜାଲୁଏ (ଓଡ଼ିଆ) - ମୋତେ ଠକିଲା ।
(ହୋ) - ଆଞ୍ଜେଃ ଝକାଡ଼କିଡ଼ିଞ୍ଜେ ।

ଠେଲାଗାଡ଼ି - ଉଦୁରଗାଲି (ଓଡ଼ିଆ) - ଠେଲା ଗାଡ଼ିରେ ପାଣି ଆଣ ।
(ହୋ) - ଉଦୁର୍ ଜାଲିତେ ଦାଃ ଆଗୁଇମେ ।

ଠିକିରୀ - ଚମ୍ପୁଲେ (ଓଡ଼ିଆ) - ଠିକିରୀ ଆକାରର ମାଛ ।
(ହୋ) - ଚମ୍ପଲେ ଲେକାନ୍ ହାକୁ ।

## 'ଡ଼'

ଡ଼େଙ୍ଗା - ସାଲାଙ୍ଗି (ଓଡ଼ିଆ) - ଗଛଟି ଡ଼େଙ୍ଗା ଅଟେ ।
(ହୋ) - ଦାରୁ ସାଲାଙ୍ଗି ମିନାଃ ।

ଡୋଲା - ଡାଲା (ଓଡ଼ିଆ) - ଡ଼ଲାରେ ଫୁଲ ନାହିଁ ।
(ହୋ) - ଡାଲାରେ ବାଆ ବାନଃଆ ।

ଡ଼ୋଲି - ଡ଼ିଲି (ଓଡ଼ିଆ) - ଡ଼ୋଲିରେ ଧାନ ରଖ ।
(ହୋ) - ଡ଼ିଲିରେ ବାବା ଏ ମେମେ ।

ଡାଳିମ୍ବ - କତୁଲି (ଓଡ଼ିଆ) - ଡାଳିମ୍ବ ଫଳିଛି ।
(ହୋ) - କତୁଲି ଜଅଆ କାନା ।

ଡ଼ିମିରି - ଲଆ (ଓଡ଼ିଆ) - ଡ଼ିମିରି ଫଳ ।
(ହୋ) - ଲଆ ଜଅ ।

| | |
|---|---|
| ଡ଼ାଳଚିନି - ନଗଡ଼ ପାନ | (ଓଡ଼ିଆ) - ଡ଼ାଲ୍‌ଚିନି ଛେଲି ଆଣ । |
| | (ହୋ) - ନଗଡ଼ ପାନ ଚ୍‌କାଃ ଆରଇମେ । |
| ଡ଼େଉଁରିଆ - ମାନ୍ଦାଲି | (ଓଡ଼ିଆ) - ଡ଼େଉଁରିଆରେ ଔଷଧ ଥାଏ । |
| | (ହୋ) - ମାନ୍ଦାଲିରେ ରେଏଡ୍ ତାଇନେ । |
| ଡାମାରାକାଉ - ବୁରୁ କାଆଃ | (ଓଡ଼ିଆ) - ଡ଼ାମରା କାଉ ଗଛରେ ବସିଛି । |
| | (ହୋ) - ବୁରୁ କାଆଃ ଦାରୁରେଃ ଦୁବେ କେନେ । |
| ଡ଼ାହୁକ - ହେଦେଗେଲେଃ | (ଓଡ଼ିଆ) - ଡାହୁକ ଉଡୁଛି । |
| | (ହୋ) - ହେଦେଗେଲେଃ ଆପିରେ କେନେ । |
| ଡ଼ାଁସ - ମୁର୍‌ମୁଣିଃ | (ଓଡ଼ିଆ) - ଡ଼ାଁସ, ମଶା ବଢୁଛନ୍ତି । |
| | (ହୋ) - ମୁର୍‌ମୁଣିଃ କ ସାଙ୍ଗିୟଃ ତାନା । |
| ଡ଼ିଆଁ - ଜାନ୍ | (ଓଡ଼ିଆ) - ଡ଼ିଆଁରୋଗ ବ୍ୟାପୁଛି । |
| | (ହୋ) - ଜାନ୍ ରୋଗାତେ ହଲକ ଜାନଃତାନା । |

## 'ଢ଼'

| | |
|---|---|
| ଢ଼ାଳ - ମୁତା | (ଓଡ଼ିଆ) - ଢାଳରେ ପାଣି ଦିଅ । |
| | (ହୋ) - ମୁତାତେ ଦାଃ ଆଗୁଇମେ । |
| ଢ଼ାଙ୍କୁଣି - ଦାନାପାଳ / ଦାନାଲବ୍ | (ଓଡ଼ିଆ) - ଢାଙ୍କୁଣିରେ ଢ଼ାଙ୍କି ଦିଅ । |
| | (ହୋ) - ଦାନାପାଲ୍‌ତେ ଦାଲବ୍ ତାଆମେ । |
| ଢମଣା - ଜାମ୍ବୁ | (ଓଡ଼ିଆ) - ଢମାଣା ପଳାଇଲା । |
| | (ହୋ) - ଜାମ୍ବୁ ନିର୍‌ଯାନା । |
| ଢ଼ାଲ - ଟାଟାଃ | (ଓଡ଼ିଆ) - ଢାଲ୍‌ଦ୍ୱାରା ନିଜକୁ ବଞ୍ଚାଇଲା । |
| | (ହୋ) - ଟାଟାଃତେ ଆଏଃ ହାରଦୁଃ ଜାନା । |

## 'ତ'

| | |
|---|---|
| ତଳିପାଦ - ତାଲକା | (ଓଡ଼ିଆ) - ତଳିପାଦରେ କଣ୍ଟା ବାଜିଲା । |
| | (ହୋ) - କାଟା ତାଲ୍‌କାରେ ଜାନୁମ୍ ଟଃଆୟାନା । |
| ତଳିପେଟ - ଲାତାର୍ ଲାଇଃ | (ଓଡ଼ିଆ) - ତଳିପେଟ ବ୍ୟଥା ହେଉଛି । |
| | (ହୋ) - ଲାତାର ଲାଇ ହାସୁତେନେ । |

ତାଳୁ - ଚେତାନ୍‌ଆ (ଓଡ଼ିଆ) - ତାଳୁରେ ମାଛ କଣ୍ଟା ଲାଗିଲା ।
(ହୋ) - ଚିତାନ୍‌ଆ / ତାଳୁର୍‌ରେ ହାକୁ ଜାଂ ଦାଂ ଗେଡ଼ା କାନା ।

ତିଳ (ଜାଇ) - ଜନମ୍ ଟିକେ / ଦାଆଗା (ଓଡ଼ିଆ) - ମୁହଁରେ କଳା ତିଳ ଅଛି ।
(ହୋ) - ମଘରେ ଜନମ୍‌ଟିକେ / ଦାଆଗା ମିନାଃ ।

ତହସିଲଦାର୍ - ତୁସିଲ୍‌ଦାର (ଓଡ଼ିଆ) - ତହସିଲଦାର ନାହାନ୍ତି ।
(ହୋ) - ତୁସିଲଦାର୍ ବାଙ୍ଗାଇଃ ୟେ ।

ତାନ୍ତ୍ରିକ - ଦେଓ୍ୱାଁ (ଓଡ଼ିଆ) - ତାନ୍ତ୍ରିକ ପଳେଇଲେ ।
(ହୋ) - ଦେଓ୍ୱାଁ ସେନଃ ୟାନା ।

ତନ୍ତୀ - ପେଆଁଏ / ପେଣେ (ଓଡ଼ିଆ) - ତନ୍ତି ଲୁଗା ବୁଣେ ।
(ହୋ) - ପେଆଁଏ ଲିଜେଃ ତେଂଙ୍ଗେୟାଁ ।

ତେଲି - ସୁନୁମ୍ ଲେନ୍ ତାନିଃ (ଓଡ଼ିଆ) - ତେଲି ତେଲ ପେଡୁଛି ।
(ହୋ) - ସୁନୁମ୍ ଲେନ୍ ତାନିଃ ସୁନୁମ୍ ଲେନ୍ ତାନା ।

ତର୍ପଣ - ଆତାଂ ପାସିଡ୍ (ଓଡ଼ିଆ) - ତର୍ଷଣ ପାଣି ଦିଅ ।
(ହୋ) - ଆତାଂ ପାସିଡ୍ ଦାଃ ଇମାଞ୍ଜ ମେ ।

ତପସ୍ୟା - ସାଦନା (ଓଡ଼ିଆ) - ଋଷୀ ତପସ୍ୟା କରୁଛି ।
(ହୋ) - ଜୁଗି ସାଦାନା ତାନାଃ ।

ତୀର୍ଥ - ଗଣ୍ଡ ଜାଗା (ଓଡ଼ିଆ) - ତୀର୍ଥ ଜାଗା ବୁଲିଯିବା ।
(ହୋ) - ଗଣ୍ଡଜାଗା ହନର ହୁଜୁଃଏ ।

ତାଳ - ତା-ଆଲ (ଓଡ଼ିଆ) - ତାଳ ଗଛ ଡ଼େଙ୍ଗା ।
(ହୋ) - ତା-ଆଲ ଦାରୁ ଏସୁ ସାଲାଙ୍ଗି ୟା ।

ତଳ ମହଲା - ଲାତାର ଦପା (ଓଡ଼ିଆ) - ତଳ ମହଲାକୁ ଯାଅ ।
(ହୋ) - ଲାତାର୍ ଦପାତେ ସେନଃ ମେ ।

ତକିଆ - ତୁକିଆ (ଓଡ଼ିଆ) - ତକିଆ ଉପରେ ମୁଣ୍ଡ କରାଯାଏ ।
(ହୋ) - ତୁକିଆରେ ବଅଃ ଏମଃଆ ।

ତାଉଆ - ଲାପେଟା (ଓଡ଼ିଆ) - ତାଉଆରେ ପିଠା କରାଯାଏ ।
(ହୋ) - ଲାପେଟାରେ ଲାଡ୍ ବାଇଓ୍ୱା ।

ତାଟିଆ - ଗିନେ (ଓଡ଼ିଆ) - ତାଟିଆରେ ତରକାରୀ ରଖାଯାଏ ।
(ହୋ) - ଗିନେରେ ଉତୁ ଗିକେଓ୍ୱ ।

ଟାଟି - ଟାଟି / ସିଲ୍‌ପିଙ୍

(ଓଡ଼ିଆ) - ଘରେ ଟାଟି ଲଗାଇବା ।
(ହୋ) - ଅହାଃରେ ସିଲପିଙ୍ ହାଣ୍ଡେଡ୍ ତାଃଆ ।

ତଉଲିଆ - ତଅଲିୟା / ତୁଲିଃଏ କାସିଲିଜାଃ

(ଓଡ଼ିଆ) - ତଉଲିଆ ପିନ୍ଧିବ ।
(ହୋ) - ତୁଲିଃଏ ଲିଜେଃ ବୁ ତଲେୟା ।

ଟେଣ୍ଡା - ଦାଃ ଡ଼ିଙ୍କୁଲ୍

(ଓଡ଼ିଆ) - ଟେଣ୍ଡାରେ ପାଣି ଉଠାଯାଏ ।
(ହୋ) - ଦାଃ ଡ଼ଙ୍କୁଲ୍‌ତେ ଦାଃ ରାକାବା ।

ତରକାରୀ - ଉତୁ

(ଓଡ଼ିଆ) - ମାଂସ ତରକାରୀ ।
(ହୋ) - ଜିଲୁ ଉତୁ ।

ତାଳଗୁଡ଼ - ତା-ଆଲଗୁଡଲୁ

(ଓଡ଼ିଆ) - ତାଳଗୁଡ଼ରେ ପିଠା ତିଆରି କରାଯାଏ ।
(ହୋ) - ତା-ଆଲ ଗୁଡଲୁତେ ଲାଡ଼ୁବୁ ବାଇ ୟେ ।

ତୋରାଣି - ମାଣ୍ଡିଦାଃ/ଦୁଣ୍ଡୁଃଦାଃ

(ଓଡ଼ିଆ) - ଭାତର ତୋରାଣି ହୁଏ ।
(ହୋ) - ମାଣ୍ଡିଏତେ ଦୁଣ୍ଡଃଦାଃ ହବାଓ୍ୱା ।

ତରଭୁଜ - ତାର୍‌ବୁଜୁ

(ଓଡ଼ିଆ) - ଖରାଦିନେ ତରଭୁଜ ଖାଇବା ।
(ହୋ) - ଜେଟେସିଙ୍ଗି ତାରବୁଜୁ ବୁ ଜମେଆ ।

ତେନ୍ତୁଳି - ଜଜ

(ଓଡ଼ିଆ) - ତେନ୍ତୁଳି କଟା ।
(ହୋ) - ଜଜ ମରଃଏ ।

ତାଳଗଛ - ତା-ଆଲଦାରୁ

(ଓଡ଼ିଆ) - ତଳଗଛ ଡ଼େଙ୍ଗା ଅଟେ ।
(ହୋ) - ତା-ଆଲଦାରୁ ସାଲାଙ୍ଗିଏ ।

ଚମ୍ପ - ପାଣ୍ଡୁନାଗୁ

(ଓଡ଼ିଆ) - ଚମ୍ପ ସାପ ବଡ଼ ବିଷଧର ।
(ହୋ) - ପାଣ୍ଡୁନାଗୁ ଏସୁ ବିଇଶି ମିନାଃ ।

ତେଲୁଣି ପୋକ - ଲିଣ୍ଡୁ

(ଓଡ଼ିଆ) - ତେଲୁଣି ପୋକ ଜଙ୍ଗଲରେ ଦେଖାଯାଏ ।
(ହୋ) - ଲିଣ୍ଡୁ ଚିଦୁ ବୁରୁରେ ନେଲଃଓ୍ୱି ।

ତିମି - ତିମି

(ଓଡ଼ିଆ) - ତିମି ମାଛ ସମୁଦ୍ରରେ ରହେ ।
(ହୋ) - ତିମି ହାଇ ଦରେଆରେ ତାଇନେ ।

ତୋଡ଼ିବା - ହାର୍‌ନିର୍

(ଓଡ଼ିଆ) - ତାକୁ ତୋଡ଼ି ଦିଅ ।
(ହୋ) - ଆଏଃ ହାର୍‌ନିର୍ ଇମେ ।

ତୋଫାନ - ହୟଗାମା

(ଓଡ଼ିଆ) - ଶ୍ରାବଣ ମାସରେ ତୋପାନ ହୁଏ ।
(ହୋ) - ଆଦର ଘଣ୍ଡୁଃରେ ହୟ ମାମାଃଏ ୟାଃ ।

ତଳ - ଲାତାର
(ଓଡ଼ିଆ) - ତଳ ଜାଗା ।
(ହୋ) - ଲାତାର ଜାଗା ।

ତ୍ରୈମାସିକ - ଆପେଏଘଣ୍ଟୁଃ
(ଓଡ଼ିଆ) - ତ୍ରୈମାସିକ ବୈଠକ ହୁଏ ।
(ହୋ) - ଆପେଏ ଘଣ୍ଟୁଃରେ ଦୁନୁବ୍ ହବାଓ୍ୱାଃ ।

ତେଲ - ସୁନୁମ୍
(ଓଡ଼ିଆ) - ତେଲ ଲଗାଇ ଗାଧୋଇବା ।
(ହୋ) - ସୁନୁମ ଅଜଃ କାତେ ଡେବୁ ଅଲାନା ।

ତୀର - ସାର
(ଓଡ଼ିଆ) - ତୀର ମାରିବା ।
(ହୋ) - ସାରବୁ ତୁଙ୍ଗେୟା ।

ତୋପ - ବାରଦୁ
(ଓଡ଼ିଆ) - ତୋପ ଆଣ ।
(ହୋ) - ବାର୍‌ଦୁ ଆଗୁଇମେ ।

ତାସ - ତା-ଆସ
(ଓଡ଼ିଆ) - ତାସ ଖେଳିବା ।
(ହୋ) - ତା-ଆସବୁ ଇନୁଂଙ୍ଗେ ।

ଦାନ୍ତ - ଦାଟା
(ଓଡ଼ିଆ) - ଦାନ୍ତରେ ଚୋବାଇବା ।
(ହୋ) - ଦାଟାତେବୁ ଟାଗଃଏୟା ।

ଦାନ୍ତମାଢ଼ି - ଦାଟାଗାଣ୍ଡୁ
(ଓଡ଼ିଆ) - ଦାନ୍ତ ମାଢ଼ି ବ୍ୟଥା କରୁଛି ।
(ହୋ) - ଦାଟାସୁଗାଣ୍ଡୁ ହାସୁଙ୍ଗ ତେନେ ।

ଦାଢ଼ି - ଦାଲିଆ
(ଓଡ଼ିଆ) - ଦାଢ଼ି କାଟିବା ।
(ହୋ) - ଦାଲିଆବୁ ହୟନା ।

ଦଦେଇ - କାକା
(ଓଡ଼ିଆ) - ଦଦେଇ ଘରକୁ ଆସିଲେ ।
(ହୋ) - କାକା ଅଆଃତେ ହୁଜୁଃୟାନା ।

ଦରଜି - ଗା'ଗାରିଃ
(ଓଡ଼ିଆ) - ଦରଜି ଲୁଗା ସିଲେଇ କରୁଛନ୍ତି ।
(ହୋ) - ଗା'ଗାରିଃ ଲିଜେଃ ସିଲାଇ ତାନା ।

ଦାତା - ଏମିଃ
(ଓଡ଼ିଆ) - ଜ୍ଞାନ ଦାତା ଆସୁଛନ୍ତି ।
(ହୋ) - ପାୟାମ ଏମିଃ ହୁଜୁଃତେନେ ।

ଦୂତ - ମାଆରା
(ଓଡ଼ିଆ) - ଦୂତ ଆସିଥିଲେ ।
(ହୋ) - ମାଆରା ହୁଜୁଃ ଲେନା ।

ଦେଶବାସୀ - ଦିଶୁମହଳ
(ଓଡ଼ିଆ) - ଦେଶବାସୀ ପଳେଇଲେ ।
(ହୋ) - ଦିଶୁମ୍ ହଳକ୍ ନିର୍ ୟେନେ ।

ଦ୍ୱାରପାଳ - ଦୁଆରି (ଓଡ଼ିଆ) - ଦ୍ୱାରପାଳ ଜଗିଛନ୍ତି ।
(ହୋ) - ଦୁଆରି ହରଓ୍ୱା କାଡ଼ା ।

ଦଉଡ଼ି - ବାୟାର୍ (ଓଡ଼ିଆ) - ଦଉଡ଼ିରେ ବାନ୍ଧିବା ।
(ହୋ) - ବାୟାରତେବୁ ତଲେୟା ।

ଦାଆ - ଦାତାରମ୍ (ଓଡ଼ିଆ) - ଦାଆରେ ଧାନ କାଟିବା ।
(ହୋ) - ଦାତାରମତେ ବାବାନୁ ଇରିୟା ।

ଦିଆସିଲ୍ - ଚରକାଲିଃ /ଚର୍‌ସେଙ୍ଗେଲ୍ (ଓଡ଼ିଆ) - ଦିଆସିଲି ନାହିଁ ।
(ହୋ) - ଚର୍‌କାଲିଃ ବାନଃଆ ।

ଦୀପ - ସୁବିଃ (ଓଡ଼ିଆ) - ଦୀପ ଜଳୁଛି ।
(ହୋ) - ସୁବିଃରେ ସୂଳିତା ଜୁଲ୍‌ତେନେ ।

ଦୋଳି - ଡିଲୁଆ (ଓଡ଼ିଆ) - ରଜଦୋଳି ଖେଳିବା ।
(ହୋ) - ରଜ ପରବରେବୁ ଡ଼ିଲୁଏନେ ।

ଦୀପରୁଖା - ସୁବିଃ (ଓଡ଼ିଆ) - ଦୀପରୁଖାରେ ଦୀପ ଜଳୁଛି ।
(ହୋ) - ସୁବିଃରେ ସୂକିତା ଜୁଲ୍‌ତାନା ।

ଦରସିଝା - ବୁଦୁରି (ଓଡ଼ିଆ) - ଦରସିଝା ଭାତ ।
(ହୋ) - ବୁଦୁରି ମାଣ୍ଡି ।

ଦହି - ମରଏଃ ତଓ୍ୱା (ଓଡ଼ିଆ) - ଦହି ଖାଇବା ଭଲ ।
(ହୋ) - ମରଏଃ ତଓ୍ୱା ନୁଉଁ ଏସୁ ବୁଗିନା ।

ଦୁଧ - ତଆ (ଓଡ଼ିଆ) - ପ୍ରତିଦିନ ଦୁଧ ପିଇବା ଉଚିତ୍ ।
(ହୋ) - ସାବେନ୍ ଦିନ୍ ତଆ ନୁଉଇଁ ଗରଜ ତାନା ।

ଦୁଧଛେନା - ତୁମ୍ବାଃତଆ (ଓଡ଼ିଆ) - ଛେନା ଭାରି ମିଠା ।
(ହୋ) - ତୁମ୍ବାଃ ତଆ ଏସୁ ନଗଡ଼ା ।

ଦୁଦୁରା - ତଅତଅ (ଓଡ଼ିଆ) - ଦୁଦୁରା ଫୁଲ ଧଳା ଅଟେ ।
(ହୋ) - ତଅତଅ ବାଆ ପୁଣ୍ଡିଆ ।

ଦେବଦାରୁ - ବଙ୍ଗାଦାରୁ (ଓଡ଼ିଆ) - ଦେବଦାରୁ ବହୁତ ଡେ଼ଙ୍ଗା ।
(ହୋ) - ବଙ୍ଗାଦାରୁ ଏସୁ ସାଲାଂଙ୍ଗିୟା ।

ଦନ୍ତାହାତୀ - ଦାଟାଆନ୍‌ହାତୀ (ଓଡ଼ିଆ) - ଦନ୍ତା ହାତୀ ଆସୁଛି ।
(ହୋ) - ଦାଟାଆନ୍ ହାତୀ ହୁଜୁଃ ତାନା ।

ଦେଶ - ଦିଶୁମ୍ (ଓଡ଼ିଆ) - ଆମ ଦେଶ ମହାନ୍ ।
(ହୋ) - ଆବୁ ଦିଶୁମ୍ ମାରାଂ ଗାରାଂଆ ।

ଦଶମୀ - ଗେଲ୍‌ମାଆ /ଇପିସିଂ (ଓଡ଼ିଆ) - ଦଶମୀରେ ମାସର ଦଶଦିନ ପୁରେ ।
(ହୋ) - ଇପିସିଂ ଉଲାଂ ଘଣ୍ଟୁଃରେୟାଃ ଗେଲ୍‌ସିଙ୍ଗି ହବାନା ।

ଦ୍ୱାଦଶୀ - ବୟଟା / ଗେଲ୍‌ବାର୍‌ମା (ଓଡ଼ିଆ) - ଦ୍ୱାଦଶୀଦିନ ମାସର ୧୨ ଦିନ ପୁରେ ।
(ହୋ) - ବୟଟା/ ଗେଲ୍‌ବାର୍‌ମା ମିଡ଼ଘଣ୍ଟୁରେୟାଃ ଗେଲ୍ ବାର୍ ମା' ଉଲାଂ ଘବାନା ।

ଦଶମୀ - ଗେଲ୍‌ମାଆ/ଇପିସିଂ (ଓଡ଼ିଆ) - ଦଶମୀରେ ମାସର ଦଶଦିନ ପୁରେ ।
(ହୋ) - ଇପିସିଂ ଉଲାଂ ଘଣ୍ଟୁଃରେୟାଃ ଗେଲ୍‌ସିଙ୍ଗି ହବାନା ।

ଦ୍ୱାଦଶୀ - ବୟଟା/ ଗେଲ୍‌ବାର୍‌ମା (ଓଡ଼ିଆ) - ଦ୍ୱାଦଶୀ ଦିନ ମାସର ୧୨ ଦିନ ପରେ ।
(ହୋ) - ବୟଟା/ଗେଲ୍‌ବାର୍‌ମା ମିଡ୍ ଘଣ୍ଟୁରେୟାଃ ଗେଲ୍‌ବାର୍ ମା' ଉଲାଂ ଘବାନା ।

ଦୁଇଟଙ୍କିଆ - ବାର୍‌ଟଙ୍କା (ଓଡ଼ିଆ) - ଦୁଇଟଙ୍କିଆ ମୁଦ୍ରା ଅଛି ।
(ହୋ) - ବାର୍‌ଟାକା ଡେୟାଃ ଲଅଟ ମେନାଃ ।

ଦଶ ଟଙ୍କିଆ - ଗେଲ୍‌ଟାକା (ଓଡ଼ିଆ) - ଦଶଟଙ୍କିଆ ନୋଟ୍ ଅଛି ।
(ହୋ) - ଗେଲ୍‌ଟାକା ତେୟାଃ ଲଅଟ ମିନାଃ ।

ଦିସ୍ତା - ଘଲପାଡ଼୍ (ଓଡ଼ିଆ) - ଦିସ୍ତାରେ ଘର କର ।
(ହୋ) - ଘଲ୍‌ପାଡ୍ ତେ ଅଲା ବାଇପେ ।

ଦୁଆତ - କାଳି ବତଲ୍ (ଓଡ଼ିଆ) - ଦୁଆତ୍ କାଳି ଆଣ ।
(ହୋ) - କାଳି ବୋତଲ ଆଗୁଇମେ ।

ଦରମା - ନାଲା /କୁଏ (ଓଡ଼ିଆ) - ଦରମା ଆଣି ନାହିଁ ।
(ହୋ) - କୁଏ କାଏଃ ଆଗୁତେଡ଼େ ।

ଦାବୀ - କଜାର୍ (ଓଡ଼ିଆ) - ଆମର ଦାବୀ ପୂରଣ ହେଉ ।
(ହୋ) - ଆୟେୟାଃ କଜାର୍ ହବାନ୍‌ଘ ।

ଦଣ୍ଡ - ଦାଣ୍ଡେ (ଓଡ଼ିଆ) - ଦଣ୍ଡ ପାଇବ ।
(ହୋ) - ଦାଣ୍ଡେମ୍ ନାମେୟାଁ ।

ଦୋଷ - ଦୁସୀ (ଓଡ଼ିଆ) - ଦୋଷ କରିଛ ।
(ହୋ) - ଦୁସୀ ଟାଡ଼ାମ୍ ।

ଦୁର୍ନିତି - କାରାୟ (ଓଡ଼ିଆ) - ଦୁର୍ନିତି କାର୍ଯ୍ୟ ବୃଦ୍ଧି ପାଉଛି ।
(ହୋ) - କା'ରାୟ ପାଇଟି ପୁରେଃ ଏନ୍‌ତେନେ ।

ଦା'ମ - ଗନଂ (ଓଡ଼ିଆ) - ଦାମ କମ୍ ଅଛି ।
(ହୋ) - ହୁଲିଂ ଗନଂ ।

ଦେୟ - ଏମେତେୟାଃ/ଏନେମ୍ (ଓଡ଼ିଆ) - ତାଙ୍କଠାରୁ ଦେୟ ପାଇବାର ଅଛି ।
(ହୋ) - ଆକିଂ ତାଆଃଏତେ୍ ଏମେତେୟାଃ/ଏନେମ ନାମଃଆ ।

ଦଲାଲ - ଦଲାରୀ / ଲା'ବୁଃନିଃ ଜାଲୁଏ (ଓଡ଼ିଆ) - ଦଲାଲ୍ ମିଛ କହନ୍ତି ।
(ହୋ) - ଦଲାରୀକ ଝକାଡ଼ କାଜି କାଜି'ୟା ।

ଦଳ - ହୁଦା (ଓଡ଼ିଆ) - ଦୁଇ ଦଳ ଲୋକ ଆସିଛନ୍ତି ।
(ହୋ) - ବାର୍ ହୁଦେ ହଳକ ହୁଜୁଃଏ କେନେ ।

ଦୌଡ଼ - ନିର୍ (ଓଡ଼ିଆ) - ଦୌଡ଼ିବା ଆସ ।
(ହୋ) - ଏଲାବୁ ନିରିୟା ।

## 'ଧ'

ଧାଇ - ଦୁବ୍ ଦାରମ୍ଏରା/ ହନ୍ ହବା ତାନ୍‌ରେ ଦେଙ୍ଗା ତାନ୍ ଏରା (ଓଡ଼ିଆ) - ଧାଇ କାମ ବୟସ୍କ ସ୍ତ୍ରୀ ଲୋକମାନେ କରନ୍ତି ।
(ହୋ) - ଦୁବ୍‌ଦାରମ୍ ପାଇଟି ଇତୁଆନ୍ ଏରାକ ପାଇଟି ୟା ।

ଧନୁର୍ଦ୍ଧର - ଆଃ, ସାର୍‌ସାବନିଃ/ ଆଃ ସାବ୍‌ନିଃ (ଓଡ଼ିଆ) - ଧନୁର୍ଦ୍ଧର ହୁଅ ।
(ହୋ) - ଆଃ ସାର୍ /ଆଃ, ସା'ବ୍‌ନିଃ ବାଇୟଃମେ ।

ଧର୍ମଯାଜକ - ଦରମ୍ କାଜିଏତେନିଃ (ଓଡ଼ିଆ) - ଭଲ ଧର୍ମଯାଜକ ହୁଅ ।
(ହୋ) - ଦରମ୍ କାଜିଏତକ ବାଇୟଃମେ ।

ଧନୀ - ମୁଣ୍ଡା/ ନାଇକି (ଓଡ଼ିଆ) - ଧନୀ ଲୋକ ।
(ହୋ) - ମୁଣ୍ଡେ ହୋ ।

ଧ୍ୟାନ୍ - ମନ ଇଲିଂ/ଲତୁରାଡ଼ (ଓଡ଼ିଆ) - ଧ୍ୟାନରେ ବସ ।
(ହୋ) - ମନ୍ ଇଲିଂ କେଏତେ ଦୁବ୍ ମେ ।

ଧୂପ - ଦୁଉପୁ (ଓଡ଼ିଆ) - ସନ୍ଧ୍ୟା ଧୂପ ଦିଅ ।
(ହୋ) - ଆୟୁବ୍ ଦୁଉପୁଏମ୍ ତାଆମ୍ ।

ଧର୍ମ - ଦରମ୍ (ଓଡ଼ିଆ) - ଧର୍ମର ହେଉ ଜୟ ।
(ହୋ) - ଦରମ୍ ରେୟାଃ ହିର୍ଲା ହବାନ୍‌ମା ।

ଧର୍ମ ପରାୟଣ - ଦରମ୍ ଦୁଉମ୍ (ଓଡ଼ିଆ) - ଧର୍ମ ପରାୟଣ ବ୍ୟକ୍ତି ।

(ହୋ) - ଦରମ୍ ଦୁଇମ୍ ହଳ ।

ଧର୍ମଶାଳା - ଜିରାଓ ଅଲାଃ (ଓଡ଼ିଆ) - ଧର୍ମଶାଳାରେ ବସ ।

(ହୋ) - ଜିରାଓ ଅଲାଃରେ ଦୁବ୍‌ମେ ।

ଧନାଗାର - ମୁରୁଇ (ଓଡ଼ିଆ) - ଧନାଗାର ଉଇ ଲାଗିଲେ ।

(ହୋ) - ମୁରୁଇ ଅଲାଃରେ ନିଦିର୍ କେଡ଼ା ।

ଧୂଆଁପତ୍ର - ସୁକୁଲ୍ ସାକାମ୍ (ଓଡ଼ିଆ) - ଧୂଆଁପତ୍ର ନେଇ ଆସ ।

(ହୋ) - ସୁକୁଲ୍ ସାକାମ୍ ଆଗୁଇମେ ।

ଧାନ - ବାବା (ଓଡ଼ିଆ) - ଧାନ ଗୁଆ କର ।

(ହୋ) - ବାବା ରଆଏ ମେ ।

ଧନିଆଁ - ସଆନ୍‌ଆଆଃ (ଓଡ଼ିଆ) - ଧନିଆଁ ସୁବାସନା ଦିଏ ।

(ହୋ) - ସୁଆନ୍ ଆଆଃ ବୁଗିନସ ଆନେଃ ଏମେୟା ।

ଧାନ ଗଛ - ବାବା ଦାରୁ (ଓଡ଼ିଆ) - ଧାନ ଗଛ ମରିଗଲା ।

(ହୋ) - ବାବାଦାରୁ ଗଏଃ ୟାନା ।

ଧୋତି - ଧୂତି (ଓଡ଼ିଆ) - ଧୋତି ପିନ୍ଧ ।

(ହୋ) - ଧୂତି ତୋଲେମେ ।

ଧଡ଼ି - ରାଙ୍ଗା (ଓଡ଼ିଆ) - ଶାଢ଼ିର ଧାଡ଼ି ନାହିଁ ।

(ହୋ) - ଶାଳିରେ ରାଙ୍ଗା ବାନଃଆ ।

ଧୂଣ୍ଡ - ଡୁଣ୍ଡୁ / ଦୁଣ୍ଡୁ (ଓଡ଼ିଆ) - ଧୂଣ୍ଡ ସାପ ଅଛି ।

(ହୋ) - ଡୁଣ୍ଡୁ / ଦୁଣ୍ଡୁ ବିଂ ମିନାଃଇୟେ ।

ଧୂଳିଆ - ଟେଟେଙ୍ଗା ପାଣ୍ଡୁ (ଓଡ଼ିଆ) - ଧୂଳିଆ ନାଗ ପଳାଇଲା ।

(ହୋ) - ଲୟଂବିଂ ପାଣ୍ଡୁ ନିର୍‌ୟାନା ।

ଧୂଳି - ଡୁଲେଡ୍/ ବୁଦୁଗେର୍ (ଓଡ଼ିଆ) - ଧୂଳିରେ ଖେଳ ନାହିଁ ।

(ହୋ) - ଡୁଲେଡ୍‌ରେ ଆଲମ୍ ଇନୁଡା ।

ଧୂମକେତୁ - ଜନଃଇପିଲ୍ (ଓଡ଼ିଆ) - ଧୂମକେତୁ ଆକାଶରେ ଉଡ଼ିବୁଲେ ।

(ହୋ) - ଜନଃଇପିଲ୍ ସିର୍ମାରିଃଆଃ ।

ଧ୍ରୁବତାରା - ବୁର୍କେ,ଇପିଲ୍ (ଓଡ଼ିଆ) - ଧ୍ରୁବତାରା ଦିଶୁଛି ।

(ହୋ) - ବୁର୍କେ ଇପିଲ୍ ନେଲଃ ତାନା ।

ଧଳା - ପୁଣ୍ଡି — (ଓଡ଼ିଆ) - ଧଳା ଅଟେ ଟଗର ଫୁଲ ।
(ହୋ) - କୁଉୟାଁଡ଼୍ ପୁଣ୍ଡି ନେୟଃଆ ।

ଧାର - ଲେସେର୍ — (ଓଡ଼ିଆ) - ଧାରୁଆ କଟୁରି ।
(ହୋ) - ଲେସେର୍ ବାଙ୍କିଏ ।

ଧୁର୍ମୁଷ - ତାକିଡ୍ ଘଲ୍‌ପା — (ଓଡ଼ିଆ) - ଧୁର୍ମୁଷ ହୋଇନାହିଁ ।
(ହୋ) - କା ତାକିଡ୍ କାନ୍ ଘଲ୍‌ପା / ଦୁରମୁସୁଏ କେନେ ।

ଧନୁ - ଆଃ — (ଓଡ଼ିଆ) - ଧନୁ ଧରନାହିଁ ।
(ହୋ) - ଆଃ ଆଲମ୍ ସା'ବା ।

## 'ନ'

ନାକ - ମୁଟେ /ସୁଁଆଁନ୍ — (ଓଡ଼ିଆ) - ନାକ ବନ୍ଦ କର ।
(ହୋ) - ମୁଟେ ସାବ୍ କେସେ ଡ଼େମ୍ ।

ନାକ ଦଣ୍ଡା - ମୁଟେ ଜାଙ୍ଗି/ — (ଓଡ଼ିଆ) - ନାକ ଦଣ୍ଡା, ଦେଖା ଯାଉଛି ।
(ହୋ) -ମୁଟେ ଜାଙ୍ଗି ନେଲଃ ତାନା ।

ନାକ ପୁଡ଼ା - ମୁଟେଉଣ୍ଡୁ — (ଓଡ଼ିଆ) - ନାକ ପୁଡ଼ା ବନ୍ଦ ହେଉଛି ।
(ହୋ) - ମୁଟେ ଉଣ୍ଡୁ କେସେଡ୍ ତାନା ।

ନାଡ଼ି - ନାଟିକା — (ଓଡ଼ିଆ) - ନାଡ଼ି ଚଳୁ ନାହିଁ ।
(ହୋ) - ନାଟିକେ କା' ସେସେନ୍‌ତାନା ।

ନାକ - ମୁଟେ /ସୁଁ ଆଁନ୍ (ଓଡ଼ିଆ) ନାକ ବନ୍ଦ କର ।
(ହୋ) ମୁଟେ ସାବ୍ କେସେ ଡ଼େମ୍ ।

ନାକ ଦଣ୍ଡା - ମୁଟେ ଜାଙ୍ଗି — (ଓଡ଼ିଆ) ନାକ ଦଣ୍ଡା ଦେଖା ଯାଉଛି ।
(ହୋ) ମୁଟେ ଜାଙ୍ଗି ନେଲଃ ତାନା ।

ନାକପୁଡ଼ା - ମୁଟେଉଣ୍ଡୁ — (ଓଡ଼ିଆ) ନାକ ପୁଡ଼ା ବନ୍ଦ ହେଉଛି ।
(ହୋ) ମୁଟେ ଉଣ୍ଡୁ କେସେଡ୍ ତାନା ।

ନାଡ଼ି - ନାଟିକା — (ଓଡ଼ିଆ) ନାଡ଼ି ଚଳୁ ନାହିଁ ।
(ହୋ) ନାଟିକେ କା' ସେସେନ୍‌ତାନା ।

ନଖ - ସାର୍‌ସାର୍ — (ଓଡ଼ିଆ) ନଖ କାଟ ।
(ହୋ) ସାର୍ ସାର୍ ଗେଡ଼େନ୍‌ମେ ।

ନାଭି - ବୁଟି (ଓଡ଼ିଆ) ନାଭି ଦେଖାଯାଉ ନାହିଁ ।
(ହୋ) ବୁଟି କାଆ ନେଲଃ ତାନା ।

ନିଶ - ଦାଳିଆ (ଓଡ଼ିଆ) ନିଶ କଳା ଦେଖାଯାଉଛି ।
(ହୋ) ଦାଳିଆ ହେନ୍ଦେ ଗେ ନେଲଃ ତାନା ।

ନିଶ୍ୱାସ - ସାଏଡ଼ (ଓଡ଼ିଆ) ନିଶ୍ୱାସ ଠିକ୍‌ରେ ନେବା ।
(ହୋ) ସାଏଡ୍ ବୁଗିତେ ଇଡ଼େମେ ।

ପ୍ରଶ୍ୱାସ - ସିଦେଂ (ଓଡ଼ିଆ) ପ୍ରଶ୍ୱାସ ନେଲାବେଳେ ବ୍ୟଥା ହେଉଛି ।
(ହୋ) ସିଦେଂଙ୍ଗେ ତାନ୍‌ରେ ହାସୁ ତାନା ।

ନାକର ଅଗ - ମୁଟେ ଚୁଟିଃ (ଓଡ଼ିଆ) ନାକ ଅଗରେ କଳାଦାଗ ଅଛି ।
(ହୋ) ମୁଟେ ଚୁଟିଃ ରେହେନ୍ଦେ ଦାଆଗ୍ ଗିନାଃ ।

ନାବାଳକ - ବୟ (ଓଡ଼ିଆ) ନାବାଳକ କାମ କରୁଛି ।
(ହୋ) ବୟ ପାଇଟି ତେନେ ।

ନାତି - ଜାଇହନ୍ (ଓଡ଼ିଆ) ନାତି ଅଜାର ଗୋପ ଶୁଣୁଛି ।
(ହୋ) ଜାଇହନ୍ ତାତା ତେୟାଃ କାହାନୀ ଆୟୁମତେନେ ।

ନାବିକ - ଲାଉଲିଆ (ଓଡ଼ିଆ) ନାବିକ ଡ଼ଙ୍ଗା ଚଳାଉଛି ।
(ହୋ) ଲାଉଲିଆ ଡ଼ଙ୍ଗାଃ ଉଲାଓ୍ୱତାନା ।

ନରକ - ବିସିଣ୍ଡିଃ (ଓଡ଼ିଆ) ନରକକୁ ଘୃଣା ଲାଗେ ।
(ହୋ) ବିସିଣ୍ଡିଃ କା'ଟିକିଏ ଆଦାଓ୍ୱା ।

ନଡ଼ା କଟା କଳ - ବୁସୁଃ ବାଣ୍ଡିଃ ତିୟାଃ (ଓଡ଼ିଆ) ନଡ଼ା କଟା କଳ ଆଣ ।
(ହୋ) ବୁସୁଃ ବାଣ୍ଡିଃ ତେୟାଃ ଆଗୁଇ ମେ ।

ନଡ଼ିଆ କୋରଣା - ନୁଣିଏ ଗନତାଃ (ଓଡ଼ିଆ) ନଡ଼ିଆ କୋରଣାରେ ନଡ଼ିଆ କୁରାଯାଏ ।
(ହୋ) ନୁଣିଏ ଗନତାଃ ତେ, ନୁଣିଏ କ ଗତାୟା ।

ନାଉତୁମ୍ବା - ଲାଉ (ଓଡ଼ିଆ) ନାଉ ତରକାରୀ କରାଯାଏ ।
(ହୋ) ଲାଉକ ଉତୁୟେ ।

ନିହାଣ -ମଗାରୁ (ଓଡ଼ିଆ) ନିହାଣ ନେଇଆସ ।
(ହୋ) ମଗାରୁ ଆଗୁଇମେ ।

ନିରାମିଷା - ଆଇଁସିକା ଜମ୍‌ନିଃ (ଓଡ଼ିଆ) ନିରାମିଷ ରହିବା ଭଲ ।
(ହୋ) ଆଇଁସି କା ଜମ୍‌ରେ ବୁଗିନେ ।

ନାସ - ଗସଃସୁକୁଲ୍ — (ଓଡ଼ିଆ) ନାସ ନାହିଁ ।
(ହୋ) ଗସଃ ସୁକୁଲ୍ ବାନଆଃ ।

ନଡ଼ିଆ - ନୁଣିୟେ /ନୁନୁଆ — (ଓଡ଼ିଆ) ନଡ଼ିଆ ପୂଜା କାମରେ ଲାଗେ ।
(ହୋ) ନୁଣିୟେ, ବଙ୍ଗାବୁରୁ ପାଇଟିରେ ହୁଜୁଃଏ ।

ନିମ - ନିମ୍ — (ଓଡ଼ିଆ) ନିମ୍‌କୁ ଔଷଧ ରୂପେ ବ୍ୟବହାର କରାଯାଏ ।
(ହୋ) ନିମ୍ ରେଡ୍ ରାନୁ ପାଇଟିରେ ହୁଜୁଃଏ ।

ନାଗ ଫେଣି - ଲୁତୁର ବୁଃ / ଜାନୁମ — (ଓଡ଼ିଆ) ନାଗଫେଣି ମରିଯାଉଛି ।
(ହୋ) ଲୁତୁର୍ ବୁଃ ଜାନୁମ୍ ଗଜଃ ତାନା ।

ନାସ୍‌ପାତି - ଗସଃସୁକୁଲ୍ ପାପ୍ଆ — (ଓଡ଼ିଆ) ନାସ୍‌ପାତି ଆଣ ।
(ହୋ) ଗସଃ ସୁକୁଲ୍ ପାପାଃଆ ଆଗଇମେ ।

ନଳିତା - ଜାଣି — (ଓଡ଼ିଆ) ନଳିତା ଦୌଡ଼ାରେ ବାନ୍ଧିବା ।
(ହୋ) ଜାଣି ବାୟାରତେବୁ ତଲେୟା ।

ନଦୀକୂଳ - ଗାଳାକୁଟି — (ଓଡ଼ିଆ) ନଦୀକୂଳରେ ଗାଧୋଇବା ।
(ହୋ) ଗାଳାକୁଟିରେକ ଅଲାନା ।

ନଦୀର ଉତ୍ପତ୍ତିସ୍ଥଳ-ଗାଳାସତଃ / ସେତେଂ — (ଓଡ଼ିଆ) ନଦୀର ଉତ୍ପତ୍ତି ସ୍ଥାନ ବହୁତ ଦୂରରେ ।
(ହୋ) ଗାଳାରେ ୟାଃ ସତଃ ଏସୁସାନିଂରେୟା ।

ନାକ - ଲଅର — (ଓଡ଼ିଆ) ନାକ ବହୁଛି ।
(ହୋ) ଲଅର ହାଲିତେନେ ।

ନଗର - ମାରାଂ ବାଜାର୍ / ହୋ ଆଟଂ — (ଓଡ଼ିଆ) ନଗରରେ ଲୋକ ସଂଖ୍ୟା ବେଶୀ ।
(ହୋ) ହୋ ଆଟଂରେ, ହୋକ ସାଙ୍ଗିଆ ।

ନକ୍ଷତ୍ର - ଇପିଲ୍ — (ଓଡ଼ିଆ) ଆକାଶରେ ନକ୍ଷତ୍ର ଦେଖାଯାଏ ।
(ହୋ) ଗିମିଲ୍‌ରେ ଇପିଲ୍‌କ ନେଲଃଓ୍ୱ ।

ନବମୀ - ଆଙ୍ଗାରାଉଲାଂ — (ଓଡ଼ିଆ) ନବମୀ ଦିନ ପଳେଇ ଆସ ।
(ହୋ) ଆଙ୍ଗାର ଉଲାଂ ହୁଜୁଃ ବେନ୍ ।

ନୀଳ - ଲିଲ୍ — (ଓଡ଼ିଆ) ଆକାଶ ନୀଳ ଦେଖାଯାଏ ।
(ହୋ) ଗିମିଲ୍ ଲିଲ୍‌ଗେ ନେଲଃଓ୍ୱ ।

ନୋଟ୍ - ଲଅଟ୍ — (ଓଡ଼ିଆ) ଦୁଇ ଟଙ୍କିଆ ନୋଟ୍ ।
(ହୋ) ବାରଟାକା ଲଅଟ୍ ।

ନିବ୍ - ଲଙ୍ଗଂ | (ଓଡ଼ିଆ) ପେନ୍‌ର ନିବ୍ ନାହିଁ ।
(ହୋ) ଅଲାଡ୍‌ରେୟାଃ ଲଙ୍ଗଂ ବାନଃଆ ।

ନିଲାମ୍ - ଇଲେମ୍ | (ଓଡ଼ିଆ) ପୋଖରୀ ନିଲାମ୍ କରାଗଲା ।
(ହୋ) ପୁକୁରି ଇ ଲେମ୍ ଗେଆୟା ।

ନିଷ୍ପତ୍ତି - ସାଆର୍ | (ଓଡ଼ିଆ) ହୋ ଭାଷା ସ୍ୱୀକୃତି ପାଇଁ ନିଷ୍ପତ୍ତି କରାଗଲା ।
(ହୋ) ହୋ ହାୟାମ ମାଆନ୍ ଏମେ ଲାଗିଡ୍ ସାଆର୍ ହବାୟାନା ।

ନଗଦ - ରକା | (ଓଡ଼ିଆ) ନଗଦ ଟଙ୍କା ଦିଅ ।
(ହୋ) ରକାଗେ ଟାକା ଏମେମେ ।

ନମୁନା - ଲେକାନାଃ | (ଓଡ଼ିଆ) ତା'ରି ନମୁନାର ଜିନିଷ ଆଣ ।
(ହୋ) ଆଏ ଲେକାନାଃ ଆଗୁଇମେ ।

ନାଲିପାନ - ଜୁଙ୍ଗୁଡ଼୍‌ପାନ | (ଓଡ଼ିଆ) ନାଲିପାନ ଖାଇବା ।
(ହୋ) ଜୁଙ୍ଗୁଡ୍ ପାନ୍‌ବୁ ଜମେଆ ।

ନଦୀ - ଗାଲା | (ଓଡ଼ିଆ) ନଦୀ ବହୁଛି ।
(ହୋ) ଗାଲା ହାଲିତେନେ ।

## 'ପ'

ପଂଜରା - ପାଞ୍ଜାରା | (ଓଡ଼ିଆ) ପଂଜରା ହାଡ଼ ଭାଙ୍ଗିଗଲା ।
(ହୋ) ପାଞ୍ଜାରା ଜାଂ ରାପୁଡ୍‌ୟାନ ।

ପାକସ୍ଥଳୀ - ଉକୁଡ୍ | (ଓଡ଼ିଆ) ପାକସ୍ଥଳୀରେ ଖାଦ୍ୟ ହଜମ ହୁଏ ।
(ହୋ) ଉକୁଡ଼ରେ ନାଙ୍ଗମ୍ ଜିରେଓଃଆ ।

ଘର ଚଟାଣ - ଋଟାନ୍ | (ଓଡ଼ିଆ) ଘରଚଟାଣ ସଫା କରିବା ।
(ହୋ) ଅହାଃ ଋଟାନ୍ ସାଫାୟାବୁ ।

ଘୋଳଦହି - ମରଏତଓ୍ୱା | (ଓଡ଼ିଆ) ଘୋଳଦହି ପିଇବା ଭଲ ।
(ହୋ) ମରଏତଓ୍ୱା ନୁଇଁରେ ବାଣିୟେଃ ।

ଘୁଷୁରୀ - ସୁକୁରି | (ଓଡ଼ିଆ) ଘୁଷୁରୀ ଦୌଡୁଛି ।
(ହୋ) ସୁକୁରି ନିରେକେଡ଼େ ।

ଘୋଡ଼ା - ସାଦମ୍ | (ଓଡ଼ିଆ) ଘୋଡ଼ା ଦୌଡ଼ିଲା ।
(ହୋ) ସାଦମ୍ ନିର୍‌କିଡ଼ା ।

ଘଡ଼ଘଡ଼ି - ରିମିଲ୍‌ସାଳି/ଟେର୍/ଗାଲାଗୁଲୁ (ଓଡ଼ିଆ) ଘଡ଼ଘଡ଼ି ମାରୁଛି ।

(ହୋ) ଗାଲାଗୁଲୁଇଡେନେ ।

## 'ଚ'

ଚଷା - ଋଆସ (ଓଡ଼ିଆ) ଧାନ ଋଷ କରିବା ।

(ହୋ) ବାବାବୁ ଋଆସୟା ।

ଋକର - ଦାସି (ଓଡ଼ିଆ) ଧନୀ ଲୋକମାନେ ଋକର ରଖନ୍ତି ।

(ହୋ) ମୁଣ୍ଡେ 'ହୋ' କ ଦାସି ହୋକ ରିକେକଓ୍ବା ।

ଋେର - କୁମୁଉ (ଓଡ଼ିଆ) ଋେର କରୁଛି ।

(ହୋ) କୁମୁଇ ଟାନାଃ ।

ଚିତ୍ରକର - ବେଙ୍ଗେରା (ଓଡ଼ିଆ) ଚିତ୍ରକର ଚିତ୍ର ଆଙ୍କୁଛି ।

(ହୋ) ବେଙ୍ଗେରା ବେଙ୍ଗାବାଙ୍ଗି ବାଇଡେନେ ।

ଚିମୁଟା - ଚିମ୍‌ଟା (ଓଡ଼ିଆ) ଗରମ ଜିନିଷକୁ ଚିମୁଟାରେ ଧରନ୍ତି ।

(ହୋ) ଲଲ ଗିନିଷ ଚିମ୍‌ଟାତେକ ସାବେୟା ।

ଋମୁଚ - କମୋ (ଓଡ଼ିଆ) ଋମୁଚରେ ଖାଇବା ।

(ହୋ) କମୋତେବୁ ଜମେୟା ।

ଚୁଲି - ଇଟୁଲଃ (ଓଡ଼ିଆ) ଚୁଲିରେ ହାଣ୍ଡି ବସାଇବା ।

(ହୋ) ଇଟୁଲଃରେ ଋଟୁବୁ ଚନ୍ଦାୟା ।

ଚଟୁ - ଲୁଣ୍ଡିଇ /ଆନ୍ଦାଦାଣ୍ଡାଃ (ଓଡ଼ିଆ) ଚଟୁରେ ଘାଣ୍ଟିବା ।

(ହୋ) ଲୁଣ୍ଡିଇତେବୁ ସାଉଟିୟା ।

ଚଟେଇ - ହନ୍ ଜାଟି (ଓଡ଼ିଆ) ଚଟେଇରେ ବସିବା ।

(ହୋ) ହୁନ୍ଂ ଜାଟିରେବୁ ଦୁବେ ।

ଚଉକି - ଡେଣ୍ଡେର୍ ମାଚିଲେ (ଓଡ଼ିଆ) ଚଉକିରେ ବସିବା ।

(ହୋ) ଡେଣ୍ଡେର ମାଚିଲେ ରେବୁ ଦୁବେ ।

ଚଟି - ଯୋତା (ଓଡ଼ିଆ) ପାଦକୁ ସୁରକ୍ଷିତ ପାଇଁଚଟି ପିନ୍ଧନ୍ତି ।

(ହୋ) କାଟାତାଲ୍‌କା ବୁଗିନ୍ ତାଇନ୍ ଲାଗିଡ଼ ଯୋତାବୁ ହରଃୟା ।

ଚେନ୍ - ସୁନା ହିସିର୍ (ଓଡ଼ିଆ) ଝିଅମାନେ ଚେନକୁ ପିନ୍ଧିବା ପସନ୍ଦ କରନ୍ତି ।

(ହୋ) କୁଇ ହନକ ସୁନା ହିସିର୍‌କ ଗାଁସାତିୟାଃ ।

ଚିତାବାଘ - ସନା ଚିତାକୁଲେ

(ଓଡ଼ିଆ) ଚିତାବାଘ ବହୁତ ଦୌଡ଼ିପାରେ ।
(ହୋ) ସନା ଚିତାକୁଲେ ଏସୁଃନିର୍‌ଦାୟେ ।

ଚୁଚୁନ୍ଦ୍ରା - ଚୁନ୍ଦି

(ଓଡ଼ିଆ) ଚୁଚୁଂନ୍ଦ୍ରା ମାରିଲେ ଗନ୍ଧ ହୁଏ ।
(ହୋ) ଚୁନ୍ଦି ଗଃଏ କିରେଏସୁ ସାଆନା ।

ଚାତକ - ଟିରୁଂ

(ଓଡ଼ିଆ) ଚାତକ ପକ୍ଷୀ ପାଣି ପାଇଁ ଉଡ଼ି ବୁଲେ ।
(ହୋ) ଟିରୁଂ ଅୟ ଦାଃ ଲାଗିଡ଼ ଆପିର ବିୟୁରେ ନ୍‌ତାନା ।

ଚିଲ - କୁଇଡ଼ / ରିଚି

(ଓଡ଼ିଆ) ଚିଲ୍ ଆକାଶରେ ଉଡ଼ିବୁଲେ ।
(ହୋ) କୁଇଡ୍ ସିର୍‌ମାରେ ଆପିର୍ କିୟୁର ୟେନ୍‌ତାନ ।

ଚିତି - ଚିତିବିଂ

(ଓଡ଼ିଆ) ଚିତି ସାପର ବିଷ ମାରାତ୍ମକ ।
(ହୋ) ଚିତିବିଂଞ୍ଜେ ବିଶ୍ ଗ'ଗଃଏୟା ।

ଚର୍ବି - ଇଡିଲ୍

(ଓଡ଼ିଆ) ମାଂସରେ ଚର୍ବି ଥାଏ ।
(ହୋ) ଜିଲୁରେ ଇଡିଲ ଡାଇନେ ।

ଚା' - ଚାଆ / ଲଲଦାଃ

(ଓଡ଼ିଆ) ଚା' ପିଇବା ଅଭ୍ୟାସ କରୁନ୍ତି ନାହିଁ ।
(ହୋ) ଚାଆ ଦାଃ ନୁଁ କାବୁ ସେବେନା ।

ଚୁରୁଟ୍ - ବିଡି / ପିକେ

(ଓଡ଼ିଆ) ଚୁରୁଟ୍ ପାନ କରନ୍ତୁ ନାହିଁ ।
(ହୋ) ପିକେ କାବୁ ସିବେୟା ।

ଚୁଡ଼ା - ଡାବେନ୍

(ଓଡ଼ିଆ) ଚୁଡ଼ା ଜଳଖିଆରେ ବ୍ୟବହାର କରାଯାଏ ।
(ହୋ) ଡାବେନ୍ ତାସିୟେମ୍ ମେନ୍‌ରେକ ଜମେୟା ।

ଚାଉଳ - ଚାଉଲି

(ଓଡ଼ିଆ) ଧାନରୁ ଚାଉଳ ହୁଏ ।
(ହୋ) ବାବା ଏୟେତେ ଚାଉଲିଓ୍ୱ ଆ ।

ଚଣା - ଚାନା

(ଓଡ଼ିଆ) ଚଣା ବୁଟ ଆମ ପାଇଁ ଭଲ ।
(ହୋ) ଚାନା ବୁଗିନା ।

ଚଷମା - ଚସମା

(ଓଡ଼ିଆ) ଆଖି ଖରାପ ହେଲେ ଚଷମା ପିନ୍ଧନ୍ତି ।
(ହୋ) ମେଡ଼ କରାବ୍‌ୟାନ୍‌ରେ ଚସମାକ ହରଃୟା ।

ଚେଙ୍ଗ - ଚଲା

(ଓଡ଼ିଆ) ଚେଙ୍ଗମାଛ କାଦୁଅରେ ରହେ ।
(ହୋ) ଚଲା ହାଇ ଲସଅଡ଼ରେଃ ଡାଇନୋ ।

ଚନ୍ଦ୍ର - ଚାଣ୍ଡୁଃଉ

(ଓଡ଼ିଆ) ପୂର୍ଣ୍ଣିମାରେ ଚନ୍ଦ୍ର ଗୋଲ୍ ଦେଖାଯାଏ ।
(ହୋ) ପୁନାଇଁ ମୁସିଂ ଚାଣ୍ଡୁଃଉ ଡୁଉଲ୍‌ଗେ ନେଲଃଓ୍ୱ ।

| | |
|---|---|
| ଚନ୍ଦ୍ରକିରଣ - ତେତେଃମାର୍‌ସାଲ୍ /ଗଣ୍ଡୁଃ ମାର୍‌ସାଲ | (ଓଡ଼ିଆ) ରାତିରେ ଚନ୍ଦ୍ର କିରଣ ଦେଖାଯାଏ ।<br>(ହୋ) ନିଦେ ନୁବେଃରେ ତେତଃ ମାରସାଲ୍ ନେଲଃଓ୍ବ । |
| ଚନ୍ଦ୍ରଗ୍ରହଣ - ଗଣ୍ଡୁଉ ଗାରନା | (ଓଡ଼ିଆ) ସୂର୍ଯ୍ୟ ଓ ଚନ୍ଦ୍ର ଏକ ସରଳ ରେଖାରେ ରହିଲେ ଚନ୍ଦ୍ରଗ୍ରହଣ ହୁଏ ।<br>(ହୋ) ସିଙ୍ଗି ଅଣ୍ଡଃ ଗଣ୍ଡୁଉ ମିତ୍ ପାନ୍ତି ରେଜିଂ ଟାଇୟେନ୍ତେ ଦ ଗଣ୍ଡୁଃ ଗାରନା ହବାନା । |
| ଚୈତ୍ର - ଚୁଇତି / ସେନ୍ଦେରା | (ଓଡ଼ିଆ) ଚୈତ୍ର ମାସରେ ମହୁଲ ଫୁଲ ପଡ଼େ ।<br>(ହୋ) ସେନ୍ଦେରା ଗଣ୍ଡୁଃଉ ମାଡ଼କାମ ଇୟୁଃଏ । |
| ଚୂନ - ଚୁଉନ୍ | (ଓଡ଼ିଆ) ଦୁଃକ୍ତାରେ ଚୂନ ମିଶାଯାଏ ।<br>(ହୋ) ସୁକୁଲ୍‌ରେ ଚୁଉନ ଗସଃ ମିଡ଼ଃ ଆ । |

## 'ଛ'

| | |
|---|---|
| ଛାତି - କୁଆମ୍ | (ଓଡ଼ିଆ) ଛାତି ଯନ୍ତ୍ରଣା ହେଉଛି ।<br>(ହୋ) କୁଆମ୍ ହାସୁ ତେନେ । |
| ଛେପ - ବେଃଏ | (ଓଡ଼ିଆ) ଠାକୁରଙ୍କ ଜାଗାରେ ଛେପ ପକାନ୍ତୁ ନାହିଁ ।<br>(ହୋ) ବଙ୍ଗାକ ଜାଗାରେ କାବୁ ବେଃଏ ୟା । |
| ଛୋଟା - ଚଟା | (ଓଡ଼ିଆ) ଛୋଟା ଲୋକ ଚାଲି ପାରେ ନାହିଁ ।<br>(ହୋ) ଚଟା ହୋ କାଃଏ ସେନ୍‌ଦାଇୟେ । |
| ଛାତ୍ର - ପାଟୁଏକ | (ଓଡ଼ିଆ) ସ୍କୁଲ୍‌ରେ ଛାତ୍ରମାନେ ଅଛନ୍ତି ।<br>(ହୋ) ମଣ୍ଡିରେ ପାଟୁଏକୋ ମିନା କଓ୍ବା । |
| ଛାଉଣୀ - ଦାଲପ୍ | (ଓଡ଼ିଆ) ଘର ଛାଉଣୀ କରିବା ।<br>(ହୋ) ଅହାଃବୁ ଦାଲ ବେୟା । |
| ଛତା - ଘତମ୍ | (ଓଡ଼ିଆ) ବର୍ଷାଦିନେ ଛତା ଆବଶ୍ୟକ ହୁଏ ।<br>(ହୋ) ଗାମାଦିନ୍ ଘତମ୍ ଏସୁ ଦରକାର୍ । |
| ଛୁରୀ - କାତୁ | (ଓଡ଼ିଆ) ଛୁରୀରେ ଲେମ୍ବୁ କାଟିବା ।<br>(ହୋ) କାତୁତେ ଲିମ୍ବୁବୁ ଗେଡ଼େୟା । |
| ଛତୁ - ଉଡ୍ | (ଓଡ଼ିଆ) ବର୍ଷା ଦିନେ ଛତୁ ଫୁଟେ ।<br>(ହୋ) ଗାମାଦିନ୍ ଉଡ଼ ଅମନଃଓ୍ବା । |

ଛୁଞ୍ଚ୍ - ସୁସି / ସୁଜେ /ସୁଇ (ଓଡ଼ିଆ) ଛୁଞ୍ଚ୍‌ରେ ସିଲାଇ କରିବା ।

(ହୋ) ସୁଜେତେବୁ ଗାଃୟା ।

ଛିଣ୍ଡା ଲୁଗା - ଋଋଃ ଲିଜେଃ (ଓଡ଼ିଆ) ଗରିବ ଲୋକମାନେ ଛିଣ୍ଡାଲୁଗା ପିନ୍ଧନ୍ତି ।

(ହୋ) ରେଙ୍ଗେଃ ହୋ'କ ଋ ଋ ଲିଜେଃକ ତଲେନା ।

ଛଡ଼ା - ପେଟାଁ /ପେଟାଣା (ଓଡ଼ିଆ) ପଡ଼ିଆରେ ଛଡ଼ା ଚରୁଛି ।

(ହୋ) ପେଟାଁ ଉରିଃ ଗଳାରେ ଆତିଂ ତେନେ ।

ଛେଳି - ମେରମ (ଓଡ଼ିଆ) ଛେଳି ପତ୍ର ଖାଏ ।

(ହୋ) ମେରମ୍ ପାତାଆ ଜମାଃ ।

ଛଆଣ - ଗିଚି (ଓଡ଼ିଆ) ଛଆଣ କଞ୍ଚା ମାଂସ ଖାଏ ।

(ହୋ) ଗିଚି ବେରେଲ୍ ଜିଲୁ ଜମା ।

ଛାଇ - ଉମ୍ବୁଲ୍ (ଓଡ଼ିଆ) ଛାଇରେ ବସିବା ।

(ହୋ) ଉମ୍ବୁଲ୍‌ରେବୁ ଦୁବେଃ ।

## 'ପ'

ପାଦ - କାଟା ତାଲ୍‌କା (ଓଡ଼ିଆ) ରାମ ତଳିପାଦରେ କଣ୍ଟା ମାଡ଼ିଛି ।

(ହୋ) ରାମ କାଟାତାଲ୍‌କାରେ ଯାନୁମେଃ ତେଗା ତାଡ଼ା ।

ପାଟି - ମଋ (ଓଡ଼ିଆ) ପାଟି ଘା' ହୋଇଛି ।

(ହୋ) ମଋଞ୍ ଗାଓ୍ବାକାନା ।

ପାଚିଲା ବାଳ - ପାଣ୍ଡୁବାଲେ (ଓଡ଼ିଆ) ବାଳ ପାଚିଲାଣି ।

(ହୋ) ବଅ୍ ବାଲେ ପାଣ୍ଡୁୟାନା ।

ପିଠି - ଦୟା (ଓଡ଼ିଆ) ପିଠି କୁଣ୍ଡେଇ ହେଉଛି ।

(ହୋ) ଦୟା ବାବାତାଞ୍ ତାନା ।

ପିତ - ପିଇତି (ଓଡ଼ିଆ) ପିତ ପିତାଲାଗେ ।

(ହୋ) ପିଇତି ମେହେରା ।

ପେଶୀ - ଜୁମ୍‌କେ ଜିଲୁ (ଓଡ଼ିଆ) ମାଂସପେଶୀରେ ଘା' ହୋଇଛି ।

(ହୋ) ଜୁମକେ ଜିଲୁରେଞ୍ଜ ଗାଓ୍ବା କାନା ।

ପେଟ - ଲାଇଃ (ଓଡ଼ିଆ) ପେଟ ବଥା ହେଉଛି ।

(ହୋ) ଲାଇଃ ହାସୁତେନେ ।

ପୂଜ - ଗାଓ୍ୱ ମାତା (ଓଡ଼ିଆ) ଘା' ପାଚି ପୂଜ ବାହାରିଲା ।
(ହୋ) ଗାଓ୍ୱ ମାତାୟାନା ।

ପଂଝା - ସାୟେ ଯାଂ (ଓଡ଼ିଆ) ପଞ୍ଜରା ହାଡ଼ ଭାଙ୍ଗିଲା ।
(ହୋ) ସାୟେ ଯାଂ ରାପୁଡ଼କେନେ ।

ଫୁସ୍‌ଫୁସ୍ - ବରକଡ୍ (ଓଡ଼ିଆ) ଆମ ଶରୀରରେ ଫୁସ୍‌ଫୁସ୍ ଅଛି ।
(ହୋ) ଆବୁହାଃ ହମଅରେ ବରକଡ୍ ମେନାଃଆ ।

ପାଟିହାଡ଼ - ଆ ଯାଂ (ଓଡ଼ିଆ) ପାଟି ହାଡ଼ ବିନ୍ଧୁଛି ।
(ହୋ) ଆ - ଯାଂ ହାସୁତେନେ ।

ପୁଅ - କଆ ହନ୍ (ଓଡ଼ିଆ) ପୁଅ ଛୁଆ ଜନ୍ମ ହେଲା ।
(ହୋ) କଆ ହନ୍ ଜନମ୍ ୟାନା ।

ପୋଷ୍ୟ ପୁତ୍ର - ଦୁବ୍ ଉମ୍ବୁଲ୍ (ଓଡ଼ିଆ) ପୁଅଛୁଆ ନଥିଲେ ପୋଷ୍ୟପୁତ୍ର ଦରକାର ।
(ହୋ) କଆ ହନ୍‌କ ବାଂକୁଃରେ ଦୁବ୍ ଉମ୍ବୁଲ ଦରକାରା ।

ପୂର୍ବ ପୁରୁଷ - ଦୁଉମ୍ ହୋକ (ଓଡ଼ିଆ) ପୂର୍ବପୁରୁଷ ମାନେ ଚାଲିଚାଲି ଯାଉଥିଲେ ।
(ହୋ) ଦୁଉମ ହୋକ ସେନ୍ ସେନ୍‌ତେକ ସେନ୍‌କିନା ।

ପୁରୁଷ - କଆ (ଓଡ଼ିଆ) ପୁରୁଷ ପିଲା ।
(ହୋ) କଆ ହନ୍ ।

ସ୍ତ୍ରୀ - କୁଇ (ଓଡ଼ିଆ) ସ୍ତ୍ରୀ ପିଲା /ଝିଅ ପିଲା ।
(ହୋ) କୁଇ ହନ୍ ।

ପତଳା - ଏତାଂ/ବାତାରୀ (ଓଡ଼ିଆ) ପତଳା ଓଠ ।
(ହୋ) ଏତାଂ ଲୁଟି ।

ପାଗଳ - ଟୁଟେ /ବାୟା (ଓଡ଼ିଆ) ପାଗଳ କୁକୁର ।
(ହୋ) ବାୟା ସେତା ।

ପାକୁଆ - ଘଇପୁଂ (ଓଡ଼ିଆ) ମୋର ଅଜା ପାକୁଆ ପାଟି ହେଲାଣି ।
(ହୋ) ଟାଟାଂଞ୍ଚ ବୁଲେ ଘଇପୁଂ ଆ ଘବାୟାନା ।

ପ୍ରୌଢ଼ -ସାବାଳକ-ହାରାସେପେଡ଼/କଆ (ଓଡ଼ିଆ) ବର୍ତ୍ତମାନ ମୋ ପୁଅ ସାବାଳକ ।
(ହୋ) ନାଃଆ ଦ ଆଞ୍ଚାଃ ହନ୍ ହାରାସେପେଡେୟାନା ।

ପାଠକ - ପାଲାଓନିଃ/ପାଟୁଏ (ଓଡ଼ିଆ) ପାଠକମାନେ ବିଦ୍ୟାଳୟକୁ ଯାଉଛନ୍ତି ।
(ହୋ) ପାଟୁଏ କ ମହଣ୍ଡ ତେକ ସେନଃଟାନା ।

| | |
|---|---|
| ପୁରୋହିତ - ଦିଉରୀ / ଦେଅ ଆଁ | (ଓଡ଼ିଆ) ପୁରୋହିତ ପୂଜା କରୁଛନ୍ତି । |
| | (ହୋ) ଦିଉରୀ ବଙ୍ଗାଟାନା । |
| ପଣସ ଗଛ - ପଣସ ଦାରୁ | (ଓଡ଼ିଆ) ପଣସ ଗଛରେ ଫଳ ଅଛି । |
| | (ହୋ) ପଣସ ଦାରୁରେ ଜଅ ମେନାଃଆ । |
| ପାନ - ପାନ | (ଓଡ଼ିଆ) ପାନ ଖାଇଲେ ଦାନ୍ତ ଖରାପ ହୁଏ । |
| | (ହୋ) ପାନ ଜମେରେ ଦାଟା କାରାବ୍ ଋବାଃଓଃଆ । |
| ପାନ ମହୁରୀ - ପାନ୍ ମସାଲା | (ଓଡ଼ିଆ) ପାନ ମହୁରୀ ପାନରେ ମିଶାନ୍ତି । |
| | (ହୋ) ପାନ ମାସାଲା ପାନରେକ ମିସେୟା । |
| ପଗଡ଼ି - ବେନ୍‌ଟା | (ଓଡ଼ିଆ) ମୁଣ୍ଡରେ ପଗଡ଼ି । |
| | (ହୋ) ବଃଅରେ ବେନ୍‌ଟା । |
| ପାରା - ଦୁଦୁଲୁମ୍ | (ଓଡ଼ିଆ) ପାରା ଉଡ଼ି ଗଲା । |
| | (ହୋ) ଦୁଦୁଲୁମ୍ ଆପିରିୟାନା । |
| ପାଣିକୁଆ - ଦାଃ କାଆଃ | (ଓଡ଼ିଆ) ପାଣିକୁଆ କଳା ଅଟେ । |
| | (ହୋ) ଦାଃ କାଆଃ ହେନ୍ଦେୟା । |
| ପର - ଇୟାଁଲ୍ | (ଓଡ଼ିଆ) ମୟୂର ପର । |
| | (ହୋ) ମାରାଃ ଇୟାଁଲ୍ । |
| ପାତି ହଂସ - କଳ /ଗେଡ଼େ | (ଓଡ଼ିଆ) ପାତି ହଂସ ପାଣିରେ ପହଁରନ୍ତି । |
| | (ହୋ) କଳକ ଦାଃଆରେକ ଅୟାରେନା । |
| ପେଚା - କକର୍ | (ଓଡ଼ିଆ) ପେଚା ଡ଼ାକିଲା । |
| | (ହୋ) କକର୍ ରାଃଆୟେ ଟାନା । |
| ପକ୍ଷୀବସା - ଚେଣେ ବାସା | (ଓଡ଼ିଆ) ପକ୍ଷୀବସା ଗଛରେ ଅଛି । |
| | (ହୋ) ଚେଣେ ବାସା ଦାରୁରେ ମେନାଃଆ । |
| ପଙ୍ଗପାଳ - ମୁକେ ପାରାଏଁ | (ଓଡ଼ିଆ) ପଙ୍ଗପାଳ ଗଛ ପତର ଖାଏ । |
| | (ହୋ) ମୁକେପାରାଏ ଜା ଲାବିନ୍ଦି ପାତାଃକଜମା । |
| ପ୍ରଜାପତି - ପାମ୍‌ପାଆଲ୍ | (ଓଡ଼ିଆ) ପ୍ରଜାପତି ଉଡ଼ିଗଲା । |
| | (ହୋ) ପାମ୍‌ପାଲ ଆପିରିୟାନା । |
| ପିମ୍ପୁଡ଼ି - ମୁଁଃଇ | (ଓଡ଼ିଆ) ପିମ୍ପୁଡ଼ି କାମୁଡ଼ିଲେ ବହୁତ ବ୍ୟଥା ହୁଏ । |
| | (ହୋ) ମୁଇଃ ହୁଏ ଏସୁ ହା - ସୁଆ । |

ପଡ଼ିଆ - ପାଲିୟେ / ଗଲା

(ଓଡ଼ିଆ) ପଡ଼ିଆରେ ଗୋରୁ ଚରୁଛନ୍ତି ।
(ହୋ) ପାଲିୟେରେ ଉରିଃକ ଆଟିଂ ଟାନା ।

ପର୍ବତ - ବୁରୁ

(ଓଡ଼ିଆ) ଶିମିଳିପାଳରେ ପର୍ବତ ଅଛି ।
(ହୋ) ଶିମିଳିପାଳରେ ବୁରୁ ମେନାଃଆ ।

ପାହାଡ଼ - ଗୁଟୁ

(ଓଡ଼ିଆ) ପାହାଡ଼ରେ ପଥର ଅଛି ।
(ହୋ) ଗୁଟୁରେ ଦିରି ମେନାଃଆ ।

ପୋଖରୀ - ପୁକୁରି

(ଓଡ଼ିଆ) ପୋଖରୀରେ ମାଛ ଅଛନ୍ତି ।
(ହୋ) ପୁକୁରିରେ ହାକୁକ ମେନାଃ କଆ ।

ପ୍ରତିଦିନ - ସବେନ୍ ଦିନ୍

(ଓଡ଼ିଆ) ଭଗବାନଙ୍କୁ ପ୍ରତିଦିନ ଡ଼ାକିବୁ ।
(ହୋ) ସବେନ୍ ଦିନ୍ ସିଂବଙ୍ଗା କିୟାରଇ ମେ ।

ପରଦିନ - ଋନାବ୍ ମୁସିଂ

(ଓଡ଼ିଆ) ପରଦିନ କାମ ଥିଲା ।
(ହୋ) ହଲାତେର୍ ପାଇଟି ଟାଇକିନା ।

ପବନ - ହୟ /

(ଓଡ଼ିଆ) ବର୍ଷ ସହିତ ପବନ ଆସିଲା ।
(ହୋ) ଗାମାଲଃତେ ହୟ ହୁଜୁଃ ୟେନେ ।

ପୃଥିବୀ - ଅତ୍

(ଓଡ଼ିଆ) ଆମେ ସମସ୍ତେ ପୃଥିବୀରେ ବାସ କରୁ ।
(ହୋ) ଆବୁ ସବେନ ଅତ୍ ରେବୁ ଟାଇନେ ।

ପୌଷ - ବାଦି

(ଓଡ଼ିଆ) ପୌଷ ମାସ ପରେ ମାଘ ଆସେ ।
(ହୋ) ବାଦି ଋଣ୍ଡୁଃ ଋନା ସେନ୍ଦ୍ରୋ ଋଣ୍ଡଃ ହୁଜୁଃଏ ।

ପିଂଜରା - ଗାରଓ୍ୱା

(ଓଡ଼ିଆ) ପିଂଜରାରେ ପକ୍ଷୀ ।
(ହୋ) ଗାରଓ୍ୱାରେ ଚେଣେ ।

ପୁଟୁଳା - ପଳମ

(ଓଡ଼ିଆ) ଲୁଗା ପୁଟୁଳା ।
(ହୋ) ଲିଜା ପଳମ୍ ।

ପେଟରା - ପିଟି / ଡ଼ାରୁହେଃ

(ଓଡ଼ିଆ) ଟିକଟ୍ ପେଟରାରେ ଅଛି ।
(ହୋ) ଟିକସ୍ ପିଟିରେ ଏମାକାନା ।

ପଖାଳ - ଦାଃ ମାଣ୍ଡି

(ଓଡ଼ିଆ) ପଖାଳଭାତ ଶାଗ ତରକାରୀ ।
(ହୋ) ଦାଃ ମାଣ୍ଡି ଆଃଆ ଉତୁ ।

ପାଣି - ଦାଃ

(ଓଡ଼ିଆ) ପାଣି ବୋହୁଛି ।
(ହୋ) ଦାଃ ହାଲି ତେନେ ।

| | |
|---|---|
| ପିକା - ପିକା | (ଓଡ଼ିଆ) ବୁଢ଼ା ଲୋକ ପିକା ଟାଣୁଛି । |
| | **(ହୋ) ବୁଢ଼ା ପିକାଃ ସିବ୍ ତାନା ।** |
| ପିଠା - ଲାଡ୍ | (ଓଡ଼ିଆ) ପିଠା ମିଠା ଲାଗେ । |
| | **(ହୋ) ଲାଡ୍ ନଗଡ଼ା ।** |
| ପୁରି - ପୁରୀ | (ଓଡ଼ିଆ) ପୁରୀ ତରକାରୀ ସହିତ ଖାଆନ୍ତି । |
| | **(ହୋ) ପୁରୀ ଲାଡ଼ ଉତୁ ଲଃକ ଜମେୟ ।** |
| ପେଜ - ମାଣ୍ଡିଦାଃ/ ଦୁଣ୍ଡୁଃଦାଃ | (ଓଡ଼ିଆ) ପେଜ ବହଳିଆ । |
| | **(ହୋ) ଦୁଣ୍ଡୁଃଦାଃ ଇବିଲା ।** |
| ପରଟା - ପରଟା | (ଓଡ଼ିଆ) ପରଟା ପିଠା ବହୁତ ମିଠା । |
| | **(ହୋ) ପରଟା ଲାଡ଼ ଏସୁ ନଗଡ଼ା ।** |
| ପଲାଉ - ଅୱାରମାଣ୍ଡି | (ଓଡ଼ିଆ) ପଲଉ ସୁଆଦିଆ । |
| | **(ହୋ) ଅୱାର ମାଣ୍ଡି ସିବିଲା ।** |
| ପରମାତ୍ମା - ସିଂବୁଙ୍ଗା | (ଓଡ଼ିଆ) ପରମାତ୍ମାଙ୍କୁ ସମସ୍ତେ ମାନନ୍ତି । |
| | **(ହୋ) ସିଂବଙ୍ଗା ସବେକ ମାନାତିଂଏଁ ।** |
| ପାଦୁକ - ବଙ୍ଗାଆ କାଟାଦାଃ | (ଓଡ଼ିଆ) ମନ୍ଦିରକୁ ଗଲେ ପାଦୁକ ପିଇବାକୁ ଦିଅନ୍ତି । |
| | **(ହୋ) ମନ୍ଦିର ସେନଃ ରେଦ ବଙ୍ଗା କାଟା ଦାଃ ନୁଁକ ଏମେୟା ।** |
| ପ୍ରତିମା - ମୂର୍ତ୍ତି | (ଓଡ଼ିଆ) ଲକ୍ଷ୍ମୀର ପ୍ରତିମା । |
| | **(ହୋ) ଲୁକୁମୀ ୟାଃ ମୂର୍ତ୍ତି ।** |
| ପୂଜା - ବଙ୍ଗା | (ଓଡ଼ିଆ) ରାଉଳିଆ ପୂଜା କରୁଛି । |
| | **(ହୋ) ଦେଓୁାଁ ବଙ୍ଗା ତାନା ।** |
| ପ୍ରାର୍ଥନା - ଗୱାରି | (ଓଡ଼ିଆ) ମୁଁ ଗୁହାରି କରୁଛି । |
| | **(ହୋ) ଦେଆଞ୍ଜ୍ ଗୱାରୀ ତାନା ।** |
| ପାପ - ପାଆପ | (ଓଡ଼ିଆ) ଜୀବ ହତ୍ୟା ମହାପାପ । |
| | **(ହୋ) ସବେନ କହେତେ ଜୀବନ ଗଃଏ ମାରାଂ ପାଆପ ।** |
| ପୁଣ୍ୟ - ପୁନ୍ୟୁର୍ | (ଓଡ଼ିଆ) ମାନବ ଜୀବନରେ ପୁଣ୍ୟ କାମ କରିବା ଦରକାର । |
| | **(ହୋ) ମାନ୍‌ମୀ ଜୀବନ୍‌ରେ ପୁନ୍ୟୁର୍ ପାଇଟି ତେୟାଃ ଦରକାର ।** |
| ପ୍ରାୟଶ୍ଚିତ - ହାଲ୍‌ଦୁଃ | (ଓଡ଼ିଆ) ପାପରୁ ପ୍ରାୟଶ୍ଚିତ ପାଇଲା । |
| | **(ହୋ) ପାଆପଏତେଃ ହାଲ୍‌ଦୁଃ ୟେନେ ।** |

| | |
|---|---|
| ପରିସ୍ରାଗାର - ତୁକି ଅଓ୍ୱାଃ | (ଓଡ଼ିଆ) ପରିସ୍ରାଗାରରେ ପରିସ୍ରା କରନ୍ତୁ ।<br>(ହୋ) ତୁକି ଅଓ୍ୱାଃରେ ତୁକି ପେ । |
| ଫାଟକ ଆଂକା- ଦୁଏର୍ | (ଓଡ଼ିଆ) ଫାଟକ ଦେଇ ପସନ୍ତୁ ।<br>(ହୋ) ଆଂକା ଦୁଏର୍ ହରା ବଲମେ । |
| ଫାଶି - ଟାନା | (ଓଡ଼ିଆ) ଲୋକଙ୍କୁ ମାରିଲେ ଫାଶିକୁ ନିଅନ୍ତି ।<br>(ହୋ) ହୋକ ଗଃଏ କରେ ଟାନା ଦୁଏର୍ କ ଇ ଦିକଆ । |
| ପଘା - ପାଗା | (ଓଡ଼ିଆ) ପଣ୍ଡା ପଘା ଛିଡ଼େଇ ଦେଲା ।<br>(ହୋ) ପାଗା କେଲାଃ ସିଡ଼୍ କେଡ଼ା । |
| ପରଦା - ଦାନାପାଲ | (ଓଡ଼ିଆ) ଦୁଆର୍‌ରେ ପରଦା ଟଂଗା ହୋଇଛି ।<br>(ହୋ) ଦୁଏର୍‌ରେ ଦାନା ପାଲ୍ ହାକାଆ କାନା । |
| ପନିକି - କାତୁ | (ଓଡ଼ିଆ) ପନିକିରେ କାଟନ୍ତି ।<br>(ହୋ) କାତୁ ତେକ ଗେଡ଼େ୍ଆ । |
| ପଙ୍ଖା - ପାଂକା | (ଓଡ଼ିଆ) ପଙ୍ଖା ଘୂରାଅ ।<br>(ହୋ) ପାଂକା ବିୟୁରେମ୍ । |
| ପାନିଆ - ନାକିଃଇ | (ଓଡ଼ିଆ) ମୁଣ୍ଡ ପାନିଆରେ କୁଣ୍ଡେଇ ହୁଅ ।<br>(ହୋ) ବଃଅ ନାକିଃଇ ତେ ନାକିଃଇନ୍ ମେ । |
| ପାଲିଂକି - ସଂଆଁରି | (ଓଡ଼ିଆ) ପାଲିଂକିରେ କନିଆ ବସିଛି ।<br>(ହୋ) ଗଂକୁଇ ସଆଁରୀରେ ଦୁବେ କେନେ । |

## 'ବ'

| | |
|---|---|
| ବାଳକ - କୁଆ ହନ୍ /ବୟ/ ବାବୁ ହନ୍ | (ଓଡ଼ିଆ) ଆଗରେ ବାଳକ ଗଲିଛି ।<br>(ହୋ) ଆୟାର୍‌ରେ କଆହନ୍ ସେନା କାଡ଼ା । |
| ବାଳିକା - କୁଇହନ୍ / ମାଇହନ୍/ବୁଇ | (ଓଡ଼ିଆ) ବାଳିକା ପାଣି ବୋହିଛି ।<br>(ହୋ) ମାଇଁହନ୍ ଦାଃ ଦିପିଲା କାଡ଼ା । |
| ବିଧବା - ରାଣ୍ଡି | (ଓଡ଼ିଆ) ବିଧବା ସ୍ତ୍ରୀ କାନ୍ଦୁଛି ।<br>(ହୋ) ରାଣ୍ଡି ଏରା ରାଃଆ ଟାନା । |
| ବୋକା - ବୁକା | (ଓଡ଼ିଆ) ତୁ ବୋକାଟା କି ?<br>(ହୋ) ଆମ୍‌ଦମ୍ ବୁକା ଗିଆ କି ? |

ବୁଢ଼ା - ହାଆମ୍ (ଓଡ଼ିଆ) ବୁଢ଼ା ହେଲେ ଓଜନିଆ କାମ କରି ହେବ ନାହିଁ ।
(ହୋ) ବୁଳେ ତେନ୍‌ରେ ହାୟାଲ ପାଇଟି କାଦାଇପୁଃଆ ।

ବୁଢ଼ୀ - ବୁଳି (ଓଡ଼ିଆ) ବୁଢ଼ୀଲୋକ ହସୁଛି ।
(ହୋ) ବୁଳିଏରା ଲାନ୍ଦାତାନା ।

ବାଳିକା - କୁଇହନ୍ / ମାଇହନ୍ (ଓଡ଼ିଆ) ବାଳିକା ପାଣି ବୋହିଛି ।
(ହୋ) ମାଇଁହନ୍ ଦାଃ ଦିପିଲା କାଡ଼ା ।

ବାଳକ - କୁଆ ହନ୍/ବୟ / ବାବୁ ହନ୍ (ଓଡ଼ିଆ) ଆଗରେ ବାଳକ ଚାଲିଛି ।
(ହୋ) ଆୟାର୍‌ରେ କୁଆହନ୍ ସେନାକାଡ଼ା ।

ବାଳିକା - କୁଇହନ୍ / ମାଇହନ୍ (ଓଡ଼ିଆ) ବାଳିକା ପାଣି ବୋହିଛି ।
(ହୋ) ମାଇଁହନ୍ ଦାଃ ଦିପିଲା କାଡ଼ା ।

ବିଧବା - ରାଣ୍ଡି (ଓଡ଼ିଆ) ବିଧବା ସ୍ତ୍ରୀ କାନ୍ଦୁଛି ।
(ହୋ) ରାଣ୍ଡି ଏରା ରାଃଆତାନ୍ ।

ବୋକା - କଅଁଲ (ଓଡ଼ିଆ) ତୁ ବୋକାଟା କି ?
(ହୋ) ଆମ୍‌ଦମ୍ କଅଁଲ ଗିଆ କି ?

ବାପା - ଆପୁ (ଓଡ଼ିଆ) ବାପାଙ୍କ କଥା ମାନିବୁ ।
(ହୋ) ଆପୁୟେଃ କାଜି ଆୟୁମେମ୍ ।

ବଡ଼ଭାଇ - ମାରାଂଦାଦା / ବାଉ (ଓଡ଼ିଆ) ବଡ଼ଭାଇ ହାଟକୁ ଯାଉଛନ୍ତି ।
(ହୋ) ବାଉଞ୍ଜ ହାଆଟ ସେନଃ ତାନା ।

ବୋହୂ - କିମିନ୍ (ଓଡ଼ିଆ) ଆମ ବାବୁ ବୋହୂ ଆଣିଛି ।
(ହୋ) ଆଲେ ବାବୁ କିମିନ୍ ନେଃ ଆଗୁତାଇଏ ।

ବର - ଗଂକଆ (ଓଡ଼ିଆ) ବର ବାହା ହେବା ପାଇଁ ଯାଇଛି ।
(ହୋ) ଗଂକଆ ଆଣାନ୍ଦିନ୍ ତେଃ ସେନା କାନା ।

ବିମାତା - ଗାହୁଞ୍ଜ / କାକି (ଓଡ଼ିଆ) ବିମାତା ଛୁଆ ପାଠ ପଢ଼ୁଛି ।
(ହୋ) ଗାଉଞ୍ଜେଃ ହନ୍ ପାଲଓ୍ୱତାନା ।

ବିଦେଶୀ - ବାହାର ଦିଶୁମ୍ /ଏଟାଃଦିଶୁମ୍ /ଦିଶୁମ୍‌ପାରମ୍ (ଓଡ଼ିଆ) ଆମ ଦେଶକୁ ବିଦେଶୀମାନେ ବୁଲିବାକୁ ଆସନ୍ତି ।
(ହୋ) ଆବୁ ଦିଶୁ ତେଏଟାଃ ଦିଶୁମ୍‌ରେନ୍‌କ ହନର୍ ତେକ ହୁଜୁଃଏ ।

ବଦମାସ - କେଚଲ (ଓଡ଼ିଆ) ତୁ ବହୁତ ବଦମାସ ।
(ହୋ) ଆମ୍‌ଦ ଏସୁମ୍ କେଚଲ ଗିଆ ।

ବରଯାତ୍ରୀ - ଅର୍‌ଏରା/ସୁର୍‌ତୁଲି — (ଓଡ଼ିଆ) ବରଯାତ୍ରୀମାନେ କନିଆ ଆଣିବା ପାଇଁ ଯାଇଛନ୍ତି ।
(ହୋ) ଏରା ଆଗୁ ଅର୍‌ଏରା କ ସେନା କାନା ।

ବାଦ୍ୟକାର - ଗୁ ତେନିଃ/ଡ଼େଙ୍ଗେରା — (ଓଡ଼ିଆ) ବାଦ୍ୟକାର ବାଜା ବଜାଉଛି ।
(ହୋ) ଡ଼େଙ୍ଗେରା ଦାଗାଦୁମାଂ ଙ୍ଗେଃ ଗୁତାନା ।

ବେକାର - ସାମାଗେ — (ଓଡ଼ିଆ) ମୁଁ ବେକାର ଅଛି ।
(ହୋ) ଆଞ୍ଜ୍ ସାମାଗେ ମେନାଃଞ୍ଜା ।

ବଣିଆ - ସେକେରା — (ଓଡ଼ିଆ) ବଣିଆ ହାର ତିଆରି କରୁଛି ।
(ହୋ) ସେକେରା ହିସିରେଃ ବାଇତେନେ ।

ବଳି - ବଙ୍ଗାଗଃଏ — (ଓଡ଼ିଆ) କୁକୁଡ଼ା ବଳି କଲେ ।
(ହୋ) ସିମ୍‌କ ବଙ୍ଗା କିଃଇଏ ।

ବାସଗୃହ - ବାସାଅଓ୍ୱା/ଗିତିଃଉସେମ୍ — (ଓଡ଼ିଆ) ତୁମ ବାସଗୃହରେ ସାପ ପଶିଛି ।
(ହୋ) ଆପେ ଗିତିଃ ଉସେମ୍‌ରେ ବିଂ ବଲଆ କାନା ।

ବାରଣ୍ଡା - ପିଣ୍ଡିଗି — (ଓଡ଼ିଆ) ବାରଣ୍ଡାରେ କୁକୁର ଶୋଇଛି ।
(ହୋ) ପିଣ୍ଡିଗିରେ ସେତା ଗିତିଇୟା କାନା ।

ବଟୁଆ - ବୁଟୁୟେଃ / ଉକୁଟୁୟେଃ — (ଓଡ଼ିଆ) ବଟୁଆରେ ପାନ ରଖନ୍ତୁ ।
(ହୋ) ବୁଟୁୟେଃରେ ପାନ ରିକେମେ ।

ପାଉଁସିଆ - ତରଏ ଲେକା — (ଓଡ଼ିଆ) ଧଳାମାଟି ପାଉଁଶିଆ ଦେଖାଯାଏ ।
(ହୋ) ପୁଣ୍ଡି ହାସାଦ ତରଏ ଲେକ ନେଲଆ ।

ପାଞ୍ଚଟଙ୍କିଆ - ମଏଁଟାକା ତେୟାଃ — (ଓଡ଼ିଆ) ପାଞ୍ଚ ଟଙ୍କିଆର ମିଠା ଆଣିବୁ ।
(ହୋ) ମଏଁଟାକା ରେୟାଃ ଲାଡ୍ ଆଗୁଇମେ ।

ପ୍ରହରୀ - ହରତାନିଃ — (ଓଡ଼ିଆ) ବଗିଚାରେ ପ୍ରହରୀ ଅଛି ।
(ହୋ) ବାକାଇରେ ହରତାନିଃ ମିନାଃଇଏ ।

ପରୀକ୍ଷକ - ବିଲାଓଇଃ — (ଓଡ଼ିଆ) ପରୀକ୍ଷକ ପରୀକ୍ଷା ନେବା ପାଇଁ ଯାଉଛନ୍ତି ।
(ହୋ) ବିଲାଓଇଃ ବିଲାଓ ନେଲ୍ ସେନଃ ତାନା ।

ପରୀକ୍ଷା - ବିଲାଓ — (ଓଡ଼ିଆ) ପରୀକ୍ଷା ଦେବୁ ।
(ହୋ) ପରୀକ୍ଷା ଏମେମେ ।

ପୁରସ୍କାର - ସିର୍ପା — (ଓଡ଼ିଆ) ଭଲ ଖେଳିଲେ ପୁରସ୍କାର ମିଳେ ।
(ହୋ) ବାଣିଏଁ ଇନୁଂରେ ସିର୍ପା ନାମଃଆ ।

ପୃଷ୍ଠା - ଅନଟାଃ (ଓଡ଼ିଆ) ଏକ ପୃଷ୍ଠାରେ ଅଛି ।
(ହୋ) ମିଡ୍ ଅନଟାଃରେ ମିନାଃ ।

ପ୍ରଧାନଶିକ୍ଷକ - ଦୁୟେନ୍ ଗୁରୁ (ଓଡ଼ିଆ) ପ୍ରଧାନଶିକ୍ଷକ ବିଦ୍ୟାଳୟରେ ଅଛନ୍ତି ।
(ହୋ) ଦୁୟେନ୍ ଗୁରୁ ମଁଣ୍ଡରେ ମେନାଃଇଏ ।

ପ୍ରାଣଦଣ୍ଡ - ଜୀବନ ଦାଣ୍ଡେ/ ଜୀବନ ସିକି (ଓଡ଼ିଆ) ପ୍ରାଣଦଣ୍ଡରୁ ମୁକ୍ତି ପାଇଲା ।
(ହୋ) ଜୀବନ ସିକିତେ ହାଲଦୁଃ ନାମ୍ କେଡ଼ା ।

ପଟା - ପାଟା/ଟିକସ (ଓଡ଼ିଆ) ବ୍ୟାଗରେ ଟିକଟ ଅଛି ।
(ହୋ) ବେହେଗେରେ ଟିକସ ମେନାଃ ।

ଫାସି - ବନଃଏ / ହାକା (ଓଡ଼ିଆ) ଭଗତ୍ ସିଂଙ୍କୁ ଫାସି କଲେ ।
(ହୋ) ଭଗତ୍ ସିଂ ଦକ ହାକା ଗଃଏ କିଃଏ ।

ପୁନର୍ବିଚ୍ଚର - ଅଃଣ୍ଡ ମିସେ ବିଚେର୍ / ଅଣ୍ଡଃମିସେଦୁନୁବ (ଓଡ଼ିଆ) ପୁନବିଚ୍ଚର କର ।
(ହୋ) ଅଣ୍ଡଃମିଶା ବିଚ୍ଚରେ ପେ ।

ପ୍ରମାଣ - ପର୍‌ମାଣ (ଓଡ଼ିଆ) ପ୍ରମାଣ ମିଳିଗଲା ।
(ହୋ) ପର୍‌ମାଣ ନାମେ ୟାନା ।

ପାରିଶ୍ରମିକ - ନାଲା/ କୁଏ (ଓଡ଼ିଆ) ପାରିଶ୍ରମିକ ପାଇଗଲି ।
(ହୋ) ନାଲା ଏମାଡ଼ିଞ୍ଚେ ।

ପିତଳ - ପିତେଲ୍ (ଓଡ଼ିଆ) ପିତଳ ବଂଶୀ ଭଲ ବାଜେ ।
(ହୋ) ପିତେଲ ରୁତୁ ଏସୁ ଶାଳିଏ ।

ପଥର - ଦିରି (ଓଡ଼ିଆ) ପଥର କଠିନ ଅଟେ ।
(ହୋ) ଦିରି କେଟେଃ ଏ ୟା ।

ଫୋଡ଼ଣି - ମାରାଂସୁଜେ (ଓଡ଼ିଆ) ବସ୍ତା ଫୋଡ଼ିଣିରେ ସିଲେଇ କରନ୍ତି ।
(ହୋ) ବସତା ଦ ମାରାଂ ସୁଜେ ତେକ ଗାଃୟା ।

ଫସଲ - କିର୍‌ସି (ଓଡ଼ିଆ) ବିଲରେ ଫସଲ ହୋଇଛି ।
(ହୋ) ବେଲାରେ କିର୍‌ସି ହବାଆ କାନା ।

ଫେଣା - ଘତା (ଓଡ଼ିଆ) ମହୁ ଫେଣା ।
(ହୋ) ଦୁମୁର ଘତା ।

ଫଳ - ଜଅ (ଓଡ଼ିଆ) ଗଛରେ ଫଳ ଅଛି ।
(ହୋ) ଦାରୁରେ ଜଅଓ୍ୱାଃ କାନା ।

| | |
|---|---|
| ଫୁଲମାଳ - ବାଆହିସିର୍ | (ଓଡ଼ିଆ) ବେକରେ ଫୁଲ ମାଳ ।<br>(ହୋ) ହଟଃରେ ବାଆ ହିସିର । |
| ଫାସ - ପାସେ | (ଓଡ଼ିଆ) ଲଙ୍ଗଳ ଫାସ ।<br>(ହୋ) ନାଇଲ ପାସେ । |
| ଫୁଲ କୋବି - ବାଆକୁବି | (ଓଡ଼ିଆ) ଫୁଲକୋବିର ତରକାରୀ ।<br>(ହୋ) ବାଆ କୁବି ଉତୁ । |
| ଫାଲଗୁନ - ବାଦି/ ପାଗୁନ୍/ବାଆଚଣ୍ଡୁଃ | (ଓଡ଼ିଆ) ଫାଲଗୁନ୍ ମାସରେ ଡ଼ାଳ ପୂଜା ହୁଏ ।<br>(ହୋ) ବାଦି କଚଣ୍ଡୁଃରେ ବାଆ ପରବ ହବାନା । |
| ବୁଢ଼ା ଆଙ୍ଗୁଳି - ମାରାଂ ଗାଣ୍ଡା | (ଓଡ଼ିଆ) ବୁଢ଼ା ଆଙ୍ଗୁଳିରେ ବେଶି ଶକ୍ତି ଅଛି ।<br>(ହୋ) ମାରାଂ ଗାଣ୍ଡାରେ ପୁରେଃ ପେବେଏଃ ମେନା । |
| ବାଳ - ବଃଅ ବାଲେ | (ଓଡ଼ିଆ) ମୁଣ୍ଡ ବାଳ କାଟିବୁ ।<br>(ହୋ) ବଃଅ ବାଲେ ରାଚମେନ୍ ମେ । |
| ବାମହାତ - ଲେଙ୍ଗାତିଇ/<br>/ଲେଂଙ୍ଗାତିଇତେ | (ଓଡ଼ିଆ) ବାମ ହାତରେ ମୋତେ ଦେବୁ ନାହିଁ ।<br>(ହୋ) ଲେଏଁଙ୍ଗାତିଇତେ ଆଲମ ଏମାଞ୍ଜ । |
| ବାହୁ - ସୁପୁ | (ଓଡ଼ିଆ) ବାହୁରେ ଡ଼େଉଁରିଆ ବାନ୍ଧିବୁ ।<br>(ହୋ) ସୁପୁରେ ମାନ୍ଦାଲି ତଲେମ୍ । |
| ବେକ - ହଟଃ | (ଓଡ଼ିଆ) ବେକରେ ହାର ।<br>(ହୋ) ହଟଃରେ ହିସିର୍ । |
| ବତି - ବାତି | (ଓଡ଼ିଆ) ଲଣ୍ଠନରେ ବତି ଥାଏ ।<br>(ହୋ) ଲାନ୍ଟନ୍‌ରେ ବାତି ମେନାଃ । |
| ବତୀ(ମହମ) - ସାକିଡ଼ ବାତି | (ଓଡ଼ିଆ) ମହମ ବତୀ ଜଳାଅ ।<br>(ହୋ) ସାକିଡ଼ ବାତି ଜୁଲେମ୍ । |
| ବଳିତା - ସୁଲିତେ | (ଓଡ଼ିଆ) ସନ୍ଧ୍ୟା ବେଳେ ବଳିତା ଜଳାନ୍ତି ।<br>(ହୋ) ଆୟୁବ୍ ପାଂ ସୁଲିତେକ ଜୁଲେୟା । |
| ବନ୍‌ସି କଣ୍ଟା - ବାଆଁସି ଜାନୁମ୍ | (ଓଡ଼ିଆ) ବନ୍‌ସି କଣ୍ଟାରେ ମାଛ ଧରନ୍ତି ।<br>(ହୋ) ବାଆଁସି ଜାନୁମ୍‌ତେ ହାକୁକ ବାଆଁସି ତେୟା । |
| ବନ୍ଧୁକ - ବୁନ୍ଦୁକୁ | (ଓଡ଼ିଆ) ବନ୍ଧୁକରେ ଚଢ଼େଇ ମାରିଲା ।<br>(ହୋ) ବୁନ୍ଦୁକୁତେ ଅୟେଃ ତଲେ କିଃଏ । |

| | |
|---|---|
| ବାଡ଼ି - ଦାଣ୍ଡାଃ | (ଓଡ଼ିଆ) ବାଡ଼ି ଆଣ । |
| | (ହୋ) ଦାଣ୍ଡାଃ ଆଗୁଇ ମେ । |
| ବାଲ୍‌ଟି - ବାଲ୍‌ଟି | (ଓଡ଼ିଆ) ବାଲ୍‌ଟିରେ ପାଣି ଅଛି । |
| | (ହୋ) ବାଲ୍‌ଟିରେ ଦାଃଆ ମେନାଃଆ । |
| ବିଛଣା - ଗିତିଇଜାଗାଆଟେଡ୍ | (ଓଡ଼ିଆ) ତୋ'ର ବିଛଣା ହୋଇଗଲା । |
| | (ହୋ) ଆମାଃ ଗିତିରେ ଜାଗା ଆଟେଡ୍ ହବାୟାନା । |
| ବେତା - ପାଚିୟେଃ | (ଓଡ଼ିଆ) ବେତାରେ ବାଇଗଣ ଅଛି । |
| | (ହୋ) ପାଚିୟେଃରେ ବେଙ୍ଗା ମେନାଃ । |
| ବୋତଲ - ବତଲ୍ | (ଓଡ଼ିଆ) ବୋତଲରେ ମହୁ ରସ ଅଛି । |
| | (ହୋ) ବତଲ୍‌ରେ ଦୁମୁର୍ ରାସି ମେନାଃ । |
| ବାସି - ବାସି | (ଓଡ଼ିଆ) ବାସି ତରକାରୀ ଖାଇବ ନାହିଁ । |
| | (ହୋ) ବାସି ଉତୁ ଆଲମ ଜୁମା । |
| ବିଡ଼ି - ବିଲି | (ଓଡ଼ିଆ) ବିଡ଼ି କେନ୍ଦୁପତ୍ରରେ ତିଆରି କରନ୍ତି । |
| | (ହୋ) ବିଲିଦ ତିରିଲ୍ ପା ତା ତେକ ବାଇୟେ । |
| ବିରି - ରେଟେଃ ରାମ୍ବାଆ | (ଓଡ଼ିଆ) ପଡ଼ିଆରେ ବିରି ବୁଣନ୍ତି । |
| | (ହୋ) ଗଲାରେ ରେଟେଃ ରାମ୍ବାକ ହେରେୟା । |
| ବାଜରା - ଗେଲେ ଗାଙ୍ଗାଇ | (ଓଡ଼ିଆ) ବାଜରା ଭଜା ଭାରି ମିଠା । |
| | (ହୋ) ଗେଲେ ଗାଙ୍ଗାଇ ଆତା ଏସୁ ନଗଡ଼ା । |
| ବାଇଗଣ - ବେଂଗା | (ଓଡ଼ିଆ) ବାଇଗଣ ତରକାରୀ । |
| | (ହୋ) ବେଂଗା ଉତୁ । |
| ବିଲାତି ବାଇଗଣ - ବିଲାତି ବେଂଗା | (ଓଡ଼ିଆ) ବିଲାତି ଖଟା । |
| | (ହୋ) ବିଲାତି ମରଃଏ । |
| ବନ୍ଧାକୋବି - ପଲମ୍‌କୁବି / ପୁଟୁଏ କୁବି | (ଓଡ଼ିଆ) ବନ୍ଧାକୋବି ତରକାରୀ କରନ୍ତି । |
| | (ହୋ) ପୁଟୁଏକୁବି ଉତୁୟେକ । |
| ବରକୋଳି - ବାଇଜଅ | (ଓଡ଼ିଆ) ବରକୋଳି ମିଠା ଲାଗେ । |
| | (ହୋ) ବାଇଜଅ ନଗଡ଼ା । |
| ବର - ବାଇ | (ଓଡ଼ିଆ) ବର ଗଛ । |
| | (ହୋ) ବାଇ ଦାରୁ । |

| | |
|---|---|
| ବେଲ - ବେଏଲ୍ | (ଓଡ଼ିଆ) ବେଲ ଫଳ ଟାଣୁଆ । |
| | (ହୋ) ବେଏଲ୍ ଜଅଦ କେଳେଃଆ । |
| ବେତ - ବେଏଁଟେ | (ଓଡ଼ିଆ) ବେତ ବାଡ଼ି । |
| | (ହୋ) ବେଏଁଟେ ଦାଣ୍ଡାଃ । |
| ବଗିଚ୍ଚ - ବାଗାନ୍ | (ଓଡ଼ିଆ) ବଗିଚ୍ଚରେ ଫୁଲ ଫୁଟିଛି । |
| | (ହୋ) ବାଗାନ୍‌ରେ ବାଆ ପୁଟେଓ୍ବା କାନା । |
| ବର୍ଷାତି - ଗାମାସୁତୁଇ | (ଓଡ଼ିଆ) ବର୍ଷା ଦିନରେ ବର୍ଷାତି ବ୍ୟବହାର କରନ୍ତି । |
| | (ହୋ) ଗାମାଦିନ୍ ଗାମାସୁତୁଇ କ ସୁତୁଇନ୍ ତେୟା । |
| ବାଜୁ - ବାଜୁ | (ଓଡ଼ିଆ) ବାଜୁ ବାହୁରେ ବାନ୍ଧନ୍ତି । |
| | (ହୋ) ବାଜୁଦ ସୁ ପୁ ରେକ ତଲେୟା । |
| ବଳଦ - ହାଲା | (ଓଡ଼ିଆ) ବଳଦରେ ହଳ କରନ୍ତି । |
| | (ହୋ) ହାଲା ତେକ ସିଉଃଆ । |
| ବିଲେଇ - ବିଲେଏ | (ଓଡ଼ିଆ) ବିଲେଇ ଡ଼ାକେ ମିୟାଉ ମିୟାଉ । |
| | (ହୋ) ବେଲେ୍ଏ ରାଃଆୟା ମୟାଂ ମିୟାଂ । |
| ବରାହ - ବିର୍‌ସୁକୁରି | (ଓଡ଼ିଆ) ବରାହ କଳା ଦେଖାଯାନ୍ତି । |
| | (ହୋ) ବିର୍‌ସୁକୁରି ହେନ୍ଦେଗେକ ନେଲଃଆ । |
| ବିଲୁଆ - ତୁୟୁ | (ଓଡ଼ିଆ) ବିଲୁଆ ବଡ଼ ଚତୁର । |
| | (ହୋ) ତୁୟୁ ଏସୁ ସିୟାଣିଏଁ । |
| ବାଘ - କୁଲେ | (ଓଡ଼ିଆ) ବାଘ ଗର୍ଜନ କଲା । |
| | (ହୋ) କୁଲେ ଗାର୍‌ଜାଓ୍ବୟେ କିଡ଼ା । |
| ବାଘୁଣି - କୁଲେଏଙ୍ଗା | (ଓଡ଼ିଆ) ବାଘୁଣି ବୁଲୁଛି । |
| | (ହୋ) କୁଲେଏଙ୍ଗା ହନର୍‌ତାନା । |
| ବଡ଼ମୂଷା - ମାରାଂଗୁଲୁ | (ଓଡ଼ିଆ) ବଡ଼ମୂଷା ଧାନ ଖାଉଛି । |
| | (ହୋ) ମାରାଂଗୁଲୁ ବାବାଃଏ ଲେଟେଃ ତାନା । |
| ବିଲେଇ ଛୁଆ - ବିଲେଏହନ୍ | (ଓଡ଼ିଆ) ବିଲେଇ ଛୁଆ ଧାଉଁଛି । |
| | (ହୋ) ବିଲେଏ ହନ୍ ନିରେ କାଡ଼ା । |
| ବଣି - ରାମି | (ଓଡ଼ିଆ) ବଣି ଜିଚିରି ମିଚିରି ଡ଼ାକେ । |
| | (ହୋ) ରାମି ଚେର ଚେର ରାଃଆଏ ତାନା । |

ବଗ - କଃଅ (ଓଡ଼ିଆ) ବଗ ଧଳା ଦେଖାଯାଏ।
(ହୋ) କଃଅ ପୁଣ୍ଡିଗେଃ ନେଲଃଆ ।

ବାୟାଚଢ଼େଇ - ଚାଲୁ ଅୟେ (ଓଡ଼ିଆ) ଖଜୁରୀ ଗଛରେ ବାୟା ଚଢ଼େଇର ବସା ।
(ହୋ) କିଜୁର୍ ଦାରୁରେ ଚାଲୁ ଅୟେୟାଃ ଲୁଗା ।

ବାଦୁଡ଼ି - ବାଦୁଳି (ଓଡ଼ିଆ) ବାଦୁଳି ଉଡ଼ି ଗଲା ।
(ହୋ) ବାଦୁଳି ଆପିରିୟାନା ।

ବିଛା - ମାର୍‌ମାର୍ (ଓଡ଼ିଆ) ବିଛା କାମୁଡ଼ିଲେ ବିଷ ଚଢ଼େ ।
(ହୋ) ମାର୍‌ମାର୍‌ତୁ ଦ ବିସି ରାକାବା ।

ବୋଡ଼ାସାପ - ବଡ଼ା ବିଙ୍ଗ୍ (ଓଡ଼ିଆ) ବୋଡ଼ା ସାପ ଛେଳିକୁ ଧରିଲେ ଗିଳି ଦିଏ ।
(ହୋ) ବଡ଼ା ବିଙ୍ଗ୍ ମେରମେଃ ସାବ୍ କିରେ ଉଡ଼ିୟ ।

ବିଷ - ମାଉରେ (ଓଡ଼ିଆ) ବିଷ ପିଇଲେ ମରନ୍ତି ।
(ହୋ) ମାଉରେ ନୁଁ କେଏରେ ଗହଗଃଏୟା ।

ବଜ୍ରକାପ୍ତା - ହାର୍‌ମୁ (ଓଡ଼ିଆ) ବଜ୍ରକାପ୍ତା ରାତିରେ ଚରନ୍ତି ।
(ହୋ) ହାର୍‌ମୁ ନିଦେକ ଆଟିଂଙ୍ଗେ ।

ବିଷଦାନ୍ତ - ବିସିଦାଟା (ଓଡ଼ିଆ) ନାଗସାପରେ ବିଷଦାନ୍ତ ଥାଏ ।
(ହୋ) ପାଣ୍ଡୁନାଗୁ ବିଙ୍ଗ୍‌ରେ ବିସିଦାଟା ମେନାଃ ।

ବେଙ୍ଗ - ଚକେ (ଓଡ଼ିଆ) ବେଙ୍ଗକୁ ସାପ ଧରିଲା ।
(ହୋ) ଚକେ ବିଙ୍ଗ୍ ସାବ୍ କିଃଏ ।

ବସା - ବାସା (ଓଡ଼ିଆ) ତୁମ ବସା କେଉଁଠି ?
(ହୋ) ଆମାଃ ବାସା ଅକନ୍‌ରେ ?

ବୁଢ଼ିଆଣି - ବିନ୍ଦିରାମ୍ (ଓଡ଼ିଆ) ବୁଢ଼ିଆଣି ଜାଲରେ ଚଢ଼େଇ ଲାଗିଛି ।
(ହୋ) ବିନ୍ଦିରେମ୍ ଜାର୍‌ଜାଲିରେ ଅୟେ ଟଃଆ କାନା ।

ବଳକା - ସାରେଃଏ (ଓଡ଼ିଆ) ତୋ ପାଖରେ କେତେ ବଳିଲା ।
(ହୋ) ଆମ ତାଃରେ ଚିମିନ୍ ସାରେଃଏୟାନା ।

ବିନିମୟ - ବଦଲ (ଓଡ଼ିଆ) ଟଙ୍କା ବିନିମୟରେ ଧାନ ଦେଲା ।
(ହୋ) ଟାକା ବଦଲତେ ବାବାଏ ଏମାଇଃୟା ।

ବିକ୍ରୟ - ଆକାରିଂ (ଓଡ଼ିଆ) ଲଙ୍କା ବିକ୍ରୟ ପାଇଁ ହାଟକୁ ଯାଇଥିଲି ।
(ହୋ) ମାରଚି ଆକାରିଂ ଲାଗିଡ୍ ହାଟଙ୍ଗ୍ ସେନ୍‌ଲେନା ।

| | |
|---|---|
| ବଜାର - ଆପାସିପାଲା | (ଓଡ଼ିଆ) ବଜାର ସେନଃଆ ।<br>(ହୋ) ଆପାସିପାଲା ସେନଃଆ । |
| ବହିନା - ଆକାରିଂ ଉଙ୍କୁଲୁ | (ଓଡ଼ିଆ) ବହିନା କରିନାହିଁ ।<br>(ହୋ) ଆଉରିଙ୍ଗ୍ ଆକାରିଂ ଉଙ୍କୁଲୁୟା । |
| ବଣିକ - ଲାବାଦି | (ଓଡ଼ିଆ) ବଣିକମାନେ ବିଦେଶକୁ ବେପାର କରିବାକୁ ଯା'ନ୍ତି ।<br>(ହୋ) ଲାବାଦିକ ଏଟାଃ ଦିଶୁମ କରିଂ ଆକାରିଂ ତେକ ସେନଃଆ । |
| ବିକ୍ରେତା - ଆକାରିଂନଃ | (ଓଡ଼ିଆ) ଦୋକାନର ବିକ୍ରେତାମାନେ ଦୋକାନରେ ଥାଆନ୍ତି ।<br>(ହୋ) ଦୋକାନରେ ଆକାରିଂ ନିଃ ମେନାଃଇୟା । |
| ବିଶ୍ରାମାଗାର - ଜିରାଓ ଉସେମ୍ | (ଓଡ଼ିଆ) ବିଶ୍ରାମଗାରରେ ଲୋକଟି ବିଶ୍ରାମ ନେଉଛି ।<br>(ହୋ) ଜିରାଉସେମ୍‌ରେ ହୋ ଜିରାଓ୍ୱନ୍ ଟାନା । |
| ବାଲି - ଗିଟିଲ୍ | (ଓଡ଼ିଆ) ଛୁଆମାନେ ବାଲିରେ ଖେଳୁଛନ୍ତି ।<br>(ହୋ) ହନ୍‌କ ଗିଟିଲ୍‌ରେକ ଇନୁଂଟାନା । |
| ବିରୁଡ଼ି - ସୁର୍‌ପାଂ | (ଓଡ଼ିଆ) ବିରୁଡ଼ି ଫୁଟିଲେ ବହୁତ ବ୍ୟଥା ହୁଏ ।<br>(ହୋ) ସୁର୍‌ପାଂ ଚୁଉଦ ଏସୁ ହାସୁଏ । |
| ବିଜୁଳି - ବିଜିଲି / ହିଚିର୍ | (ଓଡ଼ିଆ) ବିଜୁଳି ମାରିଲା ।<br>(ହୋ) ହିଚିର୍ କେଡ଼ାଃଏ । |
| ବାୟୁମଣ୍ଡଳ - ହୟ ପିଳି | (ଓଡ଼ିଆ) ଆମେ ସବୁ ବାୟୁ ମଣ୍ଡଳରେ ବାସ କରୁ ।<br>(ହୋ) ଆବୁ ସବେନ୍ ହୟପିଳିରେ ମେନାଃ ବୁଏ । |
| ବାଂଫ - ଉମେଏ | (ଓଡ଼ିଆ) ହାଣ୍ଡିରୁ ଗରମ ବାଂଫ ବାହାରିଲା ।<br>(ହୋ) ଘଟୁଇତେ ଲଲ ଉମେଏ ଅଲ୍‌ୟାନା । |
| ବାର - ହାର୍ | (ଓଡ଼ିଆ) ସପ୍ତାହରେ ସାତଟି ବାର ଯାଏ ।<br>(ହୋ) ମିହାଟରେ ଇୟା ହାର ସେନଃଆ । |
| ବୁଧବାର - ବୁଦୁହାର | (ଓଡ଼ିଆ) ମଙ୍ଗଳବାର ପରେ ବୁଧବାର ଆସେ ।<br>(ହୋ) ମୁଙ୍ଗୁଲୁହାର ଘନାବ ବୁଧୁହାର ହୁଜୁଃଏ । |
| ବର୍ତ୍ତମାନ - ନାଃଆଁ | (ଓଡ଼ିଆ) ବର୍ତ୍ତମାନ କାହିଁ ଯିବୁ ।<br>(ହୋ) ନାଃଆଁଅକନାମ୍ ସେନଃଆ । |
| ବର୍ତ୍ତମାନ ସମୟ - ନାଃଆ ଉଳି | (ଓଡ଼ିଆ) ବର୍ତ୍ତମାନ ସମୟ ହେଲା<br>(ହୋ) ନାଃଆଉଳି ହବାୟାନା । |

| | |
|---|---|
| ବର୍ଷା - ଗାମା | (ଓଡ଼ିଆ) ବର୍ଷା ଆସୁଛି । |
| | (ହୋ) ଗାମା ହୁଜଃଉ ତେନେ । |
| ବର୍ଷ - ବଚର/ ସିର୍ମା | (ଓଡ଼ିଆ) ଏକ ବର୍ଷ ହୋଇଛି । |
| | (ହୋ) ମିଡ୍ ସିର୍ମା ହବାହ କାନା । |
| ବାଦାମ୍ - ବାଦାମ୍ | (ଓଡ଼ିଆ) ବାଦାମ୍ ତେଲ । |
| | (ହୋ) ବାଦାମ୍ ସୁନୁମ୍ । |
| ବାଇଗଣୀ - ଲୀଲ୍ ଆରାଃ | (ଓଡ଼ିଆ) ଆକାଶ ବାଇଗଣୀ ଦେଖାଯାଉଛି । |
| | (ହୋ) ହିମିଲ୍ ଲୀଲ୍ ଆରାଃତାନ୍ ନେଲଃତାନା । |
| ବାଦାମୀ - ସାସାଂ ଗାଦେଡ୍ | (ଓଡ଼ିଆ) ସୂର୍ଯ୍ୟ ଅସ୍ତ ସମୟରେ ଆକାଶ ବାଦାମୀ ଦେଖାଯାଏ । |
| | (ହୋ) ସିଙ୍ଗି ହାସୁର୍ ଦିପିଲାଂରେ ଗିମିଲ୍ ସାସାଂ ଗାଦେଡ୍ ନେଲଃଆ । |
| ବହି - କିତେବ୍-ପୁତି | (ଓଡ଼ିଆ) ବହି ପଢ଼ । |
| | (ହୋ) କିତେବ୍ ପାଲାଓ୍ୱ ମେ । |
| ବହି ତାଲିକା - କିତେବ୍ ନୁମୁ | (ଓଡ଼ିଆ) ହସ ଖେଳ ବହି ତାଲିକାରେ ଅଛି । |
| | (ହୋ) ଲାନ୍ଦାଇନୁଂ ନୁମୁଲେକାରେ ମେନାଃଆ । |
| ବିଦ୍ୟାଳୟ - ମଣ୍ଡ | (ଓଡ଼ିଆ) କେଉଁ ବିଦ୍ୟାଳୟରେ ପାଠ ପଢୁଛୁ । |
| | (ହୋ) ଅକନ୍ ମଣ୍ଡ ରେମ୍ ପାଲାଓ୍ୱ ତାନା । |
| ବନ୍ଦୀଶାଳା - ପାଟୁଇ ଅଲାଃ | (ଓଡ଼ିଆ) ବନ୍ଦୀଶାଳାରେ ଅଛନ୍ତି । |
| | (ହୋ) ପାଟୁଇଅଲାଃରେ ମେନାଃ ଇଏ । |
| ବ୍ୟବସାୟ - ଲାବାଦି | (ଓଡ଼ିଆ) କ'ଣ ବ୍ୟବସାୟ କରିବୁ ? |
| | (ହୋ) ଚେନାଃ ଲାବାଦି ବାଇଏ ? |
| ବ୍ୟବସାୟୀ - ଲାବାଦିଏ | (ଓଡ଼ିଆ) ଲୁଗା ବ୍ୟବସାୟୀ । |
| | (ହୋ) ଲିଜାଃ ଲାବାଦିଏ । |
| ବଜାରଦର - ବାଜାରଗନଂ | (ଓଡ଼ିଆ) ଆଳୁ ବାଜାର ଦର କେତେ ? |
| | (ହୋ) ଆଲୁ ବାଜାରଗନଂ ଚିଲିକେ ? |
| ବିକ୍ରୟ ମୂଲ୍ୟ - ଆକାରିଂ ଗନଂ | (ଓଡ଼ିଆ) ଏହି ଲୁଗାର ବିକ୍ରୟ ମୂଲ୍ୟ କେତେ ? |
| | (ହୋ) ନେନ୍ ଲାଜାଃ ରେୟାଃ ଆକାରିଂ ଗନଂ ଚିଲିକେ ? |
| ବାରସି - ହାସି | (ଓଡ଼ିଆ) ବାର୍‌ସି ଧର । |
| | (ହୋ) ହାସି ସାବେମ୍ । |

| | |
|---|---|
| ବଟାଳି - ରୁକେ | (ଓଡ଼ିଆ) ବଟାଳି ଆଣ । |
| | (ହୋ) ରୁକେ ଆଗୁଇମେ । |
| ବାଣ/ବାରୁଦ - ବାରଦୁ | (ଓଡ଼ିଆ) ବାରୁଦ / ବାଣ ଫୁଟିଲା । |
| | (ହୋ) ବାରଦୁ ପୁଟାୟାନାଃ । |
| ବର୍ଚ୍ଛା - ବୁର୍‌ସି | (ଓଡ଼ିଆ) ବର୍ଚ୍ଛାରେ ଭୂସି ଦେଲେ । |
| | (ହୋ) ବୁର୍‌ସି ତେକ ଶବଃ କିଏଃ । |
| ବାନ୍ଧିବା - ହାଟିଂ | (ଓଡ଼ିଆ) ବାନ୍ଧି ଦିଅ । |
| | (ହୋ) ହାଟିଂଏ ବେନ୍ । |

## 'ଭ'

| | |
|---|---|
| ଭାଇ - ଦାଦା | (ଓଡ଼ିଆ) ଭାଇ ଆସ । |
| | (ହୋ) ଦାଦା ହୁଜୁଃଉମେ । |
| ଭାତୁଡ଼ି - ଜନେ | (ଓଡ଼ିଆ) ଆରେ ତୁମ ମୁହଁରେ ଭାତୁଡ଼ି । |
| | (ହୋ) ମଚାରେ ଜନେୟା କାନାମ୍ । |
| ଭାଇ - ଦାଦା | (ଓଡ଼ିଆ) ଭାଇ ଆସ । |
| | (ହୋ) ଦାଦା ହୁଜୁଃଉମେ । |
| ଭଉଣୀ - ମିଶିକୁଇ | (ଓଡ଼ିଆ) ଭଉଣୀ ସ୍କୁଲକୁ ଗଲା । |
| | (ହୋ) ମିଶିକୁଇ ମଣ୍ଡତେଏ ସେନଃୟାନା । |
| ଭାଉଜ - ହିଲି | (ଓଡ଼ିଆ) ଭାଉଜ ଆମ୍ବ ଖାଉଛନ୍ତି । |
| | (ହୋ) ହିଲି ଜମ୍‌ତାନା ଉଲ୍ଲି । |
| ଭାଣିଜୀ - ଗେ କୁଇ /ଗେଙ୍ଗ୍ | (ଓଡ଼ିଆ) ଭାଣିଜୀକୁ ବାହା ଦେଲେ । |
| | (ହୋ) ଗେଙ୍ଗ୍ କୁଇ ଆହାନ୍ଦିଃ କିଏଃ । |
| ଭଣଜା - ଗେ କଆ | (ଓଡ଼ିଆ) ଭଣଜା ଚେନାଇ ଗଲା । |
| | (ହୋ) ଗେକଆ ଚେନାଇଁ ସେନଃୟାନା । |
| ଭାୟା ବା ଜ୍ଞାତି - ହାଗେୟାଃ ତାଲା | (ଓଡ଼ିଆ) ଲବ, କୁଶ ଦୁହେଁ, ଭାୟା ବା ଜ୍ଞାତି ଅଟନ୍ତି । |
| | (ହୋ) ଲବ, କୁଶ କିନ୍ ହାଗେୟାଃ ତାଲାରେନ୍ କିନ୍ । |
| ଭଦ୍ରଲୋକ - ସୁରୁୟେମ୍ | (ଓଡ଼ିଆ) ଭଦ୍ରଲୋକ ଆସିବେ । |
| | (ହୋ) ସୁରୁୟେମ ହ'କ ହୁଜୁଃଏ । |

ଭିଣୋଇ - ତେଙ୍ଗାଂ/ତେଆଂ (ଓଡ଼ିଆ) ଭିଣୋଇ ଠିଆ ହୋଇଛନ୍ତି ।

(ହୋ) ତେଙ୍ଗାଂ ଟିଙ୍ଗୁଏକେନେ ।

ଭକ୍ତ - ବଗତା (ଓଡ଼ିଆ) ଭକ୍ତଟି ଡ଼ରୁଛି ।

(ହୋ) ବଗତା ବରୟେ ତାନାଃ ।

ଭାରୁଆ - ଗ ଗଃ ତାନିଃ (ଓଡ଼ିଆ) ଭାରୁଆ ଭାର ବୋହିଛି ।

(ହୋ) ଗ ଗଃ ତାନିଃ ଗଅଃତାନା ।

ଭଣ୍ଡାରି - ବାରାଣ୍ଡି (ଓଡ଼ିଆ) ଭଣ୍ଡାରି ମୁଣ୍ଡ ବାଳ କାଟିଛି ।

(ହୋ) ବାରାଣ୍ଡି ବଅଃ ବାଲେଏ ରାଚାମ୍ ତାନା ।

ଭିକ୍ଷା - କୟେ (ଓଡ଼ିଆ) ଭିକ୍ଷା ଦିଅ ।

(ହୋ) କୟେଏମାଇ ପେଃ ।

ଭକ୍ତି - ଇୟାମ୍ (ଓଡ଼ିଆ) ଭଗବାନଙ୍କ ପ୍ରତି ସମସ୍ତଙ୍କ ଭକ୍ତି ଅଛି ।

(ହୋ) ସିବଙ୍ଗା ତାଃରେ ସବେନକଓ୍ଵା ଇଏମ୍ ମିନାଃ ।

ଭୋଜନାଳୟ - ଜମ୍‌ନୁଁ ଅଓ୍ଵାଃ (ଓଡ଼ିଆ) ଭୋଜନାଳୟ ସଫା ଅଛି ।

(ହୋ) ଜମ୍‌ନୁଂ ଅଓ୍ଵାଃ ସାପାମିନାଃ ।

ଭଣ୍ଡାର - ଗିନିଷ୍ଠି ଜଗାଓ ଅଓ୍ଵାଃ (ଓଡ଼ିଆ) ଭଣ୍ଡାର ଘରେ ତାଲା ଦିଆଯାଇଛି ।

(ହୋ) ଗିନିଷ୍ଠି ଜଗାଓ ଅଓ୍ଵାଃ କୁଲ୍‌ପୁଃଏ କେନେ ।

ଭଜା - ଆପ / ହୁଣ୍ଡା ଇସିନ୍ (ଓଡ଼ିଆ) ଆଳୁ ଭଜା ।

(ହୋ) ଆଲୁ ହୁଣ୍ଡା ଇସିନ୍ ।

ଭାତ - ମାଣ୍ଡି (ଓଡ଼ିଆ) ଭାତ ଖାଅ ।

(ହୋ) ମାଣ୍ଡି ଜମେମ୍ ।

ଭୋଜି - ଜମନୁଁ (ଓଡ଼ିଆ) ଭୋଜି ଦେଲା ।

(ହୋ) ଜମନୁଁ ଏମାଡ୍ କଆ ।

ଭେଣ୍ଡି - ମିଣ୍ଡାସଙ୍ଗେ (ଓଡ଼ିଆ) ଭେଣ୍ଡି ତରକାରୀ ।

(ହୋ) ମିଣ୍ଡାସିଙ୍ଗେ ଉତୁ ।

ଭାଲୁ - ବାଲୁ / ଦାନଗି (ଓଡ଼ିଆ) ଭାଲୁ କାନ୍ଦୁଛି ।

(ହୋ) ବାଲୁ ରାଆଃତାନାଃ ।

ଭୁଆ - ଟଗ (ଓଡ଼ିଆ) ଭୁଆମାନେ ଜଙ୍ଗଲରେ ରହନ୍ତି ।

(ହୋ) ଟଗକଦ ବୁରୁରେକ ତାଇନା ।

ଭରତିଆ - ଟୟାଁ (ଓଡ଼ିଆ) ଭରତିଆ ଉଡ଼ିଗଲା ।

(ହୋ) ଟୟାଁ ଆପିର୍ ୟାନା ।

ଭବିଷ୍ୟତ - ଚୁଇଲେ (ଓଡ଼ିଆ) ଭବିଷ୍ୟତରେ ଦରକାର ହେବ ।

(ହୋ) ଚୁଇଲେ ମୁସିଂ ଗରଜ ହବାନା ।

ଭଅଁର - ବାଆ ଉରୁ (ଓଡ଼ିଆ) ଭଅଁର ଉଡ଼ିଗଲା ।

(ହୋ) ବାଆ ଉରୁ ଆପିର ୟାନା ।

## 'ମ'

ମଧମା - ଟାଲା / ଜହଙ୍ (ଓଡ଼ିଆ) ମଧମା ଆଙ୍ଗୁଳି ।

(ହୋ) ଟାଲା ଗାଣ୍ଡା ।

ମାତା - ମା'/ଏଙ୍ଗା (ଓଡ଼ିଆ) ମାତ଼ା ନରସ୍କାର ।

(ହୋ) ଜଆର୍ ଗେ ମା'/ଏଙ୍ଗା ।

ମାମୁଁ - କୁମାଞ୍ଜ (ଓଡ଼ିଆ) ମାମୁଁଙ୍କୁ ଡ଼ାକ ।

(ହୋ) କୁମାଞ୍ଜ କେୟାଇମ୍ ।

ମାଇଁ - ହାତମ୍ (ଓଡ଼ିଆ) ମାଇଁଙ୍କ ଦେହ ଖରାପ ।

(ହୋ) ହାତମ୍ ହାସୁତାନା ।

ମଜୁରିଆ - ନାଲାଃତାନିଃ (ଓଡ଼ିଆ) ମଜୁରିଆ ମଜୁରୀକାମ କରୁଛି ।

(ହୋ) ନାଲାଃତାନିଃଇ ନାଲାତାନା ।

ମନ୍ତ୍ରୀ - ମନ୍ତ୍ରୀ (ଓଡ଼ିଆ) ମନ୍ତ୍ରୀ ଦୁଆରେ ଠିଆ ହୋଇଛନ୍ତି ।

(ହୋ) ମନ୍ତ୍ରୀ ଦୁଆର୍‌ରେଏ ତିଙ୍ଗୁଏକେନେ ।

ମରହ୍‌ଟିଆ - ଏରେଙ୍ଗା ହୋକ (ଓଡ଼ିଆ) ମରହଟିଆ ଲୋକମାନେ ମାଂସ ପଢୁଆକରି ଖାଉଥିଲେ ।

(ହୋ) ଏରେଙ୍ଗା ହୋକ ବିଲୁକ ପାତାତେକ ଲାଡ୍‌କେହେଃତେକ ଜମ୍‌କିନା ।

ମହନ୍ତ - ହାତୀ ବାଲା (ଓଡ଼ିଆ) ମହନ୍ତ ହାତୀ ପିଠିରେ ବସିଛି ।

(ହୋ) ହାତୀବାଲା ହାତୀ ଚିତାନ୍‌ରେ ଦୁବେକାନା ।

ମାତାଲ୍ - ବୁଲଃ / ବୁଲବାତୁଲାଃ (ଓଡ଼ିଆ) ମଦ ପିଇ ମାତଲ୍ ହେଉଛି ।

(ହୋ) ଆର୍‌କି ନୁତେମ୍ ବୁଲଃ ତାନା ।

ମୁକ୍ତିଆର - ଅଲ୍‌ଲର୍କା (ଓଡ଼ିଆ) ଓକିଲଙ୍କ ପାଖରେ ଜଣେ ଜଣେ ମୁକ୍ତିଆର ଥାନ୍ତି ।

(ହୋ) ଓକିଲ୍‌କ ତାଆଃରେ ଅଲଲର୍କା ମିତ଼ଅ ତାଇନେ ।

| | |
|---|---|
| ମୁର୍ଖ - ମୁରୁକୁ | (ଓଡ଼ିଆ) ମୁର୍ଖ ମୂଷା ବିଲେଇ ସାମ୍ନାରେ ବୁଲୁଛି ।<br>(ହୋ) ମୁରୁକୁ କାଟେୟା ବିଲେଏ ଆୟାରରେ ନିର୍‌ବାଏ ତାନାଃ । |
| ମାଲିକ - ଗୁସିଆଁ | (ଓଡ଼ିଆ) ମାଲିକ ଭାର ବୋହିଛନ୍ତି ।<br>(ହୋ) ଗୁସିଆଁ ବାରିଃଇ ଗଅଃଓ୍ୱାଃ କାଡ଼ା । |
| ମାଜିଷ୍ଟ୍ରେଟ୍ - ବିଚେର ଗୁସିଂଏଁ | (ଓଡ଼ିଆ) ମାଜିଷ୍ଟ୍ରେଟ୍ ବାରିପଦାରେ ଅଛନ୍ତି ।<br>(ହୋ) ବିଚେର ଗୁସିଂଏଁ ବାରିପଦାରେ ମିନାଇଏ । |
| ମୋଚି - ମୁଚି | (ଓଡ଼ିଆ) ମୋଚି ଚମଡ଼ା କାଟୁଛି ।<br>(ହୋ) ମୁଚି ଉଁଉରେଃ ଗେଡ୍‌ତାନାଃ । |
| ମହାଜନ - ବେପାରୀ /ଲାବାଦି | (ଓଡ଼ିଆ) ମହାଜନ କୁସୁମ୍ ମଞ୍ଜି କିଣୁଛି ।<br>(ହୋ) ଲାବାଦୀ ବାରୁଉଇ କିରିଂ ତାନା । |
| ମାଳି - ବାଆବାକାଇ ସାପାନିଃ /ବାଗାନିୟା | (ଓଡ଼ିଆ) ମାଳି ଫୁଲ ତୋଳୁଛି ।<br>(ହୋ) ବାଗାନିୟା ବାହା ଗଡ୍ ତାନା । |
| ମିଥ୍ୟା - ଋକାଡ୍ | (ଓଡ଼ିଆ) ମିଛ କହି ମଲା ।<br>(ହୋ) ଋକାଡ୍ କାଜିତେଏ୍ ଗଏ୍ୟାନାଃ । |
| ମଠ - ଚୁରୁଇ | (ଓଡ଼ିଆ) ସଡ଼କ ବାଟରେ ମଠ ଅଛି ।<br>(ହୋ) ସଳପ ହରାରେ ଚୁରୁଇ ମିନାଂ । |
| ମନ୍ଦିର - ମଣ୍ଡକ | (ଓଡ଼ିଆ) ମନ୍ଦିର ନିର୍ମାଣ ପାଇଁ ଟଙ୍କା ଦରକାର ।<br>(ହୋ) ମଣ୍ଡକ ବାଇଲାଗିଡ୍ ଟାକା ଦରକାର । |
| ମୁକ୍ତି - ଦୁଃଉ | (ଓଡ଼ିଆ) ଏତେ ବଡ୍ ବିପଦରୁ ମୁକ୍ତି ପାଇଲା ।<br>(ହୋ) ଇମିନ୍ ମାରାଂ ଦୁକୁଗେରାଂଏତେଃ ଦୁଃଉ ୟାନା । |
| ମଦ - ଆର୍କି | (ଓଡ଼ିଆ) ମଦ ଦୋକାନ୍‌ରେ ମଦ ମିଳେ ।<br>(ହୋ) ଆର୍‌କି ଦକାନ୍‌ରେ ଆର୍‌କି ନାମଓ୍ୱା । |
| ମାଟିଘର - ହାସାକାଁତ ଅଓ୍ୱାଃ | (ଓଡ଼ିଆ) ବର୍ଷାରେ ମାଟିଘର ଧ୍ୱଂସ ପାଇଗଲା ।<br>(ହୋ) ଗାମାଃତେ ହାଃସାକାଁତ ଆଓ୍ୱାଃ ହାନ୍ଦିଇୟାନା । |
| ମଞ୍ଚ - ମାଚା ଡ଼ିପେ | (ଓଡ଼ିଆ) ମଞ୍ଚାସିନ୍ ସମସ୍ତ ଅଥିତି ବୃନ୍ଦ ।<br>(ହୋ) ମାଚାଡ଼ିପେରେନ ସାନାମ୍ ଦିଲିକୁ ପୁଲକ । |
| ମଦଭାଟି - ଆର୍‌କି ଗୁଦେମ୍ | (ଓଡ଼ିଆ) ମଦଭାଟିରେ ମାଡ଼ ଏବଂ ଗଣ୍ଡଗୋଳ ଘଟିଛି ।<br>(ହୋ) ଆର୍‌କି ଗୁଦେମ୍ ରେକଃ ତାପାମ୍‌ତାନାଃ । |

| | |
|---|---|
| ମସିଣା - ଜିନ୍‌ତୁଜାଟି | (ଓଡ଼ିଆ) ମସିଣା ବିଛାଅ ।<br>**(ହୋ) ଜିନ୍‌ତୁ ଜାଟି ବିଲେମେ ।** |
| ମଶାରି - ସିକି ଜାଲମ୍ | (ଓଡ଼ିଆ) ମଶାରୀ ବାନ୍ଧ ।<br>**(ହୋ) ସିକିଁ ଜାଲମ୍ ତଲେମେ ।** |
| ମାଠିଆ - ମାଟିଏ | (ଓଡ଼ିଆ) ମାଠିଆରେ ହାଣ୍ଡିଆ ଢ଼ାଳି, ମୋ ଗ୍ଲାସ୍‌ରେ ଢ଼ାଳ ।<br>**(ହୋ) ମାଟିଏ ତେ ଡ଼ିଏଁ ଟିଲେମ୍ ।** |
| ମଣ୍ଡା ପିଠା - ଟିକିଲାଡ୍ | (ଓଡ଼ିଆ) ମଣ୍ଡା ପିଠା ଭାରି ମିଠା ।<br>**(ହୋ) ଟିକିଲାଡ୍ ଏସୁ ନଗଡ଼ା ।** |
| ମହୁ - ଦୁମୁରରାଶି | (ଓଡ଼ିଆ) ମହୁ ପୂଜା କାମରେ ଲାଗେ ।<br>**(ହୋ) ଦୁମୁର ରାଶିକ ବଙ୍ଗାୟା ।** |
| ମାଛ - ହାଇ/ହାକୁ | (ଓଡ଼ିଆ) ମାଛ ପାଣିରେ ରୁହେ ।<br>**(ହୋ) ହାଇ ଦାଃଆରେ ତାଇନେ ।** |
| ମାଂସ - ଜିଲୁ | (ଓଡ଼ିଆ) କୁକୁଡ଼ା ମାଂସ ।<br>**(ହୋ) ସିମ୍ ଜିଲୁ ।** |
| ମିଠା - ସିବିଲ/ ନଗଡ୍ | (ଓଡ଼ିଆ) ପିଲାମାନେ ଖାଇଲେ ମିଠା ।<br>**(ହୋ) ମାଲ୍‌ପା ଇମିନ୍ ସିବିଲ୍ ।** |
| ମାଣ୍ଡିଆ - ଗୁନ୍ଦୁଲି | (ଓଡ଼ିଆ) ମାଣ୍ଡିଆ କଷା ଖାଉଛୁ ।<br>**(ହୋ) ଗୁନ୍ଦୁଲି ପୁତେମ୍ ଜମ୍‌ତାନା ।** |
| ମକା - ଗାଙ୍ଗାଇ | (ଓଡ଼ିଆ) ମକା ଚଷ ।<br>**(ହୋ) ଗାଙ୍ଗାଇ ଚଷ ।** |
| ମସୁର - ମାସୁରି | (ଓଡ଼ିଆ) ମସୁର ଡ଼ାଲି ।<br>**(ହୋ) ମାସୁରି ଡ଼ାଆଲି ।** |
| ମୁଗ - ମୁଗି | (ଓଡ଼ିଆ) ମୁଗ ଚଷ କର ।<br>**(ହୋ) ମୁଗି ହେରେମ୍ ।** |
| ମୂଳା - ମୁଲେ | (ଓଡ଼ିଆ) ଏତେ ପରିମାଣରେ ମୂଳା ଚଷ ।<br>**(ହୋ) ଇମିନ୍ ପୁରେଃ ମୁଲେ ସିତିଏର୍ ।** |
| ମଂଜା - ମାଂଜା | (ଓଡ଼ିଆ) କଦଳୀ ମଂଜା ।<br>**(ହୋ) କାଦାଲ ମାଂଜା ।** |

| | |
|---|---|
| ମଟର - ଗାଲି ମଟର | (ଓଡ଼ିଆ) ଗାଡ଼ି ମଟର ନାହିଁ ବାସନ୍ତି । |
| | **(ହୋ) ଗାଲି ମଟର ବାନଆଁ ବାସନ୍ତି ।** |
| ମଲ୍ଲୀ - ମାଲି | (ଓଡ଼ିଆ) ମଲ୍ଲୀଫୁଲ ବହୁତ ବାସନା । |
| | **(ହୋ) ମାଲି ବାଆଃ ଏସୁ ସଲାନା ।** |
| ମସଲା - ମାସାଲା | (ଓଡ଼ିଆ) ତରକାରୀରେ ମସଲା ମିଶାଅ । |
| | **(ହୋ) ଉତୁରେ ମାସାଲା ମିଶେଏ ମେ ।** |
| ମେଥି - ମିତି | (ଓଡ଼ିଆ) ମେଥି ମହମହ ବାସୁଛି । |
| | **(ହୋ) ମିତି ମୁତୁଡ୍ ସଲାନ୍ ତାନ୍ ।** |
| ମୁକୁଟ - ରାଜା ଟୁପି | (ଓଡ଼ିଆ) ରାଜା ମୁକୁଟ ପିନ୍ଧିଛନ୍ତି । |
| | **(ହୋ) ରାଜା ଟୁପିଃଏ କାନା ।** |
| ମଥାମଣୀ - ସାମାଂ ସିଙ୍ଗେର୍ | (ଓଡ଼ିଆ) ମଥାରେ ମଥାମଣୀ ଅଛି । |
| | **(ହୋ) ବଅଃରେ ସାମାଂ ସିଙ୍ଗେର୍ ମିନାଃ ।** |
| ମୁଦି - ପଲା | (ଓଡ଼ିଆ) ହାତ ଆଙ୍ଗୁଠିରେ ମୁଦି ଅଛି । |
| | **(ହୋ) ପଲା ତିଇ ଗାଣ୍ଡାରେ ମିନାଃଆ ।** |
| ମୁଣ୍ଡକଣ୍ଢା - ସୁର୍‌ସେ/ସୁବା | (ଓଡ଼ିଆ) ଏବେ ମୁଣ୍ଡକଣ୍ଢା ବଜାରରେ ମିଳୁନାହିଁ । |
| | **(ହୋ) ନିମିର୍ ସୁବା କିରିଂତେ କା ନାମଓ୍ ତାନାଃ ।** |
| ମାଳ - ହିଶିର | (ଓଡ଼ିଆ) ଫୁଲ ମାଳ ଛିଣ୍ଡିଗଲା । |
| | **(ହୋ) ବାଆ ହିଶିର ସିଡ୍‌ୟାନା ।** |
| ମଇଁଷି - କେଲା | (ଓଡ଼ିଆ) ମଇଁଷି ହଜିଛି । |
| | **(ହୋ) କେଲା ଆଡ଼ାକାନା ।** |
| ମାଙ୍କଡ଼ - ମାକଳ / ଶାରାଃ | (ଓଡ଼ିଆ) ଖଣ୍ଡଗିରିରେ ମାଙ୍କଡ଼ ଅଧିକ । |
| | **(ହୋ) ଖଣ୍ଡଗିରିରେ ଶାରାଃକ ଲାଲି ଗେୟା ।** |
| ମିରିଗ, ହରିଣ - ସିଲିବ୍ | (ଓଡ଼ିଆ) ହରିଣ ପାହାଡ଼, ପର୍ବତରେ ରୁହେ । |
| | **(ହୋ) ସିଲିବ୍ ବିର୍ ବୁରୁରେଃ ତାଇନେ ।** |
| ମେଣ୍ଢା - ମିଣ୍ଡି | (ଓଡ଼ିଆ) ମେଣ୍ଢା ମୁଣ୍ଡ ବଡ଼ ଟାଣ । |
| | **(ହୋ) ମିଣ୍ଡି ବଓ୍ଃ ଏସୁ କେଲେଃୟା ।** |
| ମେଣ୍ଢୀ - ଏଙ୍ଗା ମିଣ୍ଡି | (ଓଡ଼ିଆ) ମେଣ୍ଢି ଚେରୁଛି । |
| | **(ହୋ) ଏଙ୍ଗା ମିଣ୍ଡି ଆଟିଂ ତାନା ।** |

| | |
|---|---|
| ମେଣ୍ଢା ଛୁଆ - ମିଣ୍ଡିହନ | (ଓଡ଼ିଆ) ମେଣ୍ଢାଛୁଆ କ୍ଷୀର ପିଉଛି ।<br>(ହୋ) ମିଣ୍ଡିହନ୍ ନୁନୁତାନା । |
| ମୟୂର - ମାରାଃ | (ଓଡ଼ିଆ) କଳାମେଘ ଦେଖି ନାଚେ ମୟୂର ।<br>(ହୋ) ହେନ୍ଦେ ରିମିଲ୍‌ନେଲ୍‌ତେ ମାରାଃ ସୁସୁନେ । |
| ମୟୂରୀ - ଏଙ୍ଗାମାରାଃ | (ଓଡ଼ିଆ) ମୟୂରୀ ପାଣି ପିଉଛି ।<br>(ହୋ) ଏଙ୍ଗା ମାରାଃ ଦାଃ ନୁଁ ତେନେ । |
| ମୟୂରପୁଚ୍ଛ - ମାରାଃପିଆଲ | (ଓଡ଼ିଆ) ଦାସାଏଁ ନାଚରେ ମୟୂର ପୁଚ୍ଛର ଘଣ୍ଟା ବାଦନ ହୁଏ ।<br>(ହୋ) ଦାସାଏଁକ ମାରାଃ ପିଆଲରେ ଗାନ୍‌ଟା ତୁଙ୍ଗେ କେଏତେକ ଦାସାୟାଁ । |
| ମାଛରଙ୍କା - କିକିର୍ | (ଓଡ଼ିଆ) ମାଛରଙ୍କା ପକ୍ଷୀ ମାଛ ଖାଏ ।<br>(ହୋ) କିକିର୍ ହାକୁକଃଏ ଜମା । |
| ମଶା - ସିକିଇଁ | (ଓଡ଼ିଆ) ମଶା କାମୁଡ଼ିଲେ ଜ୍ୱର ହୁଏ ।<br>(ହୋ) ସିକିଇଁ ହୁଃଏରେ ହା-ସୁଏ । |
| ମହୁମାଛି - ଦୁମ୍‌ର | (ଓଡ଼ିଆ) ଏ ଗଛରେ ମହୁମାଛି ଅଛନ୍ତି ।<br>(ହୋ) ନେନ୍ ଦାରୁରେ ଦୁମୁରକ ମେନାଃ କଆ । |
| ମାଛକାତି - ହାରାଁଆଡ୍ | (ଓଡ଼ିଆ) ଏ ମାଛର ମାଛକାତି ସଫା କର ।<br>(ହୋ) ନେନ୍ ହାଇରେୟାଃ ହାରାଁଆଡ୍ ସାପାଏମେ । |
| ମାଛ ବିହନ - ହାକୁ /ହାଇ ହିତେ | (ଓଡ଼ିଆ) ଏବେ ମାଛ ବିହନ ଗାଁ ଗାଁ ବୁଲି ବିକୁଛନ୍ତି ।<br>(ହୋ) ନିମିର ହାଇ ହିତେ ହାତୁହାତୁକ ଆଗୁକତାନା । |
| ମୁହାଣ - ସାମାନାଂ | (ଓଡ଼ିଆ) ପୋଖରୀ ମୁହାଣରେ ମନ୍ଦିର ଅଛି ।<br>(ହୋ) ବାନ୍ଧା ସାମାନାଂରେ ମଣ୍ଡକ ମିନାଃ । |
| ମହାସାଗର - ଆଗମ୍ ଦରେୟା | (ଓଡ଼ିଆ) ପ୍ରଶାନ୍ତ ମହାସାଗର ।<br>(ହୋ) ପ୍ରଶାନ୍ତ ଆଗମ୍ ଦରେୟା । |
| ମେଘ - ଗାମା | (ଓଡ଼ିଆ) କଳା ମେଘ ।<br>(ହୋ) ହେନ୍ଦେଃ ରିମିଲ୍ ଗାମା । |
| ମଙ୍ଗଳ - ଗାନେନ୍ | (ଓଡ଼ିଆ) ତୋର ମଙ୍ଗଳ ହେଉ ।<br>(ହୋ) ଆମାଃ ଗାନେନ୍ ହବାଅନ୍ନ । |
| ମଧାହ୍ନ - ଟିକିନ୍ | (ଓଡ଼ିଆ) ଆସନ୍ତୁ ମଧାହ୍ନ ଭୋଜନ ଖାଇବା ।<br>(ହୋ) ସିଙ୍ଗି ଟିକିନ୍ ୟେନେ, ଏଲାବୁ ଜମେୟାଁ । |

| | |
|---|---|
| ମଧ୍ୟରାତ୍ରି - ତାଲା ନିଦେ | (ଓଡ଼ିଆ) ମଧ୍ୟରାତ୍ରିରେ କିଏ ? |
| | **(ହୋ) ତାଲା ନିଦେରେ ଅକୟେ ?** |
| ମୁହୂର୍ତ୍ତ - ନାଆଁଗେ | (ଓଡ଼ିଆ) ଏ ମୁହୂର୍ତ୍ତରେ ଚାଲିଯାଅ । |
| | **(ହୋ) ନାଆଁଗେ ସେନଃମେ ।** |
| ମାସ - ଚାଣ୍ଡୁଃ | (ଓଡ଼ିଆ) ବର୍ଷକୁ ବାର ମାସ । |
| | **(ହୋ) ମିଃ ସିର୍ମେରେ ଗେଲବାର୍ ଚାଣ୍ଡୁଃ ।** |
| ମାର୍ଗଶିର - ଶାର୍ଢି | (ଓଡ଼ିଆ) ମାର୍ଗଶିର ମାସରେ ବହୁତ ଶୀତ । |
| | **(ହୋ) ଶାର୍ଢି ଚାଣ୍ଡୁଃଏସୁ ରାବାଂ ।** |
| ମାଘ - ସେନ୍ଦେରା | (ଓଡ଼ିଆ) ମାଘ ମାସରେ ମାଗେ ପରବ । |
| | **(ହୋ) ସେନ୍ଦେରା ଚାଣ୍ଡୁରେ ବାଆ ପରବ ।** |
| ମଳମାସ - ଲାନାଚାଣ୍ଡୁଃ | (ଓଡ଼ିଆ) ତିନି ବର୍ଷରେ ଥରେ ମଳମାସ ଆସେ । |
| | **(ହୋ) ଆପେଏ ସିର୍ମେରେ ମିଶେ ଗର୍‌ଗଣିତ୍‌ରେ ଲାନାଓ୍ୱା ଚାଣ୍ଡୁ ହୁଜୁଃଏ ।** |
| ମାପ - ଜକା | (ଓଡ଼ିଆ) କିରୋସିନ୍ ତେଲ ମପା ଯାଇଛି । |
| | **(ହୋ) ହାସାସୁନୁମ୍ ଜକାଓ୍ୱଃ ତାନା ।** |
| ମାଧ୍ୟମିକ ବିଦ୍ୟାଳୟ - ତାଲାମଣ୍ଡ | (ଓଡ଼ିଆ) ମଟକା ମାଧ୍ୟମିକ ବିଦ୍ୟାଳୟରେ ପାଠ ପଢ଼େ । |
| | **(ହୋ) ମଟକା ତାଲାମଣ୍ଡରେ ପାଲାଓ୍ୱ ତାନା ।** |
| ମୁଲତବି - ବନ୍ଦ / ହକା | (ଓଡ଼ିଆ) ସଭା ମୁଲତବି ରଖାଗଲା । |
| | **(ହୋ) ଦୁନୁବ୍ ବନ୍ଦ/ ହକା ୟାନା ।** |
| ମାନହାନି - ଗିୟୁଇୟୁଃ | (ଓଡ଼ିଆ) ସରପଞ୍ଚଙ୍କ ନାମରେ ମାନହାନି ମକଦମା ରୁଜୁ କରାଗଲା । |
| | **(ହୋ) ସରପଞ୍ଚଓ୍ୱାଃ ନୁତୁମତେ ଗିୟୁଃଇୟୁଃ କେଶକ କେଶ କିଏ ।** |
| ମୂଳଧନ - ମୁଉଲୁ ହିତେଃ | (ଓଡ଼ିଆ) ମୂଳଧନ ଅଛି । |
| | **(ହୋ) ମୁଉଲୁ ହିତେଃ ମିନାଂ ।** |
| ମନୋହରୀ ଦୋକାନ-କିଲିମିଲି ଦୋକାନ୍ | (ଓଡ଼ିଆ) ଦୋକାନରେ ମନୋହରୀ ଜିନିଷ ଅଛି । |
| | **(ହୋ) ଦୋକାନ୍‌ରେ କିଲିମିଲି ଜିନିଷି ମିନାଃ ।** |
| ମହାସୁଲ - ମାସୁଲ | (ଓଡ଼ିଆ) ହାଟରେ ମାସୁଲ ମାଗୁଛନ୍ତି । |
| | **(ହୋ) ହାଆଟରେ ମାସୁଲ୍‌କ ଆଆସିଏ ।** |
| ମୂଲ୍ୟ ତାଲିକା - ଗନଂ ପାଲା | (ଓଡ଼ିଆ) ଦୋକାନ୍‌ରେ ମୂଲ୍ୟ ତାଲିକା ଟଙ୍ଗା ଯାଇଛି । |
| | **(ହୋ) ଦକାନ୍‌ରେ ଗନଂପାଲା ହାକାହାକାନା ।** |

| | |
|---|---|
| ମଜୁରୀ - ନାଲା | (ଓଡ଼ିଆ) ମଜୁରୀ ଦିଅ ।<br>(ହୋ) ନାଲା ଏମାଞ୍ଚପେ । |
| ମାଙ୍କଡ଼ - ମାକଳ ଏଙ୍ଗାସାରାଃ | (ଓଡ଼ିଆ) ମାଙ୍କଡ଼ ଗଛରେ ବସିଛି ।<br>(ହୋ) ଏଙ୍ଗାସାରାଃ ଦାରୁରେ ଦୁବେକେନେ । |
| ଯାଆଁଳା - ଯାଓଣାଁ | (ଓଡ଼ିଆ) ଏ ଦୁହେଁ ଯାଆଁଳା ଛୁଆ ।<br>(ହୋ) ନିକିନ୍ ଯାଓଣାଁ ହନ୍‌କିନ୍ । |
| ଯାଆଁଳା ଭାଇ - ଯାଓଣାଁ ହାଗେୟା | (ଓଡ଼ିଆ) ଲବ ଓ କୁଶ ଦୁହେଁ ଯାଆଁଳା ଭାଇ ।<br>(ହୋ) ଲବ ଅଣ୍ଡଃ କୁଶ ଟିକିନ୍‌ଦ ଯାଓଣାଁ ହାଗେୟା । |
| ଯୁଗ - ଯୁଉଗୁ | (ଓଡ଼ିଆ) ଯୁଗ ଯୁଗ କେତେ ଯୁଗ ।<br>(ହୋ) ଯୁଉଗୁ ଯୁଉଗୁ ଚିମିନ୍ ଯୁଉଗୁ । |

## "ର"

| | |
|---|---|
| ରାଜା - ରାଜା | (ଓଡ଼ିଆ) ରଜାଙ୍କର ପ୍ରଜା ଆବଶ୍ୟକ ।<br>(ହୋ) ରାଜା ଲଃତେ ପ୍ରଜାକ ଗରଜ । |
| ରାଜପୁତ୍ର - ରାଜା ହନ୍‌ସେତ୍/ ରାଜାହନ୍ | (ଓଡ଼ିଆ) ରାଜା ଦଶରଥଙ୍କ ବଡ଼ ପୁଅ ରାମଚନ୍ଦ୍ର ।<br>(ହୋ) ରାଜା ଦଶରଥଓ୍ଃ ମାରାଂହନ୍ ରାମଚନ୍ଦ୍ର । |
| ରାଜଜେମା - ରାଜା ଏରା | (ଓଡ଼ିଆ) ରାଜା ଦଶରଥଙ୍କ ତିନି ରାଜଜେମା ଥିଲେ ।<br>(ହୋ) ରାଜା ଦଶରଥଓ୍ଃ ଆପିଏ ଏରା କତାଇ କେନା । |
| ରାଜମିସ୍ତ୍ରୀ - ରାଜମିସ୍ତ୍ରୀ | (ଓଡ଼ିଆ) ପଥର ଯୋଡ଼ିଛି ରାଜମିସ୍ତ୍ରୀ ।<br>(ହୋ) ଦିରି ଜଲାଇ ପାକାବାଇ ମିସ୍ତିରି । |
| ରାକ୍ଷସ - ରାଗସ | (ଓଡ଼ିଆ) ରାକ୍ଷସର ପେଟ ବଡ଼ ।<br>(ହୋ) ରାଗସ ବାଗସଃ ଲାଇଃ ତି ୟା । |
| ରାଣୀ - ରାଣୀ / ରାନି | (ଓଡ଼ିଆ) ବାପ୍‌ରେ ରାଣୀ ଏତେ ସୁନ୍ଦରୀ ।<br>(ହୋ) ବାବାରେ ରାଣୀ/ରାନୀ ନିମିନ୍ ସୁନ୍ଦର । |
| ରୁଟି - ରିବ୍‌ଲାଡ୍ | (ଓଡ଼ିଆ) ବେଲିକି ରୁଟି ତିଆରି କରନ୍ତି ।<br>(ହୋ) ରିଡ୍‌ଲାଡ୍ ରୁଟି କ ବାଇୟା । |
| ରସୁଣ - ରାସୁଇଁ | (ଓଡ଼ିଆ) ରସୁଣ ଖାଇଲେ ଖୁସି ଲାଗେ ।<br>(ହୋ) ରାସୁଇଁ ଜମ୍ ରାଆଁସା ଗେୟା । |

ରେଶମ - ତୁ ତୁ ଲୁଗାମ୍ | (ଓଡ଼ିଆ) ରେଶମ ପୋକ ମୂଲ୍ୟବାନ ।
(ହୋ) ତୁ ତୁ ଉ ଲୁଗେମ୍ ଏସୁ ଗନଂ ।

ରାଜହଂସ - ହାଁସିଲ୍ କଳ / ରାଜାହଂସ୍ | (ଓଡ଼ିଆ) ରାଜହଂସୀର ଚାଲି ଅଳସୀ ।
(ହୋ) ହାଁସିଲ କଳ ଜାକାଜୁକୁ ସେନେୟାଃ ।

ରଣା - ସାକମ୍‌ବିଙ୍ଗ୍ | (ଓଡ଼ିଆ) ରଣାସାପ ଏକ ବିଷାକ୍ତ ସାପ ।
(ହୋ) ସାକମ୍‌ବିଙ୍ଗ ବିଶିୟେନେ ।

ରାଜ୍ୟ - ରାଇଜ୍ | (ଓଡ଼ିଆ) ଆମ ରାଜ୍ୟ ଓଡ଼ିଶା ।
(ହୋ) ଆବୁଃଏ ରାଇଜ ଓଡ଼ିଶା ।

ରୋହି - ରୁଇ | (ଓଡ଼ିଆ) ରୋହି ମାଛ ବହୁତ ମିଠା ଲାଗେ ।
(ହୋ) ରୁଇ ହାକୁ ଏସୁ ନଗଡ଼ା ।

ରବି - ରୁଇ | (ଓଡ଼ିଆ) ଶନିବାର ପରେ ରବିବାର ଆସେ ।
(ହୋ) ଶନିହାର୍ ଚନାବ୍ ରୁଇହାର ହୁଜୁଃଏ ।

ଋତୁ - ଅମଲ୍ | (ଓଡ଼ିଆ) ବର୍ଷକ ଛଅ ଋତୁ ଅଟେ ।
(ହୋ) ବରଷରେ ତୁରୁୟେ ଅମଲ ମେନାଃ ।

ରଙ୍ଗ - ରଂ | (ଓଡ଼ିଆ) କାଗଜର ରଙ୍ଗ ଧଳା ।
(ହୋ) କାଗଜଃଆ ରଂ ପୁଣ୍ଡି ।

ରାଶି - ରାମ୍‌ତିଆ | (ଓଡ଼ିଆ) ରାଶି ଚାଷ ଲାଭଜନକ ।
(ହୋ) ରାମ୍‌ତିଆ ଚାସରେ ଲାଆବ ମିନାଃ ।

ରପ୍ତାନି - ଚନାଲ | (ଓଡ଼ିଆ) ବାରିପଦାରୁ ଟସର ଲୁଗା ରପ୍ତାନୀ କରାଯାଉଛି ।
(ହୋ) ବାରିପଦାୟେଃତେ ଲୁଗେମ୍ ଲିଜେଃଏ କ ଚନାଲେ ଟାନାଃ ।

ରୂପା - ରୂପେ | (ଓଡ଼ିଆ) ବେକରେ ରୂପା ହାର ।
(ହୋ) ହଟଅଃରେ ରୂପେ ହିଶିର୍ ।

ରସି - ବାୟାର୍ | (ଓଡ଼ିଆ) ରସିରେ ଛେଳିକୁ ବାନ୍ଧ ।
(ହୋ) ବାୟାର୍‌ତେ ମେରମ୍ ତଲିଇମେ ।

## "ଲ"

ଲାଳ - ମଚଦାଃ / ଉଲିଦାଃ | (ଓଡ଼ିଆ) ଜିଲାପି ଦେଖି ଲାଳ ଗଡ଼ିଲା ।
(ହୋ) ରାଶିଲାଡ୍ ନେଲତେ ଉଲିଦାଃ ଜରୟାନା ।

ଲଙ୍ଗଳ - ନାଇଲ (ଓଡ଼ିଆ) ଲଙ୍ଗଳରେ ହଳ କରନ୍ତି ।

**(ହୋ) ନାଇଲତେକ ସିୟୁଏ ।**

ଲଫାପା - କାଗଜ ପଲମ୍ (ଓଡ଼ିଆ) ଲଫାପାରେ ଚିଠି ପଠାନ୍ତି ।

**(ହୋ) କାଗଜ ପଲମ୍‌ତେ ନିକୁଲ୍‌କ କୁଲେୟା ।**

ଲୁହା - ମେଏଁଡ୍ (ଓଡ଼ିଆ) ଲୁହା ଗେଟ୍ ।

**(ହୋ) ମେଏଁଡ୍ ଆଂ କା ଦୁଆର୍ ।**

ଲେଖକ - ଅଟଲ୍ (ଓଡ଼ିଆ) ଲେଖକ ଲେଖୁଛନ୍ତି ।

**(ହୋ) ଅଟିଲ୍ ଅଲ୍‌ଟାନା ।**

ଲୁଗା - ଲିଜେଃ (ଓଡ଼ିଆ) ଖରାଦିନେ ସୂତାଲୁଗା ବ୍ୟବହାର କରିବା ଭଲ ।

**(ହୋ) ଜେଟେଦିନ୍ ସୁତେମ୍ ଲିଜେଃ ତଲେରେ ବୁଗିନେ ।**

ଲାଭ - ଲାପା (ଓଡ଼ିଆ) ଲାଭ ଟଙ୍କା ।

**(ହୋ) ଲାପା ଟାକା ।**

ଲେଉଟିଆ - ଲେପେର ଆଃଆ (ଓଡ଼ିଆ) ଲେଉଟିଆ ଶାଗ ଭଜା ବହୁତ ମିଠା ।

**(ହୋ) ଲେପେର ଆଃଆ ଉତୁ ଏସୁ ନଗଡ୍ ।**

ଲଙ୍କା ମରିଚ - ମାରଚି (ଓଡ଼ିଆ) ଲଙ୍କା ବହୁତ ରାଗ ।

**(ହୋ) ମାର୍‌ଚି ଏସୁ ହାଆଃଡ଼ା ।**

ଲିଚୁ - ଜମେ କାଣ୍ଡେୟର (ଓଡ଼ିଆ) ଲିଚୁ ବହୁତ ମିଠା ।

**(ହୋ) ଜମେ କାଣ୍ଡେୟରେ ଏସୁ ନଗଡ଼ ।**

ଲେମ୍ବୁ - ଲିମ୍ବୁ (ଓଡ଼ିଆ) ଲେମ୍ବୁ ଅଟିଚିପୁଡ଼ିଲେ ପିତା ।

**(ହୋ) ଲିମ୍ବୁ ଡ୍‌ପୁରେଏ ଚିପେରେ ମେଏରା ।**

ଲଙ୍କା ଆମ୍ବ - ବିଲାତି ସସ (ଓଡ଼ିଆ) ଗୋବିନ୍ଦ ପଡ଼ିଆ ଜମିରେ ଲଙ୍କା ଆମ୍ବ ଚାଷ କରିଛନ୍ତି ।

**(ହୋ) ଗୋବିନ୍ଦ ପାଳିଏ ଗୁଲାଃରେ ବିଲାତି ସସଏ ରଆତାଡ଼ା ।**

ଲୁଣ - ବୁଲୁଂ (ଓଡ଼ିଆ) ଲୁଣ ଖାଏ ହାଣ୍ଡି ।

**(ହୋ) ବୁଲୁଂ ଜମେ ଚାଟୁ ।**

ଲୁଣୀ ମାଛ - ବୁଲୁଂ ହାଇ (ଓଡ଼ିଆ) ଲୁଣୀମାଛ ତରକାରୀ ।

**(ହୋ) ବୁଲୁଂହାଇ ଉତୁ ଏସୁ ସିବିଲ ।**

ଶାଶୁ - ହାନାର (ଓଡ଼ିଆ) ଶାଶୁଦେହ ଖରାପ ।

**(ହୋ) ହାନାର ଟାଡ଼ି ହାସୁତାନା ।**

| | |
|---|---|
| ଶ୍ୱଶୁର - ହଏଁୟାର | (ଓଡ଼ିଆ) ଶ୍ୱଶୁର ବହୁତ ଭଲ ।<br>(ହୋ) ହୟାଁର ଏସୁକିନ୍ ବୁଗିନା । |
| ଶଳା - ବୁଳିକଓ୍ୱା | (ଓଡ଼ିଆ) ଶଳା ଭାରୀ ଦୁଷ୍ଟ ।<br>(ହୋ) ବୁଳିକଆ ପାଗାଲା ଗେୟାଃ । |
| ଶିକାରୀ - ଶାଙ୍ଗାର ତାନିଇ/ଶାଗାଂର ନିଇ | (ଓଡ଼ିଆ) ଶିକାରୀ ଶିକାର କରୁଛୁ ।<br>(ହୋ) ଶାଙ୍ଗାର ନିଇଃ ଶାଙ୍ଗାର ତାନା । |
| ଶିକ୍ଷକ - ଗୁରୁ / ଗସାଞ୍ଜ | (ଓଡ଼ିଆ) ଶିକ୍ଷକ ଶିକ୍ଷାଦାନ କରୁଛନ୍ତି ।<br>(ହୋ) ଗୁରୁ ହନ୍‌କଃଏ ପାଲାଓ୍ୱଃତାନା । |
| ଶିଷ୍ୟ - ଚେଲା | (ଓଡ଼ିଆ) ଶିଷ୍ୟ ଗୁରୁଙ୍କୁ ପ୍ରଣାମ କରୁଛି ।<br>(ହୋ) ଚେଲା ଗୁରୁଃଇ ଜଆରା ତାନା । |
| ଶୁଣ୍ଡି - ଆର୍‌କିବାଲା | (ଓଡ଼ିଆ) ଶୁଣ୍ଡି ମଦ ତିଆରି କରୁଛି ।<br>(ହୋ) ଆର୍‌କିବାଲା, ଆରକିଂଇବାଇତେନେ । |
| ସିଂଘାଣି - ସୁଲୁଇଃ | (ଓଡ଼ିଆ) ନାକରୁ ସିଂଘାଣୀ ବାହାରୁଛି ।<br>(ହୋ) ମୁଟେୟେତେ ସୁଲୁଇ ଜରତାନା । |
| ଶିଶୁ - ହୁଲିଂ ହନ / ସିଟିଏ | (ଓଡ଼ିଆ) ଶିଶୁ କାନ୍ଦୁଛି ।<br>(ହୋ) ହୁଲିଂହନ/ ସିଟିଏ ରାଆଃ ତାନା । |
| ସୁସ୍ଥ - ବୁଗିନ୍ ହମଅଁ/ବୁଗିନ୍‌ହମଅଁ | (ଓଡ଼ିଆ) ରାମ ଦେହ ସୁସ୍ଥ ଅଛି ।<br>(ହୋ) ରାମ ବୁଗିନ୍ ହମଅଁ ମେନାଃୟା । |
| ସୁନ୍ଦର - ସୁଗାଲ | (ଓଡ଼ିଆ) ସୁନ୍ଦର ଝିଅ ।<br>(ହୋ) ସୁଗାଲି କୁଇହନ୍ । |
| ସମ୍ପର୍କୀୟ ଭାଇ - ଉପୁରୁମ୍ ହାଗାଞ୍ଜ୍ | (ଓଡ଼ିଆ) ଡୁଗା ମୋ ସମ୍ପର୍କୀୟ ଭାଇ ।<br>(ହୋ) ଟିଏ ଡୁଗା ସୁଗାଲ ଉପୁରୁମ୍ ହାଗାଞ୍ଜ୍ । |
| ସାବତ ଝିଅ - ଆସୁଲ ନାମ କୁଇ | (ଓଡ଼ିଆ) ରିନା ସାବତ ଝିଅ ।<br>(ହୋ) ରିନା ଆସୁଲ ନାମ କୁଇ । |
| ସନ୍ତାନ - ହନ୍/ସିଟିଆ | (ଓଡ଼ିଆ) ଦୁଇଟି ସନ୍ତାନ ।<br>(ହୋ) ବାରିୟେ ହନ୍ । |
| ସଉତୁଣୀ - ହିରୁମ୍ | (ଓଡ଼ିଆ) ସଉତୁଣୀ ଆଣିବା ।<br>(ହୋ) ହିରମ୍ ଆଦେରିୟା । |

ସ୍ୱାମୀ - ହେରେଲ୍/ହାଃମ୍‌ତେ (ଓଡ଼ିଆ) ଏ ମୋ ସ୍ୱାମୀ ।
(ହୋ) ନିଇ ଆଞ୍ଜାଃ ହେରେଲ୍ ।

ସ୍ତ୍ରୀ - ଏରା (ଓଡ଼ିଆ) ବାସନ୍ତି ମୋ ସ୍ତ୍ରୀ ।
(ହୋ) ବାସନ୍ତି ଆଞ୍ଜାଃ ଏରା ।

ସାଙ୍ଗ - ଜୁଲି (ଓଡ଼ିଆ) ରାମର ସାଙ୍ଗ ରାଜୁ ।
(ହୋ) ରାମଓ୍ୱାଃ ଜୁଲି ରାଜୁ ।

ସହବାସୀ - ସୁସେମ ଜୁଲି (ଓଡ଼ିଆ) ଶିକାରୀଦଳ ଶିକାର ଗଲେ ସହବାସୀ ହୋଇ ଜଙ୍ଗଲରେ ରହିବେ ।
(ହୋ) ମିତ୍‌ତେଏରେ ବାସାନ୍‌କ ସାଙ୍ଗାର ବୁରୁରେ ସୁସେମ ଜୁଲିକ ତାଇନେ ।

ସେବକ - ଦେଙ୍ଗାରେ (ଓଡ଼ିଆ) ସେବକ ସେବା କରୁଛି ।
(ହୋ) ଦେଙ୍ଗାନିଇ ଦେଙ୍ଗାତାନା ।

ସର୍ଦ୍ଧାର - ହୁଦା ଗୁସିଆଁ (ଓଡ଼ିଆ) ଏ କାମର ସର୍ଦ୍ଧାର ରମେଶ ।
(ହୋ) ନେନ୍ ପାଇଟି ହୁଦା ଗୁସିଆଁ ରମେଶ ।

ସନ୍ୟାସୀ - ବିରେଡ୍ ହୋ (ଓଡ଼ିଆ) ଗୌତମ ବୁଦ୍ଧ ସନ୍ୟାସୀ ଥିଲେ ।
(ହୋ) ଗୌତମ ବୁଦ୍ଧ ବିରେଡ୍ ହୋଏ ତାଇକିନା ।

ସମାଧି - ସାସାନ୍ (ଓଡ଼ିଆ) ଏହି ସମାଧି ରାମର ।
(ହୋ) ନେନ୍ ଦିରି ସାସାନ୍ ରାମାଃ ।

ସମାଧିସ୍ଥଳ - ସାସାନ୍ ତାଃଆ (ଓଡ଼ିଆ) ସମାଧିସ୍ଥଳକୁ ଯାଇଥିଲା ।
(ହୋ) ସାସାନ୍ ତାଃଆଏ ସେନ୍ ଲେନା ।

ସ୍ୱର୍ଗ - ସରଗ୍ (ଓଡ଼ିଆ) ସରଗୋକୁ ନିଶୁଣୀ ନାହିଁ ।
(ହୋ) ସରଗତେଦଃ ସିଣି ବାନଓ୍ୱାଃ ।

ସୁଖ - ସୁକୁ/ ରାଆଁସା (ଓଡ଼ିଆ) ସୁଖ, ଦୁଃଖ ଏ ଦୁନିଆଁ ।
(ହୋ) ସୁକୁ, ଦୁକୁ ନେନ୍ ଦୁନିଆଁ ।

ଶାଳଗ୍ରାମ - ବୁଙ୍ଗା ସାହାଲେ (ଓଡ଼ିଆ) ଦେହରୀ ଶାଳଗ୍ରାମରେ ପୂଜା କରୁଛି ।
(ହୋ) ଦିଉରି ବଙ୍ଗା ସାଆଲେରେ ବଙ୍ଗାତାନା ।

ସିନେମା ଘର - ସିନେମାଃ ଅଓ୍ୱାଃ (ଓଡ଼ିଆ) ସିନେମା ଘରେ ସିନେମା ଚାଲିଛି ।
(ହୋ) ସିନେମାଃ ଅହ୍ୱାଃରେ ସିନେମା ଚାଲୁୟେ କେନେ ।

ଶିଳ - ସାସାଂରିଡ୍‌ଦିରି — (ଓଡ଼ିଆ) ଶିଳା ପଥରରେ ହଳଦୀ ବାଟ ।
(ହୋ) ସାସାଂରିଡ୍‌ଦିରିରେ ସାସାଂରିଡେମେ ।

ସାବୁନ୍ - ସାବନ୍ — (ଓଡ଼ିଆ) ଦିଅ ସାବୁନ ଆଣ ।
(ହୋ) ଦା ସାବୁନ୍ ଆଗୁଇମ୍ ।

ସିକା - ସିକୁୟେର — (ଓଡ଼ିଆ) ସିକା ଛିଣ୍ଡି ଗଲା ।
(ହୋ) ସିକୁୟେର ସିଡ୍‌ୟାନା ।

ସ୍ୱାଦହୀନ - ସାବାଃ — (ଓଡ଼ିଆ) କେମିତି ତରକାରୀ ସ୍ୱାଦହୀନ ?
(ହୋ) ଚିଲିକେନ୍ ଉତୁ ସାବାଃ ଆ ?

ସୁ-ସ୍ୱାଦୁ - ଇସୁସିବିଲ୍ — (ଓଡ଼ିଆ) ମାସଂ ତରକାରୀ ସୁ-ସ୍ୱାଦୁ ।
(ହୋ) ଜିଲୁ ଉତୁ ଏସୁସିବିଲା ।

ଶାଗ - ଆଃ-ଆ — (ଓଡ଼ିଆ) ଶାଗ କିଣ ।
(ହୋ) ଆଃଆ କିରିଞ୍ଜେମେ ।

ସୋରିଷ - ମାନି — (ଓଡ଼ିଆ) ସୋରିଷ ଶାଗ ।
(ହୋ) ମାନି ଆଃଆ ।

ଶିମ୍ବ - ଶିଲିମି — (ଓଡ଼ିଆ) ଶିମ୍ବ ଏକ ଫଳ ।
(ହୋ) ଶିଲିମି ମିତଃ ଜଅ ।

ସ୍ଥଳପଦ୍ମ - ଅତେ ତାଲାଏ — (ଓଡ଼ିଆ) ସ୍ଥଳ ପଦ୍ମଫୁଲ ବହୁତ ସୁନ୍ଦର ଦେଖାଯାଏ ।
(ହୋ) ଅତେ ତାଲାଏ ବାଆଏସୁ ସୁଗାଇ ନେଲଃଆ ।

ସୂର୍ଯ୍ୟମୁଖୀ - ଗଣ୍ଡୁଃବାଆ — (ଓଡ଼ିଆ) ସୂର୍ଯ୍ୟମୁଖୀ ଫୁଲ ସୁନ୍ଦର ଦେଖାଯାଉଛି ।
(ହୋ) ଗଣ୍ଡୁଃବାଆ ନିମିନ୍ ବୁଗିନ୍ ନେଲଓଃ ତାନା ।

ସଜନୀ - ମୁଲ୍‌ଗେ — (ଓଡ଼ିଆ) ସଜନା ଶାଗ ।
(ହୋ) ମୁଲ୍‌ଗେ ଆଃ-ଆଃ ।

ଶାଳ-ଶାର୍‌ଜମ୍ — (ଓଡ଼ିଆ) ଶାଳ ଗଛ ।
(ହୋ) ଶାରଜମ୍ ଦାରୁ ।

ଶୁଣ୍ଠି - ଗଅ୍ଃଓଦା — (ଓଡ଼ିଆ) ଶୁଣ୍ଠିର ଔଷଧୀୟ ଗୁଣ ଅଛି ।
(ହୋ) ଗଅଃଓଦା ରେଏଡ଼ାନା ।

ସୂତା - ସୁତେମ୍ — (ଓଡ଼ିଆ) ସୂତା ଚିଣ୍ଡିଲା ।
(ହୋ) ସୁତେମ୍ ସିଡ୍‌ୟାନା ।

ଶାଢ଼ୀ - ଶାଳି ଲିଜେଃ
(ଓଡ଼ିଆ) ଏ ଶାଢ଼ୀ କାହାର ।
(ହୋ) ନେନ ଶାଳି ଅକୟାଃ ।

ସମର - ଶାରାମ୍
(ଓଡ଼ିଆ) ଏତେବଡ଼ ସମର ।
(ହୋ) ନିମିନ୍ ମାରାଂ ସାରାମ୍ ।

ସିଂହ - ଜଟ କୁଲେ/ଜଟେୟାକୁଲେ
(ଓଡ଼ିଆ) ସିଂହ ଗର୍ଜିଲା ।
(ହୋ) ଜଟକୁଲେ ଗାର୍‌ଜାଓ କେଡ଼୍ଃ ।

ଷଣ୍ଢ - ସେଣ୍ଡ
(ଓଡ଼ିଆ)ଷଣ୍ଢ ଧାନ ଖାଇଲା ।
(ହୋ) ସେଣ୍ଢ ବାବାଏ ଜମ୍‌କିଡ଼ା ।

ସାପ ହୁଂକା - ବିଞ୍ଜ୍ ଉଣ୍ଡୁ
(ଓଡ଼ିଆ) ସାପହୁଂକା ଦେଖାଯାଉଛି ।
(ହୋ) ବିଞ୍ଜ ଉଣ୍ଡୁ ନେଲଓ୍ୱଃ ତାନା ।

ସାଧବ ବୋହୂ - ସିନ୍ଦୁରୀ ଉରୁ
(ଓଡ଼ିଆ) ସାଧବ ବୋହୂ ଧିରେ ଧିରେ ଚାଲିଛି ।
(ହୋ) ସିନ୍ଦୁରୀ ଉରୁ ସୁଏ ସୁଏତେ ସେନଃତାନା ।

ଶାମୁକା - ଗିନ୍‌ଚେଃଏ୍
(ଓଡ଼ିଆ) ସମୁଦ୍ର ଶାମୁକା ।
(ହୋ) ସମ୍‌ଦର୍‌ରେନ୍ ଗିନ୍‌ଚେଃଏ୍ ।

ଶଂଖ - ସାକଓ୍ୱାଁ
(ଓଡ଼ିଆ) ଶଂଖ ବାଜୁଛି ।
(ହୋ) ସାକଓ୍ୱାଁ ଶାଲିତେନେ ।

ସମୁଦ୍ର - ଦରେୟା/ସମ୍‌ଦର୍
(ଓଡ଼ିଆ) ସମୁଦ୍ର କୂଳ ।
(ହୋ) ଦରିୟା କୁଟି ।

ଶାଖାନଦୀ - ହୁଲିଂ ଗାଲା/ କତଗାଲା
(ଓଡ଼ିଆ) ମହାନଦୀ ନଦୀରୁ କାଠଯୋଡ଼ି ଶାଖା ନଦୀ ବାହାରିଛି ।
(ହୋ) ମହାନଦୀ ଗାଲାଏତେ ହୁଲିଂ କାଠଯୋଡ଼ି ଗାଲା ଅହଲା କାନା ।

ସ୍ଥଳ - ଅତେ
(ଓଡ଼ିଆ) ଆମେ ସମସ୍ତେ ସ୍ଥଳରେ ବାସ କରୁ ।
(ହୋ) ଆବୁ ସବେନ ଅତେରେ ମେନାଃବୁଏ ।

ସହର - ଜାଏଁଲା
(ଓଡ଼ିଆ) ସହରକୁ ରାସ୍ତା ନାହିଁ ।
(ହୋ) ଜାଏଁଲାତେ ହରା ବାନଆଁ ।

ସୂର୍ଯ୍ୟକିରଣ - ସିଙ୍ଗି ତୁରତୁଂ
(ଓଡ଼ିଆ) ପ୍ରଖର ସୂର୍ଯ୍ୟକିରଣ ।
(ହୋ) ଇମିନ୍ କେଲେଏ ସିଙ୍ଗିତୁରତୁଂ ।

ସକାଳବେଳା - ସେତାଃ ସିଙ୍ଗି
(ଓଡ଼ିଆ) ସକାଳବେଳା ସୂର୍ଯ୍ୟୋଦୟ ହେଲା ।
(ହୋ) ସେତାଃ ସିଙ୍ଗି ତୁର୍‌ୟାନା ।

| | |
|---|---|
| ସୂର୍ଯ୍ୟାସ୍ତ - ସିଙ୍ଗି ହାସୁର | (ଓଡ଼ିଆ) ସୂର୍ଯ୍ୟ ଅସ୍ତ ହେଲେ ।<br>(ହୋ) ସିଙ୍ଗି ହାସୁର ୟାନା । |
| ସୋମବାର - ସୁମୀହାର | (ଓଡ଼ିଆ) ରବିବାର ପରେ ସୋମବାର ଆସେ ।<br>(ହୋ) ରୁଇହାର ଚାନାବ ସୁମୀହାର ହୁଜୁଃଏ । |
| ସମୟ - ଉଲି | (ଓଡ଼ିଆ) ଖାଇବା ସମୟ ହେଲାଣି ।<br>(ହୋ) ଜମେ ଉଲି ହବାୟାନା । |
| ସକାଳ - ସେତାଃ | (ଓଡ଼ିଆ) ସକାଳେ ଆସ ।<br>(ହୋ) ସେତାଃରେ ହୁଜୁଃମେ । |
| ସଂଧା - ଆୟୁବ୍ | (ଓଡ଼ିଆ) ସନ୍ଧ୍ୟାବେଳେ ଆସ ।<br>(ହୋ) ଆୟୁବ୍ ପାଙ୍ ହୁଜୁଃଉମେ । |
| ସପ୍ତାହ - ମିଃ ହାଆଟ/ହାବ୍ତାବାର | (ଓଡ଼ିଆ) ସାତ ଦିନରେ ସପ୍ତାହ ହୁଏ ।<br>(ହୋ) ଇୟାହାର୍‌ରେ ମିହାଆଟ ହବାନ୍ତା'ନା । |
| ଶ୍ରାବଣ - ଆଟେନ | (ଓଡ଼ିଆ) ଶ୍ରାବଣ ମାସ ପରେ ଭାଦ୍ରବ ମାସ ଆସେ ।<br>(ହୋ) ଆଘଲା ଘଣ୍ଟୁ ଚାମବ୍ ଆଟେନ୍ ଘଣ୍ଟୁଃ ହବାନା । |
| ଶୀତ - ରାବାଂ | (ଓଡ଼ିଆ) ଏତେ ଶୀତ ଲାଗୁଛି ।<br>(ହୋ) ଇମିନ୍ ରାବାଂ ଟାନା । |
| ଶହେ ଟଙ୍କିଆ - ମିଡ୍ ଶହଟା କାଲ'ଟ | (ଓଡ଼ିଆ) ଶହେ ଟଙ୍କା କିଏ ଚୋରି କଲା ।<br>(ହୋ) ମିଡଃଶହ ଟାକା ଲଅଟ ଅକୟେ କୁମୁଉକିଡ଼ା । |
| ଶିକ୍ଷୟତ୍ରୀ - ଗୁରମୀ | (ଓଡ଼ିଆ) ଶିକ୍ଷୟତ୍ରୀ ଛାତ୍ରଛାତ୍ରୀଙ୍କୁ ଶିକ୍ଷାଦାନ କରୁଛନ୍ତି ।<br>(ହୋ) ଗୁର୍‌ମୀ ପାଟୁଏକଃଏ ପାଲାଅଟାନା । |
| ଶ୍ରେଣୀ - ବାରା | (ଓଡ଼ିଆ) କେଉଁ ଶ୍ରେଣୀରେ ପଢୁଛି ।<br>(ହୋ) ଅକନ୍ ବାରାରେମ୍ ପାଲାଓଃ ଟାନା । |
| ଶିକ୍ଷା - ପାପାଦିର | (ଓଡ଼ିଆ) ବିଦ୍ୟାଳୟରେ ଶିକ୍ଷା ଦିଆଯାଏ ।<br>(ହୋ) ମୁଣ୍ଡରେ ପାପାଦିରକ ଏତକଟାନା । |
| ଶିକ୍ଷକ - ଗୁରୁ | (ଓଡ଼ିଆ) ଶିକ୍ଷକ ଶିକ୍ଷାଦାନ କରୁଛନ୍ତି ।<br>(ହୋ) ଗୁରୁ ଅଲ୍‌ଏତକ ଟାନାଏ । |
| ସାକ୍ଷୀ - ସାକି | (ଓଡ଼ିଆ) ସାକ୍ଷୀ ରହିଲା ଶଙ୍ଖା ଶାଢ଼ୀ ।<br>(ହୋ) ସାକି ଟାଇୟେନେ ଶାକମ୍ ଶାଳୀ । |
| ସୂଧ - ସୁଉଦୁ | (ଓଡ଼ିଆ) କେତେ ସୁଧ ?<br>(ହୋ) ସୁଉଦୁ ଚିମିନ୍ ? |

| | |
|---|---|
| ସୁନା - ସନା | (ଓଡ଼ିଆ) ସୁନା ଚୁଡ଼ି । <br> (ହୋ) ସନା ସାକମ୍ । |
| ସେ - ଆଃଏ | (ଓଡ଼ିଆ) ସେ ଗଲା । <br> (ହୋ) ଆଃଏ ସେନଃୟାନା । |
| ସେମାନେ - ଇନ୍‌କ | (ଓଡ଼ିଆ) ସେମାନେ ଗଲେ । <br> (ହୋ) ଇନ୍‌କ ସେନଃୟାନା । |
| ସେମାନଙ୍କୁ - ଇନ୍‌କ କୋ | (ଓଡ଼ିଆ) ସେମାନଙ୍କ ଭାତ ଦିଅ । <br> (ହୋ) ମାଣ୍ଡି, ଏମାକପେ । |
| ସେମାନଙ୍କର - ଇନ୍‌କୁଆଃ | (ଓଡ଼ିଆ) ସେମାନଙ୍କର ବିଲବାଡ଼ି । <br> (ହୋ) ଇନ୍‌କଆଃ ଅତେହାସାଃ । |
| ସେହି - ଏନ୍ | (ଓଡ଼ିଆ) ସେହି ଗାଁ । <br> (ହୋ) ଏନ୍ ହାତୁ । |
| ସେ ସବୁ- ଏନ୍‌କ | (ଓଡ଼ିଆ) ସେ ସବୁ ଗାଁ । <br> (ହୋ) ଏନ୍‌ହାତୁକ । |
| ସେଗୁଡ଼ିକ - ହାନାକ | (ଓଡ଼ିଆ) ସେଗୁଡ଼ିକ ତୁମର । <br> (ହୋ) ହାନା କଗେ ଆପେୟାଃ । |
| ସେ ନିଜେ - ଆଃ ଏଗେ | (ଓଡ଼ିଆ) ସେ ନିଜେ ଚୋର । <br> (ହୋ) ଆଃ ଏଗେ କୁମ୍ବୁ ଉ । |
| ସମ୍ବନ୍ଧରେ - ବିଷୟରେ | (ଓଡ଼ିଆ) ସ୍କୁଲ ବିଷୟରେ ଲେଖ । <br> (ହୋ) ମଣ୍ଡ ବିଷୟରେ ଅଲେମେ । |
| ସବୁଆଡ଼େ - ଗଟାମୁଲି / ସାବିମୁଲି | (ଓଡ଼ିଆ) ଆଜି ସବୁଆଡ଼େ ବର୍ଷା । <br> (ହୋ) ତିସିଂ ସାବିମୁରି ଗାମା । |
| ହାତ - ତିଇ | (ଓଡ଼ିଆ) ହାତରେ ଧର । <br> (ହୋ) ତିଇତେ ସାବିମେ । |
| ହାଡ଼ - ଜାଂ | (ଓଡ଼ିଆ) ହାଡ଼ ଭାଙ୍ଗିଗଲା । <br> (ହୋ) ଜାଂ ରାପୁଡ଼େ ୟାନା । |
| ହାଣ୍ଡି - ଗ୍ଦଟୁ | (ଓଡ଼ିଆ) ହାଣ୍ଡିପାଣି ଥଣ୍ଡା । <br> (ହୋ) ଗ୍ଦଟୁଦାଃ ସା-ସାଆଃ । |

| | |
|---|---|
| ହାତୁଡ଼ି - କଟାସି | (ଓଡ଼ିଆ) ହାତୁଡ଼ିରେ କଣ୍ଟା ପିଟ ।<br>(ହୋ) କଟାସିତେ କାନ୍‌ଟି କିଲୁମେମ୍ । |
| ହେଁସ - ଜାଟିପାଟି | (ଓଡ଼ିଆ) ସାମ୍ନାରେ ହେଁସ ଟଙ୍ଗା ଯାଇଛି ।<br>(ହୋ) ଦୁହେର ସାମାନାଂରେ ଜାଟିପାଟି ହାକାଓ୍ଵାକାନା । |
| ହାଣ୍ଡିଆ - ଡ଼ିଆଂ | (ଓଡ଼ିଆ) ସିଝାଭାତ ଥଣ୍ଡାକରି ମଳିକା ଔଷଧ ଦେଇ ଏକ ହାଣ୍ଡିରେ ରଖିଲେ ତିନିଦିନ ପରେ ହାଣ୍ଡିଆ ହୁଏ ।<br>(ହୋ) ଇସିନ୍ ମାଣ୍ଡି ରାଏ କେଏତେ ରାନୁ କେଏତେ, ଘଟୁରେ ଆକିତ୍ କେଏତେ ଆପେ ସିଙ୍ଗିରେ ଉପୁଡ଼ଃ ଡ଼ିଆଁ । |
| ହରଡ଼ - ରେୟାଲି | (ଓଡ଼ିଆ) ହରଡ଼ ଡ଼ାଲି ।<br>(ହୋ) ରେୟାଲି ଡ଼ାଆଲି । |
| ହଳଦୀ - ସାସାଂ | (ଓଡ଼ିଆ) ତରକାରୀରେ ହଳଦୀ ଦିଅ ।<br>(ହୋ) ଉତୁରେ ସାସଂ ଏଁମ୍ । |
| ହାର - ହିସିର | (ଓଡ଼ିଆ) ଝିଅଟିର ବେକରେ ହାର ଅଛି ।<br>(ହୋ) ହାପାନୁମ୍ ହଟଃ ରେ ହିସିର୍ । |
| ହାତୀ - ହାତି | (ଓଡ଼ିଆ) ହାତୀ ଧାନ ଖାଉଛି ।<br>(ହୋ) ହାତି ଜମତାନାଃ ବାବା । |
| ହଂସ ଛୁଆ - କଲହନ୍ | (ଓଡ଼ିଆ) ହଂସ ଛୁଆକୁ କୁକୁର ବୋହିଲା ।<br>(ହୋ) କଲହନ୍ ସେତା ଗଃ କିଃଏ । |
| ହଳଦୀ ବସନ୍ତ - ବଚଃ ଚେଣେ | (ଓଡ଼ିଆ) ହଳଦୀ ବସନ୍ତ ଉଡ଼ିଗଲେ ।<br>(ହୋ) ବଚଃ ଚେଣେ ଆପିର ୟାନା । |
| ହୁଙ୍କା - ବୁନୁମ | (ଓଡ଼ିଆ) ହୁଙ୍କାରେ ଉଇ ଅଛନ୍ତି ।<br>(ହୋ) ବୁନୁମ୍‌ରେ ନିଦିରକ ମିନାଃକୁଆଃ । |
| ହେମନ୍ତ - ଶାର୍ଦି | (ଓଡ଼ିଆ) ହେମନ୍ତ ଋତୁରେ ଧାନ କଟାଯାଏ ।<br>(ହୋ) ଶାରର୍ଦି ଋଣ୍ଡୁରେ ବାବାକ ଇରେୟା । |
| ହଳଦିଆ - ସାସାଂତେୟା | (ଓଡ଼ିଆ) ଭାଉଜ ହଳଦିଆ ଶାଢ଼ୀ ପିନ୍ଧିଛନ୍ତି ।<br>(ହୋ) ହିଲି ସାଂସାଂଶାଲିଇ ତଲାକାଡ଼ା । |
| ହାଜତ୍ - ସାତାର | (ଓଡ଼ିଆ) ଚୋରକୁ ହାଜତକୁ ନେଲେ ।<br>(ହୋ) କୁମୁଉ ସାତାର କିଏଃ । |
| ହାତକଡ଼ି - ତିଇ ସିକିଳି | (ଓଡ଼ିଆ) ଲୋକ ମାରିଥିବା ଲୋକକୁ ପୋଲିସ୍ ହାତକଡ଼ି କଲା ।<br>(ହୋ) ଟାମ୍ ଗଏ୍‌କେନ୍ ହୋ ପୋଲିସ୍‌କ ତିଇ ସିକିଳି କିଏ୍‌କଃ । |

# ବିସ୍ମୟ ସୂଚକ ଅବ୍ୟୟ(ଟାଟାକା କାବୟ)

| | |
|---|---|
| ଦେଖ - ନେଲେମେ | (ଓଡ଼ିଆ) - ଆକାଶକୁ ଦେଖ ।<br>**(ହୋ) - ସିର୍ମାରିମିଲ ନେଲେମେ ।** |
| ଛି ଛି - ଚି ଚି | (ଓଡ଼ିଆ) - ଛି ଛି ପିଲାଟି କେତେ ଅପରିଷ୍କାର ଦେଖାଯାଉଛି ।<br>**(ହୋ) - ଚି ଚି ହନ୍ ଚିମିନ୍ ଅଜରାଏଃ ନେଲଃ ତାନା ।** |
| ହେ ଈଶ୍ୱର - ହେ ଓ୍ୱାରାଂଦାଲେ | (ଓଡ଼ିଆ) - ତୁମେ ହିଁ ସୃଷ୍ଟିକର୍ତ୍ତା ।<br>**(ହୋ) - ହେ ଓ୍ୱାରାଂଦାଲେ ଆମଗେ ସିର୍ଜନ କିନିଃ ।** |
| ମୋ ରାଣ - ବାଡ୍ ସାରାଃ | (ଓଡ଼ିଆ) - ମୋ ରାଣ ତୋମେ ଆସିବ ।<br>**(ହୋ) - ଆଞ୍ଜ ତାଡ଼ସାରାଃ ତାନା ଆମ ହୁଜୁଃଏମ ।** |
| ଠିକ୍ ଅଛି - ବୁଗିତାଡ଼ାମ<br>/ବାଣିଆ ତାଡ଼ାମ | (ଓଡ଼ିଆ) - ପରୀକ୍ଷାରେ ତୁମେ ଠିକ୍ କରିଛ ।<br>**(ହୋ) - ବିଲାଉରେ ଆମ୍ ବୁଗିତାଡ଼ାମ ।** |
| ବିଦାୟ - ହାଣ୍ଡର | (ଓଡ଼ିଆ) - ବାପା ତାଙ୍କ ବନ୍ଧୁଙ୍କୁ ବିଦାୟ ଦେଲେ ।<br>**(ହୋ) - ଆପୁ/ଆପୁଂ ଆୟାଃ ବାଲାକେଃ ହାଣ୍ଡର କିଃଏ ।** |
| ଆଶ୍ଚର୍ଯ୍ୟ - ଏସୁଟାଟାକା | (ଓଡ଼ିଆ) - ଆଶ୍ଚର୍ଯ୍ୟ ଏ ଲୋକଟା ।<br>**(ହୋ) - ଏସୁଟାଟାକା ହ ।** |
| ନମସ୍ତେ - ଜଆରଗେ | (ଓଡ଼ିଆ) - ନମସ୍ତେ ବନ୍ଧୁ ।<br>**(ହୋ) - ଜଆରଗେ ବାଲାଙ୍ଗ୍ ।** |
| ଚମତ୍କାର - ଆଗୁଜାଇ | (ଓଡ଼ିଆ) - ପିଲାଟି ଚମତ୍କାର କାର୍ଯ୍ୟ କଲା ।<br>**(ହୋ) - ଶିଟିଏ ଆଗୁଜାଇ ପାଇଟିକିଡ଼ା ।** |
| ସୁନ୍ଦର ଫୁଲଟି - ବୁଗିନ୍ / ବାଣିଆଁ | (ଓଡ଼ିଆ) - ବଗିଚ୍ଚରେ ସୁନ୍ଦର ଫୁଲଟି ଫୁଟିଛି ।<br>**(ହୋ) - ବାଆ ବାକାରରେ ବୁଗିନ ବାଆ ଫୁଟାଓ୍ୱକାନା ।** |
| ଯନ୍ତ୍ରଣା - ହାସୁ | (ଓଡ଼ିଆ) - ଲୋକଟି ଯନ୍ତ୍ରଣା ଭୋଗୁଛି ।<br>**(ହୋ) - ହୋ ହାସୁଆ କାନା ।** |
| ମୂର୍ଖ - ସିତୁରୁ | (ଓଡ଼ିଆ) - ମୂର୍ଖ ଲୋକଟି ଠକାମିରେ ପଡ଼ିଛି ।<br>**(ହୋ) - ସିତୁରୁ ହୋ ଘକାଡ଼ା କାନା ।** |
| ଲଜ୍ଜା - ଗିୟୁଃଉ | (ଓଡ଼ିଆ) - ଲଜ୍ଜା ନିବାରଣ ପାଇଁ ଲୁଗା ଆବଶ୍ୟକ ।<br>**(ହୋ) - ଗିୟୁଃଉ ଏସେଡ଼ ଲାଗେଡ଼ ଲିଜାଃ ଗରଜମିନାଃ ।** |

ତଥାସ୍ତୁ - ହବାଓ୍ୱଃ / ଏୟାମାର୍ (ଓଡ଼ିଆ) - କାର୍ଯ୍ୟରେ ଲୋକେ ତଥାସ୍ତୁ କହିଲେ ।

(ହୋ) - ପାଇଟି ହୋବାଓ୍ୱଃକା ମେନ୍ତେ ହୋକ କାଜିକିଡ଼ା ।

ଶୁଭରାତ୍ରି - ସାଗୁନକିଦା (ଓଡ଼ିଆ) - ଆଜି ଶୁଭ ରାତ୍ରି ।

(ହୋ) - ତିସିଂ ସାଗୁନ୍ କିଦା ।

# ଅବ୍ୟୟ ସୂଚକ ବାକ୍ୟାଂଶ (କାବୟ୍ ବାକାଁକ)

ତା'ବି ହେଉ - ଇନାଓ୍ୱ ହବାଓ୍ୱଃ (ଓଡ଼ିଆ) - ଗୋଟିଏ କାର୍ଯ୍ୟ ସାଙ୍ଗକୁ ଅନ୍ୟଟି ହେଉଥିଲେ ତା'ବି ହେଉ ।

(ହୋ) - ମିଡ଼ଅ ପାଇଟି ଲଃତେ ଏଟାଃ ପାଇଟି ହବାଓ୍ୱଃ ତାନରେଦ ଏନାଓ୍ୱ ହବାଓ୍ୱଃ ।

ସାଥିରେ - ଲଅଃତେ (ଓଡ଼ିଆ) - ମୋ ସାଥିରେ ଆସିଛି ।

(ହୋ) - ଆଞ୍ ଲଅଃତେଃ ହୁଜୁଃ କାନା ।

ଭୟରେ - ବରତେ (ଓଡ଼ିଆ) - ଭୟରେ ସେ ପଳାଇଲା ।

(ହୋ) - ବରତେ ଆଏଃ ସେନଃୟାନା ।

ନିମିତ୍ତ - ନାତେଡ୍ (ଓଡ଼ିଆ) - ବହି ପଢ଼ିବା ନିମିତ୍ତ ଉଦ୍ଦିଷ୍ଟ ।

(ହୋ) - ପୁତି ପାଲାଓ୍ୱ ନାତେଡ଼ ମିନାଃ ।

ଖାତିରି - କେଶମ (ଓଡ଼ିଆ) - ଲୋକଟିର ଖାତିରି ନାହିଁ ।

(ହୋ) - ହୋଓ୍ୱାଃ କେଶମ ବାନଃଆ ।

ସମ୍ମୁଖରେ - ଆୟାର୍ ସାମାନାଂରେ (ଓଡ଼ିଆ) - ମୋ ସମ୍ମୁଖରେ ସେ ଠିଆ ହୋଇଛି ।

(ହୋ) - ଆଞାଃ ଆୟାର୍ ସାମାନାଂରେ ଆଏଃ ତିଙ୍ଗୁଆ କାନା ।

ତରଫରୁ - ପାଆଏତେ (ଓଡ଼ିଆ) - ମୋ ତରଫରୁ ବହିଟି ନିଅ ।

(ହୋ) - ଆଞ୍ଜ ପାଆଏତେ ପୁତି ଇଡ଼େମ ।

ଖୁବ୍ ନିକଟରେ - ଏସୁଜାପାଃରେ (ଓଡ଼ିଆ) - ଖୁବ ନିକଟରେ ସେ ଆସି ପହଞ୍ଚିଲା ।

(ହୋ) - ଆଞ୍ଜ ଜାପାଆଏତେ ପୁତି ଇଡ଼େମ୍ ।

ଉଚ୍ଚରେ - ଚିତାନ୍‌ରେ (ଓଡ଼ିଆ) - ଚଢ଼େଇଟି ଉଚ୍ଚରେ ଉଡୁଅଛି ।

(ହୋ) - ଚେଣେ ନେତାନ୍‌ରେଃ ଆପିରେନ୍ ତାନା ।

ଅନୁଯାଇ - ଲେକାତେ (ଓଡ଼ିଆ) - କହିବା ଅନୁଯାଇ ସେ ଆସିଲା ।

(ହୋ) - କାଜି'ଇ ଲେକାତେ ଆଏଃ ହୁଜୁଃୟାନା ।

ଅନୁସନ୍ଧାନ - ହିଡ଼ନାମ (ଓଡ଼ିଆ) - ଦୁଇଜଣ ଅନୁସନ୍ଧାନରେ ଆସିଛନ୍ତି ।
(ହୋ) - ବାର'ଅ ହିଡ଼ନାମରେକି ରୁଜୁଆଃ କାନା ।

ବ୍ୟତିତ - ବେଗାର (ଓଡ଼ିଆ) - ସେ ମୋ ବ୍ୟତୀତ କିଛି କରିପାରିବ ନାହିଁ ।
(ହୋ) - ଆଏଃ ଆଞ୍ଜ୍ ବେଗାର ଚିକାନାଃଓ୍ବେ କାଏଃ ଦାୟିୟାଃ ।

## ସଂଯୋଜକ ଅବ୍ୟୟ (ସାଗାଇ କାବୟ)

କିମ୍ବା, ଅଥବା - ବାନ୍ତେରେଦ / କା-ରେ (ଓଡ଼ିଆ) - ତୋମେ ଆସିବ କିମ୍ବା / ଅଥବା ସେ ଆସିବେ ।
(ହୋ) - ଆବେନ ହୁଜୁଃଏ ବାନ୍ତେରେଦ ଆକିଂ ।

ତଥାପି - ଏନରେୟ୍ (ଓଡ଼ିଆ) ମନାକଲି ତଥାପି ସେ ଆସିଲା ।
(ହୋ) -ମାନାକିଃୟେଞ୍ଚ ଏନ୍‌ରେୟ ଆଏଃ କାଏଃ ମାନାୟାନ୍ତେଃ ହୁଜୁଃୟାନା ।

ସେଭଳି - ଏନଲେକା (ଓଡ଼ିଆ) - ସେଭଳି କାର୍ଯ୍ୟକର ।
(ହୋ) - ଏନ୍‌ଲେକା ପାଇଟି ମେ ।

କିମ୍ବା - କା'ରେଦ (ଓଡ଼ିଆ) - ମୁଁ ଆସିବି କିମ୍ବା ସେ ଆସିବେ ।
(ହୋ) - ଆଞ୍ଚ ହୁଜୁଃଏ କା'ରେଦ ଆଏଃ ହୁଜୁଃଏଃ ।

ଯାହା ହେଉ - ଯା'ରେୟ (ଓଡ଼ିଆ) - ଯାହା ହେଉ ଆଜି ତୋମେ ଆସିଛ ।
(ହୋ) - ଯା'ରେୟ ତିସିଂ ଆବେନ୍ ହୁଜୁଃଏ କାନା ।

ଏ ପର୍ଯ୍ୟନ୍ତ - ନାଃ ସାନ୍ତେ (ଓଡ଼ିଆ) - ଏ ପର୍ଯ୍ୟନ୍ତ ସେ ଆସିଲେ ନାହିଁ ।
(ହୋ) - ନାଃ ସାନ୍ତେ ଆଃଏଃ କାଏଃ ହୁଜୁଃୟାନା ।

ତା' ନହେଲେ - ହାନା କା'ରେଦ (ଓଡ଼ିଆ) - ତା' ନହେଲେ ଚଳିବ ନାହିଁ ।
(ହୋ) - ହାନା କା'ରେଦ କା' ଚଲାଓ୍ବାଃ ।

## ସଂଯୋଜକ ଅବ୍ୟୟ (ସାଗାଇ କା-ବୟ୍)

ଆଡ଼କୁ - ପାଆତେ (ଓଡ଼ିଆ) - ମୋ ଆଡ଼କୁ ଆସ ।
(ହୋ) - ଆଞ୍ଚ ପା'ଆତେ ହୁଜୁଃମ ।

ପାଖରେ - ଜାପାଃର (ଓଡ଼ିଆ) - ପାଖରେ ବସ ।
(ହୋ) - ଜାପାଃରେ ଦୁବ୍‌ମେ ।

ଉର୍ଦ୍ଧ୍ୱରେ - ଚେତାନ୍‌ରେ (ଓଡ଼ିଆ) -ସେ ଉର୍ଦ୍ଧ୍ୱରେ ରହିଲେ ।
(ହୋ) - ଆଏଃ ଚେତାନ୍‌ରେଃ ତାଇୟାନା ।

ଏକ ପାଖରୁ ଅନ୍ୟ ପାଖକୁ - ମିଡ୍‌କୁଟି'ତେ ଅଣ୍ଡଃ ମିଡ୍ କୁଟି

(ଓଡ଼ିଆ) - ଲୋକଟି ଏକ ପାଖରୁ ଅନ୍ୟ ପାଖକୁ ଗଲା ।
(ହୋ) - ମିଡ୍ ହୋ' ମିଡ୍ କୁଟିତେ ଅଣ୍ଡଃ ମିଡ୍‌କୁଟିତେଃ ସେନଃ ୟାନା ।

ନିମ୍ନରେ - ଲାଟାରରେ
(ଓଡ଼ିଆ) - ଆମେମାନେ ଆକାଶର ନିମ୍ନରେ ଅଛୁ ।
(ହୋ) - ଆବୁମାନକ ସିର୍ମାରିମିଲ ଲାଟାର୍‌ରେ ମିନାଃବୁଆ ।

ପଛରେ - ଘନାବ୍‌ରେ/ତାୟମ୍‌ରେ
(ଓଡ଼ିଆ) - ମୋ ପଛରେ ସେ ।
(ହୋ) - ଆଞ୍ଚାଃ ଘନାବ୍‌ରେ ଆଏଃ ।

ପର୍ଯ୍ୟନ୍ତ - ଯଅଙ୍
(ଓଡ଼ିଆ) - ବର୍ତ୍ତମାନ ପର୍ଯ୍ୟନ୍ତ ସେ ନାହାନ୍ତି ।
(ହୋ) - ନାଃ ଜଅଙ୍ ଆକିଂ ବାଙ୍କିନା ।

ଦୁଇ ମଧ୍ୟରେ - ବାର' ତାଲାରେ/ ବାର'ୟତେ
(ଓଡ଼ିଆ) - ଦୁଇ ମଧ୍ୟରେ ଗୋଟିଏ ଭଲ ।
(ହୋ) - ବାର'ତାଲାରେ ମିଡ ବୁଗିନା ।

ବ୍ୟତୀତ - ବାଗେ କାତେ
(ଓଡ଼ିଆ) - ମୋ ବ୍ୟତୀତ ସେ ଆସିବେ ନାହିଁ ।
(ହୋ) - ଆଞ୍ ବାଗେ କାତେ ଆକିଂ କା କିଂ ହୁଜୁଃଆ ।

ସବୁଆଡ଼େ - ସାବିନ ପାଆ
(ଓଡ଼ିଆ) - ସବୁଆଡ଼େ ପଡ଼ିଆ ଅଛି ।
(ହୋ) - ସାବିନ ପାଆ ପାଲିଆ ମିନାଃ ।

ପରି - ଲିକା / ଲିକାନ୍
(ଓଡ଼ିଆ) - ତୁମ ପରି କେହି ନାହାନ୍ତି ।
(ହୋ) - ଆବେନଲେକା ଅକୟ ବାଙ୍କୁଆ ।

ପାଇଁ - ଲାଗେଡ୍ / ଲାଗିଡ୍
(ଓଡ଼ିଆ) - ମୋ ପାଇଁ ଆମ୍ବ ଆଣନ୍ତୁ ।
(ହୋ) - ଆଞ୍ ଲାଗେଡ୍ ଉଲି ଆଗୁଇବେନ୍ ।

ନିକଟରେ - ଜାପାଃରେ / ସୁର୍‌ରେ
(ଓଡ଼ିଆ) - ଆପଣ ଆଜି ଆମ ନିକଟରେ ପହଞ୍ଚିଛନ୍ତି ।
(ହୋ) - ଆବେନ୍ ତିସିଂ ଆଲେ ଜାପାଃରେ ବେନ୍ ବିଟା କାନା ।

# ସର୍ବନାମ (ହଲ)

ମୁଁ - ଆଞ୍
(ଓଡ଼ିଆ) - ମୁଁ ଯିବି ନାହିଁ ।
(ହୋ) - ଆଞ୍ କାଞ୍ ସେନୁଃୱାଃ ।

ତୁ - ଆମ୍
(ଓଡ଼ିଆ) - ତୁ ଆସିବୁ ।
(ହୋ) - ଆମ୍ ହୁଜୁଃମ୍ ।

ତୁମେ - ଆପେ | (ଓଡ଼ିଆ) - ତୁମେ ଆସିବ ।
(ହୋ) - ଆପେ ହୁଜୁଃପେ ।

ଆପଣ - ଆବେନ୍ | (ଓଡ଼ିଆ) - ଆପଣ ଆସିବେ ।
(ହୋ) - ଆବେନ୍ ହୁଜୁଃଏଃ ।

ଆମ୍ଭେ - ଆଲେ | (ଓଡ଼ିଆ) - ଆମ୍ଭେ ଆସିବୁ ।
(ହୋ) - ଆଲେ ହୁଜୁଃଏଃ ।

ସେମାନେ - ହାନ୍‌କ | (ଓଡ଼ିଆ) - ସେମାନେ ଆସିବେ ।
(ହୋ) - ହାନ୍‌କ ହୁଜୁଃଏଃ ।

ମୁଁ ନିଜେ - ଆଞ୍ଜ୍‌ଗେ | (ଓଡ଼ିଆ) - ମୁଁ ନିଜେ ଗଲି ।
(ହୋ) - ଆଞ୍ଜଗେ ସେନଃୟାନ ।

ମୋର - ଆଞ୍ଜାଃ | (ଓଡ଼ିଆ) - ମୋର ବହି ।
(ହୋ) - ଆଞ୍ଜାଃ ପୁତି ।

ତୁମ୍ଭମାନଙ୍କୁ - ଆପେମାନକ / ସାବିନ୍ | (ଓଡ଼ିଆ) - ତୁମ୍ଭମାନଙ୍କୁ ନମସ୍କାର ।
(ହୋ) - ଆପେମାନକ ଜଆରଗେ ।

ତୁମ୍ଭେମାନେ - ଆପେକ | (ଓଡ଼ିଆ) - ତୁମ୍ଭେମାନେ କୁଆଡ଼େ ଯାଉଛ ।
(ହୋ) - ଆପେକ ଅକନତେପେ ସେନଃତାନା ।

ତୁମ୍ଭମାନଙ୍କର - ଆପେମାନକଓ୍ୱାଃ | (ଓଡ଼ିଆ) - ତୁମ୍ଭମାନଙ୍କର କ'ଣ ଅଛି ।
(ହୋ) - ଆପେମାନକଓ୍ୱାଃ ଚିନାଃ ମିନାଃ ।

ଆପଣମାନଙ୍କୁ - ଆପେମାନକ | (ଓଡ଼ିଆ) - ଆପଣମାନଙ୍କୁ କ'ଣ କହିବି ।
(ହୋ) - ଆପେମାନକ ଚିନାଃଞ୍ଜ୍ କାଜିଏ ପିଆ ।

ଆପଣଙ୍କର - ଆବିନାଃ | (ଓଡ଼ିଆ) - ଆପଣମାନଙ୍କର ବହି ନିଅନ୍ତୁ ।
(ହୋ) - ଆବିନାଃ ପୁତି ଇଡ଼େବେନ୍ ।

କ'ଣ - ଚିନାଃ / ଚିକାନାଃ | (ଓଡ଼ିଆ) - କ'ଣ କରୁଛ ?
(ହୋ) - ଚିନାଃ ଚିକାତାନାମ ?

ଏଗୁଡ଼ିକ - ନିନାକ / ନିୟାକ | (ଓଡ଼ିଆ) - ଏଗୁଡ଼ିକ କ'ଣ ?
(ହୋ) - ନିନାକ ଚିନାଃ ?

ସେଗୁଡ଼ିକ - ଏନାକ | (ଓଡ଼ିଆ) - ସେଗୁଡ଼ିକ ବହି ।
(ହୋ) - ଏନାକ ପୁତି ।

| | |
|---|---|
| ଏହା - ନିନା / ନିୟା | (ଓଡ଼ିଆ) - ଏହା କ'ଣ ?<br>(ହୋ) - ନିନା ଚିନାଃ ? |
| ଅନ୍ୟ - ଏଟାଃ/ଇଟାଃ | (ଓଡ଼ିଆ) - ଅନ୍ୟ ଛତା ଆଣ ।<br>(ହୋ) - ଏଟାଃ ଛତମ ଆଗୁଇମ୍ । |
| କାହାକୁ - ଅକୟ | (ଓଡ଼ିଆ) - କାହାକୁ ପଠାଇବି ।<br>(ହୋ) - ଅକୟଞ୍ଚ କୁଲିୟେ । |
| କେହି ନୁହେଁ - ଅକୟ କାଗେ | (ଓଡ଼ିଆ) - ତମେ କେହି ନୁହେଁ ବୋଲି ସେ କହିଲେ ।<br>(ହୋ) - ଆପେ ଅକୟ କା-ଗେ ମେନ୍ତେ ଆଏଃ କାଜିକିଡ଼ା । |
| ତାହାକୁ - ଆଏଃ | (ଓଡ଼ିଆ) - ତାହାକୁ କୁହ ସେ ଆସିବେ ।<br>(ହୋ) - ଆଏଃ କାଜିଆଇପେ, ହୁଜୁଃଆ । |
| ତା'ର - ଆୟାଃ | (ଓଡ଼ିଆ) - ତା'ର କ'ଣ ଦରକାର ଅଛି ।<br>(ହୋ) - ଆୟାଃ ଚିନାଃ ଗରଜ ମେନାଃ । |
| ତାହା - ହାନା | (ଓଡ଼ିଆ) - ତାହା କ'ଣ ?<br>(ହୋ) - ହାନା ଚିନାଃ ? |
| କାହାର - ଅକୟାଃ | (ଓଡ଼ିଆ) - କାହାର ଛୁଆ ?<br>(ହୋ) - ଅକୟାଃ ଶିଟିୟା ? |
| କାହାକୁ - ଅକୟ | (ଓଡ଼ିଆ) - କାହାକୁ ଖୋଜୁଛ ?<br>(ହୋ) -ଅୟେମ୍ ନାମତାନା ? |
| ସେପରି - ଏନ୍‌ଲେକା | (ଓଡ଼ିଆ) - ସେପରି କାମ କର ।<br>(ହୋ) - ଏନଲେକା ପାଇଟିମ୍ । |
| ଯାହାକିଛି - ଯାଆନାଃ | (ଓଡ଼ିଆ) - ଯାହାକିଛି ପାଉଛ ଆଣ ।<br>(ହୋ) - ଯାଆନାଃପେ ନାମେତାନା ଆଗୁଇପେ । |
| ଯେ କୌଣସିଟା - ଯାଆନାଃରେୟ | (ଓଡ଼ିଆ) - ତୁମର ଇଚ୍ଛା ଯେ କୌଣସିଟା ଆଣ ।<br>(ହୋ) - ଆମାଃ ସାନାଂ ଯାଆନାଃ ରେୟ ଆଗୁଇମ୍ । |
| ଉଭୟ - ବାରାନ୍ | (ଓଡ଼ିଆ) - ଉଭୟଙ୍କୁ ଧରିକି ଆସ ।<br>(ହୋ) - ବାରାନ୍ କିଂ ସାବ୍‌କାତେ ହୁଜୁଃମେ । |

# ଖେଳ, ଖେଳାଳୀ ଓ ଖେଳ ସାମଗ୍ରୀ (ଇନୁଂ, ଇନୁଂଙ୍ଗିଃ ଆର୍ ଇନୁଂସାପାବ୍)

ଖେଳ - ଇନୁଂ / ଇନୁମ୍ (ଓଡ଼ିଆ) - ପିଲାମାନେ ଖେଳ ।

(ହୋ) - ଶିଟିଏକ ଇନୁପେ ।

ଖେଳପଡ଼ିଆ - ଇନୁଂ ପାଲିଏ (ଓଡ଼ିଆ) - ଖେଳପଡ଼ିଆରେ ଖେଳ ।

(ହୋ) - ପାଲିଆରେ ଇନୁଂପେ ।

କ୍ରୀଡ଼ା ପ୍ରତିଯୋଗୀତା - ଇନୁଂ ବାଦାବାଦୀ (ଓଡ଼ିଆ) - ଖେଳାଳୀମାନେ ଖେଳୁଛନ୍ତି ।

(ହୋ) - ବାଦାବାଦିକ ।

ଖେଳାଳୀ - ଇନୁଂହନ୍‌କ (ଓଡ଼ିଆ) - ଖେଳାଳୀମାନେ ଖେଳୁଛନ୍ତି ।

(ହୋ) - ଇନୁଂହ୍‌କ ଇନୁଂତାନ ।

ଫୁଟବଲ - ତାଲ୍‌କା ଡୁଇ (ଓଡ଼ିଆ) - ଫୁଟବଲ ଖେଳ ଚାଲିଛି ।

(ହୋ) - ତାଲ୍‌କାଡୁଇ ଇନୁଂ ଚାଲୁଆକାନ ।

କୁଡ଼ିଆ ଘର - ଗୁୟୁଅଓ୍ୱାଃ (ଓଡ଼ିଆ) - କୁଡ଼ିଆ ଘର ଆମେ ରହୁଛୁ ।

(ହୋ) - ଗୁୟୁଅଓ୍ୱାଃରେ ଆଲେ ଡାଇନ ତାନା ।

କମାରଶାଳ - କାମାରଶାଁଣେ (ଓଡ଼ିଆ) - ମୁଁ କମାରଶାଳ ଯାଇଥିଲି ।

(ହୋ) - ଆଞ୍ଜ୍ କାମାର ଶାଁ'ଣେଞ୍ଜ ସେନଲିନା ।

କାରାଗାର - ସାତାର ଗାରଓ୍ୱା (ଓଡ଼ିଆ) - କାରାଗାରରେ ସେ ରହିଛନ୍ତି ।

(ହୋ) - ସାତାର ଗାରଓ୍ୱାରେ ଆଏଃ ଡାଇୟେକାନା ।

ସାଇକେଲ ପ୍ରତିଯୋଗିତା - ଗଡ଼ାଗାଳିଚାଲାଓ୍ୱବାଦାବାଦୀ (ଓଡ଼ିଆ) - ସାଇକେଲ ପ୍ରତିଯୋଗିତା ଚାଲିଛି ।

(ହୋ) - ଗଡ଼ାଗାଳି ଚାଲା ଓ ବାଦାବାଦୀ ଚାଲୁଆ କାନା ।

ଦଉଡ଼ିଟଣା - ବାୟାର୍ ଅର୍ (ଓଡ଼ିଆ) - ଦଉଡ଼ିଟଣା ଖେଳ ଚାଲିଛି ।

(ହୋ) - ବାୟାର୍ ଅର୍ ଇନୁଂ ଚାଲୁଆକାନା ।

ଦୌଡ଼ପ୍ରତିଯୋଗିତା - ନିର୍‌ବାଦାବାଦି (ଓଡ଼ିଆ) - ଦୌଡ଼ ପ୍ରତିଯୋଗିତାରେ ମୁଁ ପ୍ରଥମ ହେଲି ।

(ହୋ) - ନିର୍‌ବାଦାବାଦୀରେ ଆଞ୍ଜ୍ ଆନାୟାର୍‌ରାକାନା ।

ପର୍ବତାରୋହଣ - ବୁରୁଦେଃ (ଓଡ଼ିଆ) - ପର୍ବତାରୋହଣ ବହୁତ କଷ୍ଟ ।

(ହୋ) - ବୁରୁଦେଃ ଏସୁ ଅାଁଟଆ ।

ଲାଖବିନ୍ଧା - ସାର୍‌ତୁଞ୍ଜ୍ / ବେଜା (ଓଡ଼ିଆ) - ଲାଖବିନ୍ଧାରେ ସେ ପ୍ରଥମ ହେଲା ।

(ହୋ) - ବେଜା ସାର୍‌ତୁଞ୍ଜ୍‌ରେ ଆଏଃ ଆୟାରା କାନା ।

ଘର ଭିତରେ ଖେଳ - ଅଓ୍ୱାଃ ରେୟାଃ ଇନୁଂ (ଓଡ଼ିଆ) - ବାଘ-ଛେଳି ଘର ଭିତର ଖେଳ ।

(ହୋ) - କୁଲା -ମେରମ୍ ଇନୁଂ ।

ଅଓ୍ୱାଃ ବିତେର୍ ରେୟାଃ ଇନୁଂ ।

ସନ୍ତରଣ - ଅୟାଁର୍

(ଓଡ଼ିଆ) - ସନ୍ତରଣ ଶିଖିବା ଭଲ ।

(ହୋ) - ଅୟାଁର୍ ଏତନ୍ ବୁଗିୟା ।

## ଗୃହ ଓ ତା'ର ସାମଗ୍ରୀ (ଅଓ୍ୱାଃ ସାମଗିରି)

ଗୁହାଳ - ଗଓ୍ୱାଁ

(ଓଡ଼ିଆ) - ଗୁହାଳରୁ ଗୋବର ଆଣ ।

(ହୋ) - ଗଓ୍ୱାଁଏତେ ଗୁରିଃ ଆଗୁଇପେ ।

ସମାଧିସ୍ଥାନ - ସାସାନ୍

(ଓଡ଼ିଆ) - ମୃତଲୋକକୁ ସମାଧି ସ୍ଥାନକୁ ନିଆଯାଉଛି ।

(ହୋ) - ଗଏଃ ହୋ ସାସାନ୍‌ତେକ ଇଡିଇ ତାନା ।

ଶୟନଗୃହ - ଗିତଃ ଉସେମ୍

(ଓଡ଼ିଆ) - ଶୟନ ଗୃହରେ ଶୁଅ ।

(ହୋ) - ଗିତିଃଉସେମ୍‌ରେ ଗିତିଃଇମ୍ ।

ରୋଷେଇ ଗୃହ - ମା'ଣ୍ଡି ଅଓ୍ୱାଃ

(ଓଡ଼ିଆ) - ରୋଷେଇ ଗୃହରେ ରନ୍ଧା କାର୍ଯ୍ୟ କରାଯାଏ ।

(ହୋ) - ମା'ଣ୍ଡି ଅଓ୍ୱାଃରେ ମାଣ୍ଡିକ ଇ'ସିନା ।

ଦୁଆର - ଦୁଏର୍

(ଓଡ଼ିଆ) - ଦୁଆର ଆଗରେ କୁକୁର ଶୋଇଛି ।

(ହୋ) - ଦୁଏର୍ ଆୟାର୍‌ରେ ସିତା ଗିତିଃୟା କାନ ।

କାନ୍ଥ - ଗିନିଲ୍

(ଓଡ଼ିଆ) - କାନ୍ଥ ଭୁଷୁଡ଼ିଲା ।

(ହୋ) - ଗିନିଲ ହାନ୍ଦିଇୟାନା ।

ବାଲି - ଗିତିଲ

(ଓଡ଼ିଆ) - ବାଲିରେ ଖେଳନା ନାହିଁ ।

(ହୋ) - ଗିତିଲ୍‌ରେ ଆଲମ୍ ଇନୁଙ୍ ।

କାଦୁଅ - ଲସଡ୍

(ଓଡ଼ିଆ) - କାଦୁଅ ଲାଗିଲା ।

(ହୋ) - ଲସଡ୍ ୟାନା ।

ବାଉଁଶ - ମାଡ଼୍

(ଓଡ଼ିଆ) - ଲମ୍ବା ବାଉଁଶ ।

(ହୋ) - ଜିଲିଂ ମାଡ଼ ।

କରେଇ - କରାଇ

(ଓଡ଼ିଆ) - କରେଇରେ ଡ଼ାଲି ଅଛି ।

(ହୋ) - କରାଇରେ ଡ଼ାଆଲି ମିନାଃ ।

କଳସୀ - ତୁମିଂ (ଓଡ଼ିଆ) - କଳସୀରେ ପାଣି ଅଛି ।
(ହୋ) - ତୁମିଂରେ ଦାଃଆ ମିନାଃ ।

କୁରାଢ଼ି - ହାକେ (ଓଡ଼ିଆ) - କୁରାଢ଼ିରେ କାଠ ହାଣ ।
(ହୋ) - ହାକେତେ ସା'ନ୍ ପାଆଃ ଟାମ୍ ।

କୋଦାଳ - କୁଡ୍‌ଲାମ୍ (ଓଡ଼ିଆ) - କୋଦାଳରେ ମାଟି ହାଣ ।
(ହୋ) - କୁଡ଼ଲାମ୍‌ତେ ହାସା ମାଃଏମ୍ ।

ଦୋଳି - ଡ଼ିଲୁଆ (ଓଡ଼ିଆ) - ଦୋଳି ଖେଳ ।
(ହୋ) - ଡ଼ିଲୁଆ ଇନୁଂ ।

ନିଶୁଣୀ - ଶିଣି (ଓଡ଼ିଆ) - ନିଶୁଣୀରେ ଚଢ଼ ।
(ହୋ) - ଶିଣିରେ ଦେଃଏମ୍ ।

ପଘା - ପାଗା (ଓଡ଼ିଆ) - ପଘାରେ ବାନ୍ଧ ।
(ହୋ) - ପାଗାତେ ତଲେମ୍ ।

ପନିକି - କାତୁ (ଓଡ଼ିଆ) - ପନିକି ଆଣ ।
(ହୋ) - କାତୁ ଆଗୁଇମ୍ ।

ପାନିଆ - ନାକିଃ (ଓଡ଼ିଆ) - ପାନିଆରେ ମୁଣ୍ଡ କୁଣ୍ଡାଅ ।
(ହୋ) - ନାକିଃତେ ବ'ଅଃ ନାକିଃଇନ୍‌ମେ ।

ପ୍ରବେଶ - ବଲନ୍/ ବଲ (ଓଡ଼ିଆ) -ପ୍ରବେଶ ନିଷେଧ ।
(ହୋ) - କାକ ବଲଓ୍ୱା ।

ପ୍ରସ୍ଥାନ - ଅନଲ୍ଲ (ଓଡ଼ିଆ) - ଘର ପ୍ରସ୍ଥାନ ହେଲେ ।
(ହୋ) - ଅଓ୍ୱାଃଏତେ ଅନଲ୍ଲଃୟାନା ।

ତେଲ - ସୁନୁମ୍ (ଓଡ଼ିଆ) - ମୁଣ୍ଡରେ ତେଲ ଲଗାଅ ।
(ହୋ) - ବଅଃ ସୁନୁମେନ୍ ମେ ।

କୁଣ୍ଡ - ଡ଼ାକୁଡ଼ (ଓଡ଼ିଆ) - କୁଣ୍ଡରେ ପାଣି ଅଛି ।
(ହୋ) - ଡ଼ାକୁଡ଼ରେ ଦାଃମିନାଃ ।

ଡଙ୍କା, ଅକ - ଲୁଣ୍ଡିଃ (ଓଡ଼ିଆ) - ଡ଼ଙ୍କାରେ ଡ଼ାଲି ବାଢ଼ ।
(ହୋ) - ଲୁଣ୍ଡିଃତେ ଡାଲି ବୁରେଃଏମ୍ ।

ଘମଚ୍ - ହନ୍ ଲୁଣ୍ଡିଃ (ଓଡ଼ିଆ) - ଘମଚରେ ଖାଅ ।
(ହୋ) - ହନ୍ ଲୁଣ୍ଡିଃତେ ଜମେମ୍ ।

ଡ଼ାଲା - ଡ଼ାଉଲାଃ | (ଓଡ଼ିଆ) - ଡ଼ାଲାରେ ଘାସ ଆଣ ।
| | (ହୋ) - ଡ଼ାଉଲାଃରେ ଦୁମ୍ବୁ ଆଗୁଇମ୍ ।

ଛତା - ଘତମ୍
(ଓଡ଼ିଆ) - ବର୍ଷାରେ ଛତା ନିଅ ।
(ହୋ) - ଗାମାରେ ଘତମେନ୍‌ମେ ।

ଯୁଆଳି - ଆଁର୍
(ଓଡ଼ିଆ) - ବଳଦଙ୍କୁ ଯୁଆଳିରେ ଯୋଡ଼ ।
(ହୋ) - ହାଲାକିଂ ଆଁର୍ କିନ୍‌ମେ ।

ବିଞ୍ଚଣା - କାନାପାଃ
(ଓଡ଼ିଆ) - ଗରମ ଲାଗୁଛି ବିଞ୍ଚଣା ଆଣ ।
(ହୋ) -ବାଲ୍‌ବାଲ୍ ତାନା କାନାପାଃ ଆଗୁଇମ୍ ।

ଗଇଁତି - ଗାଏଁତା
(ଓଡ଼ିଆ) - ଗଇଁତିରେ ମାଟି ତାଡ଼ ।
(ହୋ) - ଗାଏଁତାତେ ହାସାମାଃଏମ୍ ।

ଖଟ - କାର୍‌କମ୍ / ପାର୍‌କମ୍
(ଓଡ଼ିଆ) - ଖଟରେ ବସ ।
(ହୋ) - ପାରକମ୍‌ରେ ଦୁବ୍‌ମେ ।

କଇଁଚି - ରାଘମ୍
(ଓଡ଼ିଆ) - କତୁରୀରେ ବାଳକଟା ଯାଏ ।
(ହୋ) - ରାଘମ୍‌ତେ ବଅଃ ବାଲେ ରାଘମଃଆଃ ।

ପଥର - ଦିରି
(ଓଡ଼ିଆ) - ପଥର ଘର ।
(ହୋ) - ଦିରିଅଓ୍ୱାଃ ।

ଚମଡ଼ା କାରଖାନା - ଉଁର୍ ହାରା
(ଓଡ଼ିଆ) - ଚମଡ଼ା ଜିନିଷ ଚମଡ଼ା କାରଖାନାରେ ତିଆରି ହୁଏ ।
(ହୋ) - ଉଁର୍ ଗିନିଇଷ୍ ଉଁର୍ ହାରାରେ ବାଇନା ।

## ଖାଦ୍ୟ ଶସ୍ୟ

ହରଡ଼ - ରିଆଳି
(ଓଡ଼ିଆ) - ହରଡ଼ ଡ଼ାଲି ଖାଅ ।
(ହୋ) - ରିଆଳି ଡ଼ାଆଲି ଜମେମ୍ ।

କୋଳଥ - କୁଲ୍ଥି
(ଓଡ଼ିଆ) - କୋଳଥ ଚାଷ କର ।
(ହୋ) - କୁଲ୍ଥି ଘ ଆସଏ ପେ ।

ଜଡ଼ା - ଜାଲାବିନ୍ଧି
(ଓଡ଼ିଆ) - ଜଡ଼ାତେଲ ଆଣ ।
(ହୋ) - ଜାଲାବିନ୍ଧି ସୁନୁମ୍ ଆଗୁଇମ୍ ।

ଡାଳୁଅ ଧାନ - ଗଲାବାବା
(ଓଡ଼ିଆ) - ଡାଳୁଅ ଧାନ ପାଚିଲା ।
(ହୋ) - ଗଲାବାବା ମାତାୟାନା ।

ଫସଲ - ବୁଦାଡ୍ (ଓଡ଼ିଆ) - ଫସଲ ବଢ଼ିଆ ହେଇଛି ।
(ହୋ) - ବୁଦାଡ୍ ବାଣିଆ କାନା ।

ବିରି - ରେଟେଃ ରାମ୍ବା' (ଓଡ଼ିଆ) - ବିରି ତରକାରି ।
(ହୋ) - ରେଟେଃ ରାମ୍ବା ଉତୁ ।

ବାଜରା - ଗେଲେ ଗାଙ୍ଗାଇ / ଡିଲାଇ ଗାଙ୍ଗାଇ (ଓଡ଼ିଆ) - ବାଜରା ଆଣ ।
(ହୋ) - ଡିଲାଇ ଗାଙ୍ଗାଇ ଆଗୁଇମ୍ ।

ମକା - ଟେପଏଃ ଗାଙ୍ଗାଇ (ଓଡ଼ିଆ) - ମକା ଖାଅ ।
(ହୋ) - ଟେପଏଃ ଗାଙ୍ଗାଇ ଜମେମ୍ ।

ମସୁର - ମାସୁରୀ (ଓଡ଼ିଆ) - ମସୁର ଡ଼ା'ଲି ଆଣ ।
(ହୋ) - ମାସୁରୀ ଆଗୁଇମ୍ ।

ମୁଗ - ମୁଗି (ଓଡ଼ିଆ) - ମୁଗ ଡ଼ାଲି ଖାଅ ।
(ହୋ) - ମୁଗିଡ଼ା'ଲି ଜମେମ୍ ।

ଲଘୁଧାନ - ଲାବାର୍ ବାବା (ଓଡ଼ିଆ) - ଲଘୁଧାନ ନିଅ ।
(ହୋ) - ଲାବାର୍ ବାବା ଇଡ଼େମ୍ ।

ରାଶି - ରାମ୍ତିଆ (ଓଡ଼ିଆ) - ରାଶି ତେଲ ଆଣ ।
(ହୋ) - ରାମ୍ତିଆ ସୁନୁମ୍ ଆଗୁଇମ୍ ।

ଶାଗ - ଆଆଃ (ଓଡ଼ିଆ) - ଶାଗ କାହିଁ ।
(ହୋ) - ଆ'ଆଃ ଅକରେଃ ।

ଶାରଦଧାନ - ହାମ୍ବାଲ ବାବା (ଓଡ଼ିଆ) - ଶାରଦ ଧାନ ଲଗାଅ ।
(ହୋ) - ହାମ୍ବାଲ ବାବା ରଆଏମ ।

ସୋରିଷ - ଆ'ଆଃଜାଂ /ମାନିଜାଂ (ଓଡ଼ିଆ) - ସୋରିଷ ତେଲ ଲଗାଅ ।
(ହୋ) - ଆ'ଆଃଜାଂ ସୁନୁମ୍‌ତେ ସୁନୁମେନ୍‌ମେ ।

## ସରୀସୃପ (ବିଞ୍ଜ୍)

ଏଣ୍ଡୁଅ - ଦଣ୍ଡା (ଓଡ଼ିଆ) - ଏଣ୍ଡୁଅ ଦେଖ ।
(ହୋ) - ଦଣ୍ଡା ନେଲିଇମ୍ ।

କଇଁଛ - ହର (ଓଡ଼ିଆ) - କଇଁଛ ପାଣିରେ ରହେ ।
(ହୋ) - ହର ଦାଃଆରେଃ ତାଇନା ।

| | |
|---|---|
| କଙ୍କଡ଼ା ବିଛା - କାଆକମ୍ ମାର୍‌ମାର୍, / କାଆଲବ୍ ମାର୍‌ମାର୍ | (ଓଡ଼ିଆ) - କଙ୍କଡ଼ା ବିଛାର ବିଷ ଅଛି ।<br>(ହୋ) - କାଆକମ୍ ମାର୍‌ମାରାଃ ମାଉରା ମିନାଃ । |
| କଉମାଛ - କୁଉ ହାକୁ | (ଓଡ଼ିଆ) - କଉମାଛ ଗଛରେ ଚଢ଼େ ।<br>(ହୋ) - କୁଉ ହାକୁ ଦାରୁଇଃ ଦେଆଃ । |
| କେରାଣ୍ଡି - ଦାଣ୍ଡିକା | (ଓଡ଼ିଆ) - କେରାଣ୍ଡି ପାଣିରେ ଖେଳୁଛି ।<br>(ହୋ) - ଦାଣ୍ଡିକା ଦାଆଃ ରେଃ ଇନୁ ତାନା । |
| କୁମ୍ଭୀର - ଟାଏନ୍ | (ଓଡ଼ିଆ) - କୁମ୍ଭୀରର ଚାରୋଟି ଗୋଡ଼ ।<br>(ହୋ) - ଟାଏନାଃ ଉପୁନିଆ କାଟା । |
| ଗେଣ୍ଡା - ଗେଣ୍ଡା | (ଓଡ଼ିଆ) - ଗେଣ୍ଡା ପାଣିରେ ରହେ ।<br>(ହୋ) - ଗେଣ୍ଡା ଦାଃଆରେଃ ତାଇନା । |
| ଗୋଧି - ତ'ର୍‌ଃ | (ଓଡ଼ିଆ) - ଗୋଧିକୁ ଦେଖ ।<br>(ହୋ) - ତ'ରଃ ନେଲିଇମେ । |
| ଗୋଖର - ପାଣ୍ଡୁନାଗୁ | (ଓଡ଼ିଆ) - ଗୋଖର ଗାତରେ ରହେ ।<br>(ହୋ) - ପାଣ୍ଡୁନାଗୁ ଉଣ୍ଡୁରେଃ ତାଇନା । |
| ଗଡ଼ିସା - ରାଟାଙ୍ଗାଚଲା | (ଓଡ଼ିଆ) - ଗଡ଼ିସା ଖାଅ ।<br>(ହୋ) - ରାଟାଙ୍ଗା ଚଲା ଜମିଇମ୍ । |
| ଚିତିସାପ - ବାରାଚିତିବିଂ | (ଓଡ଼ିଆ) - ଚିତିସାପର ବିଷ ଅଛି ।<br>(ହୋ) - ବାର ଚିତିଂବିଂଡାଃ ବିଷିମେନାଃ । |
| ଚେଙ୍ଗମାଛ - ଚୁଲାହାକୁ / ଚଲାହାଇ | (ଓଡ଼ିଆ) - ଚେଙ୍ଗମାଛ ଆଣ ।<br>(ହୋ) - ଚଲାହାକୁ ଆଗୁଇମ୍ । |
| ଚିଙ୍ଗୁଡ଼ି - ଇଚେଃ | (ଓଡ଼ିଆ) - ଚିଙ୍ଗୁଡ଼ି ଖାଅ ।<br>(ହୋ) - ଇଚେଃ ଜମିମ୍ । |
| ଜୋକ - ହାପାଡ୍ | (ଓଡ଼ିଆ) - ଆସ ଜୋକକୁ ଦେଖ ।<br>(ହୋ) - ହୁଜୁଃମ୍ ହାପାଡ୍ ନେଲିମ୍ । |
| ଜିଆ - ଲେଣ୍ଡାଡ୍ | (ଓଡ଼ିଆ) - ଜିଆ ମାଟିରେ ରହେ ।<br>(ହୋ) - ଲେଣ୍ଡାଡ୍ ହାସାରେଃ ତାଇନା । |
| ଝଡ଼ିପୋକ - ବୁର୍‌ଦୁଡ୍ | (ଓଡ଼ିଆ) - ଝଡ଼ିପୋକ ଉଡୁଛି ।<br>(ହୋ) - ବୁର୍‌ଦୁଡ୍ ଆପିରେନ୍ ତାନା । |

| | |
|---|---|
| ଝିଟିପିଟି - ହରଚଚଏଃ | (ଓଡ଼ିଆ) - ଝିଟିପିଟି ଝଡ଼ିପୋକକୁ ଖାଉଛି । |
| | (ହୋ) - ହରଚଚଏଃ ବୁର୍‌ଦୁଡ଼େଃ ଜମ୍‌ତାନା । |
| ଢ଼ମଣା - ଜାମ୍ବୁଡ | (ଓଡ଼ିଆ) - ଢ଼ମଣା ଗାତରେ ରହେ । |
| | (ହୋ) - ଜାମ୍ବୁଡ ଉଣ୍ଡୁରେଃ ତାଇନା । |
| ଧଣ୍ଡ - ଦୁଣ୍ଡୁ | (ଓଡ଼ିଆ) - ଧଣ୍ଡ ପାଣିରେ ପହଁରୁଛି । |
| | (ହୋ) - ଦୁଣ୍ଡୁ ଦାଆଃରେଃ ଅୟାରେନ୍ ତାନା । |
| ପାହାଡ଼ିଆ ସାପ - ବୁରୁବିଂ | (ଓଡ଼ିଆ) - ପାହାଡ଼ିଆ ସାପକୁ ଦେଖ । |
| | (ହୋ) - ବୁରୁବିଂ ନେଲି'ମେ । |
| ବଜ୍ରକାପ୍ତା - ହାର୍‌ମୁ | (ଓଡ଼ିଆ) - ବଜ୍ରକାପ୍ତା ପାହାଡ଼ରେ ରହେ । |
| | (ହୋ) - ହାର୍‌ମୁ ବୁରୁରେଃ ତାଇନା । |
| ବିଷାକ୍ତ ସାପ - ମାଉରା ବିଂ | (ଓଡ଼ିଆ) - ବିଷାକ୍ତସାପଠାରୁ ଦୂରରେ ରୁହ । |
| | (ହୋ) - ମାଉରା ବିଂଢେତେ ସାନିଂରେ ତାଇନ୍ ମେ । |
| ବେଙ୍ଗ - ଚ଼କେ | (ଓଡ଼ିଆ) - ବେଙ୍ଗ ପାଣିରେ ରହେ । |
| | (ହୋ) - ଚକେ ଦାଃଆ ରେଃ ତାଇନା । |
| ବ୍ରାହ୍ମଣୀ ବେଙ୍ଗ - ଆଉଁଡ୍ ଚକେ | (ଓଡ଼ିଆ) - ବ୍ରାହ୍ମଣୀ ବେଙ୍ଗକୁ ଦେଖ । |
| | (ହୋ) - ଆଉଁଡ୍ ଚକେ ନେଲିଇମ୍ । |
| ବୁଢ଼ିଆଣୀ ଜାଲ - ବିନ୍ଦିଇରାମ୍ ଜାଲି | (ଓଡ଼ିଆ) - ବୁଢ଼ିଆଣୀ ଜାଲ ଅତି ସରୁ । |
| | (ହୋ) - ବିନ୍ଦିଇରାମ୍ ଜାଲି ଏସୁବାତାରିୟେ । |
| ଜଳହସ୍ତୀ - ଦାଃଆ ହାତୀ | (ଓଡ଼ିଆ) - ଜଳହସ୍ତୀ ପାଣିରେ ବହୁତ ସମୟ ବୁଡ଼ି ରହିଯାଏ । |
| | (ହୋ) - ଦାଃଆ ହାତୀ ଦାଃଆରେ ଏସୁଗାଆଲିଃ ତାଇ ଦାୟିୟେ । |
| ଦଣ୍ଡିକିରି ମାଛ - ଦାଣ୍ଡିକା ହାକୁ | (ଓଡ଼ିଆ) - ଦଣ୍ଡିକିରି ମାଛ ପାଣିରେ ଖେଳୁଛି । |
| | (ହୋ) - ଦାଣ୍ଡିକା ହାକୁ ଦାଃଆରେଃ ଇନୁଂ ତାନ । |
| ଭାକୁର ମାଛ - ବାକୁଲୁ ହାକୁ | (ଓଡ଼ିଆ) - ଭାକୁର ମାଛର ଦାମ୍ ବେଶୀ । |
| | (ହୋ) - ବାକୁଲୁ ହାକୁୱାଃ ଗନଂ ଏସୁ ଲାନାଆଃ । |
| ମାଛର ଗାଲିସି - ହାକୁ ହାଁରାୟାତ୍ | (ଓଡ଼ିଆ) - ମାଛର ଗାଲିସି ସଫାକର । |
| | (ହୋ) - ହାକୁହାରାୟାତ୍ ସାପାଏମ୍ । |
| ମାଛମଞ୍ଜି - ହାକୁଜାରମ୍ | (ଓଡ଼ିଆ) - ମାଛମଞ୍ଜି ଖାଇବାକୁ ଭଲ ଲାଗେ । |
| | (ହୋ) - ହାକୁଜାରମ୍ ଏସୁନଗଡ଼ା । |

ଲୁଣିମାଛ - ବୁଲୁଂହାକୁ

(ଓଡ଼ିଆ) - ଲୁଣିମାଛ ଖାଇବାକୁ ଲୁଣିଆ ଲାଗେ ।
(ହୋ) - ବୁଲୁଂହାକୁ ବୁଲୁଂ ଗିୟାଃ ।

ଶୁଖୁଆ - ର'ହାକୁ

(ଓଡ଼ିଆ) - ଶୁଖୁଆ ମାଛ ଖାଇବାକୁ ଭଲ ଲାଗେ ।
(ହୋ) - ର'ହାକୁ ଜମ୍ ଏସୁ ବୁଗିଆ ।

ରଣା - ସାକମବିଂ

(ଓଡ଼ିଆ) - ରଣା ହିଡ଼ସବୁ ଭାଙ୍ଗିଦିଏ ।
(ହୋ) - ସାକମ୍‌ବିଂ ଆଣି କଏଃ ରାପୁଡ଼ା ।

ଫଣା - ସା'

(ଓଡ଼ିଆ) - ସାପଫଣା ଟେକିଛି ।
(ହୋ) - ବିଂସା'କାଡ଼ା ।

ହୁଙ୍କା - ବୁନୁମ୍

(ଓଡ଼ିଆ) - ଉଇ ହୁଙ୍କାରେ ରହେ ।
(ହୋ) - ନିଦିର ବୁନୁମ୍‌ରେକ ଟାଇନା ।

ଜନ୍ଦା - ଟଣ୍ଡ

(ଓଡ଼ିଆ) - ଜନ୍ଦା କାମୁଡ଼ିଲା ।
(ହୋ) - ଟଣ୍ଡ ହୁଓ୍ୱାଃ କିଡ଼ିଞ୍ଜା ।

ଶାଗ ପୋକ - ଆଃ ଚିଦୁ

(ଓଡ଼ିଆ) - ଶାଗରେ ପୋକ ଲାଗିଛି ।
(ହୋ) - ଆଆଃରେ ଚିଦୁ ମେନାଃ କଆ ।

ବିଷ ଦାନ୍ତ - ମାଉରା ଦାଟା

(ଓଡ଼ିଆ) - ସାପର ବିଷାକ୍ତ ଦାନ୍ତ ଅଛି ।
(ହୋ) - ବିଂଡାଃ ମାଉରାଦାଟା ମିନାଃ ।

## ବିଭିନ୍ନ ଫୁଲ (ବାଆକ)

ଫୁଲ - ବାଆ

(ଓଡ଼ିଆ) - ଫୁଲ ଫୁଟିଛି ।
(ହୋ) - ବାଆ ପୁଟେଓ୍ୱାକାନା ।

କଇଁ - ସାଲୁକେଡ୍

(ଓଡ଼ିଆ) - କଇଁ ଫୁଟିଛି ।
(ହୋ) - ସାଲୁକେଡ୍ ପୁଟେଓ୍ୱାକାନା ।

କୃଷ୍ଣଚୂଡ଼ା - ରାଜାବାଆ

(ଓଡ଼ିଆ) - କୃଷ୍ଣଚୂଡ଼ା ଫୁଲ ନାଲିଆ ।
(ହୋ) - ରାଜାବାଆ ଜେଙ୍ଗାଆଃ ।

ଦୁଦୁରା ଫୁଲ - ତଅତଅ ବାଆ

(ଓଡ଼ିଆ) - ଦୁଦୁରା ଫୁଲ ଆଣ ।
(ହୋ) - ତଅତଅ ବାଆ ଆଗୁଇମ୍ ।

ଡେମ୍ଫ - ଡାଣ୍ଡି

(ଓଡ଼ିଆ) - ଫୁଲର ଡେମ୍ଫ ଅଛି ।
(ହୋ) - ବାଆ ରାଃ ଡ଼ାଣ୍ଡି ମିନାଃ ।

କଢ଼ - କଣ (ଓଡ଼ିଆ) - କଢ଼ ଫୁଲ ଆଣ ।
(ହୋ) - କଣ ବାଆ ଆଗୁଇମ୍ ।

ଈଶ୍ୱର ଜଟା - ଅତରଂ (ଓଡ଼ିଆ) - ଈଶ୍ୱର ଜଟା ଲଗାଅ ।
(ହୋ) - ଅତରଂ ରଆଏମ୍ ।

ପଳାଶ - ମୁର୍ଃ (ଓଡ଼ିଆ) - ପଳାଶ ଫୁଲର ବାସନା ନାହିଁ ।
(ହୋ) - ମୁ'ର୍ ବାଆ ରାଃ ସଆନ ବାନଃଓ୍ୱା ।

ପଦ୍ମ - ଟାଲାୟ (ଓଡ଼ିଆ) - ପଦ୍ମଫୁଲ ପାଣିରେ ଥାଏ ।
(ହୋ) - ଟାଲାୟ ବାଆ ଦାଆଃରେ ଟାଇନା ।

ମଲ୍ଲୀ - ଆଟାଲ୍ (ଓଡ଼ିଆ) - ମଲ୍ଲୀଫୁଲର ବାସନା ଅଛି ।
(ହୋ) - ଆଟାଲ ବାଆ ରାଃ ସଆନ ମେନାଃ ।

ସୂର୍ଯ୍ୟମୁଖୀ - ଗଣ୍ଡୁଃବାଆ (ଓଡ଼ିଆ) - ସୂର୍ଯ୍ୟମୁଖୀରୁ ତେଲ ବାହାରେ ।
(ହୋ) - ଗଣ୍ଡୁଃବାଆ ସୁନୁମଃଆ ।

ରଜନୀଗନ୍ଧା - ନିଦାସଆନ / ଜାପିଦ୍ ସୁଆନ୍ (ଓଡ଼ିଆ) - ରଜନୀଗନ୍ଧା ରାତିରେ ଫୁଟେ ।
(ହୋ) - ନିଦାସଲାନ୍ ବାଆ ନିଦାପାଂ ପୁଟାଓ ନା ।

ଅପରାଜିତା - ଦା'ଦାଇ (ଓଡ଼ିଆ) - ଅପରାଜିତା ଏକ ଫୁଲ ।
(ହୋ) - ଦା'ଦାଇ ମି'ତ ବାଆ ।

ଟରାଟ - ଗଲାଞ୍ଚି (ଓଡ଼ିଆ) - ଟରାଟ ଫୁଲ ଝଡ଼ିଛି ।
(ହୋ) - ଗଲାଞ୍ଚି ବାଆ ହଜରା କାନା ।

ବାସିଫୁଲ - ଆଙ୍ଗାରା ବାଆ (ଓଡ଼ିଆ) - ବାସିଫୁଲ ଆଣ ନାହିଁ ।
(ହୋ) - ଆଙ୍ଗାରାବାଆ ଆଲମ୍ ଆଗୁୟା ।

ମନ୍ଦାର - ଆରାଃ ଗେଲେ (ଓଡ଼ିଆ) - ମନ୍ଦାର ଏକ ଫୁଲ ।
(ହୋ) -ଆରାଃ ଗେଲେ ମିତ' ବାଆ ।

## ବିଭିନ୍ନ ଫଳ (ଜଅକ)

ଫଳ - ଜଅ, କ (ଓଡ଼ିଆ) - ଫଳ ଖାଅ ।
(ହୋ) - ଜଅ ଜମେମ୍ ।

କଞ୍ଚା ଫଳ - ବେରେଲ୍ ଜଅ (ଓଡ଼ିଆ) - କଞ୍ଚାଫଳ ଖାଅ ନାହିଁ ।
(ହୋ) - ବେରେଲ୍ ଜଅ ଆଲମ୍ ଜ'ମା ।

| | |
|---|---|
| ଅମୃତଭଣ୍ଡା - ବିନ୍ଦି | (ଓଡ଼ିଆ) - ଅମୃତଭଣ୍ଡା ପାଚିଲା ।<br>(ହୋ) - ବିନ୍ଦି ମାତାୟାନା । |
| ଆମ୍ବ - ଉଲି | (ଓଡ଼ିଆ) - ଆମ୍ବ ମିଠା ଲାଗେ ।<br>(ହୋ) - ଉଲି ନଗଡ଼ା । |
| ଆତ - ଡ଼ାମ୍ବାଉ, ମାନ୍ଦାନ | (ଓଡ଼ିଆ) - ଆତ ଖାଅ ।<br>(ହୋ) - ଡାମ୍ବାଉ ଜମେମ । |
| ଆମ୍ବଡ଼ା - ଆମ୍ବାଉ, ଆମ୍ବାଲା | (ଓଡ଼ିଆ) - ଆମ୍ବଡ଼ା ଖଟା ଲାଗେ ।<br>(ହୋ) - ଆମ୍ବାଉ ମରଏଃ ୟା । |
| କଦଳୀ - କାଦାଲ୍ | (ଓଡ଼ିଆ) - କଦଳୀ ଆଣ ।<br>(ହୋ) - କାଦାଲ ଆଗୁଇମ୍ । |
| ପାଚିଲା କଦଳୀ - ମାତା କାଦାଲ୍ | (ଓଡ଼ିଆ) - ପାଚିଲା କଦଳୀ କିଣି ଖାଅ ।<br>(ହୋ) - ମାତା କାଦାଲ୍ କରିଂକାତେ ଜମେମେ । |
| କରମଙ୍ଗା - ମରଏଃ ହାତାନାଃ /ମରଏଃ ଆତାନାଃ | (ଓଡ଼ିଆ) - କରମଙ୍ଗା ଖଟା ଲାଗେ ।<br>(ହୋ) - ମରଏ୍ଃ ହାତାନାଃ ମରଏ୍ଃୟା । |
| କାକୁଡ଼ି - ଟାୟାର୍ | (ଓଡ଼ିଆ) - କାକୁଡ଼ି ଲଗାଅ ।<br>(ହୋ) - ଟାୟାର୍ ରୁଆଏମ୍ । |
| କସି କାକୁଡ଼ି - ବାଲେଃ ଟାୟାର୍ | (ଓଡ଼ିଆ) - କସି କାକୁଡ଼ି କିଣି ଆଣ ।<br>(ହୋ) - ବାଲେଃ ଟାୟାର୍ କିରିଂ ଆଗୁଇମ୍ । |
| କଖାରୁ - କାକାରୁ | (ଓଡ଼ିଆ) - କଖାରୁ ନିଅ ।<br>(ହୋ) - କାକାରୁ ଇଡ଼େମ୍ । |
| କନ୍ଦମୂଳ - ଆଣିସାଙ୍ଗା / ଆଲିସାଙ୍ଗା | (ଓଡ଼ିଆ) - କନ୍ଦମୂଳ ମାଟିରେ ଫଳେ ।<br>(ହୋ) - ଆଣିସାଙ୍ଗା ହାସାରେ ଦାକାନା । |
| କଲରା - କାର୍‌ଲା | (ଓଡ଼ିଆ) - କଲରା ପିତା ଲାଗେ ।<br>(ହୋ) - କାର୍‌ଲା ମେ'ରା । |
| ଖଜୁରୀ - କିଜୁର୍ | (ଓଡ଼ିଆ) - ଖଜୁରୀ ଗଛରେ ବହୁତ କଣ୍ଟା ।<br>(ହୋ) - କିଜୁର୍ ଦାରୁ ଏସୁ ଜାନୁମାନା । |
| ଜାମୁକୋଳି - କୁଦା | (ଓଡ଼ିଆ) - ଜାମୁକୋଳି ଖାଇବାକୁ ଯିବା ।<br>(ହୋ) - କୁଦାମାତା ଜମବୁ ସେନଃଓ୍ୱା । |

| | |
|---|---|
| ବରକୋଳି ଗଛ - ବାଇଦାଗୁ | (ଓଡ଼ିଆ) - ବରକୋଳି ଗଛର ବର ଓହଳିଛି ।<br>**(ହୋ) - ବାଇଦାଗୁରେ ଜରୟା କାନା ।** |
| ଥୁଣ୍ଟାଗଛ - ଡୁଣ୍ଡୁଲିଦାରୁ | (ଓଡ଼ିଆ) - ଥୁଣ୍ଟା ଗଛର ଡ଼ାଳ ନାହିଁ ।<br>**(ହୋ) - ଡୁଣ୍ଡୁଲି ଦାରୁ ରାଃ କତ ବାନଃଆ ।** |
| ଅଶୋକ ଗଛ - ବାରୁ କନ୍ଦୁ ଦାରୁ | (ଓଡ଼ିଆ) - ଅଶୋକ ଗଛ କିଣି ଆଣ ।<br>**(ହୋ) - ବାରୁ କିନ୍ଦୁ ଦାରୁ କିରିଂ ଆଗୁଇମ୍ ।** |
| ମଞ୍ଜି - ଜାଂ | (ଓଡ଼ିଆ) - ମଞ୍ଜି ବୁଣା ଯାଏ ।<br>**(ହୋ) - ଜାଂକ ହେରେୟା ।** |
| ଛତୁ - ଉତ୍ | (ଓଡ଼ିଆ) - କୁଟା ଛତୁ ଆଣ ।<br>**(ହୋ) - ବୁସୁଃ ଉତ୍ ଆଗୁଇମ୍ ।** |
| ଜହ୍ନି - ଜିଙ୍ଗା | (ଓଡ଼ିଆ) - ଜହ୍ନି ତରକାରୀ କର ।<br>**(ହୋ) - ଜି'ଙ୍ଗା ଉତୁଇମ୍ ।** |
| ପନିପରିବା - ଉତୁଇ ତିୟାଃ | (ଓଡ଼ିଆ) - ପନିପରିବା ଆଣ ।<br>**(ହୋ) - ଉତୁଇ ତିୟାଃ ଆଗୁଇମ୍ ।** |
| ଓଉ - ହାତୁ ରାୟୁଁ, ମାରାଂ ରାୟୁଁ | (ଓଡ଼ିଆ) - ଓଉ ଖଟା କର ।<br>**(ହୋ) - ହାତୁ ରାୟୁଁ ମରଃଏମ୍ ।** |
| ସାରୁ - ସାରୁ | (ଓଡ଼ିଆ) - ସାରୁ କିଣି ଆଣ ।<br>**(ହୋ) - ସାରୁ କିରିଂ ଆଗୁଇମ୍ ।** |
| ବନ୍ଧାକୋବି - ପୁଟୁଆକୁବି | (ଓଡ଼ିଆ) - ବନ୍ଧା କୋବି ତରକାରୀ କର ।<br>**(ହୋ) - ପୁଟୁଆ କୁବି ଉତୁଇମେ ।** |
| ଫୁଲକୋବି - ବାଆ କୁବି | (ଓଡ଼ିଆ) - ଫୁଲକୋବିରେ ପୋକ ଲାଗିଛି ।<br>**(ହୋ) - ବାଆ କୁବିକ ଚିଦୁ ତାଡ଼ା / ଚିଦୁ ତିୟାଃ ବାଆ କୁବି ।** |
| ଓଲକୋବି - ଡ଼ାମ୍ବୁକୁବି/ଡ଼ମ୍ବୈକୁବି | (ଓଡ଼ିଆ) - ଓଲକୋବିର ଦାମ ବେଶି ।<br>**(ହୋ) - ଡ଼ାମ୍ବୁକୁବି ଏସୁ ଗନଂଡା ।** |
| ପାଚିଲା ଫଳ - ମାତା ଜଅ /ମାତା ତିୟାଃ ଜଅ | (ଓଡ଼ିଆ) - ପାଚିଲା ଫଳ ଖାଅ ।<br>**(ହୋ) - ମାତା ଜଅ ଜମେ ମେ ।** |

# ବୃକ୍ଷ ଓ ତା'ର ଅଂଶ (ଦାରୁ)

| | |
|---|---|
| ଗଛ - ଦାରୁ | (ଓଡ଼ିଆ) - ଗଛ ଲଗାଅ ।<br>(ହୋ) - ଦାରୁ ରଆଏମ୍ । |
| ଅଶ୍ୱତ୍ଥ ଗଛ - ହେସାଃ ଦାରୁ | (ଓଡ଼ିଆ) - ଅଶ୍ୱତଥ ଗଛ ଲଗାଅ ।<br>(ହୋ) - ହେସାଃଦାରୁ ରଆଏମ୍ । |
| ଅରଖ ଗଛ - ପାଲାଟି ଦାରୁ | (ଓଡ଼ିଆ) - ଅରଖ କ୍ଷୀର ଆଣ ।<br>(ହୋ) - ପାଲାଟି ସସଏଃ ଆଗୁଇମ୍ । |
| ଅଁଳା ଗଛ - ମେରେଲ୍ ଦାରୁ | (ଓଡ଼ିଆ) - ଅଁଳା ଗଛ ଲଗାଅ ।<br>(ହୋ) - ମେରେଲ୍ ଦାରୁ ରୁଆଏମ୍ । |
| ଅପରାଜିତା ଗଛ - ଦା'ଦାଇ ଦାରୁ | (ଓଡ଼ିଆ) - ଅପରାଜିତା ଗଛ ଲଗାଅ ।<br>(ହୋ) - ଦା'ଦାଇ ଦାରୁ ରଆଏମ୍ । |
| ଆଖୁ ଗଛ - ନଗଡ଼ସିଂ ଦାରୁ | (ଓଡ଼ିଆ) - ଆଖୁ ଗଛରେ ପାଣି ଦିଅ ।<br>(ହୋ) - ନଗଡ଼୍ ସିଂ ଦାରୁରେ ଦାଃଆ ଦୁଲେମ୍ । |
| ଆତ ଗଛ - ଡ଼ାମ୍ବାଉ ଦାରୁରେ ଦେଏଃମ୍ | (ଓଡ଼ିଆ) - ଆତ ଗଛରେ ଚଢ଼ ।<br>(ହୋ) - ଡ଼ାମ୍ବାଉ ଦାରୁରେ ଦେଏଃମ୍ । |
| ଆମ୍ବ ଗଛ - ଉଲିଦାରୁ | (ଓଡ଼ିଆ) - ଆମ୍ବ ଗଛ କାଟ ନାହିଁ ।<br>(ହୋ) - ଉଲିଦାରୁ ଆଲପେ ମାଃୟା । |
| କପା ଗଛ - କାଡ୍ସମ୍ ଦାରୁ | (ଓଡ଼ିଆ) - କପା ଗଛରୁ କପା ମିଳେ ।<br>(ହୋ) - କାଡ୍ସମ୍ ଦାରୁଇତେ ତୁଲେମ୍ ନାମଃଆ । |
| କଣ୍ଟା ଗଛ - ଜାନୁମ୍ ଦାରୁ | (ଓଡ଼ିଆ) - କଣ୍ଟା ଗଛରେ ବହୁତ କଣ୍ଟା ।<br>(ହୋ) - ଜାନୁମ୍ଦାରୁ ଏସୁ ଜାନୁମାନା । |
| କଦଳୀ ଗଛ - କାଦାଲଦାରୁ | (ଓଡ଼ିଆ) - କଦଳୀ ଗଛ କାଟ ନାହିଁ ।<br>(ହୋ) - କାଦାଲ୍ ଦାରୁ ଆଲପେ ମାଃୟା । |
| ଖଜୁରୀ ଗଛ - କିଜୁର୍ ଦାରୁ | (ଓଡ଼ିଆ) - ଖଜୁରୀ ଗଛ ଲଗାଅ ।<br>(ହୋ) - କୁଜୁରୀ ଦାରୁ ରଆଏମ୍ । |
| ଖଡ଼ିକା - ଘରିଃ | (ଓଡ଼ିଆ) - ଖଡ଼ିକା ଆଣ ।<br>(ହୋ) - ଘରିଃ ଆଗୁଇମ୍ । |

ଗବ ଗଛ - ଟଟକା ବିନ୍ଦିଦାରୁ
(ଓଡ଼ିଆ) - ଗବ ଗଛ ବାକିରେ ଲଗାଅ ନାହିଁ ।
(ହୋ) - ଟଟକା ବିନ୍ଦିଦାରୁ ବାକିରେ ଆଲପେ ରଆୟା ।

ଜଡ଼ା ଗଛ - ଜାନା ବିନ୍ଦିଦାରୁ
(ଓଡ଼ିଆ) - ଜଡ଼ା ଗଛର ପୋକକୁ ଦେଖ ।
(ହୋ) - ଜାନାବିନ୍ଦିଦାରୁ ରିନିଃ ଚିଦୁ ନେଲିଇମ୍ ।

ଘାସ - ତାସାଡ୍ /ଦୁମୁ
(ଓଡ଼ିଆ) - ଦୁବ ଘାସ ଆଣ ।
(ହୋ) - ଦୁବିତାସାଡ୍ ଆଗୁଇମ୍ ।

ଶୁଖିଲା ଘାସ - ର'ତାସାଡ୍
(ଓଡ଼ିଆ) - ଶୁଖିଲା ଘାସ ଗାଈ ଖାଇଲା ନାହିଁ ।
(ହୋ) - ର'ତାସାଡ୍ ଗୁଣ୍ଡି କାଏଃ ଜ'ମେ ୟାନା ।

ଛତୁ - ଉଡ୍
(ଓଡ଼ିଆ) - ଛତୁ ତରକାରୀ କର ।
(ହୋ) - ଉଡ୍ଉତୁ ଇମ୍ ।

ଜାଳେଣି କାଠ - ତିଙ୍ଗେ ସାଆନ୍
(ଓଡ଼ିଆ) - ଜାଳେଣି କାଠ ନାହିଁ ।
(ହୋ) - ତିଙ୍ଗେ ସାଆନ ବାନଃଆ ।

ଝାଉଁ ଗଛ - ହୁଇ ଦାରୁ
(ଓଡ଼ିଆ) - ଝାଉଁ ଗଛ ଲଗାଅ ।
(ହୋ) - ହୁଇ ଦାରୁ ରଆଏମ୍ ।

ତାଳ ଗଛ - ତାଆଲ ଦାରୁ
(ଓଡ଼ିଆ) - ତାଳ ଗଛ ଡ଼େଙ୍ଗା ।
(ହୋ) - ତାଆଲା ଦାରୁ ସାଲାଙ୍ଗିଆ ।

ନିମ ଗଛ - ଲିମ୍ ଦାରୁ
(ଓଡ଼ିଆ) - ନିମ ଗଛ ଆଣ ।
(ହୋ) - ଲିମ୍ ଦାରୁ ଆଗୁଇମ୍ ।

ନଡ଼ିଆ ଗଛ - ନୁଣିଏଁ ଦାରୁ / ନୁନୁଏଁ
(ଓଡ଼ିଆ) - ନଡ଼ିଆ ଗଛ ଲଗାଅ ।
(ହୋ) - ନୁଣିଏଁ ଦାରୁ ରୁଆଏମ୍ ।

ପଣସ ଗଛ - ପଣସ ଦାରୁ
(ଓଡ଼ିଆ) - ପଣସ ଗଛରେ ପଣସ ପାଚିଛି ।
(ହୋ) - ପଣସ ଦାରୁରେ ପଣସ ମାତାଆ କାନା ।

ବର ଗଛ - ବାଇ ଦାରୁ
(ଓଡ଼ିଆ) - ବରଗଛ ତଳେ ବସ ।
(ହୋ) - ବାଇଦାରୁ ସୁବାରେ ଦୁବ୍ମେ ।

ବେଲ ଗଛ - ବେଲଦାରୁ
(ଓଡ଼ିଆ) - ବେଲ ଗଛକୁ ଦେଖ ।
(ହୋ) - ବେଲ ଦାରୁ ନେଲେମ୍ ।

# କୀଟ ଓ ପତଙ୍ଗ (ଉରୁ ଉସ୍‌କି)

| | |
|---|---|
| କୀଟ - ଉରୁ | (ଓଡ଼ିଆ) - କୀଟଠାରୁ ଦୂରରେ ରୁହ ।<br>(ହୋ) - ଉରୁଇତେ ସାଙ୍ଗିଂରେ ଟାଇନ୍‌ମେ । |
| ପତଙ୍ଗ - ଉସ୍‌କି | (ଓଡ଼ିଆ) - ପତଙ୍ଗ ଉଡ଼ି ବୁଲୁଛି ।<br>(ହୋ) - ଉସ୍‌କି ଆପିର୍ ବାଆନ୍ ତାନା । |
| ଉକୁଣୀ - ସିକୁ | (ଓଡ଼ିଆ) - ମୁଣ୍ଡରେ ଉକୁଣୀ ଅଛି ।<br>(ହୋ) - ବଅଃରେ ସିକୁ ମିନାଃ କଆ । |
| ଉଇ - ନିନ୍ଦିର୍ | (ଓଡ଼ିଆ) - ଉଇ ହୁଙ୍କାରେ ରହେ ।<br>(ହୋ) - ନିଦିର୍ ବୁନୁମ୍‌ରେଃ ଟାଇନା । |
| ଏଣ୍ଡିପୋକ - ବାଲାମ୍ | (ଓଡ଼ିଆ) - ଏଣ୍ଡିପୋକ ଗୋବ ପତର ଖାଏ ।<br>(ହୋ) - ବାଲାମ୍ ଟଟକା ବିନ୍ଦି ପାତା'ଏ ଜମା । |
| କଙ୍କି - ବେର୍ ବେଡ଼ଂ, ଡୁଲୁଂ | (ଓଡ଼ିଆ) - କଙ୍କି ଉଡ଼ି ବୁଲୁଛି ।<br>(ହୋ) - ବେର୍ ବେଡ଼ଂ ଆପିର୍ ବାଆନ୍ ତାନା । |
| କୋଲକତରା - ଗୁର୍‌ଗୁଲି/ଗୁର୍‌ତୁଇଁ | (ଓଡ଼ିଆ) - କୋଲକତରା ବିଲରେ ରହେ ।<br>(ହୋ) - ଗୁର୍‌ଗୁଲି କୁଣ୍ଡିରେଃ ଟାଇନା । |
| କାଇ - ହାଉ | (ଓଡ଼ିଆ) - କାଇ ଖଟା ଲାଗେ ।<br>(ହୋ) - ହାଉକ ମରଃଏୟା । |
| କୁମ୍ଭକାର କୀଟ - କୁଙ୍କାଲ | (ଓଡ଼ିଆ) - କୁମ୍ଭକାର କୀଟ କାନ୍ଥରେ ବସିଛି ।<br>(ହୋ) - କୁଙ୍କାଲ ଗିନିଲ୍‌ରେଃ ଦୁବାକାନା । |
| କଳା ଭ୍ରମର - ହେନ୍ଦେ ଉରୁ | (ଓଡ଼ିଆ) - କଳା ଭ୍ରମର ଉଡ଼ି ବୁଲୁଛି ।<br>(ହୋ) - ହେନ୍ଦେ ଉରୁ ଆପିର୍ ବାଆନ୍ ତାନା । |
| ସୁନାରୀ ପୋକ - ବୁଆଙ୍ଗ୍ ଉରୁ | (ଓଡ଼ିଆ) - ସୁନାରୀ ପୋକ ପତ୍ର ଖାଉଛି ।<br>(ହୋ) - ବୁଆଙ୍ଗ୍ ଉରୁ ପାତା'ଆଃ ଜମ୍‌ତାନା । |
| ଗୋବର ପୋକ - ଗୁରିଃ ଚିଦୁ | (ଓଡ଼ିଆ) - ଗୋବର ପୋକ ଖତ ଗାଡ଼ିଆରେ ରହେ ।<br>(ହୋ) - ଗୁରିଃଚିଦୁ ଗୁରିଃ ଦୁବିରେଃ ଟାଇନେ । |
| ଛାର ପୋକ - ମାଜି | (ଓଡ଼ିଆ) - ଛାର ପୋକ କେଉଁଠି ରହେ ?<br>(ହୋ) - ମାଜି ଅକନ୍ ରେଃ ଟାଇନା ? |

ଝଡ଼ି ପୋକ - ବୁରଦୁଡ୍ (ଓଡ଼ିଆ) - ଝଡ଼ି ପୋକ ହୁଙ୍କାରୁ ଉଡୁଛି ।
(ହୋ) - ଟୁପୁଙ୍ ବୁନୁମେ'ତେଃ ଆପିରେନ୍ ତାନା ।

ଜୁଳୁଜୁଳିଆ ପୋକ - ଇପିଇ ପିୟୁଙ୍ (ଓଡ଼ିଆ) - ଜୁଳୁଜୁଳିଆ ପୋକ ରାତିରେ ଉଡ଼ିବୁଲେ ।
(ହୋ) - ଇପିଇ ପିୟୁଙ୍ ନିଦାପାଂଙେ ଆପିର୍ ବାଆନ ।

ଝିଙ୍କାରୀ - ରେଁ ରେଁ (ଓଡ଼ିଆ) - ଝିଙ୍କାରୀ ଘାସରେ ଚଲି ବୁଲୁଛି ।
(ହୋ) - ରେଁ ରେଁ ତାସାଡ୍ରେଃ ସେନବାଏ ତାନା ।

ଝିଣ୍ଟିକା - ବାଟା (ଓଡ଼ିଆ) - ଝିଣ୍ଟିକା ଘାସ ଖାଏ ।
(ହୋ) - ବାଟା ତାସାଡ଼େଃ ଜମା ।

ଝିଙ୍କ - ଜିକି (ଓଡ଼ିଆ) - ଝିଙ୍କ ଜଙ୍ଗଲରେ ରହେ ।
(ହୋ) - ଜିକି ବିର୍‌ରେଃ ଟାଇନା ।

ଡ଼ାଆଁଶ - ପିଚୁ (ଓଡ଼ିଆ) - ଧୂଆଁ ଡ଼ାଆଁଶ ତଡ଼ି ଦିଏ ।
(ହୋ) - ମଃଅଏଁରେ ପିଚୁକ ନିରେ ।

ପ୍ରଜାପତି - ପାମ୍ପାଲ୍ (ଓଡ଼ିଆ) - ଫୁଲରେ ପ୍ରଜାପତି ବସିଛି ।
(ହୋ) - ବାଆରେ ପାମ୍ପାଲ୍ ଦୁବାକାନା ।

ପିମ୍ପୁଡ଼ି - ମୁଇଃ (ଓଡ଼ିଆ) - ପିମ୍ପୁଡ଼ି କାମୁଡ଼ିଲା ।
(ହୋ) - ମୁଇଃ ହୁଏଃ କିଡ଼ିଞା ।

ବୁଢ଼ିଆଣୀ - ବିନ୍ଦିଇ ରାମ୍ (ଓଡ଼ିଆ) - ବୁଢ଼ିଆଣୀ ଜାଲ ଅତି ସରୁ ।
(ହୋ) - ବିନ୍ଦୀରାମ୍ ଜାଲି ଏସୁ ବାତାରିଆ ।

ଭ୍ରମର - ଉରୁ (ଓଡ଼ିଆ) - ଭ୍ରମର ଏ ଫୁଲରୁ ସେ ଫୁଲକୁ ଉଡ଼ି ବୁଲୁଛି ।
(ହୋ) - ଉରୁ ନେନ୍ ବାଆଏତେ ଏନ୍ ବାଆତେ ଆପିର୍ ବାଆନ୍ ତାନା ।

ବିରୁଡ଼ି - ସୁର୍‌ପାଙ୍ (ଓଡ଼ିଆ) - ବିରୁଡ଼ି ବସା ଭାଙ୍ଗ ନାହିଁ ।
(ହୋ) - ସୁର୍‌ପାଙ୍ ଘତା ଆଲପେ ରାପୁଡ଼ିଆ ।

ଭଅଁର - ଉରୁ (ଓଡ଼ିଆ) - ଭଅଁର ଉଡ଼ି ବୁଲୁଛି ।
(ହୋ) - ଉରୁ ଆପିର୍ ବାଆନ୍ ତାନା ।

ମଶା - ସିକିଏଁ (ଓଡ଼ିଆ) - ଧୂଆଦେଲେ ମଶା ରହେ ନାହିଁ ।
(ହୋ) - ମଃଅଏଁରେ ସିକିଏଁ କ କାକ ଟାଇନା ।

ମାଙ୍କଡ଼ସା - ଜିଲିଂ କାଟା ବିନ୍ଦିଇ ରାମ (ଓଡ଼ିଆ) - ଘରେ ମାଙ୍କଡ଼ସା ବସା ବାନ୍ଧିଛି ।
(ହୋ) - ଅଓ୍ୱାଃରେ ଜିଲିଂକାଟା ବିନ୍ଦିଇରାମ୍ ଜାଲିଃବାଇ ଟାଡ଼ା ।

ରେଶମ ପୋକ - ତୁ'ତୁ ଲୁଗାମ୍ (ଓଡ଼ିଆ) - ରେଶମ ପୋକ ତୁତ୍ ଗଛର ପତ୍ର ଖାଏ ।
(ହୋ) - ତୁ ତୁ ଲୁଗାମ୍ ତୁ'ତୁ ପାତା'ଏଃ ଜମା ।

ଶାଗ ପୋକ - ଆ'ଆଃ ଚିଦୁ (ଓଡ଼ିଆ) - ଶାଗ ପୋକ ଶାଗ ଖାଇଗଲା ।
(ହୋ) - ଆ'ଆଃଚିଦୁ ଆ'ଆଃଏ ଜମ୍ କିଡ଼ା ।

ଉଇ - ନିନ୍ଦିର୍ (ଓଡ଼ିଆ) - ଉଇ ହୁଙ୍କାରେ ରହେ ।
(ହୋ) - ନିନ୍ଦିର୍ ହୁନୁରେଃ ତାଇନା ।

ସାଧବ ବୋହୂ - ସିମ୍‌ବୁ'ର୍ (ଓଡ଼ିଆ) - ସାଧବ ବୋହୂ ଭୂଇଁରେ ଚାଲିଛି ।
(ହୋ) - ସିମ୍‌ବୁର୍ ଅତେରେଃ ସେନା କାଡ଼ା ।

ଏଣ୍ଡୁଅ - ଦଣ୍ଡା, ଡଣ୍ଡା (ଓଡ଼ିଆ) - ଏଣ୍ଡୁଅ ଗଛରେ ଚଢୁଛି ।
(ହୋ) - ଦଣ୍ଡା ଦାରୁରେ ଦେଃତାନା ।

## ବିଭିନ୍ନ ପକ୍ଷୀ (ଚେଣେକ)

ପକ୍ଷୀ - ଚେଣେ (ଓଡ଼ିଆ) - ପକ୍ଷୀ ଉଡୁଛି ।
(ହୋ) - ଚେଣେ ଆପିଁରେନ୍ ତାନା ।

ପର - ଇଁୟାଲ୍ (ଓଡ଼ିଆ) - କୁକୁଡ଼ା ପର ଆଣ ।
(ହୋ) - ସିମ୍ ଇଁୟାଁଲ୍ ଆଗୁଇମ୍ ।

ଅଣ୍ଡ - ଟ'ଟଓ୍ୱାଃ (ଓଡ଼ିଆ) -କୁକୁଡ଼ା ଅଣ୍ଡରେ ଖାଏ ।
(ହୋ) - ସିମ୍ ଟ'ଟଓ୍ୱଃତେ ଜ'ମା ।

ଇଗଲ୍ - ରିଚି (ଓଡ଼ିଆ) - ଇଗଲ କୁକୁଡ଼ାକୁ ଖାଇଲା ।
(ହୋ) - ରିଚି ସିମୋଃ ଜମ୍ କିଁଃୟେ ।

କପୋତ - ପୁତାମ (ଓଡ଼ିଆ) - କପୋତ ପଡ଼ିଆରେ ଚରୁଛି ।
(ହୋ) - ପୁତାମ୍ ପାଳିଏ ରେଃ ଆଟିଂତାନା ।

କାଠହଣା - ଏରେ ଅୟ (ଓଡ଼ିଆ) - କାଠହଣା ଗଛରେ ବସିଛି ।
(ହୋ) - ଏରେ ଅୟ ଦାରୁରେଃ ଦୁବା କାନା ।

କାଣ୍ଟିବଗ - ପିସକା କଃ (ଓଡ଼ିଆ) -କାଣ୍ଟିବଗ ମାଛ ଖାଉଛି ।
(ହୋ) - ପିସ୍‌କା କଃ ହାକୁଇଃ ଜମ୍‌ତାନା ।

କାଉ - କା'ଆଃ (ଓଡ଼ିଆ) - କାଉ କଲା ।
(ହୋ) - କା'ଆଃ ହେନ୍ଦେୟା ।

| | |
|---|---|
| କୁକୁଡ଼ା - ସିମ୍ | (ଓଡ଼ିଆ) - କୁକୁଡ଼ା ମାଂସ ଖାଅ । |
| | (ହୋ) - ସିମ୍‌ଜିଲୁ ଜମେମ୍ । |
| କୋଇଲି - ତଆଉ | (ଓଡ଼ିଆ) - କୋଇଲି କାଉ ବସାରେ ଅଣ୍ଡା ଦିଏ । |
| | (ହୋ) - ତଆଉ କା'ଆଃ ଲୁଗାରେଃ ଜା'ରମା । |
| ମାଈ କୁକୁଡ଼ା - ଏଙ୍ଗା ସିମ୍ | (ଓଡ଼ିଆ) - ମାଈ କୁକୁଡ଼ାର ଅଣ୍ଡା । |
| | (ହୋ) - ଏଙ୍ଗା ସିମାଃ ଜାରମ୍ । |
| କଜଳପାତୀ - ଦାଁଚୁଡ୍ | (ଓଡ଼ିଆ) - କଜଳୀପାତୀ ଆକାଶରେ ଉଡୁଛି । |
| | (ହୋ) - ଦାଁଚୁଡ୍ ସିର୍ମାରେଃ ଆପିରେନ୍ ତାନା । |
| ଘର ଚଟିଆ - ଡ଼େଡ଼େମ | (ଓଡ଼ିଆ) - ଘର ଚଟିଆ ଘରେ ବସା କରେ । |
| | (ହୋ) - ଡ଼େଡ଼େମ୍ ଅଓ୍ୱାଃରେଃ ଲୁ'ଗାଃ । |
| ଘଟକ - ଟିଗୁଙ୍ଗ୍ | (ଓଡ଼ିଆ) - ଘଟକ ଆକାଶରେ ଉଡୁଛି । |
| | (ହୋ) - ଟିଗୁଙ୍ଗ୍ ସିର୍ମାରେଃ ଆପିରେନ୍ ତାନା । |
| ଚିଲ - ରିଚି | (ଓଡ଼ିଆ) - ଚିଲ କୁକୁଡ଼ାକୁ ଟେକି ନେଲା । |
| | (ହୋ) - ରିଚି ସିମେଃ ଗଅଃ କିଃୟେ । |
| ଛଞ୍ଚାଣ - କୁଇଡ୍ | (ଓଡ଼ିଆ) - ଛଞ୍ଚାଣ ଗଛର ବଡ଼ ଡାଳରରେ ବସିଛି । |
| | (ହୋ) - କୁଇଡ଼ ଦାରୁରାଃ ମାରାଂକତରେଃ ଦୁବାକାନା । |
| କୋଚିଲା ଖାଇ - ମାଡ଼ଟଙ୍ଗୋଃ | (ଓଡ଼ିଆ) - କୋଚିଲା ଖାଇ ଛୁଆ ଫୁଟାଇଲା । |
| | (ହୋ) - ମାଡ୍‌ଟଙ୍ଗୋଃ ହନକଏଃ ରୁତୁଇ କେଡ୍ କୁଆ । |
| ଜଳଚର ପକ୍ଷୀ - ଦାଆଃରେ ଆତିଂ ଅୟ | (ଓଡ଼ିଆ) - ଜଳଚର ପକ୍ଷୀ ଜଳରେ ପହଁରୁଛି । |
| | (ହୋ) - ଦାଆଃରେ ଆତିଂଅୟ ଦାଆଃରେଃ ଅୟାରେନ୍ ତାନା । |
| ଟିଆ - ଦଏଃ | (ଓଡ଼ିଆ) - ଟିଆ ଆକାଶରେ ଉଡୁଛି । |
| | (ହୋ) - ଦଏଃ ସିର୍ମାରେଃ ଆପିରେନ୍ ତାନ । |
| ଶୁଆ - କେରେଆଡ଼ | (ଓଡ଼ିଆ) - ଶୁଆ ପୋଷାମାନେ । |
| | (ହୋ) - କେରେଆଡ୍ କାଜିଃ ମାନାଟିଂତା । |
| ଡ଼ାମରା କାଉ - ବୁରୁକାଆଃ | (ଓଡ଼ିଆ) - ଡ଼ାମରା କାଉ ଉଡ଼ିଗଲା । |
| | (ହୋ) - ବୁରୁକା'ଆଃ ଆପିରେ ୟାନା । |
| ଡ଼ାହୁକ - ହେଦେ ଗେଲେଃ | (ଓଡ଼ିଆ) - ଡ଼ାହୁକ ପାଣିରେ ଖେଳୁଛୁ । |
| | (ହୋ) - ହେଦେ ଗେଲେଃ ଦାଆଃରେଃ ଇନୁଂତାନା । |

| | |
|---|---|
| ପାଣିକୁଆ - ଦାଆଃ କା'ଆଃ | (ଓଡ଼ିଆ) - ପାଣିକୁଆ ପାଣିରେ ବୁଡ଼ିଗଲା । |
| | (ହୋ) - ଦାଆଃ କା'ଆଃ ଦାଆଃରେଃ ଉନୁମେ ୟାନା । |
| ପାରା- ଦୁଦୁଲୁମ୍ | (ଓଡ଼ିଆ) - ପାରା ଘଉଳ ଖାଇଲା । |
| | (ହୋ) - ଦୁଦୁଲୁମ୍ ଘଉଲିଃ ଜମ୍‌କିଡ଼ା । |
| ପେଚ୍ଚ -କକ'ର୍ | (ଓଡ଼ିଆ) - ପେଚ୍ଚ ନିଶାଚର । |
| | (ହୋ) - କକ'ର୍ ନିଦାଏଃ ଆତିଂଙ୍ଗା । |
| ବଗ - କଅଃ | (ଓଡ଼ିଆ) - ବଗ ବିଲରେ ମାଛ ଖାଉଛି । |
| | (ହୋ) - କଅଃ କୁଣ୍ଡିରେ ହାକୁଃ ଜମ୍ ତାନା । |
| ବାଦୁଡ଼ି - ବାଦୁଳି | (ଓଡ଼ିଆ) - ବାଦୁଡ଼ି ଡ଼ିମିରି ଫଳ ଖାଇଲା । |
| | (ହୋ) - ବାଦୁଳି ଲଆଏ ଜମ୍ କିଡ଼ା । |
| ବଣି - ରାମି | (ଓଡ଼ିଆ) - ବଣି ଏ ଗଛରୁ ସେ ଗଛକୁ ଉଡ଼ି ବୁଲୁଛି । |
| | (ହୋ) - ରାମି ନେନ୍ ଦାରୁଇତେ ହାନ୍‌ଦାରୁଇଃ ଆପିର୍ ବାଆନ ତାନ୍ । |
| ମାଛରଙ୍କା - କିକିର୍ | (ଓଡ଼ିଆ) - ମାଛରଙ୍କା ପାଣିରେ ବୁଡ଼ି ମାଛ ଖାଏ । |
| | (ହୋ) - କିକିର୍ ଦାଆଃରେ ଉନୁମ୍ ୟାନେ'ତେ ହାକୁଇ ଜମା । |
| ଲୋଟଣୀ ପାରା - ଗାଦୁର୍ ଦୁଦୁଲୁମ୍ | (ଓଡ଼ିଆ) - ଲୋଟଣୀପାରା ହାଣ୍ଡିରେ ଅଣ୍ଡା ଦେଇଛି । |
| | (ହୋ) - ଗାଦୁର୍ ଦୁଦୁଲୁମ୍ ଘଟୁରେଃ ଜାରମ୍ ତାଡ଼ା । |
| ହଦଲୀ ବସନ୍ତ -ବଚଃ | (ଓଡ଼ିଆ) - ହଳଦୀବସନ୍ତର ଥଣ୍ଟ ନାଲିଆ । |
| | (ହୋ) - ବଚଃଆଃ ଟ'ଟଓ୍ୱାଃ ଜେଙ୍ଗାଆଃ । |
| ଚଢ଼େଇ ଛୁଆ - ଅୟହନ୍ | (ଓଡ଼ିଆ) - ଚଢ଼େଇ ଛୁଆ ବସାରେ ରହିଛି । |
| | (ହୋ) - ଅୟହନ୍ ଲୁଗାରେଃ ତାଇୟାଃ କାନା । |
| ବତକ - କଳ | (ଓଡ଼ିଆ) - ବତକ ପାଣିରେ ପହଁରୁଛି । |
| | (ହୋ) - କଳ ଦାଆଃରେଃ ଅୟାରେନ୍ ତାନା । |
| ଖାଦ୍ୟ - ନାଙ୍ଗମ୍ | (ଓଡ଼ିଆ) -ଶରୀର ପାଇଁ ଖାଦ୍ୟ ଆବଶ୍ୟକ । |
| | (ହୋ) - ହମ୍ଁ ଲାଗେଡ଼ ନାଙ୍ଗମ୍ ଗରଜା । |

## ପଶୁ ବାଚକ

| | |
|---|---|
| ମୂଷାଛୁଆ - ଗୁଲୁହନ୍ | (ଓଡ଼ିଆ) ମୂଷା ଛୁଆ ଗାତରେ ପଶିଲା । |
| | (ହୋ) - ଗୁଲୁହନ୍ ଉଣ୍ଡୁରେଃ ବଲୟାନା । |

ଶାବକ - ହନ୍

(ଓଡ଼ିଆ) ଶାବକ ତା' ମାଆ ପାଖରେ ରହିଛି ।
(ହୋ) - ହନ୍ ଆୟାଃ ଏଙ୍ଗା ତାଃରେଃ ତାଇୟା କାନା ।

ଘୁଷୁରୀ ଛୁଆ - ସୁକୁରୀ ହନ୍

(ଓଡ଼ିଆ) ଘୁଷୁରୀ ଛୁଆ ମା'ର କ୍ଷୀର ଖାଉଛି ।
(ହୋ) - ସୁକୁରୀ ହନ୍ ଏଙ୍ଗାଆଃ ତଆଏଃ ନୁନୁତାନା ।

ଘୋଡ଼ାଛୁଆ - ସାଦମ୍ହନ୍

(ଓଡ଼ିଆ) - ଘୋଡ଼ାଛୁଆ ଚରୁଛି ।
(ହୋ) - ସାଦମ୍ ହନ୍ ଆତିଂ ତାନା ।

ଛେଳି ଛୁଆ - ମେର୍‌ହନ୍

(ଓଡ଼ିଆ) ଛେଳିଛୁଆ ବୋବାଉ ଅଛି ।
(ହୋ) - ମେରମ୍ ହନ୍ ରାଆଃୟତାନା ।

ଠେକୁଆ ଛୁଆ - କୁଲେଏହନ୍

(ଓଡ଼ିଆ) - ଠେକୁଆ ଛୁଆ ଡେ଼ଇଁଲା ।
(ହୋ) - କୁଲେ ଏହନ୍ ଉଇଃୟାନା ।

ବିରାଡ଼ି ଛୁଆ - ବିଲେ ଏହନ୍

(ଓଡ଼ିଆ) - ବିରାଡ଼ି ଛୁଆ ଚୁଲି ପାଖରେ ଶୋଇଛି ।
(ହୋ) - ବିଲେ ଏହନ୍ ଇଟୁଲ୍ ଜାପାଃରେଃ ଗିତିଃୟା କାନା ।

## ବିଭିନ୍ନ ପଶୁ

ଚୁଚୁନ୍ଦ୍ରା - ଚୁନ୍ଦି

(ଓଡ଼ିଆ) - ଚୁଚୁନ୍ଦ୍ରା ଗାତରେ ପଶିଲା ।
(ହୋ) - ଚୁନ୍ଦି ଉଣ୍ଡୁରେଃ ବଲୟାନା ।

ଚୁଟିଆ ମୂଷା - ଚୁଣ୍ଡିଲା, ଚୁଟିଲା /ଚୁଟୁ

(ଓଡ଼ିଆ) - ଚୁଟିଆ ମୂଷା ଧାନ ଖାଉଛି ।
(ହୋ) - ଚୁଟିଲା ବାବା ଜମ୍ ତାନା ।

ମାଈ ଛେଳି - ଏଙ୍ଗା ମେରମ୍

(ଓଡ଼ିଆ) - ମାଈ ଛେଳି ଗଛ ମୂଳରେ ଶୋଇଛି ।
(ହୋ) - ମେରମ୍ ଏଙ୍ଗା ଦାରୁବୁଟାରେଃ ଗିତିଃଆ କାନା ।

ମାଈ ଘୁଷୁରୀ - ଏଙ୍ଗା ସୁକୁରୀ

(ଓଡ଼ିଆ) - ମାଈ ଘୁଷୁରୀ ଛୁଆ ଦିଏ ।
(ହୋ) - ଏଙ୍ଗା ସୁକୁରୀ ହଅନା ।

ଦୁହାଁଳିଆ ଗାଈ - ତାଉଇଃ ଟାନ୍ ଗୁଣ୍ଡି

(ଓଡ଼ିଆ) - ଦୁହାଁଳିଆ ଗାଈ ରଖ ।
(ହୋ) - ତାଉଇଃତାନ୍ ଗୁଣ୍ଡି ରିକାଇମ୍ ।

ଦନ୍ତାହାତୀ - ଦାଟା'ନ୍ ହାତୀ

(ଓଡ଼ିଆ) - ଦନ୍ତାହାତୀ ଶସ୍ୟ ଖାଇଗଲା ।
(ହୋ) - ଦାଟା'ନ୍ ହାତୀ ବୁଦା ଡେଃଜମ୍ କିଡ଼ା ।

ନେଉଳ - ଗିନ୍ଦୁରୁ

(ଓଡ଼ିଆ) - ନେଉଳ ଖଣ୍ଡିଆ ସାପକୁ ଯୋଡ଼ି ଦେଲା ।
(ହୋ) - ଗିନ୍ଦୁରୁ ବାଣ୍ଡିଃ ବିଂଙ୍ଗେଃ ତୁକାମ୍ କିଃଆ ।

ବଣ ମଣିଷ - ବିର୍ 'ହ' (ଓଡ଼ିଆ) - ବଣ ମଣିଷ ବଣରେ ରହେ ।

(ହୋ) - ବିର୍ 'ହ' ବିର୍‌ରେଃ ତାଇନା ।

ମହାବଳ ବାଘ - କିନ୍ଦେର୍ କୁଲା (ଓଡ଼ିଆ) - ମହାବଳ ବାଘ ହରିଣକୁ ଖାଉଛି ।

(ହୋ) - କିନ୍ଦେର୍ କୁଲା ସିଲିବେଃ ଜମ୍‌ତାନା ।

ମାଈ ବାଛୁରୀ - ପେଟାଁ (ଓଡ଼ିଆ) - ମାଈ ବାଛୁରୀ ଡ଼େଉଁଛି ।

(ହୋ) - ପେଟାଁ ଉଜେନ୍ ତାନା ।

ଅଣ୍ଡିରା ବାଛୁରୀ - ଦାମ୍‌କମ୍ (ଓଡ଼ିଆ) - ଅଣ୍ଡିରା ବାଛୁରୀ କ୍ଷୀର ପିଉଛି ।

(ହୋ) - ଦାମ୍‌କମ୍ ନୁନୁତାନା ।

ବଡ଼ମୂଷା - ଗୁଲୁ (ଓଡ଼ିଆ) - ବଡ଼ମୂଷା ବିହନ ଖାଇଲା ।

(ହୋ) - ଗୁଲୁ ହିତେଃ ଜମ୍ କେଡ଼ା ।

ବିଲୁଆ - ତୁୟୁ (ଓଡ଼ିଆ) - କୁକୁଡ଼ା ବିଲୁଆ ଖାଇଲା ।

(ହୋ) - ସିମ୍ ତୁୟୁ ଜମ୍ କିଃୟେ ।

ମଇଁଷି - କେଲା (ଓଡ଼ିଆ) - ମଇଁଷି ପାଣି ପିଉଛି ।

(ହୋ) - କେଲା ଦାଆଃ ନୁଉଁ ତାନା ।

ସିଂହୀ - ଜଟକୁଲାଏଙ୍ଗା (ଓଡ଼ିଆ) - ସିଂହୀ ତା'ର ଛୁଆକୁ ଗେହ୍ଲା କରୁଛି ।

(ହୋ) - ଜଟକୁଲା ଏଙ୍ଗା ଆୟାଃ ହନେଃ ବେଲେଂଙ୍ଗି ତାନା ।

ସମୁଦ୍ର ଗାଈ - ଦାଆଃ ଗୁଣ୍ଡି (ଓଡ଼ିଆ) - ସମୁଦ୍ରଗାଈ ଅନାଇ ରହିଛି ।

(ହୋ) - ଦାଆଃଗୁଣ୍ଡି ମେଡ଼ା କାଡ଼ା ।

ସମୁଦ୍ର ଘୋଡ଼ା - ଦାଆଃ ସାଦମ୍ (ଓଡ଼ିଆ) - ସମୁଦ୍ର ଘୋଡ଼ା ପାଣି ପିଉଛି ।

(ହୋ) - ଦାଆଃ ସାଦମ୍ ଦାଆଃ ନୁଉଁତାନା ।

ଚମରୀ ଗାଈ - ବିର୍‌ଉରିଃ (ଓଡ଼ିଆ) - ଚମରୀ ଗାଈର ଲମ୍ବା ଲମ୍ବା ରୁମ ।

(ହୋ) - ବିର୍‌ଉରିଃୟେଃ ଜିଲିଂଜିଲିଂ ବାଲେ ।

ବାଛୁରୀ-ମିୟୁଁ (ଓଡ଼ିଆ) - ବାଛୁରୀ ବନ୍ଧା ଯାଇଛି ।

(ହୋ) - ମିୟୁଁ ତଲା କାନା ।

ଭାଲୁ ଛୁଆ - ବାଲୁହନ୍ (ଓଡ଼ିଆ) - ଭାଲୁଛୁଆ ଗୁମ୍ଫାରେ ଶୋଇଛି ।

(ହୋ) - ବାଲୁହନ୍ ଗଙ୍ଗର୍ ରେଃ ବୁରୁମା କାନା ।

ବାଘ ଛୁଆ - କୁଲେ ହନ୍ (ଓଡ଼ିଆ) - ବାଘଛୁଆ ଜଙ୍ଗଲରେ ବୁଲୁଛି ।

(ହୋ) - କୁଲେହନ୍ ବିର୍‌ରେଃ ହନର୍ ତାନା ।

ମେଣ୍ଢାଛୁଆ - ମିଣ୍ଡିହନ୍
(ଓଡ଼ିଆ) - ମେଣ୍ଢାଛୁଆ ମାଆ ପାଖରେ ରହିଛି ।
(ହୋ) - ମିଣ୍ଡିହନ୍ ଏଙ୍ଗା ତାଆଃ ରେଃ ତାଇୟା କାନା ।

ସିଂହ ଛୁଆ - ଜଟକୁଲାହନ୍
(ଓଡ଼ିଆ) - ସିଂହଛୁଆ ଧରାଯାଇଛି ।
(ହୋ) - ଜଟକୁଲାହନ୍ ସାବାକାନା ।

ହରିଣ ଛୁଆ - ସିଲିବ୍‌ହନ୍
(ଓଡ଼ିଆ) - ହରିଣଛୁଆ ମାଆକୁ ଭୁଲିଗଲା ।
(ହୋ) - ସିଲିବ୍‌ହନ୍ ଏଙ୍ଗାଃ ଆଁଡ଼୍‌କିଃଏ ।

କୁକୁଡ଼ା ଛୁଆ - ସିମ୍‌ହନ୍
(ଓଡ଼ିଆ) - କୁକୁଡ଼ା ଛୁଆକୁ ଖୁଦ୍ ଦିଅ ।
(ହୋ) - ସିମ୍‌ହନ୍ କୁଦି ଏମାଇମ୍ ।

ଗାଈ - ଗୁଣ୍ଡି
(ଓଡ଼ିଆ) - ଗାଈ ଘାସ ଖାଉଅଛି ।
(ହୋ) - ଗୁଣ୍ଡି ତାସାଡ଼େଃ ଜମ୍‌ତାନା ।

ବଳଦ - ହାଲା
(ଓଡ଼ିଆ) - ବଳଦ କିଣି ଆଣ ।
(ହୋ) - ହାଲା କିରିଂ ଆଗୁଇମ୍ ।

ଷଣ୍ଡ - ସେଣ୍ଡ
(ଓଡ଼ିଆ) - ଷଣ୍ଡ ଲଢ଼େଇ ଚାଲିଛି ।
(ହୋ) - ସେଣ୍ଡ ତାପାଲାର୍ ଚାଲୁଓ୍ୱା କାନା ।

ବାଘୁଣୀ - କୁଲେଏଙ୍ଗା
(ଓଡ଼ିଆ) - ବାଘୁଣୀ ଛୁଆକୁ ଧରି ଜଙ୍ଗଲରେ ବୁଲୁଛି ।
(ହୋ) - କୁଲେଏଙ୍ଗା ହନ୍ ଲଃତେ ବିର୍‌ରେଃ ହନର୍‌ତାନ ।

ଓଟ - ଉଁଟୁ
(ଓଡ଼ିଆ) - ଓଟ ମରୁଭୂମିରେ ଦେଖାଯାଏ ।
(ହୋ) - ଉଁଟୁ ଗିତିଲ୍ ପିଁଇ ରେଃ ନେଲଃଆଃ ।

ଓଧ - ଉଦେମ୍
(ଓଡ଼ିଆ) - ଓଧ ମାଛ ଖାଏ ।
(ହୋ) - ଉଦେମ୍ ହାକୁଇଃ ଜମା ।

କୁକୁର - ସେତା
(ଓଡ଼ିଆ) - କୁକୁର ଘର ଜଗେ ।
(ହୋ) - ସେତା ଅଓ୍ୱାଃ ହରଓ୍ୱା ।

କୋକିଶିଆଳି - କିଂକିଳି ଟୁୟୁ
(ଓଡ଼ିଆ) - କୋକିଶିଆଳି କିଆବୁଦା ତଳେ ଲୁଚି ରହେ ।
(ହୋ) - କିଂକିଳିଟୁୟୁ କିଆଁଡ୍ ଜୁମ୍ବା'ରେ ଉକୁନା ।

ଗୁଣ୍ଡୁଚି ମୂଷା - ଟୁ'
(ଓଡ଼ିଆ) - ଗୁଣ୍ଡୁଚି ମୂଷା କାକୁଡ଼ି ଖାଇଲା ।
(ହୋ) - ଟୁ' ତାୟାରେଃ ଜମ୍ କେଡ଼ା ।

ଘୋଡ଼ା - ସାଦମ୍
(ଓଡ଼ିଆ) - ଘୋଡ଼ାରେ ଚଢ଼ ।
(ହୋ) - ସାଦମ୍‌ରେ ଦେଏଃମେ ।

ଘୋଡ଼ି - ଏଙ୍ଗାସାଦମ୍ (ଓଡ଼ିଆ) - ଘୋଡ଼ି ଛୁଆ ଦେଲା ।
(ହୋ) - ଏଙ୍ଗା ସାଦମ୍ ହନ୍ କିଃଏ ।

ମେଣ୍ଢାଛୁଆ - ମିଣ୍ଡିହନ୍ (ଓଡ଼ିଆ) - ମେଣ୍ଢାଛୁଆ ମାଆ ପାଖରେ ଶୋଇଛି ।
(ହୋ) - ମିଣ୍ଡିହନ୍ ଏଙ୍ଗା ଜାପାଃରେଃ ଗିତିଃୟା କାନା ।

ହନୁମାଙ୍କଡ଼ -ସାରାଃ (ଓଡ଼ିଆ) - ହନୁମାଙ୍କଡ଼ କାଙ୍କଡ଼ ଖାଉଛି ।
(ହୋ) - ସାରାଃ ଅଟେନେଃ ଜମ୍ ତାନା ।

ଶିକାରୀ କୁକୁର - ଜୁଲୁଂସେତା (ଓଡ଼ିଆ) - ଶିକାରୀ କୁକୁର ବିଲୁଆକୁ ଧରିଲା ।
(ହୋ) - ଜୁଲୁଂ ସେତା ତୁୟୁଃ ସାବ୍‌କିଃଆ ।

ବୁଲା କୁକୁର - ଜାଣ୍ଟା ସେତା (ଓଡ଼ିଆ) - ବୁଲା କୁକୁର ଘରେ ପଶିଲା ।
(ହୋ) - ଜାଣ୍ଟାସେତା ଉସେମ୍‌ରେଃ ବଲୟାନା ।

ପାତି ମାଙ୍କଡ଼ - ଗାଈ (ଓଡ଼ିଆ) - ପାତି ମାଙ୍କଡ଼ ଗଛରୁ ଡେଇଁଲା ।
(ହୋ) - ଗାଈ ଦାରୁଇତେଃ ଉଇଃୟାନା ।

ହେଟା ବାଘ -ହାଲାଗାର୍ (ଓଡ଼ିଆ) - ହେଟାବାଘ ଗୁମ୍ଫାରେ ଶୋଇଛି ।
(ହୋ) - ହାଲାଗାର୍ ଗଙ୍ଗର୍ ରେଃ ଗିତିଃୟା କାନା ।

## ପ୍ରାଣୀଜଗତ (ଜୀଉ ସକୱା)

| | | | | | |
|---|---|---|---|---|---|
| କୀଟପତଙ୍ଗ | - | ଉରୁ ଉସ୍‌କି | ପ୍ରାଣୀ | - | ଜିଉ |
| ପଶୁ | - | କାଲା | ପକ୍ଷୀ | - | ଚେଣେ |
| କୀଟ | - | ଉରୁ | କୀଟାଣୁ | - | ଚିଦୁହନ୍‌କ |
| ଜଳଚର ପ୍ରାଣୀ | - | ଦାଃ'ରେ ଟାଇନ୍‌କ | ସ୍ଥଳଚର ପ୍ରାଣୀ | - | ଅତେରେ, ଟାଇନ୍‌କ |
| ସରୀସୃପ | - | ଅବର୍ ସେନେନିଃ / ବିଂ | ଉଭୟଚର | - | ଅତେ ଆର୍ ଦାଃ'ରେ ଟାଇନିଃ |
| ମେରୁଦଣ୍ଡୀ | - | ଡୁରି ଜାଙ୍ଗିଃ | ବନ୍ୟଜନ୍ତୁ | - | ବିର୍ ଜିଲୁ |
| ଗୃହପାଳିତ ପଶୁ | - | ଅୱାଃ କାଲା | ଚତୁଷ୍ପଦ | - | ଉପୁନିଏ କାଟାଆ'ନ୍‌କ |
| ଚତୁଷ୍ପାର | - | ଉପୁନ୍ ରକମା'ଇଃ | ଦ୍ୱିପଦ ପ୍ରାଣୀ | - | ବାରିଏ କାଟାନିଃ |

## ଶ୍ୱାପଦ

| | | | | | |
|---|---|---|---|---|---|
| ତୃଣଭୋଜୀ | - | ତାସା'ଡ୍ ଆଟିଂଡିଃ | ମାଂସାଶୀ | - | ଜିଲୁ ଜମ୍ ନିଃ / ଜମ୍‌ଜିଲୁ |
| ଶସ୍ୟାହାରୀ | - | କା' ଜିଲୁ ଜ'ମିଃ | ଜରାୟୁଜ | - | ଲଲ୍‌ଗିଜିଆ |
| ବହୁପଦ | - | ପୁରେଃ କାଟାଆନିଃ | ଗୋମହିଷି ପାଳନ | - | ଉରିଃ କେଲା/ ଆନାସୁଲ୍ |

| | | | |
|---|---|---|---|
| ମଣିଷ | - ମାନୱା | ମାଛ | - ହାକୁ/ହାଇ |
| ଝୁଲାକାନ | - ଡ଼ିବାଃଲୁତୁର୍ | ଠିଆକାନ୍ | - ତିକିଗିଡ୍ |

## ଋତୁ (ଅମଲ୍)

| | | | |
|---|---|---|---|
| ବସନ୍ତ + ଗ୍ରୀଷ୍ମ | - ରିଙ୍ଗେଏ ସିଙ୍ଗେଏ | ବର୍ଷା + ଶରତ | - ଜେରଗା ଜାରଗି |
| ହେମନ୍ତ + ଶୀତ | - ରିୟେ ରାମ୍ପା / କୁୟଡୁମ୍‌ଡୁମ୍ | | |

## ସର୍ବନାମ

| | | | |
|---|---|---|---|
| ମୁଁ | - ଆଞ୍ଜ | ଆମ୍ଭେ | - ଆ'ବୁ |
| ତୁମ୍ଭେମାନେ | - ଆପେମାନକ | ସେ (ପୁରୁଷ) | - ଆଃଏ |
| ସେ (ମହିଳା) | - ଆଃଏ | ଏହା | - ନେନା |
| ସେମାନେ | - ଆକ | ତାହା | - ଏନା |
| ଏଗୁଡ଼ିକ | - ହାନାକ | ଆମ୍ଭକୁ | - ଆବୁ |
| ମୋତେ | - ଆଞ୍ଜ୍‌କେ | ଆମ୍ଭମାନଙ୍କୁ | - ଆଲେକେ |
| ତୁମକୁ ତୁମ୍ଭମାନଙ୍କୁ | - ଆପେଗେ | ପୁରୁଷ | - ହୁଲୁଇ (କଆ) |
| ସ୍ତ୍ରୀ | - ହୁଲେଃ (ଏରା) | ଏହାକୁ | - ନିଇକେ / ନିଇଦ |
| ସେମାନଙ୍କୁ | - ଆକ | ମୋହର | - ଆଞ୍ଜାଃ |
| ଆମ୍ଭମାନଙ୍କର | - ଆଲେୟାଃ | ତୁମର | - ଆମାଃ |
| ତାହାର | - ଆୟା | ତାହାର (ସ୍ତ୍ରୀ) | - ଆୟାଃ |
| ଏହାର | - ନିୟାଃ | ସେମାନଙ୍କର | - ଆକଆଃ |
| ମୁଁ ନିଜେ | - ଇଞ୍ଜ ଗେ / ଆଡ୍‌ଗେ | ଆମ୍ଭେମାନେ ନିଜେ | - ଆଲେକଗେ |
| ତୁମ୍ଭେ ନିଜେ | - ଆପେଗେ | ସେ ନିଜେ (ପୁ) | - ଆଏ ଗେ |
| ସେ ନିଜେ (ସ୍ତ୍ରୀ) | - ଆଏ ଗେ | ସେମାନେ ନିଜେ | - ଆକଗେ |
| କିଏ | - ଅକଏ | କ'ଣ | - ଚିନାଃ |
| କାହାକୁ | - ଅକଏ କେ | କାହାର | - ଅକୟାଃ |
| କେଉଁଠି | - ଅକନା | ଯେ କେହି | - ଯାଇଁଃ |
| ଯାହା କିଛି | - ଯାହା ଇମିୟେଂ | ଯାହାକୁ ହଉ | - ଯାଇଃ ରେୟ |
| ଯାହା କିଛି ହେଉ | - ଯାହା ଇମିୟାଂରେଓ | କେହି ନୁହେଁ | - ଯାଇଅ କାଗେ |
| କେହି | - ଯାଁଇ | | |

# ସଂଖ୍ୟା (ଆଙ୍କା)

| | | |
|---|---|---|
| **ମୌଳିକ ସଂଖ୍ୟା:** | | |
| ଶୂନ | - | ଶୁନ୍, ଟଂ |
| ଏକ | - | ମୟାଡ଼୍ |
| ଦୁଇ | - | ରିୟା |
| ତିନି | - | ପିଆ |
| ଚାରି | - | ପୁନ୍ |
| ପାଞ୍ଚ | - | ମଡ୍ |
| ଛଅ | - | ତୁର୍ |
| ସାତ | - | ଇୟା |
| ଆଠ | - | ରିଲ୍ |
| ନଅ | - | ରେୟା |
| ଦଶ | - | ଗେଲ୍ |
| ଏଗାର | - | ଗେଲମିଡ୍ |
| ବାର | - | ଗେଲ୍‌ରିୟା |
| ତେର | - | ଗେଲ୍ ପିଆ |
| ଚଉଦ | - | ଗେଲ୍‌ପୁନ୍ |
| ପନ୍ଦର | - | ଗେଲ୍ ମଡ୍ |
| ଷୋହଳ | - | ଗେଲ୍‌ତୁର୍ |
| ସତର | - | ଗେଲ୍‌ଇୟା |
| ଅଠର | - | ଗେଲ୍‌ରିଲ୍ |
| ଉଣେଇଶି | - | ଗେଲ୍‌ରେୟା |
| କୋଡ଼ିଏ | - | ହିସି |
| ଏକୋଇଶି | - | ହିସିମିଡ୍ |
| ବାଇଶି | - | ହିସିରିୟା |
| ତେଇଶି | - | ହିସିପିଆ |
| ଚବିଶ୍ | - | ହିସିପୁନ୍ |
| ପଚିଶ | - | ହିସିମଡ୍ |
| ଛବିଶ | - | ହିସିତୁର୍ |
| ସତେଇଶି | - | ହିସିଇୟା |
| ଅଠେଇଶି | - | ହିସିରିଲ୍ |
| ଅଣତିରିଶ | - | ହିସିରେୟା |
| ତିରିଶ | - | ଦଁହସି |
| ଚାଳିଶ | - | ବାରହିସି |
| ପଚାଶ | - | ବାରହିସି ଗେଲ୍ |
| ଷାଠିଏ | - | ଆପେଏ ହିସି |
| ସତୁରୀ | - | ଆପେଏହିସିଗେଲ୍ |
| ଅଶୀ | - | ଉପୁନ୍‌ହିସି |
| ନବେ | - | ଉପୁନହିସି ଗେଲ୍ |
| ଶହେ | - | ମଏଁହିସି |
| ହଜାର | - | ଗଣ୍ଡଲ୍ |
| ଅୟୁତ | - | ଗେଲ୍ ଗଣ୍ଡଲ୍ |
| ଲକ୍ଷେ | - | ଡ଼ାହାକା |
| ନିୟୁତ | - | ଗେଲ୍‌ଡ଼ାହାକା |
| ଏକ କୋଟି | - | ତୁମାଂ |

# ଶରୀରର ବିଭିନ୍ନ ଅଂଶ (ହମଅ)

| | | |
|---|---|---|
| ଅଙ୍ଗ ପ୍ରତ୍ୟଙ୍ଗ | - | ହମଣ |
| ମୁଣ୍ଡ | - | ବଅଃ |
| ମସ୍ତିଷ୍କ | - | ହାତାଂ |
| କପାଳ | - | ସାମାଂ |
| ଖପୁରି | - | ଟାଂକୁବଅଃ |
| ତାଳୁ | - | ତାଲୁ (ଆବିତେର୍ ଚେତାନକୁଟି) |
| ମୁହଁ | - | ମେଡ୍‌ମୁଟେ |
| ଆଖି | - | ମେଡ୍ |
| କାନ | - | ଲୁତୁର୍ |
| ନିଶ | - | ଦାଲିଏ |
| ନାକ | - | ମୁଟେ |
| ଆଖିପତା | - | ମେଡ୍‌କାଣ୍ଡମ୍ / ମେଡ୍‌ରାପିଂ |
| ଆଖିଡ଼ୋଳା | - | ମେଡ୍‌ରାଜା |
| ଆଖି ପିତୁଳା | - | ମେଡ଼ହୋ |
| ଆଖି ମଇଳା | - | ମେଡ଼ ସିଲିଃ |
| ଆଖି ବାଳ | - | ମେଡ଼ ଇୟେଁଲ |

ଲୋତକ - ମେଡ଼ଦାଃ
ଆଖି କେରଡ଼ - ମେଡ଼ଦଲା / ମେଡ଼୍ ଉଣ୍ଡୁ
ଆଖି କଜ୍ଜଳ - ମେଡ଼କାଜଲା
ଭ୍ରୁଲତା - ରାନାପିଡ଼
ଚୁଟି - ବାଲେ
ପାଚିଲା କେଶ - ପାଣ୍ଡୁବାଲେ
ଜଟା - ଜଟେଲା
ଗାଲ - ଜଆ
କାନମୂଳ - ଲୁତୁର୍‌ବୁଟେ
ନାକ ଦଣ୍ଡା - ମୁଟେ ଜାଙ୍ଗି
ଦାଢ଼ି - ଦାଳିଏ
ପାଟି - ଆ'
ଓଠ - ଲୁଟି
ଉପର ଓଠ - ଚେତାନ ଲୁଟି
ଦାନ୍ତ - ଦାଟା
ଦାନ୍ତ ମୂଳ - ଦାଟାବୁଟେ
ଦାନ୍ତମାଢ଼ି - ଦାଟାଗିଣ୍ଡୁ
ଜିଭ - ଲେଏଃ
ତଣ୍ଟି - ଉଡ଼୍‌ଟଓ୍ୱାଃ
ବେକ - ହଟଃ
କର୍ଣ୍ଣପତା - ତିଳିଗିଡ଼କୁତୁର୍
କର୍ଣ୍ଣଗହ୍ୱର - ଲୁତୁର୍ ଅପା
କାନଗିରି - ଉୟୁଁଡ଼୍
କର୍ଣ୍ଣଗଇହ - ଉୟୁଁଡ଼ ଇଃଇ
ଗଳା - ଉଡ଼ଟଆଃ
କଣ୍ଠ - ଆଲାଂ
କାନ୍ଧ - ଟାରାନ୍
ପିଠି - ଦୟା
ମେରୁଦଣ୍ଡ - ସିନ୍ଦୁରୀ ଜାଂ
କଫ, ଖଙ୍କାର - କାଆଏ
କାଖ - ହାତାଲାଃ
ଦୁଧଦାନ୍ତ - ତଓ୍ୱାଦାଟା
ପେଷଣ ଦାନ୍ତ - ଟାନାଗଏ
ଶ୍ୱାନଦାନ୍ତ - ସେତାଦାଟା

ଛାମୁଦାନ୍ତ - ଗାଣ୍ଡୁଦାଟା
ଛାତି - କୁଏମ୍
ଛାତିହାଡ଼ - କୁଏମଜାଂ
କଙ୍କାଳ - ଜାଂଜାଲମ୍
ପିଞ୍ଜରା - ସାଏଜାଂ
ହୃତ୍‌ପିଣ୍ଡ - ବରକଡ଼୍
ମାଂସପେଶୀ - ଜୁମ୍ କେ ଜିଲୁ
ଫୁସ୍‌ଫୁସ୍ - ସାଲାମ୍
ପେଟ - ଲାଃଇ
ତଳିପେଟ - ରାବୁଏ ଲାଇଃ/ ଇଃଲାଇଲ୍ଃ
ଲୋମ - ଇୟେଁଲ୍
ରକ୍ତ - ମାୟଁମ୍
ମାଂସ - ଜିଲୁ
ଶିରା - ଶିର
ଧମନୀ - ନାଟିକେ ପୁଟୁଇ
ଯକୃତ - ଟିଣ୍ଡି
ପାକସ୍ଥଳୀ - ଉକୁଡ଼
କୋଳ - କୟଂ
ନାଭି - ବୁଟି
ଲିଙ୍ଗ - ବୁଲିଡ଼୍
ଯୋନି -ଏରାଗିନିଉଃ, ଚୁଟି, ଚୁଡ଼୍‌କି, ଗୁଜି, ସୁଣ୍ଡୁଇଃ
ଅଣ୍ଡକୋଷ - ଲୁସେ, ଆଣ୍ଡୁଏ
ଡ଼ିମ୍ବକୋଷ - ପୁଃପୁଃ
ମୂତ୍ରନଳୀ - ଡୁକି ଉଣ୍ଡୁ
ମୂତ୍ରାଶୟ - ଡୁକିକଚ୍ଚ
ବୃକକ୍ - ତିରନି / ଡୁକି ଇଟିଂ
ମଳଦ୍ୱାର - ଇଇଃଉଣ୍ଡୁ
ଗର୍ଭ - ହାମାଲ୍ / ତାପୁଃ
ଅଣ୍ଡା - ଜାରମ୍
କଟି - ମାୟାଂ
କହୁଣି - ଉକେ
କଚଟି - ହେବେଁଡ଼୍
ଆଣ୍ଠୁ - ମୁକୁଇ
ଆଣ୍ଠୁଗଣ୍ଠି - ମୁକୁଇକଣ୍ଡା

ଗ୍ରନ୍ଥି - ଜରଏଃ
ବୁଢ଼ାଆଙ୍ଗୁଳି - ମାରାଂ ଗାଣ୍ଡା
ଟିଶିଆଙ୍ଗୁଠି - ଚୁଣ୍ଟୁଲ୍ ଗାଣ୍ଡା
ମଧ୍ୟମା ଆଙ୍ଗୁଳି - ଟାଲାଗାଣ୍ଡା
ତର୍ଜନୀ - ଲୁକୁ ଗାଣ୍ଡା / ଲୁକୁମି ଗାଣ୍ଡା
କନିଷ୍ଠାଙ୍ଗୁଳି - କାନିଗାଣ୍ଡା (ଲିଟେଗାଣ୍ଡା)
ଗୋଡ଼ - କାଟା
ଗୋଇଠି - ଇଣ୍ଡିକେ
ଜଙ୍ଘ - ବୁଲୁ
ତଳିପା - ଟାଲ୍‌କା
ନିଃଶ୍ୱାସ - ସାୟେଡ୍
ଭାତୁଡ଼ି - ଜନେ / ସାନେଃ
ଲାଳ - ଉଲିଦାଃ
ଝାଳ - ବାଲ୍‌ବାଲ୍
ନଖ - ସାର୍‌ସାର୍
ମୁଠା - ଚିପୁଡ୍
ସିଙ୍ଘାଣୀ - ସୁଲୁଇଃ
ଚିରକାଳ - ସବେନ୍ ଦିନ୍ ଲାଗିଡ୍

ଗତପଅର ଦିନ - ହଲାଟେର୍
ଶୁଭ ଦିନ - ସାଗୁନ୍ ଦିନ୍
ଦୁର୍ଦ୍ଦିନ୍ - କାରାଏ
ଚାନ୍ଦିନୀରାତି - ତେତେଃ ନିଦେ
ପକ୍ଷ - ଟେର ଟାରା
ଅର୍ଦ୍ଧବର୍ଷ - ଲାନାଃ ସିର୍‌ମା
ମଳମାସ - ଲାନାଃ ଚାଣ୍ଡୁଃ
କୃଷ୍ଣ ପକ୍ଷ - ଟାରା
ଅମାବାସ୍ୟା - ଉମିସା / ନିର୍‌ସାନ୍ଧି
ପୂର୍ଣ୍ଣିମା - ପନାଇଁ
ଚଳିତ ମାସ - ହୁଜୁଃ ଚାଣ୍ଡୁଃ
ଗତମାସ - ସେନଃୟାନ୍ ଚାଣ୍ଡୁଃ
ଆଗାମୀ ମାସ - ନେନ୍ ଚାଣ୍ଡୁଃ
ଦିନକ ପାଇଁ - ମୁସିଂ ଲାଗିଡ୍
ଦିନ ଦ୍ୱିପ୍ରହର - ତିକିନ୍ ସିଙ୍ଗି
ଦିନ ବେଳେ - ସିଙ୍ଗି ପା'ଙ୍
ମେଘୁଆ ଦିନ - ଗାମାଏ ଦିନ
ସମଦିବାରାତ୍ର - ସମାନ୍‌ନିଦେସିଙ୍ଗି

## ବର୍ଣ୍ଣ ଓ ରଙ୍ଗ (ବରଂ ଆର୍ ରଂ)

କଳା - ହେନ୍ଦେ
ନାଲି/ନାଲ - ଆରାଃ, ଜେଙ୍ଗା
ନୀଳ - ନିଲ୍
ଧଳା - ପୁଣ୍ଡି
ବାଦାମୀରଙ୍ଗ - ପାଣ୍ଡାରା
ସବୁଜ - ଗାଦେଡ୍
ହଳଦିଆ - ସାସାଂ
ବାଇଗଣି - ବେଙ୍ଗେରେଃ
ଗାଢ଼ଲାଲ୍ - ସିନ୍ଦୁରି ରଂ
ଗୌରବର୍ଣ୍ଣ - ଏ ସେଲ୍
ଗାଢ଼ ପୀତ - ସା ସାଂ ଆରାଃ
ଗେରୁଆ - ଆରାଃ ପୁଣ୍ଡି

ଗୋଲାପୀ - ଜେଙ୍ଗା
ନାରଙ୍ଗୀ - କାରଙ୍ଗ୍
ଶ୍ୟାମଳ ରଙ୍ଗ - ସୁନୁମ୍ ପୁର୍
ସୁନେଲୀ - ସେଙ୍ଗେଲ ରଂ
ରୂପେଲି - ପିରିଃ
ଫିକାରଙ୍ଗ - ପାଲ୍‌ପ ୟଙ୍ଗ୍
ବିଭିନ୍ନ ରଙ୍ଗ - ସାନାମ୍ ରଂ
ମିଶା ରଙ୍ଗ - ସେଲ୍‌ମିସେ ରଂ
ଫିକାନୀଳ - ଲିଲ୍ ପୟଙ୍ଗ୍
ଘନ ନୀଳ - ହେନ୍ଦେ ଲିଲ୍
ବାଦାମୀ - ପାଣ୍ଡୁ ପାତାଃ ରଂ
ମେଘୁଆ - ରିମିଲ୍ ଦାଲବ୍

## ଅନ୍ୟାନ୍ୟ (ଏମାନ୍)

| | | |
|---|---|---|
| ଅଢ଼େଇ | - | ବାରତାଲା |
| କମଅଳ୍ପ ଅଧିକାର | - | କମ୍ ପୁରେଃ ଆଇଦାରୀ |
| ବହୁତ | - | ପୁରାଃ |
| ଅନେକ | - | ଏସୁ ପୁରେଃ |
| କେତେକ | - | ଚିମିନେଂ |
| ପୁରା | - | ସାନାମ୍ |
| ସବୁ | - | ସବେନ୍ |
| ସମସ୍ତ | - | ସବେକଗେ |
| ଥରେ | - | ମିସେ |
| ଦୁଇଥର | - | ବାରଦାଉ |
| ତିନିଥର | - | ଆପେଏ ଦାଉ |
| ଚାରିଥର | - | ଉପୁନ ଦାଉ |
| ପ୍ରଥମତଃ | - | ମୁଣ୍ଡିଇତେ / ଏଟେଃଏତେ |
| ଦ୍ୱିତୀୟତଃ | - | ଦଶାରରେତେ |
| ତୃତୀୟତଃ | - | ତେସାରେ ତେ |
| ଚର୍ତୁଥମତଃ | - | ପୁନିଆଁତେ |
| ପଞ୍ଚମମତଃ | - | ମଣେୟାତେ |
| ଦ୍ୱିଗୁଣ | - | ବାରସା |
| ତ୍ରିଗୁଣ | - | ତେରସା |
| ଚାରିଗୁଣ | - | ପୁନ୍‌ସା |
| ପାଞ୍ଚ ଗୁଣ | - | ମଡ଼୍‌ସା |

## ଆତ୍ମୀୟ ସ୍ୱଜନ (ଅଓ୍ୱାଃ ରେନ୍‌କ)

| | | |
|---|---|---|
| ପରିବାର | - | ଗୁଟି |
| ବାପା | - | ଆପୁ |
| ମାଆ | - | ଏଙ୍ଗା |
| ପିତାମାତା | - | ଏଙ୍ଗା ଆପୁ |
| ଭାଇ | - | ଦାଦା |
| ଭଉଣୀ | - | ଦାଇ (ବଡ଼ ଭଉଣୀ), ମିଶିକୁଇ/ଉଣ୍ଡିକୁଇ (ସାନ) |
| ପୁତ୍ର | - | ହନ୍‌ସେଡ଼୍ |
| ଝିଅ | - | ହନ୍ ଏରା |
| ବଡ଼ ବାପା | - | କୁକୁ |
| ବଡ଼ ବୋଉ | - | ଗୁଂ ଗୁଂ |
| ଜେଜେ ବାପା | - | ତାତା |
| ଜେଜେ ମାଆ | - | ନାନା |
| ଅଜା | - | ତାତାଂ |
| ଆଈ | - | ଜିୟେଂ |
| କକା | - | କାକା |
| ଖୁଡ଼ି | - | କାକି |
| ପିଉସା | - | କୁମେଂ (ମାମୁଁ କୁମେ) |
| ପିଉସୀ | - | (ମାଇ - ହାତମ୍) |
| ପୁତୁରା | - | ହମନ୍ |
| ଭାଣିଜୀ | - | ଗେ କୁଇ |
| ନାତି | - | ଜାଇ କଳା |
| ନାତୁଣୀ | - | ଜାଇ କୁଳି |
| ଶଳା | - | ବୁଲିକଆ |
| ଭିଣେଇ | - | ତିଞ୍ଚାଙ୍ |
| ସଢୁ | - | ସାଲାଗି |
| ଦିଅର | - | ଇରିଲ୍ |
| ଦେଢ଼ଶୁର | - | ବାଉ ହୁଁୟାଁର୍ |
| ନଣନ୍ଦେଇ | - | ଇରିଲ୍ କୁଇ |
| ବଡ଼ ଯାଆ | - | ମାରାଂ ନାତା |
| ସାନ ଯାଆ | - | ହୁଲିଂ ନାତା |
| ଶାଳୀ | - | ବୁଲିକୁଇ |
| ଭାଉଜ | - | ହିଲି |
| ସମୁଦି | - | ବାଲା |
| ଶଶୁର | - | ହୟାଁର୍ |

| | | | |
|---|---|---|---|
| ଶାଶୁ | - ହାନାର୍ | ଅନ୍ତେବାସୀ | - ସୁସେମୀ |
| ଶମୁଦୁଣି | - ବାଲାକୁଳି | ଜାରଜ | - ଲାମ୍ରି |
| ଖ୍ଞାଇଁ | - ଆରା | ସହବାସୀ | - ବାସିଏ |
| ବୋହୂ | - କିମିନ୍ | ବିଦେଶୀ | - ପରବାସିଆ |
| ଖୁଡ଼ତାଶୁର | - କୁମେ ହୟାଁର୍ | ସାଥୀ | - ଗାତି |
| ସଉତୁଣୀ ପୁଅ | - ହିରୁମ୍ ହନ୍ | ସହପାଠୀ | - ଜୁଳି |
| ସାବତ ଭାଇ | - ହନ୍ ହାଗା, (ଗାଉଁଞ୍ ହନ୍) | ପୋଷ୍ୟ ପୁତ୍ର | - ହନ୍‌କଆ,ଅଚଃ |
| ସାବତ ଭଉଣୀ | - ହନ୍ ମିଶି, (ଗାଉଁଞ୍ ଏହଙ୍ଗାଃ) | ପୋଷ୍ୟ କନ୍ୟା | - ହନ୍‌କୁଇ ଅଚଃ |
| ସାବତ ମାଆ | - ଗାଉଁଞ୍ଜ ଏଙ୍ଗା | ରକ୍ଷିତା (ସ୍ତ୍ରୀ) | - ଏରା ଅଚଃ |
| ଧରମ ବାପା | - ଆ'ଙ୍ଗା ଆପୁ | ଉପପତି (ପୁ) | - ହେରେଲ୍ ଅଚଃ |
| ଚାକରାଣୀ | - ଚିତ୍ରେ ଏରା | ଜ୍ଞାତି | - ଆପାନାଃ ଅଓ୍ୱାଃ ହୋ । |
| ଭଦ୍ର ମହିଳା | - ମାନୀ | ଘରଜ୍ୱାଇଁ | - ଆରା ଆଦେର୍ |
| ଭଦ୍ର ଲୋକ | - ମାନା | ବନ୍ଧ୍ୟା | - ବାଂଜିଏରା |
| ଯାଆଁଳା ହନ୍ | - ଜଲା ହନ୍ | ଉତ୍ତରାଧିକାରୀ | - ହନ୍‌ଆଦେର୍ ଅଚଃ |
| ପ୍ରେମିକ | - ଲୁବିଏ କଆ | ଊର୍ଦ୍ଧ୍ୱ | - ଚେତାନ୍ |
| ପ୍ରେମିକା | - ଲୁବିଏ କୁଇ | ଅଧଃ | - ଲାତାର୍ |
| ଅନାଥ | - ଟୁଏର୍ (ଆୟାରବ୍) | | |

## ବାର - ହାର

| | | | |
|---|---|---|---|
| ରବିବାର | - ସୁଇହାର | ସୋମବାର | - ସୁମୀହାର |
| ମଙ୍ଗଳବାର | - ମୁଙ୍ଗୁଲୁହାର | ବୁଧବାର | - ବୁଦୁହାର |
| ଗୁରୁବାର | - ଗୁରାହାର | ଶୁକ୍ରବାର | - ସୁକୁରାହାର |
| ଶନିବାର | - ସୁନିହାର | | |

## ସମୟ (ଉଳି)

| | | | |
|---|---|---|---|
| ପୂର୍ବାହ୍ନ | - ସେତାଃ ସିଂଙ୍ଗି | ଦ୍ୱିପ୍ରହର | - ଟିକିନ୍ ସିଙ୍ଗି |
| ମଧ୍ୟାହ୍ନ | - ତିକିନ୍ | ସକାଳ | - ସେତାଃ, ପାଂ |
| ସନ୍ଧ୍ୟା | - ମିଇର୍‌ପାଂ | ଅପରାହ୍ନ | - ତାରା ସିଙ୍ଗି |
| ଉଷା | - ସେତାଃ | ଆଜି | - ତିସିଂ |
| ଆଜିରାତି | - ତିସିଂନିଦା | ଗୋଧୂଳି ସମୟ | - ହାସୁର୍‌ସିଙ୍ଗି |
| ଗତରାତି | - ହଲା ନିଦା | ଗତଦିନ | - ହଲା ସିଙ୍ଗି |
| ଆସନ୍ତାକାଲି | - ଗାପା | ମଧ୍ୟରାତ୍ର | - ତାଲା ନିଦା |

## ମାସର ନାମ (ଘଣ୍ଟୁଃନୁତୁମ୍)

| | | | | | | | | |
|---|---|---|---|---|---|---|---|---|
